R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୨୪୦
ତିଥି : ଦ୍ୱାଦଶୀ
୦୭ ଜୁନ୍ ୨୦୨୫, ଶନିବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 240
07 June 2025, Saturday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

Government of India
CBC 01101/13/0009/2526
Viksit Bharat ka Amrit Kaal
Seva, Sushasan, Garib Kalyan ke
11 SAAL



ଏମଏସପିରେ ରେକର୍ଡ କ୍ରୟ ଫଳରେ
ଚାଷୀମାନଙ୍କ ହିତ ସୁରକ୍ଷିତ
ଖର୍ଚ୍ଚର ୧୫୦% ହାରରେ ଏମଏସପି ନିର୍ଦ୍ଧାରଣ ପାଇଁ ଐତିହାସିକ ନିଷ୍ପତ୍ତି
ଗତ ଦଶନ୍ଧିରେ ଏମଏସପିରେ ଗହମ ଏବଂ ଧାନ କ୍ରୟ ପାଇଁ କୃଷକମାନଙ୍କୁ ୧୮ ଲକ୍ଷ କୋଟି ଟଙ୍କା ପ୍ରଦାନ କରାଯାଇଛି: ୨୦୨୪-୧୪ ତୁଳନାରେ ୩ ଗୁଣ



# ଅପରେସନ୍ ସିନ୍ଦୂରକୁ ମନେ ରଖିବ ପାକ୍ : ମୋଦି

ନୂଆଦିଲ୍ଲୀ, ୬।୬ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାମ୍ମୁ-କାଶ୍ମୀର ଗସ୍ତରେ ଯାଇ ସବୁଠୁ ଲମ୍ବା ସେତୁ ଚେନାବ ରେଳ ପୋଲକୁ ଉଦ୍ଘାଟନ କରିଛନ୍ତି । ଏହି ପୋଲ ଉପରେ ପ୍ରଧାନମନ୍ତ୍ରୀ ହାତରେ ଜାତୀୟ ପତାକା ଧରି ଚାଲିଚାଲି ଯାଇଛନ୍ତି । ବିଶ୍ୱର ଏହାକୁ ସର୍ବୋଚ୍ଚ ରେଳସେତୁ ଭାବେ ବିବେଚନା କରାଯାଉଛି ।



ଏହି ଅବସରରେ ଏକ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ ଅପରେସନ ସିନ୍ଦୂରକୁ ପାକିସ୍ତାନ ସର୍ବଦା ମନେରଖିବ । ଅଳ୍ପ ସମୟ ମଧ୍ୟରେ ଆତଙ୍କୀଙ୍କ ଠିକଣାସବୁକୁ ଧ୍ୱଂସ କଲୁ । ଆମ ପଡ଼ୋଶୀ ଦେଶ ପର୍ଯ୍ୟଟନର ଘୋର ବିରୋଧୀ । ପହଲଗାମ୍ରେ ପରିବାର ପାଇଁ ଦାନା ଯୋଗାଡ଼ କରିବାକୁ ଯାଇଥିବା ସ୍ଥାନୀୟ କାଶ୍ମୀରର ଆଦିଲକୁ ବି ଆତଙ୍କବାଦୀ ମାରିଦେଲେ । କାଶ୍ମୀରବାସୀଙ୍କ ବହୁଦିନର ସ୍ୱପ୍ନ ପୂରଣ ହେଲା । ଚେନାବ ପୋଲ ଉଜ୍ଜ୍ୱଳ ଭାରତର ଉଦାହରଣ । ପ୍ରଧାନମନ୍ତ୍ରୀ ଆଜି ଜାମ୍ମୁ-କାଶ୍ମୀରରେ ପ୍ରାୟ ୪୪ହଜାର କୋଟିର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶୁଭଶିଳାନ୍ୟାସ କରିଛନ୍ତି । ଏହି ଅବସରରେ ବିଶ୍ୱର ସର୍ବୋଚ୍ଚ ଚେନାବ ପୋଲକୁ ଉଦ୍ଘାଟନ କରିବା ସହ ପ୍ରଥମ କେବୁଲ ଷ୍ଟେ ଝୁଲାପୋଲ ଅଞ୍ଜି ବ୍ରିଜ୍କୁ ମଧ୍ୟ ଉଦ୍ଘାଟନ କରିଥିଲେ । ଉଭୟ ସେତୁ ଉଦମପୁର-ବାରମୁଲା-ଶ୍ରୀନଗର ରେଳ ଲିଙ୍କ ଅଧୀନରେ ଆସୁଥିବା ବେଳେ କାଶ୍ମୀରକୁ ସାରା ଦେଶ ସହ ସଂଯୋଗ କରିବ । ପ୍ରଧାନମନ୍ତ୍ରୀ ନିଜେ ପୋଲ ଉପରେ ବୁଲି ଏହାର ନିର୍ମାଣ ଶୈଳୀ ଦେଖିଥିଲେ । ୧୫୦୦ କୋଟି ଖର୍ଚ୍ଚରେ ନିର୍ମିତ ବ୍ରିଜ୍ର ଉଚ୍ଚତା ୩୫୯ ମିଟର ଓ ଏହାର ଦୈର୍ଘ୍ୟ ୧୩୧୫ ମିଟର । ଏହା ବ୍ଲାଷ୍ଟପ୍ରୁଭ ଓ ଭୂକମ୍ପ ନିରୋଧୀ ସେତୁ ନିର୍ମାଣକୁ ୧୮ ବର୍ଷ ଲାଗିଛି । କାଟ୍ରାରେ ଆୟୋଜିତ ସାଧାରଣ ସଭାରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ପହଲଗାମ୍ ଆତଙ୍କୀ ଆକ୍ରମଣ କାଶ୍ମୀରବାସୀଙ୍କ ଆୟ ରୋକିବା ପାଇଁ ପାକିସ୍ତାନ ଦ୍ୱାରା ଷଡ଼ଯନ୍ତ୍ର କରାଯାଇଥିଲା । ଭାରତ ଆତଙ୍କବାଦୀ ଆଗରେ ନଇଁବ ନାହିଁ । ଜାମ୍ମୁ-କାଶ୍ମୀରର ଯୁବପୀଢ଼ି ଏହି ଲଢ଼େଇରେ ଏକଜୁଟ ଅଛନ୍ତି । ପହଲଗାମ ଘଟଣା ମାନବିକତା ଓ କାଶ୍ମୀର ଉପରେ (୯ ପୃଷ୍ଠାରେ)

- ଜମ୍ମୁ-କାଶ୍ମୀରରେ ୪୬୦୦୦ କୋଟି ପ୍ରକଳ୍ପର ଶିଳାନ୍ୟାସ
- ଜାତୀୟ ପତାକା ଧରି ଚେନାବ ପୋଲରେ ଚାଲିଲେ ପ୍ରଧାନମନ୍ତ୍ରୀ
- ଚେନାବ, ଅଞ୍ଜୀ ସେତୁ ସମୃଦ୍ଧିର ପ୍ରବେଶ ଦ୍ୱାର

## ୪ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ

# ଜୈବପ୍ରଯୁକ୍ତି ବିଜ୍ଞାନ ବିକାଶ ଯୋଜନାକୁ ମଞ୍ଜୁରୀ



ଭୁବନେଶ୍ୱର, ୬।୬ (ସବ୍ୟୁ) : ଜୈବପ୍ରଯୁକ୍ତି ବିଜ୍ଞାନର ବିକାଶ ଯୋଜନାକୁ ଅନୁମୋଦନ କରାଯାଇଛି । ଏହି ଯୋଜନାରେ ସମାଜର କଲ୍ୟାଣ ପାଇଁ ଜୈବପ୍ରଯୁକ୍ତି ବିଜ୍ଞାନକୁ ସଂସ୍ଥାପିତ କରିବା ଓ ପ୍ରୋତ୍ସାହିତ କରିବାର ସମସ୍ତ ଉପାଦାନ ରହିଛି । ଉପରୋକ୍ତ ପ୍ରସ୍ତାବ ସମେତ ରାଜ୍ୟ କ୍ୟାବିନେଟ୍ ୪ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକର ନିଷ୍ପତ୍ତି ସମ୍ପର୍କରେ ମୁଖ୍ୟ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ ସୂଚନା ଦେଇଥିଲେ । କ୍ୟାବିନେଟ୍ ବୈଠକରେ ମୋଟ୍ ୫ ପ୍ରସ୍ତାବ ଆଗତ କରାଯାଇଥିଲା ଓ ୪ ପ୍ରସ୍ତାବକୁ ଅନୁମୋଦନ ମିଳିଛି । ପ୍ରମୁଖ ନିଷ୍ପତ୍ତି ମଧ୍ୟରେ ଜୈବପ୍ରଯୁକ୍ତି ବିଜ୍ଞାନ ଯୋଜନା (୯ ପୃଷ୍ଠାରେ)

- ୫ ବର୍ଷରେ ଖର୍ଚ୍ଚ ହେବ ୧୧୧୩.୫୦ କୋଟି
- ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଆରମ୍ଭ
- ୫ ବର୍ଷରେ ଖର୍ଚ୍ଚ ହେବ ୬୦୦୦ କୋଟି
- ଚଳିତବର୍ଷ ୧୧୦୦ କୋଟି ବ୍ୟୟ ବରାଦ
- ଛେଳିଗଡ଼ ଜଳସେଚନ ପ୍ରକଳ୍ପ ଅନୁମୋଦନ
- ୧୫୧ କୋଟି ବ୍ୟୟରେ ନିର୍ମାଣ ହେବ

# କୋଟିଆ ଲାଗି ହେବ ରୋଡ୍ମ୍ୟାପ୍

ଭୁବନେଶ୍ୱର, ୬।୬ (ସବ୍ୟୁ) : କୋଟିଆ ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ । ଏହାକୁ ନେଇ କୌଣସି ସାଲିସ କରାଯିବ ନାହିଁ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । କୋଟିଆ ଲାଗି ସ୍ୱତନ୍ତ୍ର ରୋଡ଼ମ୍ୟାପ୍ ତିଆରି କରାଯିବ ଓ ସୁପ୍ରିମକୋର୍ଟରେ ମଧ୍ୟ ହାରିଥିବା ମାମଲାକୁ ପୁନର୍ଜୀବିତ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ସବୁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ।

କୋଟିଆ ଲାଗି ସରକାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏକ ୧୬ ଜଣିଆ କମିଟି ଗଠନ କରିଥିଲେ । ଶୁକ୍ରବାର ଏହି କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକ ପରେ ମନ୍ତ୍ରୀ କହିଛନ୍ତି ଯେ ସବୁ ବିଭାଗ ସଚିବମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ ଜିଲ୍ଲାପାଳଙ୍କ ସହ ଆଲୋଚନା କରି ନିଜ ନିଜ ବିଭାଗର ଯୋଜନା ଓ ରୋଡ଼ମ୍ୟାପ୍ କରିବେ । ଆର୍ଥିକ ସାମାଜିକ, ସାଂସ୍କୃତିକ ବିକାଶ ଲାଗି ।।ଯୋଜନା ହାତକୁ ନିଆଯିବ । ରାସ୍ତାଘାଟ ସହ ଭିତ୍ତିଭୂମିର ବିକାଶ, ଚାଷୀଙ୍କ ପାଇଁ ମାର୍କେଟର ସୁବିଧା, ଯୁବକଙ୍କ ଲାଗି କାମ ଆଖିରେ ରଖି ବିଭାଗଗୁଡ଼ିକ ରୋଡ଼ମ୍ୟାପ୍ ତିଆରି କରିବେ । ତଳସ୍ତରରେ ଥିବା ସମସ୍ୟାକୁ ଖୋଜାଯିବ । ଲୋକଙ୍କ ପାଖରେ କିଭଳି ସୁବିଧା (୯ ପୃଷ୍ଠାରେ)

# ଶୃଙ୍ଖଳିତ ରଥଯାତ୍ରା ଲାଗି ମନ୍ତ୍ରିସ୍ତରୀୟ କମିଟି

ଭୁବନେଶ୍ୱର, ୬।୬ (ସବ୍ୟୁ) : ମହାପ୍ରଭୁଙ୍କ ରଥଯାତ୍ରାକୁ ଶୃଙ୍ଖଳିତ କରିବା, ପରିଚାଳନା ବ୍ୟବସ୍ଥାକୁ ତଦାରଖ କରିବା ଓ ଅନୁଧ୍ୟାନ ଲାଗି ସରକାର ଏକ ମନ୍ତ୍ରିସ୍ତରୀୟ କମିଟି ଗଠନ କରିଛନ୍ତି ।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିରେ ଆଇନ୍ମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ନଗରଉନ୍ନୟନ ମନ୍ତ୍ରୀ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ସଦସ୍ୟ ଅଛନ୍ତି । ଆଇନ୍ ବିଭାଗ ପ୍ରମୁଖ ସଚିବ ଏହି କମିଟିର ଆବାହକ ରହିଛନ୍ତି । ଏନେଇ ଆଇନ୍ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।

# କୋଭିଡ ଲକ୍ଷଣ ଥିଲେ ରଥଯାତ୍ରାକୁ ମନା

ଭୁବନେଶ୍ୱର, ୬।୬ (ସବ୍ୟୁ) : ଓଡ଼ିଶାରେ ଆଉ ୭ ନୂଆ କୋଭିଡ୍ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।



**୭ ଜିଲ୍ଲାକୁ ବ୍ୟାପିଲା କରୋନା**

ଫଳରେ ଆକ୍ରାନ୍ତଙ୍କ ସଂଖ୍ୟା ୩୦କୁ ବୃଦ୍ଧି ପାଇଛି । ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ୧୬, କଟକ ଜିଲ୍ଲାରେ ୯ କୋଭିଡ ପଜିଟିଭ୍ ଚିହ୍ନଟ ହୋଇଥିଲା ବେଳେ ପୁରୀ, ସୁନ୍ଦରଗଡ଼, ଜଗତସିଂହପୁର, କେନ୍ଦୁଝର, ବାଲେଶ୍ୱର ଜିଲ୍ଲାରୁ ଜଣେ ଲେଖାଏଁ କୋଭିଡ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ରାଜ୍ୟରେ ୭୫୫ ନମୁନା ଆଜିସୁଦ୍ଧା ପରୀକ୍ଷା କରାଯାଇଥିବାବେଳେ ସେଥିରୁ ୩୮ ପଜିଟିଭ୍ ବାହାରିଛି । ରଥଯାତ୍ରା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ନିର୍ଦ୍ଦେଶାବଳୀ ଜାରି କରାଯାଇଛି ।

କୋଭିଡ ଲକ୍ଷଣ ଥିଲେ ରଥଯାତ୍ରା ଦେଖିବାକୁ ଯିବାକୁ ସ୍ୱାସ୍ଥ୍ୟ ବିଭାଗ ବାରଣ କରିଛି । ଯେଉଁମାନେ ଯାଉଛନ୍ତି, (୯ ପୃଷ୍ଠାରେ)

# ଶ୍ରବଣ-ନିକିତାଙ୍କୁ ହେବ ମୁହାଁମୁହିଁ ଜେରା

ସୁନ୍ଦରଗଡ଼, ୬।୬ (ସବ୍ୟୁ): ସୁନ୍ଦରଗଡ଼ ବିସ୍ଫୋରକ ଲୁଟ୍ ଘଟଣାରେ ଗିରଫ ଗୋଦାମ ମାଲିକ ଶ୍ରବଣ ଅଗ୍ରଓ୍ୱାଲ ଓ ପନୀ ନିକିତା ଅଗ୍ରଓ୍ୱାଲଙ୍କୁ ବସାଇ ମୁହାଁମୁହିଁ ଜେରା କରିପାରେ ଏସଆଇଟି ଟିମ୍ । ସାମ୍ନାସାମ୍ନି ଜେରା ହେବେ ସ୍ୱାମୀ-ସ୍ତ୍ରୀ । ରାଉରକେଲାରେ ବାରୁଦ ବ୍ୟବସାୟୀ ଦମ୍ପତିଙ୍କୁ ଲଗାତାର ଜେରା କରି ଘାଇଲା କରିବ ଏସଆଇଟି । ଶୁକ୍ରବାର ଶ୍ରବଣ ଅଗ୍ରଓ୍ୱାଲଙ୍କ ରିମାଣ୍ଡ ଅବଧି ଶେଷ ହେଉଥିବାବେଳେ ଦ୍ୱିତୀୟ ଦିନରେ ପନୀଙ୍କୁ ସାମ୍ନାରେ ବସାଇ ଜେରା କରିବ ଏସଆଇଟି । ରାଉରକେଲା ରଘୁନାଥ ପଲ୍ଲୀ ଥାନାରେ ଜେରା କରୁଛି ଏସଆଇଟି ଓ ଜିଏସଟି ବିଭାଗ । କମ୍ପ୍ୟୁଟର ହାର୍ଡ ଡିସ୍କ ସହ ବିଭିନ୍ନ କାଗଜ ପତ୍ରର ଚାଲିଛି ତନାଘନା । ଏତେ ପରିମାଣର ବିସ୍ଫୋରକ ବିନା କାଗଜ ପତ୍ରରେ କିପରି କରୁଥିଲେ ଚାଲାଣ ତାର ତଦନ୍ତ ଚାଲିଛି । ଗୋଦାମ ସିଲ୍ ହେବା ପରେ ମଧ୍ୟ (୯ ପୃଷ୍ଠାରେ)

**ବାଙ୍କୋ ପଥର ଖଣି ମାଲିକଙ୍କୁ ଖଣି ବିଭାଗର ନୋଟିସ**

DADLS-25



ପବିତ୍ର ଇଦ୍-ଉଜ୍-ଜୁହା-୨୦୨୫ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଇଦ୍-ଉଜ୍-ଜୁହା-୨୦୨୫ ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ସେବା, ସମର୍ପଣ, ତ୍ୟାଗ ଓ ତିତିକ୍ଷାର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମ୍ପାର୍ଟି)



ଇଦ୍-ଉଜ୍-ଜୁହା ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା


ପବିତ୍ର ଇଦ୍-ଉଜ୍-ଜୁହା ପର୍ବ ଉପଲକ୍ଷେ ମୁସଲମାନ ଭାଇଭଉଣୀ ମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR: 15001/13/0671/2526

# ସୁସ୍ଥ ଖାଦ୍ୟ ସୁସ୍ଥ ଶରୀର

ଆଜିକାଲି ଲୋକଙ୍କ ଖାଦ୍ୟ ଅଭ୍ୟାସ ଏବଂ ଆବଶ୍ୟକତାକୁ ଦେଖି ଅନେକ ଜିନିଷ ତିଆରି ହେଉଛି ଏବଂ ସେସବୁ ଉତ୍ପାଦନର ପଦ୍ଧତି ମଧ୍ୟ ବଦଳି ଯାଇଛି । ସେଥିରେ ବିଭିନ୍ନ ପ୍ରକାରର ରାସାୟନିକ ପଦାର୍ଥ ମିଶ୍ରିତ ହେଉଛି । ମାନବ ଶରୀର ଗଠନରେ ଖାଦ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ । ପ୍ରକୃତି ବିଭିନ୍ନ ପ୍ରକାରର ଖାଦ୍ୟ ସୃଷ୍ଟି କରିଛି, ଯେଉଁଥିରେ କୋଷ ଏବଂ ଶରୀରର ଟିସୁ ଗଠନ ପାଇଁ ଗୁରୁତ୍ୱପୂର୍ଣ୍ଣ ତଥା ଅତ୍ୟାବଶ୍ୟକ ପୋଷକ ତତ୍ତ୍ୱ ରହିଥାଏ । ତେଣୁ ଶକ୍ତି ପାଇବା ପାଇଁ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ଖାଇବା ଆବଶ୍ୟକ । ହେଲେ ଖାଦ୍ୟ ଯଦି ଦୂଷିତ ହୋଇଯାଏ, ତାହା ଶରୀରରେ ଅନେକ ପ୍ରକାରର ରୋଗ ସୃଷ୍ଟି କରେ । ଦୋକାନ, ଢାବା କିମ୍ବା ହୋଟେଲରେ ଖାଦ୍ୟ ଖାଇବା ସମୟରେ ଆମ ମଧ୍ୟରୁ ଅନେକ ଭାବନ୍ତି ଯେ ଆମେ ଖାଉଥିବା ଖାଦ୍ୟ ସ୍ୱାସ୍ଥ୍ୟ ଉପଯୋଗୀ ହୋଇଥିବ । ଏହିପରି ଖାଦ୍ୟରେ ବ୍ୟବହୃତ ତେଲ, ପନିପରିବା, ମଇଦା ଏବଂ ଅନ୍ୟାନ୍ୟ ଶସ୍ୟର ଗୁଣ ବିଷୟରେ କେହି ଜାଣନ୍ତି ନାହିଁ । ଏହି କାରଣରୁ ଅନେକଥର ଆମେ ଏତେ ଖରାପ ଖାଦ୍ୟ ଖାଇବା ପରେ ସ୍ୱାସ୍ଥ୍ୟ ଖରାପ ହୋଇଥାଏ । ସନ୍ତୁଳିତ ଖାଦ୍ୟ ଶରୀରର ପୁଷ୍ଟି ବର୍ଦ୍ଧନ କରିଥାଏ । ତେଣୁ ଶରୀରକୁ ସୁସ୍ଥ ରଖିବାରେ ଖାଦ୍ୟର ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଲୋକଙ୍କ ଖାଦ୍ୟ ଅଭ୍ୟାସ ଓ ଆବଶ୍ୟକତାକୁ ଦେଖିଲେ ଜଣାପଡୁଛି ବର୍ତ୍ତମାନ ଅନେକଙ୍କର ଜୀବନଶୈଳୀ ବଦଳି ଯାଇଛି । ମିଳୁଥିବା ବିଭିନ୍ନ ଖାଦ୍ୟରେ ରାସାୟନିକ ପଦାର୍ଥ ମିଶ୍ରିତ ହେଉଛି । ଆମେ ପ୍ରତିଦିନ ଅନେକ ପ୍ରକାରର ଖାଦ୍ୟ ଖାଇଥାଉ ଯାହା ପାଟିକୁ ସ୍ୱାଦକର ଲାଗୁଥିଲେ ବି ଦେହ ପାଇଁ କ୍ଷତିକାରକ । ଆଜିକାଲି ଲୋକପ୍ରିୟ ପାଲଟିଥିବା ଫାଷ୍ଟଫୁଡ କିମ୍ବା ଜଙ୍କ ଫୁଡ ଶରୀର ପାଇଁ ଘାତକ ପ୍ରମାଣିତ ହେଉଛି । ପୁଷ୍ଟିକର ଖାଦ୍ୟ ଅଭାବରୁ ପିଲାମାନେ ବିଶେଷ ଭାବରେ ଅନେକ ପ୍ରକାର ଶାରୀରିକ ସମସ୍ୟାର ଶିକାର ହୋଇଥାନ୍ତି । ମଣିଷ ସୁଖରେ ଜୀବନ ଜୀଇଁବା ପାଇଁ ତଥା ନିରୋଗୀ ରହିବା ଲାଗି ସନ୍ତୁଳିତ ଓ ପୁଷ୍ଟିକର ଖାଦ୍ୟ ଖାଇବା ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି । ଏହା ସହିତ ଅପମିଶ୍ରିତ ଖାଦ୍ୟ ପଦାର୍ଥଠାରୁ ଦୂରେଇ ରହି ମାନକଯୁକ୍ତ ଖାଦ୍ୟକୁ ପ୍ରାଥମିକତା ଦେବାର ଜରୁରୀ ହୋଇ ପଡିଛି । ଶରୀରକୁ ସୁସ୍ଥ ରଖିବାରେ ଖାଦ୍ୟର ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଏହାସହ ଏଭଳି ମଧ୍ୟ ଅଧିକାଂଶ ସମୟରେ ଦେଖାଯାଇଥାଏ ଅନେକ ଲୋକଙ୍କୁ ସଠିକ ସମୟରେ ଖାଦ୍ୟ ମିଳିଥାଏ, ମାତ୍ର ସେମାନେ ଖାଦ୍ୟ ଅଧା ଖାଇ ଫିଙ୍ଗିଥାନ୍ତି । ତେଣୁ କୁହାଯାଏ ଯେତିକି ଖାଦ୍ୟ ଖାଇବେ ସେତିକି ହିଁ ବାଢିବା ଉଚିତ । ଏ ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ପାଇଁ ପ୍ରତିବର୍ଷ ଜୁନ୍ ୭ରେ ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ ପାଳନ କରାଯାଇଥାଏ ।ଖାଦ୍ୟ ଆଦୌ ନଷ୍ଟ କରିବା ଉଚିତ ନୁହେଁ । ଖାଦ୍ୟ ପ୍ରତ୍ୟେକ ବ୍ୟକ୍ତିର ମୌଳିକ ଅଧିକାର । ଭୋକ କାରଣରୁ କାହାର ମଧ୍ୟ ମୃତ୍ୟୁ ନ ହେଉ ସେଥିପ୍ରତି ଦୃଷ୍ଟି ଦେବାର ଆବଶ୍ୟକ ରହିଛି ।






**ରବିନାରାୟଣ ପଟ୍ଟନାୟକ**
**ମୋ – ୯୯୩୮୧୧୩୨୨୬**

## ସୋସିଆଲ କୋଟ୍ସ




"କିଛି ଲୋକଙ୍କୁ ଲାଗୁଛି ଫିଲ୍ମ ଇଣ୍ଡଷ୍ଟ୍ରୀ କେବଳ ତାଙ୍କର । କେବଳ ସେମାନେ ହିଁ ଏଠି ଫିଲ୍ମ ତିଆରି କରିପାରିବେ । ହେଲେ ଏଠି ଯିଏ ପରିଶ୍ରମ କରିବ ସେ ଫଳ ପାଇବ ।

**ସନ୍ଦିପ ରେଡ୍ଡି, ନିର୍ଦ୍ଦେଶକ**



"ମୁନାୱର ଫାରୁକୀଙ୍କ ସହିତ ମୋର ଆଗକୁ କୌଣସି ସମ୍ପର୍କ ରଖିବାର ନାହିଁ । ଭୁଲର କ୍ଷମା ଥାଏ ହେଲେ ଅପରାଧର ନୁହେଁ । ତାଙ୍କର ଭୁଲକୁ ସୁଧାରି ହେବ ହିଁ ନାହିଁ ।

**ଆୟଶା ଖାନ୍, ଅଭିନେତ୍ରୀ**



"ରଣବୀର ଓ ଆଲିଆଙ୍କ ଝିଅର ବ୍ଲଡ୍‌ରେ ହିଁ କ୍ୟାମେରାକୁ ଫେସ କରିବା ରହିଛି । ତେଣୁ ସେ ଖୁବ ଶୀଘ୍ର କ୍ୟାମେରା ସାମନାରେ କମ୍ଫଟେବଲ ହୋଇ ଯାଇଛି ।

**ମହେଶ ଭଟ୍ଟ, ଫିଲ୍ମମେକର**

## ଇତିହାସ

**୧୫୫୭–** ଫ୍ରାନ୍ସ ବିପକ୍ଷରେ ଇଂଲଣ୍ଡ ଯୁଦ୍ଧ ଘୋଷଣା କରିଥିଲା ।
**୧୬୫୪–** ଲୁଇ ଚତୁର୍ଦ୍ଦଶ ଫ୍ରାନ୍ସ ରାଜା ହେଲେ ।
**୧୬୯୨–** କ୍ୟାରିବିଆନ୍ ଦେଶ ଜମାଇକାର ପୋର୍ଟ ରୟାଲ୍‌ରେ ଭୂକମ୍ପରେ ୩ ହଜାର ଲୋକଙ୍କର ମୃତ୍ୟୁ ।
**୧୮୬୨–** ଯୁକ୍ତରାଷ୍ଟ୍ର ଆମେରିକା ତଥା ବ୍ରିଟେନ୍ ଦାସ ବ୍ୟବସାୟ ଶେଷ କରିବା ପ୍ରସଙ୍ଗରେ ରାଜି ହୋଇଥିଲେ ।
**୧୮୬୪–** ରାଷ୍ଟ୍ରପତି ପଦବୀ ପାଇଁ ଆବ୍ରାହମ୍ ଲିଙ୍କନ୍‌ଙ୍କୁ ଦ୍ୱିତୀୟ ଥର ରିପବ୍ଲିକାନ୍ ପାର୍ଟି ତରଫରୁ ଆଶାୟୀ ପ୍ରାର୍ଥୀ ରୂପେ ଚୟନ କରାଯାଇଥିଲା ।
**୧୮୯୩–** ମହାତ୍ମା ଗାନ୍ଧୀ ଦକ୍ଷିଣ ଆଫ୍ରିକାରେ ପ୍ରଥମ ଥର ସବିନୟ ଅବଜ୍ଞାର ପ୍ରୟୋଗ କରିଥିଲେ ।
**୧୯୬୬–** ସୋନି କର୍ପୋରେସନ୍ ଏହାର ନୂତନ ବ୍ରାଣ୍ଡର ଭିଡିଓ ଟେପ୍ ରେକର୍ଡର ଜାରି କରିଥିଲା ।
**୧୯୭୫–** ପ୍ରଥମ ବିଶ୍ୱ କପ୍‌ର ପ୍ରଥମ ମ୍ୟାଚ୍ ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଲଣ୍ଡନର ଲର୍ଡସ ଷ୍ଟାଡିୟମ୍‌ରେ ଖେଳାଯାଇଥିଲା ।
**୧୯୭୯–** ଭାରତର ଦ୍ୱିତୀୟ ଉପଗ୍ରହ ଭାସ୍କର–୧କୁ ସୋଭିଏତ୍ ସଂଘର ବିଅର୍ସ ଲେକ୍‌ରୁ ଛଡାଯାଇଥିଲା ।
**୧୯୯୯–** ୧୯୫୫ ମସିହା ପରେ ଇଣ୍ଡୋନେସିଆରେ ପ୍ରଥମ ଥର ପାଇଁ ଲୋକନିର୍ବାଚନ ହୋଇଥିଲା ।
**୨୦୦୦–** ଏକ ଆମେରିକୀୟ କୋର୍ଟ ଦ୍ୱାରା ମାଇକ୍ରୋସଫ୍ଟ କମ୍ପାନୀକୁ ଦୁଇ ଭାଗରେ ବାଣ୍ଟିବା ପାଇଁ ନିର୍ଦ୍ଦେଶ ଦିଆଗଲା ।
**୨୦୦୬–** ଭାରତ ଦ୍ୱାରା ନେପାଳକୁ ଆର୍ଥିକ ପୁନଃନିର୍ମାଣ ପାଇଁ ୧ ବିଲିୟନ୍ ଟଙ୍କା ପ୍ରଦାନ ପାଇଁ ନିର୍ଣ୍ଣୟ ନିଆଗଲା ।
**୨୦୦୮–** ଉତ୍ତରପ୍ରଦେଶ ସରକାର ରନ୍ଧନ ଗ୍ୟାସ୍ ଉପରେ ଲାଗୁଥିବା ୪% ଭ୍ୟାଟ୍‌କୁ ସମ୍ପୂର୍ଣ୍ଣ ରୂପେ ସମାପ୍ତ ଘୋଷିତ କରିଥିଲେ ।

# ଜଳଚରଙ୍କ ପାଇଁ କ୍ଷତିକାରକ ଜିଙ୍କ୍



କୌଣସି ସାମଗ୍ରୀ ସଜାଇବାକୁ ହେଲେ ଜିଙ୍କ୍‌ର ବ୍ୟବହାର ହୋଇଥାଏ । ଏପରିକି ମେକଅପରେ ମଧ୍ୟ ଏହାର ବ୍ୟବହାର ରହିଛି । ମେକଅପ୍ ଆର୍ଟିଷ୍ଟ, ଚିତ୍ରକର, କୌଣସି ଘରସଜା ସାମଗ୍ରୀ ନିର୍ମାଣ ସମୟରେ ଏହାର ବହୁଳ ବ୍ୟବହାର କରାଯାଇଥାଏ । ଏପରିକି ଏଗୁଡିକ ସମୁଦ୍ର ପାଣିରେ ମଧ୍ୟ ବେଳେବେଳେ ଦେଖିବାକୁ ମିଳିଥାଏ । ଏହା ସାଧାରଣତଃ ଦେଖିଲେ କୌଣସି କ୍ଷତିକାରକ ଭଳି ଜଣା ପଡିନଥାଏ । ହେଲେ ବର୍ତ୍ତମାନର ଏକ ଗବେଷଣା ଅନୁସାରେ ଏହାକୁ ଏକପ୍ରକାର ପ୍ଲାଷ୍ଟିକ୍‌ରୁ ପ୍ରସ୍ତୁତ କରାଯାଉଛି, ଯାହା ହେଲା ପ୍ଲାଷ୍ଟିକ ପଲିମର ପଲିଥିନ ଟେରିପିଥାଲେଟ୍ । ତେବେ ଏହି ଜିଙ୍କ୍‌ର ପ୍ରଭାବ ବିଶେଷଭାବେ ସମୁଦ୍ରରେ ବାସ କରୁଥିବା ଜୀବ ଜଗତ ଉପରେ ରହିଥାଏ ବୋଲି ଜଣା ପଡିଛି । ଏହି ଜିଙ୍କ୍ କାରଣରୁ ସମୁଦ୍ରରେ ଏକ ପ୍ରକାର ସ୍ଫଟିକର ନିର୍ମାଣ ହୋଇଥାଏ ଯାହା ପ୍ରକୃତିର ଇଚ୍ଛା ବିରୋଧରେ ନିର୍ମାଣ ହୋଇଥାଏ । ଏହି ସ୍ଫଟିକ ବା କ୍ରିଷ୍ଟାଲ ଗୁଡିକ ଜିଙ୍କକୁ ଆହୁରି ଭାଙ୍ଗି ଛୋଟଛୋଟ କରିଥାଏ, ଯାହା ସମୁଦ୍ରର ପ୍ରଦୂଷଣକୁ ବଢାଇଥାଏ । ଏହାକୁ ସମୁଦ୍ରରୁ ସଫା କରିବା ସହଜ ହୋଇନଥାଏ ଏବଂ ଏହାକୁ ଜଳଚରପ୍ରାଣୀମାନେ ସହଜରେ ଖାଦ୍ୟରେ ଗ୍ରହଣ କରିଥାଆନ୍ତି । ଏହି ଜିଙ୍କ୍ ସମୁଦ୍ରରେ ଏକ ପ୍ରକ୍ରିୟା ଯାହାର ନାଁ ଜୈବ ଖଣିଜକରଣକୁ ପ୍ରୋତ୍ସାହିତ କରିଥାଏ । ତେବେ ଏହିଭଳି ଜିଙ୍କ୍‌ର ଅନେକ ନକାରାତ୍ମକ ପ୍ରଭାବ ରହିଛି ଯାହା ସମୁଦ୍ରରେ ବାସ କରୁଥିବା ଜଳଚର ପ୍ରାଣୀଙ୍କର ଖରାପ ସ୍ୱାସ୍ଥ୍ୟ ଅବସ୍ଥାର କାରଣ ସାଜିଥାଏ ।

# ସୃଜନଶୀଳତା ସହ ପିଲାଦିନର ସମ୍ପର୍କ



ଅନେକ ସମୟରେ ଆମେ ଭାବିଥାଉ ଶିଶୁଙ୍କର ପିଲାଦିନ ଯଦି ଭଲରେ କଟିଥାଏ ତେବେ ସେମାନଙ୍କର ସୃଜନଶିଳତାର ବିକାଶ ଭଲଭାବେ ହୋଇଥାଏ । ହେଲେ ସମସ୍ତଙ୍କ କ୍ଷେତ୍ରରେ ଏପରି ହୋଇ ନଥାଏ ବୋଲି ଏକ ରିପୋର୍ଟରୁ ବର୍ତ୍ତମାନ ଜଣା ପଡିଛି । ଏହି ଗବେଷଣା ଅନୁସାରେ ଏଭଳି ଅନେକ ବ୍ୟକ୍ତିତ୍ୱ ଅଛନ୍ତି ଯେଉଁମାନଙ୍କର ପିଲାଦିନ କଷ୍ଟରେ କଟିଛି । ଏଭଳି ଅନେକ ଚିତ୍ରକର ଅଛନ୍ତି ଯେଉଁମାନଙ୍କ ପିଲାଦିନ ଖୁବ କଷ୍ଟରେ କଟିଛି । ତେବେ ଏଭଳି ପରିସ୍ଥିତି ସେମାନଙ୍କୁ ନିଜର ସୃଜନଶୀଳତାକୁ ବିକାଶ କରିବା ଦିଗରେ ଖୁବ ସହାୟକ ହୋଇଛି ବୋଲି ଏହି ଗବେଷଣାରୁ ଜଣା ପଡିଛି । ଏଭଳି ଅନେକ ବ୍ୟକ୍ତିତ୍ୱ ଯେପରି ଭିନସେଣ୍ଟ ଭାନ୍ ଗଗ୍, ଫ୍ରାଞ୍ଜ କାଫ୍କା, ଏଡଗାର ଆଲାନ୍ ପୋ, ଭର୍ଜିନିଆ ଉଲ୍ଫ ସାମିଲ ଅଛନ୍ତି । ଯେଉଁମାନେ ନିଜର ଦୁଃଖଦାୟକ ପିଲାଦିନରୁ ଅନେକ କିଛି ଶିଖିଛନ୍ତି । ସେହିଭଳି ଆମ ପାଖରେ ଯେତେ ବି ପ୍ରତିଭା ଦେଖିବାକୁ ମିଳେ ତାହାର ଆରମ୍ଭ ପିଲାଦିନୁହିଁ ହୋଇଥାଏ ବୋଲି ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

# ପ୍ରେମ ପାଇଁ ଚର୍ଚ୍ଚାରେ



ସନୟା କପୁର ନିଜର ଡେବ୍ୟୁକୁ ନେଇ ଚର୍ଚ୍ଚାରେ ରହିଥିବା ସମୟରେ ବର୍ତ୍ତମାନ ଆଉ ଏକ ଘଟଣାକୁ ନେଇ ଲାଇମ୍‌ଲାଇଟ୍‌କୁ ଆସିଛନ୍ତି । ନିକଟରେ ସନୟାଙ୍କ ପ୍ରେମ ସମ୍ପର୍କକୁ ନେଇ ଆଲୋଚନା ଆରମ୍ଭ ହୋଇଛି । ମୁମ୍ବାଇର ବିଜ୍‌ନେସମ୍ୟାନ୍ କରଣ କୋଠାରୀଙ୍କ ସହିତ ସେ ପ୍ରେମ ସମ୍ପର୍କରେ ଥିବାନେଇ ଆଲୋଚନା ଆରମ୍ଭ ହୋଇଛି । କରଣଙ୍କର ଆମେରିକାରେ ବ୍ୟବସାୟ ଥିବା ଜଣା ପଡିଛି । ତେବେ ଏହି ସମ୍ପର୍କ ଖୁବ ପୁରୁଣା, ଉଭୟ ୟୁନିଭର୍ସିଟିରେ ସାଙ୍ଗ ହୋଇ ପାଠ ପଢିବା କଥା ଜଣା ପଡିଛି । ତେବେ ଉଭୟଙ୍କ ସମ୍ପର୍କନେଇ ଆଲୋଚନା ହେଉଥିଲେ ମଧ୍ୟ ଏନେଇ ସନୟାଙ୍କ ନିକଟରୁ କୌଣସି ସୂଚନା ମିଳି ନାହିଁ । ହେଲେ ଉଭୟଙ୍କୁ ଅନେକ ସମୟରେ ଏକାଠି ଦେଖିବାକୁ ମିଳୁଛି । ବିଭିନ୍ନ ବି ଟାଉନ୍ ପାର୍ଟିଫଙ୍କସନ୍‌ରେ ଉଭୟଙ୍କୁ ଏକାଠି ଦେଖିବାକୁ ମିଳିଥାଏ । ସନୟାଙ୍କୁ ଆଗକୁ ବିକ୍ରାନ୍ତ ମେସିଙ୍କ ସହିତ ରୋମାଣ୍ଟିକ ଡ୍ରାମା ଆଖୋଁ କି ଗୁସ୍ତାଖିଆଁରେ ଦେଖିବାକୁ ମିଳିବ । ନିଜର ଡେବ୍ୟୁ ଫିଲ୍ମକୁ ନେଇ ସେ ଖୁବ ଆଶାବାଦୀ ରହିଥିବା ବିଭିନ୍ନ ସାକ୍ଷାତକାରରେ ପ୍ରକାଶ କରିଛନ୍ତି । ଏହି ଫିଲ୍ମ ବ୍ୟତିତ ତାଙ୍କର ଅନେକ ପ୍ରୋଜେକ୍ଟ ରିଲିଜ୍ ଅପେକ୍ଷାରେ ରହିଛି ।

# କୃତ୍ରିମ ରକ୍ତ

ସ୍ୱାସ୍ଥ୍ୟ ବିଜ୍ଞାନରେ ଏଭଳି ଅନେକ ଗବେଷଣା କରାଯାଉଛି ଯାହା ସ୍ୱାସ୍ଥ୍ୟ କ୍ଷେତ୍ରରେ ବିପ୍ଳବ ଆଣୁଛି । ସେହିଭଳି ଏକ କ୍ଲିନିକାଲ ଟ୍ରାଏଲ ବର୍ତ୍ତମାନ ଜାପାନରେ ଆରମ୍ଭ ହୋଇଛି । ଏଠିକାର ଗବେଷକମାନେ କୃତ୍ରିମ ରକ୍ତର ଲାବ୍ ଟେଷ୍ଟ ଆରମ୍ଭ କରିଛନ୍ତି । ଏହି ରକ୍ତ ସବୁ ପ୍ରକାରର ରକ୍ତର ବିକଳ୍ପ ଭାବେ ବ୍ୟବହାର କରିହେବ । ଯଦି ଏହି କ୍ଲିନିକାଲ ଟ୍ରାଏଲ ସଫଳ ହେଉଛି ତେବେ ସାରା ବିଶ୍ୱରେ ଏହା ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ବିପ୍ଳବ ଆଣିବ । ବିଶେଷଜ୍ଞମାନେ ବିଶେଷଭାବେ ଯେଉଁ ରକ୍ତ ଗୁଡିକର ସମୟସୀମା ସମାପ୍ତ ହୋଇଯାଉଛି ସେଗୁଡିକରୁ ହିମୋଗ୍ଲୋବିନ୍, ଲାଲ ରକ୍ତ କଣିକାରୁ ଅମ୍ଳଜାନ ଧରି ରଖୁଥିବା କୋଷ ସଂଗ୍ରହ କରିଥାଆନ୍ତି । ଏହାପରେ ଏଗୁଡିକୁ ଏକ ସୁରକ୍ଷିତ ସ୍ଥାନରେ ରଖାଯାଇ କୃତ୍ରିମ ରକ୍ତ ତିଆରି ପ୍ରକ୍ରିୟା ଆରମ୍ଭ ହୋଇଥାଏ । ସାଧାରଣତଃ ଦାନ କରାଯାଇଥିବା ଏକ ରକ୍ତ ପାଉଚର ଜୀବନ ସୀମା ୪୨ ଦିନ ହୋଇଥାଏ । ହେଲେ ସୂଚନା ଅନୁସାରେ କୃତ୍ରିମ ରକ୍ତ କ୍ଷେତ୍ରରେ ଏହା ୨ ବର୍ଷ । ତେବେ ଏହାର ପରୀକ୍ଷଣ ପାଇଁ ବୈଜ୍ଞାନିକମାନେ ୧୦୦ରୁ ୪୦୦ ମିଲିଲିଟର କୃତ୍ରିମ ରକ୍ତକୁ ୧୬ ଜଣ ସୁସ୍ଥ ଭଲ୍ୟୁଣ୍ଟରଙ୍କ ଦେହରେ ଇଞ୍ଜେକ୍ଟ କରିଛନ୍ତି । ଯଦି ଏହି ଟ୍ରାଏଲ ସଫଳ ହୁଏ ତେବେ ୨୦୩୦ ସୁଦ୍ଧା ଏହାକୁ ପ୍ରାକ୍ଟିକାଲ ବ୍ୟବହାର କରାଯାଇପାରିବ । ତେବେ ଏହା ସଫଳ ହେଲେ ଜାପାନ ପାଲଟିବ ବିଶ୍ୱର ପ୍ରଥମ ଦେଶ ଯିଏ କୃତ୍ରିମ ରକ୍ତ ବିକଶିତ କରିପାରିଛି । ଏହା ଅନେକ ଜରୁରୀ କାଳୀନ ପରିସ୍ଥିତିରେ ଲକ୍ଷାଧୀକ ଜୀବନ ବଞ୍ଚାଇପାରିବ ବୋଲି ଗେବଷକମାନେ ମତ ଦେଇଛନ୍ତି ।




# ତନ୍ଦୁରୀ ଚିକେନ୍ ଟାକୋ



**ସାମଗ୍ରୀଃ** ୨ଟି ଚିକେନ ବ୍ରେଷ୍ଟ, ୨ଚାମଚ ତନ୍ଦୁରୀ ମସଲା, ୪ଟି ଟର୍ଟିଲା ୱ୍ରାପସ, ଅଧା କପ୍ ସୋର କ୍ରିମ୍, କଟା ପିଆଜ, ଅଳ୍ପ ପରିମାଣ ସିଲାଣ୍ଟ୍ରୋ ଲିଭ୍, ଗୋଟିଏ କପ୍ ବ୍ଲାକ୍ ବିନ୍ସ, ଗୋଟିଏ କପ୍ ରେଡ୍ ବିନ୍ସ, ଗୋଟିଏ ଟମାଟ, ଶୁଖିଲା ଲଙ୍କା, ଅଲିଭ ତେଲ, ମରିଚଗୁଣ୍ଡ, ଲେମ୍ବୁ ରସ ।

**ପ୍ରଣାଳୀ–** ଶାଲସା ସସ୍ ପ୍ରସ୍ତୁତ କରିବା ପାଇଁ ପ୍ରଥମେ ସମସ୍ତ ବିନ୍ସକୁ ଏକ ପାତ୍ରରେ ରଖି ଗୁଣ୍ଡ କରି ନିଅନ୍ତୁ । ଏଥିରେ ଟମାଟୋ,ଲଙ୍କା ଓ ଅଲିଭ ତେଲ ମିଶାନ୍ତୁ । ଏହାପରେ ଏଥିରେ ଚିନି, ମରିଚଗୁଣ୍ଡ,ଲୁଣ ଓ ଲେମ୍ବୁ ରସ ମିଶାଇ ଗୋଳାନ୍ତୁ । ଏହାପରେ ତନ୍ଦୁରୀ ମସଲାରେ ଚିକେନ୍ ବ୍ରେଷ୍ଟକୁ ମାରିନେଟ୍ କରି ଗ୍ରିଲ୍ କରିନିଅନ୍ତୁ । ଏହାପରେ ଚିକେନକୁ କାଟି ଟର୍ଟିଲାରେ ରଖନ୍ତୁ । ଏହାପରେ ଏଥିରେ ପୂର୍ବପ୍ରସ୍ତୁତ ଶାଲସା ଓ ସୋର୍ କ୍ରିମ ଦେଇ ପ୍ରସ୍ତୁତ କରନ୍ତୁ ତନ୍ଦୁରୀ ଚିକେନ ଟାକୋ ।





## ସାତ ବିଭାଗରେ ୧୨୯୪ ଜଣଙ୍କୁ ନିଯୁକ୍ତି

# ସଠିକ୍ ସମୟରେ ଲୋକଙ୍କୁ ନ୍ୟାୟ ଦିଅ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,(ସବ୍ୟୁ): ବାପା ମାଆଙ୍କ ଆଶୀର୍ବାଦରେ ଆପଣମାନେ ଏହି ଚାକିରୀ ପାଇଛନ୍ତି । ତାଙ୍କ ସେବା ସବୁବେଳେ କରୁଥିବେ । ପରିବାର ଲୋକଙ୍କ ମନରେ କେବେହେଲେ କଷ୍ଟ ଦେବେ ନାହିଁ । ଆମ ସମାଜରେ ଗରିବ ଲୋକମାନେ ବହୁ କଷ୍ଟରେ ଅଛନ୍ତି, ସେମାନଙ୍କୁ ଠିକ୍ ସମୟରେ ନ୍ୟାୟ ଦେବାକୁ କେବେ ଭୁଲିବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବିଭିନ୍ନ ବିଭାଗର ନବନିଯୁକ୍ତ ୧,୨୯୪ ଜଣ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ଏହି ଦୁଇଟି ମହତ୍ତ୍ୱ ପୂର୍ଣ୍ଣ ଉପଦେଶ ଦେଇଛନ୍ତି ।

ଶୁକ୍ରବାର ଭୁବନେଶ୍ୱର ରେଳ ଅଡିଟୋରିୟମ ଠାରେ ୭ଟି ବିଭାଗରେ ୧୨୯୪ଟି ପଦବୀ ପୂରଣ ପାଇଁ ନିଯୁକ୍ତି ମେଳାର ଆୟୋଜନ କରାଯାଇଥିଲା।ଛ ଏଥିରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୮୨୬ଟି ସ୍ନାତକୋତ୍ତର ଶିକ୍ଷକ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସହକାରୀ ପ୍ରାଧ୍ୟାପକ, କ୍ଲିନିକାଲ ମନୋବିଜ୍ଞାନୀ, ମନସ୍ତତ୍ତ୍ୱ ସାମାଜିକ କର୍ମୀ, ନର୍ସିଂ ଅଫିସର ଏବଂ ଡ୍ରଗ ଇନସପେକ୍ଟର ପଦବୀକୁ ମିଶାଇ ସମୁଦାୟ ୨୨୪ଟି ପଦବୀ, ବାଣିଜ୍ୟ ଓ ପରିବହନ ବିଭାଗରେ ମୋଟର ଯାନ କନିଷ୍ଠ ନୀରିକ୍ଷକ ଓ ଟ୍ରାଫିକ କନେଷ୍ଟବଳଙ୍କୁ ମିଶାଇ ସମୁଦାୟ ୬୩ଟି ପଦବୀ, ଦକ୍ଷତା ବିକାଶ ବିଭାଗର ୮୧ଟି ଅଧ୍ୟାପକ ପଦବୀ, ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗର ୪୯ଟି ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ପଦବୀ, ଅବକାରୀ ବିଭାଗର ୩୨ଟି ଅବକାରୀ ଉପନିରୀକ୍ଷକ ପଦବୀ, ଶ୍ରମ ବିଭାଗର ୧୯ଟି ବିଭିନ୍ନ ପଦବୀରେ ନିଯୁକ୍ତି ଦିଆଯାଇଛି ।

ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ନବନିଯୁକ୍ତଙ୍କୁ ଉଦବୋଧନ ଦେଇ କହିଲେ ଯେ, ଆମ ସରକାର ଆସିବା ଦିନଠାରୁ ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ରୋଜଗାର ସୃଷ୍ଟିକୁ ଗୁରୁତ୍ୱ ଦେଉଛି । ପାଞ୍ଚବର୍ଷ ମଧ୍ୟରେ ଦେଢ ଲକ୍ଷ ସରକାରୀ ପଦବୀ ପୂରଣ କରିବା ଆମର ଲକ୍ଷ୍ୟ ରହିଛି । ପ୍ରଥମ ଦୁଇ ବର୍ଷରେ ୬୫ ହଜାର ପଦବୀ ପୂରଣ ହେବ । ଏହି କ୍ରମରେ ଆଜିକୁ ମିଶାଇ ୨୭,୪୨୮ଟି ସରକାରୀ ପଦବୀ ପୂରଣ କରାଗଲା । ଏହି ସବୁ ପଦକ୍ଷେପରେ ଆମ ସରକାରଙ୍କ ବିଚାରଧାରା ପ୍ରତିଫଳିତ ହେଉଛି । ଆଗାମୀ ଦିନରେ ଆହୁରି ନିଯୁକ୍ତି ଆସିବ ସେଥିପାଇଁ ଆମର ପ୍ରକ୍ରିୟା ଜାରି ରହିଛି । ନିଯୁକ୍ତି ପ୍ରକ୍ରିଆରେ ସ୍ୱଚ୍ଛତା ପାଇଁ ବିଧାନସଭାରେ ବିଲ ପାରିତ କରି ଆମେ ଆଇନ ପ୍ରଣୟନ କରିଛୁ । ନିଯୁକ୍ତି କ୍ଷେତ୍ରରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରାଯାଉଛି । ଚାକିରୀ ବୟସ ସୀମାକୁ ମଧ୍ୟ ଆମେ ୪୨ ବର୍ଷକୁ ବୃଦ୍ଧି କରିଛୁ । ସେ ପୁଣି କହିଥିଲେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ମାର୍ଗଦର୍ଶନରେ ଆମେ କ୍ରମାଗତ ନିଯୁକ୍ତି ମେଳା ଆୟୋଜନ କରୁଛୁ । ଦାୟିତ୍ୱ ନେବା ପରଠାରୁ ଯୁବଶକ୍ତିକୁ ନିଯୁକ୍ତି ଦେବା ଓ ସେମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଅଭିଯାନ ଜାରି ରହିଛି । ସେ ଆହୁରି କହିଥିଲେ ଆମ ରାଜ୍ୟରେ ଯେତେସବୁ ନିଯୁକ୍ତି ଅଛି, ସେଥିରୁ ମାତ୍ର ୨ ପ୍ରତିଶତ ସରକାରୀସ୍ତରରେ ହୋଇଥାଏ, ବାକି ସବୁ ବେସରକାରୀ ଓ ଶିଳ୍ପକ୍ଷେତ୍ରରେ ସୃଷ୍ଟି ହୋଇଥାଏ । ଆଗାମୀ ଦିନରେ ଆମ ରାଜ୍ୟରେ ଅତି କମରେ ୧୩ ଲକ୍ଷ ନିଯୁକ୍ତି ସୃଷ୍ଟି ହେବାକୁ ଯାଉଛି କେବଳ ଶିଳ୍ପ କ୍ଷେତ୍ରରେ । ଏଥିପାଇଁ ଆମ ଯୁବପିଢିଙ୍କୁ ଇଣ୍ଡଷ୍ଟ୍ରି ରେଡି ହେବାପାଇଁ ପଡିବ । ଉତ୍କର୍ଷ ଓଡିଶା ଆୟୋଜନର ମାତ୍ର ୪ ମାସ ମଧ୍ୟରେ ଏବେ ଶିଳ୍ପକ୍ଷେତ୍ରରେ ୯୦ ହଜାର ନିଯୁକ୍ତି ପାଇଁ ବାଟ ଖୋଲିଛି ।



### ୨୭,୪୨୮ଟି ସରକାରୀ ପଦବୀ ବର୍ଷକରେ ପୂରଣ

ମୁଖ୍ୟମନ୍ତ୍ରୀ କହିଥିଲେ, ଆଜିଠାରୁ ଆପଣ ମାନେ ସରକାରଙ୍କ ଅଙ୍ଗଭାବେ ଓଡିଶାର ଜନସାଧାରଣଙ୍କ ସେବା କରିବାର ସୁଯୋଗ ପାଇବେ । ଆପଣ ମାନେ ଉତ୍ସର୍ଗୀକୃତ ଓ ସମର୍ପଣ ଭାବ ସହିତ ଲୋକଙ୍କ ସୁବିଧା, ଅସୁବିଧାକୁ ହୃଦୟଙ୍ଗମ କରି ସେବା ଯୋଗାଇଦେବେ ବୋଲି ମୋର ବିଶ୍ୱାସ । ଦୁର୍ନୀତି ବିରୋଧରେ ଆମ ସରକାର ଶୂନ୍ୟ ସହନଶୀଳତା ନୀତି ଆପଣେଇଛନ୍ତି । ଦୁର୍ନୀତି ଠାରୁ ଦୂରେଇ ରହିବା ପାଇଁ ସେ ପରାମର୍ଶ ଦେଇଥିଲେ । ସବୁ ନବନିଯୁକ୍ତଙ୍କୁ ଏକ୍ ପେଡ୍ ମା କେ ନାମ୍ ଅଭିଯାନରେ ନିଜ ମାଆଙ୍କ ନାମରେ ଏକ ବୃକ୍ଷରୋପଣ କରିବା ପାଇଁ ଆହ୍ୱାନ ଦେଇଥିଲେ ।

ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ କହିଥିଲେ ଯେ, ଆମେ ସମସ୍ତେ ସାଧାରଣ ଲୋକଙ୍କ ପାଇଁ କାମ କରୁଛେ । ଭଲ କାମ କରନ୍ତୁ, ନୂଆ ଓଡିଶା ନିର୍ମାଣରେ ଆପଣ ମାନଙ୍କ ଭଲ ଉଦ୍ୟମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିବ ।

ଉପ ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡା କହିଲେ ଯେ, ନିଯୁକ୍ତି ପାଇଁ ଆମ ସରକାର ପ୍ରତିବଦ୍ଧ ଅଛନ୍ତି । ଆମେ ସମସ୍ତେ ଲୋକଙ୍କ ଟିକସ ପଇସାରେ ଚାକିରୀ କରି ପଇସା ପାଉଛେ, ତେଣୁ ଆମ ସମସ୍ତଙ୍କୁ ଲୋକଙ୍କ ସେବକ ଭାବେ କାମ କରିବା ଉଚିତ ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ କହିଲେ ଯେ ଗୋଟିଏ ବର୍ଷ ମଧ୍ୟରେ ଆମେ ଯାହା କଥା ଦେଇଥିଲୁ ତାହା ରଖିଛୁଛ ସୁଶାସନ ଲୋକଙ୍କ ପାଖରେ ପହଞ୍ଚାଇବା ଲକ୍ଷ୍ୟରେ ଆମେ ଏହି ନିଯୁକ୍ତି କାର୍ଯ୍ୟକ୍ରମ କରୁଛୁ । ସମସ୍ତ ନବନିଯୁକ୍ତ ଅଧିକାରୀଙ୍କୁ ନିଷ୍ଠାର ସହ କାମ କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମଧ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ୩୦ ଟି ଜିଲ୍ଲାରୁ ୩୦ ଜଣ ନବନିଯୁକ୍ତଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଉପସ୍ଥିତ ଥିଲେ । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ଶାଳୀନି ପଣ୍ଡିତ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ସ୍ୱାସ୍ଥ୍ୟ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱଥୀ ଏସ୍. ଧନ୍ୟବାଦ ଅର୍ପଣ କରିଥିଲେ ।

## ନାନ୍ଦପୁର ଗାଁରେ କଙ୍ଗାରୁ କୋର୍ଟ
## ବାଛନ୍ଦ ଭୟରେ ଜୀବନ ହାରିଲେ ବିଶ୍ୱନାଥ

ଆରଡି,(ସବ୍ୟୁ):ଜାତି ଭିତ୍ତିକ ପ୍ରଥାକୁ ନେଇ ଆରଡି ଫାଣ୍ଡି ଅଧିନସ୍ଥ ନାନ୍ଦପୁର ଗାଁରେ ଏବେବି ଚାଲିଛି କଙ୍ଗାରୁ କୋର୍ଟ। ଗାଁରେ ୨ଜାତି ମଧ୍ୟରେ ବିବାଦ ଯୋଗୁ ଜୋରିମାନା ଚିନ୍ତାରେ ମାନସିକ ଭାରସାମ୍ୟ ହରାଇ ଜୀବନ ହାରିଛି ଜଣେ ନିରୀହ ଲୋକ। ଅଭିଯୋଗ ଅନୁଯାୟୀ ନାନ୍ଦପୁର ଗାଁରେ କିଛି ମାସ ହେଲା ଗୋପାଳସାହି ଓ ଖଣ୍ଡାୟତ ସାହି ମଧ୍ୟରେ ବିବାଦ ଲାଗି ରହିଛି। ହେଲେ ଗତ ସୋମବାର ଦିନ ଗୋପାଳ ସାହିର ବିଶ୍ୱନାଥ ଦାସ ନାମକ ବ୍ୟକ୍ତି ଖଣ୍ଡାୟତ ସାହିର ଜଣକ ଟ୍ରାକ୍ଟରରେ ବିଲ ହଳ କରିଥିବାରୁ ଗୋପାଳ ସାହିର କିଛି ନିର୍ଦ୍ଦିଷ୍ଟ ଲୋକ ବୈଠକ(କଙ୍ଗାରୁ କୋର୍ଟ) ଡାକି ବିଶ୍ୱନାଥକୁ ତାଗିଦ କରିବା ସହ ୫ହଜାର ଟଙ୍କା ଜୋରିମନା ଦେବାକୁ ନିଷ୍ପତ୍ତି କରିଥିଲେ। ଟଙ୍କା ନଦେଲେ ଏକ ଘରିଆ କରିବାକୁ ଧମକ ଦେବା ସହ ନିଆଁ ପାଣି ବନ୍ଦ କରାଯିବ ବୋଲି ପରିବାର ଲୋକଙ୍କୁ ରୋକଠୋକ ଭାବେ କହିଥିଲେ। ଏହି କଥା ଚିନ୍ତା କରି ବିଶ୍ୱନାଥ ଭାଙ୍ଗି ପଡିଥିଲେ। ଗୁରୁବାର ହଠାତ ଛାତିରେ ଯନ୍ତ୍ରଣା ହେବା ସହ ବାନ୍ତି ହେବାରୁ ତାଙ୍କୁ କଟକ ମେଡିକାଲକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତର କହିଥିଲେ। ଶୁକ୍ରବାର ବିଶ୍ୱନାଥଙ୍କ ମର ଶରୀରକୁ ଆଣି ସାହି ଲୋକ ତରବରିଆ ଭାବେ ଗାଁ ଶଶ୍ମାନରେ ପୋଡି ଦେଇଥିଲେ। ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି। ବିଶ୍ୱନାଥଙ୍କ ଝିଅ ଓ ପରିବାର ଲୋକ ସାହି ଲୋକଙ୍କ ଭୟରେ ମୁହଁ ଖୋଲୁନଥିବା କହିଛନ୍ତି ପଡିଶା ଲୋକ। ସାହିର କିଛି ପ୍ରଭାବଶାଳି ଲୋକଙ୍କ ଧମକ ଅନୁଯାୟୀ ଖଣ୍ଡାୟତସାହି ଲୋକଙ୍କର ହଳ ବୁଲାଇବା,ଘର ପିଣ୍ଡାରେ ବସିବା,ତାଙ୍କ ଦୋକାନରୁ ଜିନିଷପତ୍ର କିଣାବିକା କରିବା,କଳରେ ଧାନ ପେସିବା ଆଦି କଲେ ସାହିରୁ ବାଛନ୍ଦ ହେବା ସହ ନିଆଁପାଣି ବନ୍ଦ କରାଯାଉଥିବା କହିଛନ୍ତି ବିଶ୍ୱନାଥଙ୍କ ପଡିଶା ଲୋକ। ଏଥିପାଇଁ ଗୋପାଳ ସାହିର ୧୧ଜଣଙ୍କୁ ୫ହଜାର ଟଙ୍କା ଜୋରିମାନା ଦେବାକୁ କଙ୍ଗାରୁ କୋର୍ଟରେ ଜାରି ହୋଇଥିବା ବିଶେଷ ସୁତ୍ରରୁ ଜଣାଯାଇଛି। ସାହିର କିଛି ଲୋକଙ୍କୁ ବାଦ ଦେଲେ ଅନ୍ୟ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ଅନ୍ୟ ଘରେ ମୂଲ ଲାଗି ପରିବାର ପୋଷଣ କରିଥାନ୍ତି। ହେଲେ ଗାଁର କାମ କଲେ କଙ୍ଗାରୁ କୋର୍ଟରେ ମିଳୁଛି ଶାସ୍ତି। କିଏ ଜୀବନ ହାରୁଛି ତ ଆଉ କିଏ ମାନସିକ ଯନ୍ତ୍ରଣାରେ ଛଟପଟ ହୋଇ ମେଡିକାଲକୁ ଯାଉଛି। ଏପଟେ ବିଶ୍ୱନାଥଙ୍କର ସ୍ତ୍ରୀ ସମେତ ୫ଝିଅ ବେସାହାରା ହୋଇ ପଡିଛନ୍ତି। ଯାହା ଏବେ ଏହି ଘଟଣା ଏବେ ସାରା ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

## ଦେଓଘର ସତ୍‌ସଂଘ କେନ୍ଦ୍ରରେ ସ୍ୱାସ୍ଥ୍ୟ ଶିବିର

ଭୁବନେଶ୍ୱର,(ସବ୍ୟୁ): ଶ୍ରୀ ଶ୍ରୀ ଆଚାର୍ଯ୍ୟ ଦେବ ଙ୍କ ୫୮ ତମ ଜନ୍ମ ଦିବସ ସତସଙ୍ଗ ଆଶ୍ରମ ଦେଓଘର ଝାଡ଼ଖଣ୍ଡଠାରେ ମହା ସମାରୋହରେ ପାଳନ କରିବା ପାଇଁ ଆୟୋଜିତ ହେଉଅଛି । ଦେଶ ବିଦେଶର ବହୁ ସୁନାମଧନ୍ୟ ଡାକ୍ତର, ଚିକିତ୍ସକ ମାନେ ଏକତ୍ରିତ ହୋଇ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିଛନ୍ତି .ଯାହାଦ୍ୱାରା



ଆଖ ପାଖ ଅଞ୍ଚଳରେ ରହୁଥିବା ଅଧିବାସୀମାନଙ୍କର ସୁବିଧା ଉପଲବ୍ଧ ହେବ । ଶ୍ରୀ ଶ୍ରୀ ଆଚାର୍ଯ୍ୟ ଦେବ ପରିବେଶ ର ସୁରକ୍ଷା ପାଇଁ, ଶୃଙ୍ଖଳିତ ଜୀବନଯାପାନ ପାଇଁ ସମସ୍ତଙ୍କୁ ଉପଦେଶ ପ୍ରଦାନ କରିବା ସହ ବିଭିନ୍ନ ପ୍ରସଙ୍ଗ ନେଇ ମାନବ ସମ୍ବଳ ବିକାଶ ପାଇଁ ଚେଷ୍ଟିତ । ଦେଶର ବିଭିନ୍ନ ଅଞ୍ଚଳରୁ ଲକ୍ଷାଧିକ ଜନ ସମାଗମ ହେବାର ଆଶା କରାଯାଏ ।

## ଯୁବତୀଙ୍କ ଆପତ୍ତିଜନକ ଫଟୋ ଭାଇରାଲ ଧମକ, ବଏଫ୍ରେଣ୍ଡ୍ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଯୁବତୀଙ୍କ ଆପତ୍ତିଜନକ ଫଟୋ ପରିବାର ଲୋକଙ୍କୁ ପଠାଇବା ସହ ସୋସିଆଲ୍ ମିଡିଆରେ ଭାଇରାଲ କରାଇବା ଧମକ ଦେବା ପରେ ପୋଲିସରେ ଏତଲା ହୋଇଥିଲା । ଏତଲା ଆଧାରରେ ପୋଲିସ ଅଭିଯୁକ୍ତକୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି । ପୀଡିତା ପାଠ ପଢୁଥିବା ସମୟରେ ଅଭିଯୁକ୍ତ ସହ ପରିଚୟ ହୋଇଥିଲା । ପରେ ଉଭୟଙ୍କ ମଧ୍ୟରେ ବନ୍ଧୁତା ସୃଷ୍ଟି ହେବା ସହ ପରସ୍ପର ନିକଟତର ହୋଇଥିଲେ । ଅଭିଯୁକ୍ତ କୌଶଳ କ୍ରମେ ପୀଡିତାଙ୍କ କିଛିଟା ଆପତ୍ତିଜନକ ଫଟୋ ଓ ଭିଡିଓକୁ ମୋବାଇଲରେ ସଂଗ୍ରହ କରି ରଖିଥିଲା । ଅଭିଯୁକ୍ତ ସହ ଝଗଡା ହେବାରୁ ପୀଡିତା ତା' ସହ ସମ୍ପର୍କ ରଖୁନଥିଲେ । ଅଭିଯୁକ୍ତ ଠାରୁ ପୀଡିତା ଦୂରେଇ ରହିବା ଫଳରେ ସେ ରାଗିଯାଇ ଆପତ୍ତିଜନକ ଫଟୋ ଓ ଭିଡିଓକୁ ତାଙ୍କ ଭାଇ, ବଡଭଉଣୀ ଓ ପରିବାରର ଅନ୍ୟାନ୍ୟ ସଦସ୍ୟଙ୍କ ମୋବାଇଲକୁ ପଠାଇଥିଲା । ହ୍ୱାଟ୍‌ଅପ୍‌ରେ ଲେଖିଥିଲା ଯେ, ପୀଡିତା ଯଦି ତାଙ୍କ ସହ ପୂର୍ବଭଳି ସମ୍ପର୍କ ନରଖନ୍ତି ତେବେ ସେ ପଠାଇଥିବା ଫଟୋ ଓ ଭିଡିଓକୁ ସୋସିଆଲ୍ ମିଡିଆରେ ଭାଇରାଲ କରିଦେବ । ପରିବାର ଲୋକ ଏହି ଧମକ ପାଇବା ପରେ ଏୟାରପୋର୍ଟ ଥାନାରେ ଏତଲା କରିଥିଲେ । ଏତଲା ଆଧାରରେ ଅଭିଯୁକ୍ତକୁ ଗିରଫ କରି ପୋଲିସ ଶୁକ୍ରବାର କୋର୍ଟଚାଲାଣ କରିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ପୀଡିତା ଓ ଅଭିଯୁକ୍ତ ନାବାଳିକା, ନାବାଳକ ହୋଇଥିବାରୁ ନାମ ଓ ଠିକଣା ପ୍ରକାଶ କରି ହେଉନାହିଁ ।






## ବେଆଇନ୍ ଭାବେ ଆସ୍ଥାନ ଜମାଇଥିବା ଫ୍ରାନ୍ସ ନାଗରିକ ଗିରଫ

କୋଣାର୍କ,(ସବ୍ୟୁ) :କୋଣାର୍କ ଏନଏସି ଅଧିନସ୍ଥ ୯ନଂ ୱାର୍ଡର ମଙ୍ଗୁଳେଶ୍ୱର ଠାରେ ଥିବା ଉଦାସୀ ବେଆଇନ ଭାବେ ସରକାରୀ ଜମି ଜବରଦଖଲ କରି ଗୃହ ନିର୍ମାଣ କରି ରହୁଥିବା ଫ୍ରାନସ ନାଗରିକଙ୍କ ଭିସା ଅବଧି ଶେଷ ହୋଇଥିବା ବେଳେ ସେ ଅନଧିକାର ଭାବେ ରହୁଥିବାରୁ ତାଙ୍କୁ ଶୁକ୍ରବାର ପୁରୀ ଏସପିଙ୍କ ନିର୍ଦ୍ଦେଶ କ୍ରମେ କୋଣାର୍କ ଥାନା ପୋଲିସ ଗିରଫ କରିଛି। ଫ୍ରାନସ ନାଗରିକ କାଇଜରଗୁଏସ ଟୋନି ହାଇଦ୍ରାବାଦ ସ୍ଥିତ ଫ୍ରାନସ ଦୂତାବାସ ଏକ ବର୍ଷ ନିମନ୍ତେ ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ଠାରେ ରହି ଭ୍ରମଣ କରିବା ପାଇଁ ଭିସା ପ୍ରଦାନ କରିଥିଲେ। ଏହି ଭିସା ସଂପୃକ୍ତ ଫ୍ରାନସ ନାଗରିକଙ୍କୁ ଦୂତାବାସ ପକ୍ଷରୁ ଅବଧି ୯-୦୪-୨୩ ଠାରୁ ୯-୦୪-୨୪ ପର୍ଯ୍ୟନ୍ତ ଏକବର୍ଷ ପାଇଁ ପ୍ରଦାନ କରାଯାଇଥିଲା । କୋଣାର୍କ ଆଶ୍ରମକୁ ଲାଗିଥିବା କିଛି ସରକାରୀ ଜାଗାରେ ବିଦେଶୀ ନାଗରିକ ଜଣଙ୍କ ଏକ ବେଆଇନ୍ ଘର ନିର୍ମାଣ କରି ଗଞ୍ଜେଇ ଗଛ ଲଗାଇଥିବା ଦେଖିବାକୁ ମିଳିଛି । ମଙ୍ଗୁଳେଶ୍ୱର ମନ୍ଦିର ନିକଟସ୍ଥ ଉଦାସୀ ଆଶ୍ରମରେ ନିଜକୁ ଆଶ୍ରମର ଗୁରୁଙ୍କ ଶିଷ୍ୟ ଭାବେ ପରିଚୟ ଦେଇ କିଛି ଦିନ ରହିବା ପାଇଁ କାଇଜର ଗୁଏସ ଟୋନୀ ନାମକ ଫ୍ରାନ୍ସ ନାଗରିକ ଏହି ଆଶ୍ରମରେ ରହିଥିଲେ । ଦୀର୍ଘ ସମୟ ଧରି ବିଦେଶୀ ନାଗରିକ ଉକ୍ତ ଆଶ୍ରମରେ ଆସ୍ଥାନ ଜମାଇବା ସହିତ ସେଠାରେ ରହୁଥିବା ଅନ୍ୟ ଶିଷ୍ୟମାନଙ୍କ ସହ ତିକ୍ତତା ସୃଷ୍ଟି କରିଥିଲେ । ଏପରିକି ଆଶ୍ରମକୁ ନିଜ ଅକ୍ତିଆରକୁ ନେବା ପାଇଁ ଉଦ୍ୟମ କରିବା ସହ ଅନ୍ତେବାସୀଙ୍କ ମାରପିଟ୍ କରିବା ଆଶ୍ରମ ଗୃହରେ ତାଲା ପକାଇବା ଭଳି ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପକୁ ନେଇ କୋଣାର୍କ ଥାନାରେ ଅଭିଯୋଗ ମାନ ହୋଇଥିଲା। ସଂପୃକ୍ତ ବିଦେଶୀ ନାଗରିକଙ୍କ ଭିସା ଅବଧି ଦୀର୍ଘ ୧ବର୍ଷ ୩ ମାସ ଧରି ଶେଷ ହୋଇଥିବା ବେଳେ ଅନଧିକାର ଭାବେ ଉକ୍ତ ସ୍ଥାନରେ ରହୁଥିଲେ। ହାଇଦ୍ରାବାଦ ସ୍ଥିତ ଫ୍ରାନସ ଦୂତାବାସ ଅଧିକାରୀ ବେଆଇନ ଭାବେ କୋଣାର୍କ ଠାରେ ଅବସ୍ଥାନ କରୁଥିବା ଏହି ଫ୍ରାନ୍ସ ନାଗରିକ ଟୋନିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପୁରୀ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଅବଗତ କରାଇଥିଲେ। ପୁରୀ ଏସପି ଙ୍କ ନିର୍ଦ୍ଦେଶ କ୍ରମେ କୋଣାର୍କ ଥାନା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ସେଠୀ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଫ୍ରାନ୍ସ ନାଗରିକ ଟୋନିଙ୍କୁ ଗିରଫ କରିଛନ୍ତି। ଏ ନେଇ କୋଣାର୍କ ଥାନା ପୋଲିସ ପକ୍ଷରୁ ୯୭/୨୫ କେଶ ରୁଜୁ କରି ଅଧିକ ତଦନ୍ତ ଜାରି ରଖିଥିବା ବେଳେ ଶନିବାର କୋର୍ଟ ଚାଲାଣ କରାଯିବ ତଦନ୍ତକାରୀ ଅଧିକାରୀ ତଥା କୋଣାର୍କ ଥାନା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ସେଠୀ ପ୍ରକାଶ କରିଛନ୍ତି ।




### ଶିକ୍ଷା ମନ୍ତ୍ରଣାଳୟ ସଂସଦ ପରାମର୍ଶଦାତା କମିଟିର ଦ୍ୱିତୀୟ ବୈଠକ

# ଭାରତୀୟ ଭାଷାରେ ଶିକ୍ଷାକୁ ପ୍ରୋତ୍ସାହନ ଆମର ପ୍ରତିବଦ୍ଧତା: ଧର୍ମେନ୍ଦ୍ର



ଭୁବନେଶ୍ୱର,(ସବ୍ୟୁ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟପ୍ରଦେଶର ଇନ୍ଦୋର ଗସ୍ତରେ ଥିବା ବେଳେ ଆଜି ସେଠାରେ ଶିକ୍ଷା ମନ୍ତ୍ରଣାଳୟ ସହ ସମ୍ବୋଧିତ ସଂସଦର ପରାମର୍ଶଦାତା ସମିତିର ଦ୍ୱିତୀୟ ବୈଠକରେ ଅଧକ୍ଷତା କରିଛନ୍ତି । ଏହି ବୈଠକରେ ସ୍କୁଲ ଏବଂ ଉଚ୍ଚ ଶିକ୍ଷାନୁଷ୍ଠାନରେ ଭାରତୀୟ ଭାଷାରେ ଶିକ୍ଷାକୁ ପ୍ରୋତ୍ସାହିତ କରିବା ଉପରେ ଆଲୋଚନା କରାଯାଇଯାଇଥିଲା ।

ଏ ସମ୍ପର୍କରେ ଶ୍ରୀ ପ୍ରଧାନ ମାତୃଭାଷାରେ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା କରିଥିଲେ । ଏହାସହ ସ୍କୁଲ ଓ ଉଚ୍ଚଶିକ୍ଷାରେ ଭାରତୀୟ ଭାଷାକୁ ସମନ୍ୱିତ କରିବାର ଆବଶ୍ୟକତା ଉପରେ ମଧ ଗୁରୁତ୍ୱାରୋପ କରିଥିଲେ । ପିଲାମାନଙ୍କର ଜ୍ଞାନାତ୍ମକ ବିକାଶ ପାଇଁ ଦୃଢ଼ ଭିତ୍ତିଭୂମି ନିର୍ମାଣ, ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତ କରିବା ଏବଂ ଆମ ଦେଶର ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରିବା ପାଇଁ ଅଂଶଗ୍ରହଣ କରି ମୂଲ୍ୟବାନ ପରାମର୍ଶ ଦେଇଥିବାରୁ କମିଟି ସଦସ୍ୟମାନଙ୍କୁ ଧନ୍ୟବାଦ ଜଣାଇଥିଲେ ଶ୍ରୀ ପ୍ରଧାନ । ସେ ଏହା ମଧ କହିଛନ୍ତି ଯେ ଆଗାମୀ ବର୍ଷଗୁଡ଼ିକରେ, ଶିକ୍ଷାର ମାଧମ ମୁଖ୍ୟତଃ ଭାରତୀୟ ଏବଂ ସ୍ଥାନୀୟ ଭାଷାରେ ହେବ । ସେ ଇଞ୍ଜିନିୟରିଂ ଭଳି ବୈଷୟିକ ପାଠ୍ୟକ୍ରମ ସମେତ ସ୍ଥାନୀୟ ଭାଷାରେ ପାଠ୍ୟକ୍ରମ ପ୍ରଚଳନ କରିବା ପାଇଁ ଆଇଆଇଟି ଭଳି ଉଚ୍ଚଶିକ୍ଷା ପ୍ରତିଷ୍ଠାନର ପ୍ରୟାସକୁ ମଧ ପ୍ରଶଂସା କରିଥିଲେ । ଭାରତୀୟ ଭାଷାରେ ପୁସ୍ତକ ଯୋଗାଇବା ପ୍ରାଥମିକତା ରହିଛି ଛ ବିଷୟବସ୍ତୁ ଅନୁବାଦରେ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଏବଂ ଭାଷା ଅନୁବାଦ ପାଇଁ ଏଆଇ ବ୍ୟବହାର ଉପରେ ମଧ ଗୁରୁତ୍ୱାରୋପ କରିଥିଲେ । ଗ୍ରାମାଞ୍ଚଳ କିମ୍ବା ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗରୁ ଆସୁଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ, ପ୍ରଯୁକ୍ତିବିଦ୍ୟା ସେମାନଙ୍କ ପସନ୍ଦର ଭାଷାରେ ବିଷୟବସ୍ତୁ ବୁଝିବାରେ ସାହାଯ୍ୟ କରିପାରିବ, ସେ ଆହୁରି ମଧ କହିଛନ୍ତି । ଶ୍ରୀ ପ୍ରଧାନ ଏହା ମଧ କହିଛନ୍ତି ଯେ ୨୦୪୭ ସୁଦ୍ଧା ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବା ପାଇଁ ଏକ ଦୃଢ଼ ଏବଂ ବିକଶିତ ଅର୍ଥନୀତି ଆବଶ୍ୟକ,ଏବଂ ଏହି ଦୃଷ୍ଟିକୋଣକୁ ସାକାର କରିବାରେ ଶିକ୍ଷା ମୁଖ୍ୟ ବାହକ ହେବ । ଏହି ବୈଠକରେ ଉତ୍ତର-ପୂର୍ବ କ୍ଷେତ୍ରର ଶିକ୍ଷା ଏବଂ ବିକାଶ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ସୁକାନ୍ତ ମଜୁମଦାର, ଶିକ୍ଷା ମନ୍ତ୍ରଣାଳୟର ସ୍କୁଲ ଶିକ୍ଷା ଏବଂ ସାକ୍ଷରତା ବିଭାଗ ସଚିବ ସଞ୍ଜୟ କୁମାର, ଶିକ୍ଷା ମନ୍ତ୍ରଣାଳୟର ଉଚ୍ଚଶିକ୍ଷା ବିଭାଗ ସଚିବ ଡକ୍ଟର ବିନୀତ ଯୋଶୀ, ଏଆଇସିଟିଇ, ୟୁଜିସି ଏବଂ ଭାରତୀୟ ଭାଷା ସମିତିର ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ ବୈଠକରେ ଯୋଗ ଦେଇଥିଲେ । ଏହି ଗସ୍ତ କାଳରେ ଶ୍ରୀ ପ୍ରଧାନ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବଙ୍କ ସହ ରତଲାମ ଆଲୋଟ୍ ସ୍ଥିତ ପିଏମ ଜବାହାର ନବଦୋୟ ବିଦ୍ୟାଳୟ ପରିସରରେ ଛାତ୍ରାବାସ ଓ କର୍ମଚାରୀ ଭବନ ବ୍ୟତୀତ ଆଲୋଟ୍ ଠାରେ ସାନ୍ଦିପନୀ ବିଦ୍ୟାଳୟର ଲୋକାର୍ପଣ କରିଥିଲେ ।

### କୁମାରବସ୍ତ ଛକ ଗୁଳିକାଣ୍ଡ ଘଟଣା

# ୪ ଗିରଫ: ଗାଡି, ଖୋକା ଜବତ



ଖୋର୍ଦ୍ଧା,(ସବ୍ୟୁ): ଗତ ୩୧ ତାରିଖ ଅପରାହ୍ନରେ ୧୬ନଂ ଜାତୀୟ ରାଜପଥ ର କୁମାରବସ୍ତ ଛକ ପେଟ୍ରୋଲ ପମ୍ପ ନିକଟରେ ହୋଇଥିବା ଗୁଳିକାଣ୍ଡ ଘଟଣାରେ ଶିଲ୍ପାଞ୍ଚଳ ପୁଲିସ ୪ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ନୟାପଲି ଭୁବନେଶ୍ୱର ର ରୋହିତ କୁମାର ରାଉତ (୨୧), ନୟାପଲ୍ଲୀ ଥାନା ରେଣ୍ଟାଲ କଲୋନୀ ର ଶ୍ରୀକାନ୍ତ ପରିଡା ଓରଫ ସିପୁ (୨୨), ଲକ୍ଷ୍ମିସାଗର ଥାନା ବୋମିଖାଲ ର କୌଶିକ ପାତ୍ର (୧୯) ଏବଂ ଭରତପୁର ଥାନା ପାତ୍ରପଡା ଅଂଚଳ ର ସୌମ୍ୟରଞ୍ଜନ ଜେନା (୨୦) । ସେମାନଙ୍କ ଠାରୁ ପୁଲିସ ଓଡି.୩୩ଏପି-୩୨୪୧ ନଂ ବିଶିଷ୍ଟ ଏକ ଥର୍ ଗାଡି, ୪ଟି ମୋବାଇଲ୍, ୭.୬୫ଏମ୍ଏମ୍ ଏକ ଖୋକା କୁ ଜବତ କରିଛି ।

ପ୍ରେମ ସମ୍ପର୍କ କୁ ଆଧାର କରି ପୂର୍ବଶତୃତାକୁ କେନ୍ଦ୍ରକରି ଅଭିଯୋଗକାରୀ ଆଦର୍ଶଥାନା ଅନ୍ତର୍ଗତ ମଧୁସୂଦନ ନଗର, ନବୀନାବାଗ ର ଚିନ୍ମୟ କୁମାର ବଡଜେନା ଙ୍କୁ ହତ୍ୟା କରିବାକୁ ମୁଖ୍ୟ ଅଭିଯୁକ୍ତ ରାଜେଶ ତାର ୪ଜଣ ସହଯୋଗୀଙ୍କ ସହ ଯୋଜନା କରିଥିଲା । ଯୋଜନା ମୁତାବକ ଗତ ୩୧ ତାରିଖ ସନ୍ଧ୍ୟା ୫ରୁ ସାଢେ ୫ମଧରେ ଚିନ୍ମୟ ବନ୍ଧୁମାନଙ୍କ ସହ ଏକ ସ୍କର୍ପିଓ ରେ ଭୁବନେଶ୍ୱର ଯାଉଥିବାବେଳେ ୧୬ନଂ ଜାତୀୟ ରାଜପଥ ର କୁମାରବସ୍ତ ଛକ ପେଟ୍ରୋଲ ପମ୍ପ ନିକଟରେ ରାଜେଶ ଓ ତାର ସାଥିମାନେ ଚିନ୍ମୟ ଗାଡିକୁ ଧକ୍କା ଦେବାକୁ ଉଦ୍ୟମ କରିଥିଲେ । ଗାଡି ସାଇଡ ମାରିବାରୁ ଚିନ୍ମୟ ଗାଡିରୁ ଓହ୍ଲାଇ ସେମାନଙ୍କ ଗାଡି ନିକଟକୁ ଯାଇ ବିଭିନ୍ନ ପ୍ରକାର ଗାଳିମନ୍ଦ କରିବା ବେଳେ ରାଜେଶ ଗାଡି ର ମଝି ସିଟ୍ ର ବାମ ପାର୍ଶ୍ୱରେ ବସିଥିବା ଜଣେ ବ୍ୟକ୍ତି ଚିନ୍ମୟ ଉପରକୁ ଏକ ରାଉଣ୍ଡ ଗୁଳିମାଡ କରିଥିଲେ । କୌଶଳକ୍ରମେ ଚିନ୍ମୟ ଗାଡିକୁ ଖସି ଯାଇଥିବାବେଳେ ତାଙ୍କୁ ହତ୍ୟା କରିବାକୁ ପୁଣି ୨ରାଉଣ୍ଡ ଗୁଳି ଚଳାଇଥିଲେ ଉକ୍ତ ବ୍ୟକ୍ତି । ମାତ୍ର ଗୁଳି ଦୁଇଟି ତାଙ୍କ ଗାଡି ରେ ବାଜିଥିଲା । ତେଣୁ ଭବିଷ୍ୟତରେ ତାଙ୍କୁ ହତ୍ୟା କରିବାକୁ ଧମକ ଦେବା ସହ ପୁଣି ଏକ ରାଉଣ୍ଡ ଫଲ୍ସ ଫାଏରିଙ୍ଗ କରି ମେଣ୍ଢାଶାଳ ରୋଡ ଦେଇ ଭୁବନେଶ୍ୱର ଅଭିମୁଖେ ପଳାଇଥିଲେ । ଅନ୍ୟଜଣେ ସହଯୋଗୀଙ୍କ ଉଦ୍ୟମ କ୍ରମେ ରାଜେଶ ଓ ତାର ଦୁଇଜଣ ସହଯୋଗୀ ଉକ୍ତ ରାତିରେ ବୋଲେରୋ ଓ କାର ଯୋଗେ ଜିଲ୍ଲାବାହାରକୁ ଖସି ଯାଇଥିଲେ । ଏନେଇ ଚିନ୍ମୟ ଶିଳ୍ପାଂଚଳ ଥାନାରେ ଅଭିଯୋଗ କରିବାରେ ପୁଲିସ ୧୩୫/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଏସ୍‌ପି ସାଗରିକା ନାଥ ନିଜେ ଘଟଣାର ଗୁରୁତ୍ୱର ସହ ନେଇ ତନାଘନା କରିଥିଲେ। ଏ ନେଇ ଅତିରିକ୍ତ ଏସ୍‌ପି, ଆଇ.ପି.ଏସ୍,ଅମିତ ପାଲ ସିଂ, ଶିଳ୍ପାଂଚଳ ଥାନା ଅଧିକାରୀ ଭାବେ ଦାୟିତ୍ୱରେ ଥିବା ବାସୁଦେବ ଜୟସିଂହ, କନଷ୍ଟବଳ ପ୍ରଦୀପ ହରିଚନ୍ଦନ ଓ ସମ୍ବିତ ମହାନ୍ତି, ସ୍ୱତନ୍ତ୍ର ଏକ ଟିମ୍ ଗଠନ କରାଯାଇଥିଲା। ତଦନ୍ତବେଳେ ଉପରୋକ୍ତ ୪ଜଣଙ୍କୁ ପୁଲିସ ଗିରଫ କରିଛି । ଫେରାର ଥିବା ମୁଖ୍ୟ ଅଭିଯୁକ୍ତ କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ବାସୁଦେବ ଜୟସିଂହ କହିଛନ୍ତି ।

# ୧୧ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ୧୧ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଖାରବେଳନଗର ଥାନା ପୋଲିସ ଗଙ୍ଗାଧର ପ୍ରଧାନ (୪୧) ନାମକ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି ।

ଏତଲାକାରୀ ସୁବ୍ରତ ରଞ୍ଜନ ରାଉତଙ୍କୁ ଗୋରିଚ୍ କମ୍ପାନୀରେ ଟଙ୍କା ବିନିଯୋଗ କରିବାକୁ ଅଭିଯୁକ୍ତ ଗଙ୍ଗାଧର ପ୍ରଧାନ ପ୍ରବର୍ତ୍ତାଇ ଥିଲେ । ଗଙ୍ଗାଧରଙ୍କ ଜଣେ ସହଯୋଗୀ ପ୍ରମୋଦ ବସ୍ତିଆ ଗୋରିଚ୍ କାର୍ଯ୍ୟାଳୟରେ ବୈଠକ କରି ସୁବ୍ରତଙ୍କୁ କହିଥିଲେ ଯେ, ଟଙ୍କା ବିନିଯୋଗ କଲେ ମାସିକ ୬% ପୁଞ୍ଜି ଫେରସ୍ତ କରାଯିବ । ବିଭିନ୍ନ ଆର୍ଥିକ ସମ୍ପତ୍ତିରେ ଟଙ୍କା ବିନିଯୋଗ କରିବାକୁ ମଧ ପରାମର୍ଶ ଦେଇଥିଲେ । ଦୁଇ ଅଭିଯୁକ୍ତଙ୍କ ପରାମର୍ଶରେ ୨୦୨୩ ମସିହା ଏପ୍ରିଲ୍ ୨୮ ତାରିଖରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କରେ ଥିବା ଏତଲାକାରୀଙ୍କ ଆକାଉଣ୍ଟରୁ ୧୧ଲକ୍ଷ ୫୦ ହଜାର ଟଙ୍କା ଗୋରିଚ୍ କମ୍ପାନୀ ନାମରେ ଥିବା ଆଇସିଆଇସିଆଇ ବ୍ୟାଙ୍କ ଆକାଉଣ୍ଟକୁ ସ୍ଥାନାନ୍ତର କରିଥିଲେ ।

ଟଙ୍କା ପାଇବା ପରେ ଦୁଇ ଅଭିଯୁକ୍ତ ଗଙ୍ଗାଧର ପ୍ରଧାନ ଓ ପ୍ରମୋଦ ବସ୍ତିଆ ପୂର୍ବରୁ ହୋଇଥିବା ଚୁକ୍ତି ଅନୁଯାୟୀ କୌଣସି ଟଙ୍କା ଏତଲାକାରୀଙ୍କୁ ଫେରାଇ ନଥିଲେ । ମୂଳ କିମ୍ବା ସୁଧ ଉପରେ ମଧ କୌଣସି ଟଙ୍କା ଫେରସ୍ତ ଦେଇନଥିଲେ । ଟଙ୍କା ନେବାର ୨୧ ମାସରୁ ଅଧିକ ସମୟ ବିତିଯାଇଥିଲେ ବି ଦୁଇ ଅଭିଯୁକ୍ତ ଏତଲାକାରୀଙ୍କୁ ଟଙ୍କା ଦେଲେ ନାହିଁ ବରଂ ଦିନ ପରେ ଦିନ ଗଡାଇ ଚାଲିଲେ । ଦୁଇ ଅଭିଯୁକ୍ତଙ୍କୁ ଭେଟି ଟଙ୍କା ଫେରସ୍ତ ଲାଗି ବାଧ କରିବାରୁ ଉଭୟଙ୍କ ମଧରେ କଳିଝଗଡା ହୋଇଥିଲା । ଏମିତିକି ଆଜିକାଲି କହି ଏତଲାକାରୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ । ଏ ସମ୍ପର୍କରେ ଠକେଇର ଶିକାର ହୋଇଥିବା ସୁବ୍ରତ ରଞ୍ଜନ ରାଉତ ଖାରବେଳନଗର ଥାନାରେ ଏତଲା କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରିବା ସହ ଗଙ୍ଗାଧର ପ୍ରଧାନଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ପ୍ରମୋଦ ବସ୍ତିଆଙ୍କୁ ଗିରଫ କରିବାକୁ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରିଛି । ଗିରଫ ଅଭିଯୁକ୍ତ ନିକଟରୁ ଏତଲା ଅନୁଯାୟୀ ବହୁ କାଗଜପତ୍ର ଜବତ ହୋଇଥିବା ପୋଲିସ କହିଛି ।

# ସମ୍ବିତ ପାତ୍ର ନିଜର ପଦମର୍ଯ୍ୟାଦା ରକ୍ଷା କରନ୍ତୁ: ଯୁବ କଂଗ୍ରେସ

ଭୁବନେଶ୍ୱର ,(ସବ୍ୟୁ): ପୁରୀ ସାଂସଦ ଜଣେ ବାଚାଳ। ତାଙ୍କ ନିୟନ୍ତ୍ରଣରେ ତାଙ୍କ ଜିଭ କେତେବେଳେ ନଥାଏ। ନିଜକୁ ଚର୍ଚ୍ଚା ଭିତରକୁ ଆଣିବାପାଇଁ ସେ ଅନେକ ସମୟରେ ଅରୁଚିକର ମନ୍ତବ୍ୟ ଦେଇ ସାଧାରଣରେ ନିନ୍ଦିତ ହୋଇଛନ୍ତି ବୋଲି ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ସେ ରାହୁଲ ଗାନ୍ଧୀଙ୍କ ବିରୁଦ୍ଧରେ ଯେଉଁ ଅପମାନ ସୂଚକ ମନ୍ତବ୍ୟ ଦେଇଛନ୍ତି ତାହା ଦୁର୍ଭାଗ୍ୟଜନକ। ଅତୀତରେ ସେ ନିଜର ହିତାହିତ ଜ୍ଞାନ ଭୁଲି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ପ୍ରଧାନମନ୍ତ୍ରୀ ମୋଦିଙ୍କର ଭକ୍ତ କହି ସାଧାରଣରେ ନିନ୍ଦିତ ହୋଇଛନ୍ତି। ଯିଏ ମୋଦିକୁ ଜଗନ୍ନାଥଙ୍କ ଠାରୁ ବଡ଼ ବୋଲି ବିଚାର କରେ ସେହି ଲୋକ ଯାହା କିଛି କହିପାରେ।

ଦେଶପାଇଁ ଯେଉଁ ଗାନ୍ଧୀ ପରିବାର ସମର୍ପିତ ସେହି ଗାନ୍ଧୀର ପରିବାରର ଦାୟଦ ହେଉଛନ୍ତି ରାହୁଲ ଗାନ୍ଧୀ। ଭାରତର ଅଖଣ୍ଡତା ଓ ସୁରକ୍ଷା ପାଇଁ ସଦା ସର୍ବଦା ସେ ଜାଗ୍ରତ ପ୍ରହରୀ ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କୁ ଚୀନ୍ ଆଉ ପାକିସ୍ଥାନ ଠାରୁ ଅର୍ଥ ନେବା ଏବଂ ଦେଶଦ୍ରୋହୀ କହି ଆରୋପ କରିବା ଦୁର୍ଭାଗ୍ୟଜନକ। ଏହାକୁ ସାଧାରଣରେ ପାଗଳର ପ୍ରଳାପ ବୋଲି



କୁହାଯାଇପାରେ। ସାମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର କଂଗ୍ରେସ ଲୋକସଭା ପ୍ରାର୍ଥୀ ସୟଦ ୟାସିର ନୱାଜ କହିଛନ୍ତି ଯେ ମୋଦି ସରକାର ବହୁ ଚାଇନା କମ୍ପାନୀଙ୍କୁ ସିକ୍ୟୁରଟି କ୍ଲିୟରାନ୍ସ ଦେଇଛନ୍ତି। ତେବେ ଚାଇନା ସମ୍ପର୍କରେ ମୋଦି ରହିଛନ୍ତି ନା ରାହୁଲ ଗାନ୍ଧୀ ରହିଛନ୍ତି ଏହା ଜଣାପଡ଼ିଯାଉଛି। ଦେଶର ବିରୋଧି ଦଳର ନେତାଙ୍କ ପ୍ରତି ଏଭଳି ମନ୍ତବ୍ୟ ଜଣେ ସାଂସଦ ଦେବା ଗଣତନ୍ତ୍ର ପ୍ରତି ଶୁଭଙ୍କର ନୁହେଁ। ବିଜେପି କେନ୍ଦ୍ରରେ ସରକାରରେ ଅଛି। ତାଙ୍କ ପାଖରେ ସମସ୍ତ ବିଧି ବ୍ୟବସ୍ଥା ରହିଛି। ସମ୍ବିତ ପାତ୍ରଙ୍କ ଉପରେ ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ ଓ ପ୍ରତିରକ୍ଷା ମନ୍ତ୍ରୀ ରହିଛନ୍ତି। ଏ ଖବର ସମ୍ବିତ ପାତ୍ରଙ୍କୁ ଜଣାପଡ଼ିଲା କିନ୍ତୁ ସେମାନେ କେମିତି ଜାଣିପାରିଲେ ନାହିଁ ବୋଲି ସୟଦ ୟାସିର ନୱାଜ ପ୍ରଶ୍ନ କରିଛନ୍ତି। ଏଣୁ ଶୃଗାଳ କ'ଣ ନଖାଏ, ସମ୍ବିଦ କ'ଣ ନଖାଏ ବୋଲି ସେ କହିଛନ୍ତି। ସେ ପିମ୍ପୁଡ଼ି ଭଳି ମଣିଷ ଟିଏ, ରୁଖା ଉପରେ ଚଢ଼ିଯାଇଛନ୍ତି। ସମ୍ବିତ ପାତ୍ରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେଉ। ସେ ଲୋକ ସଭାର ବିରୋଧି ଦଳ ନେତାଙ୍କୁ ଅପମାନିତ କରିଛନ୍ତି।

ବିଜେପି ସରକାର ବିରୋଧି ଦଳର ଅଧିକାରକୁ ଛଡ଼ାଇ ଦେବାପାଇଁ ଅପଚେଷ୍ଟା କରୁଛନ୍ତି। ଗଣତାନ୍ତ୍ରିକ ରାଷ୍ଟ୍ରରେ ବିରୋଧି ଦଳର ଭୂମିକାକୁ ସଂପୂର୍ଣ୍ଣ ବନ୍ଦ କରିଦେବାକୁ ବିଜେପି ଚକ୍ରାନ୍ତ କରୁଛି। ଯୁବ କଂଗ୍ରେସ ଅଣ୍ଡା, ଟେକା, କାଦୁଅ କି କାଳି ଫିଙ୍ଗିନାହିଁ। କେବଳ କଳାପତାକା ଦେଖାଇ ଅସନ୍ତୋଷ ବ୍ୟକ୍ତ କରିଛି। ତୁରନ୍ତ ଯୁବ କଂଗ୍ରେସ କର୍ମୀଙ୍କ ନାମରେ ରୁଜୁ ହୋଇଥିବା ମିଥ୍ୟା ମକଦ୍ଦମାକୁ ଉଠାଇନେବାକୁ ଯୁବ କଂଗ୍ରେସ ଦାବି କରୁଛି। ପୋଲିସ ପ୍ରଶାସନ ନିରପେକ୍ଷ ରୁହନ୍ତୁ। କ୍ଷମତାଶୀନ ସରକାରର ଇଙ୍ଗିତରେ ବିରୋଧି ଦଳର କଣ୍ଠରୋଧ କରିବାପାଇଁ ଚେଷ୍ଟା ନକରନ୍ତୁ ବୋଲି ସୟଦ ୟାସିର ନୱାଜ କହିଛନ୍ତି। ଯଦି ନିର୍ଦ୍ଦୋଶ ଯୁବ କଂଗ୍ରେସ କର୍ମୀଙ୍କ ଉପରୁ ମିଥ୍ୟା ମକଦ୍ଦମା ଉଠାଇ ନନିଆଯାଏ ତେବେ ଯୁବ କଂଗ୍ରେସ ଆନ୍ଦୋଳନ କରିବ ବୋଲି କୁହାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ସୁଦିପ ସାମଲ, ଆଲୋକ ଦାସ, ମହମ୍ମଦ ପରଭେଜ ଉପସ୍ଥିତ ଥିଲେ।

### ବାଲୁଖଣ୍ଡ ଅଭୟାରଣ୍ୟ, ମଧୁର ଜଳ ଅଞ୍ଚଳରେ

# ପୁରୀ କୋର୍ଟ କମ୍ପ୍ଲେକ୍ସ ନିର୍ମାଣକୁ ଓକିଲ ସଂଘର ବିରୋଧ

ପୁରୀ(ସବ୍ୟୁ): ପୂରୀ କୋର୍ଟ ସ୍ଥାନାନ୍ତରକୁ ବିରୋଧ କରି ଓକିଲ ସଂଘ ପକ୍ଷରୁ ଦିଆଯାଇଥିବା ସତ୍ୟାଗ୍ରହ ଆନ୍ଦୋଳନ ଶୁକ୍ରବାର ଶହେ ଦିନରେ ପହଁଚିଛି । ସ୍ଥାନୀୟ ବାଲୁଖଣ୍ଡ ଅଭୟାରଣ୍ୟ ଓ ମଧୁର ଜଳ ଅଂଚଳରେ ନିର୍ମାଣଧୀନ ନୂତନ କୋର୍ଟ କମ୍ପ୍ଲେକ୍ସକୁ ପୁରୀ ଓକିଲ ସଂଘ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି । ପ୍ରତିବାଦ ସ୍ୱରୂପ ଓକିଲ ସଂଘ ନିକଟରୁ ଶତାଧିକ ଆଇନଜୀବୀ ଏକ ବିରାଟ ପଟୁଆରରେ ବାହାରି ସିଂହଦ୍ୱାର, ବଡଦାଣ୍ଡ , ମେଡିକାଲ ଛକ, ଶ୍ରୀକ୍ଷେତ୍ର କଲୋନୀ ଦେଇ ଆଇଟିଆଇ ନିକଟରେ ପହଞ୍ଚି ଥିଲେ । ସେଠାରେ ସଙ୍ଘ ପକ୍ଷରୁ ପ୍ରତିବାଦ ସଭା ଆୟୋଜନ ହୋଇଥିଲା । କୋର୍ଟ ସ୍ଥାନାନ୍ତରକୁ ବିରୋଧ କରି ଓକିଲ ମାନେ ନାରା ବାଜି ଦେଇ ଥିଲେ । ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି ଯେ ପୁରୀ ପୁରାତନ ଅଦାଲତ କୋଠା ୧୬୨ ବର୍ଷ ତଳର । ଏହା ଏକ ଐତିହାସିକ କୋଠା । ଏହି କୋର୍ଟ ପୁରୀ ସହରର ଐତିହ୍ୟ । ପୁରୀ କୋର୍ଟ ସହରର ଏକ ପ୍ରମୁଖ ସ୍ଥଳରେ ରହିଛି । ଗୋଟିଏ ସ୍ଥାନରେ କଚେରି ଓ ଅଦାଲର କାର୍ଯ୍ୟ ଯୋଗୁଁ ଲୋକେ ସହଜରେ ଆଇନଗତ ସୁବିଧା, ସେବା ପାଉଛନ୍ତି । କଲେକ୍ଟର ଅଫିସ ଠାରୁ ଅଦାଲତକୁ ବିଛିନ୍ନ କରିବା ଗ୍ରହଣ ଯୋଗ୍ୟ ନୁହେଁ । କୋର୍ଟକୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ପ୍ରସ୍ତାବକୁ ରାଜ୍ୟ ସରକାର ଆଇନ ବିଭାଗ ବାଲୁଖଣ୍ଡ ଅଭୟାରଣ୍ୟର ମଧୁର ଜଳ ଅଞ୍ଚଳ ଓ ସିଆରଜେଡ ଅଞ୍ଚଳରେ ଜମି ଦେଲେ କିପରି ଯାହା ଉପରେ ସମସ୍ତ କଟକଣା ରହିଛି । ମଧୁର ଜଳ ଅଞ୍ଚଳରେ ଥିବା ଜମି ଉପରେ ଗୃହ ନିର୍ମାଣ ପାଇଁ ସାଧାରଣ ଲୋକଙ୍କୁ ପିକେଡିଏ ପ୍ଲାନ୍ ଅନୁମୋଦନ ଦେଉ ନାହିଁ । ସେଥିପାଇଁ



ସୁପ୍ରିମକୋର୍ଟ, ଉଚ୍ଚ ନ୍ୟାୟାଳୟଙ୍କ ଭିନ୍ନ ଭିନ୍ନ ଆଦେଶର ନଜିର ରହିଛି । ସରକାର୍ କିଭଳି କୋର୍ଟ କମ୍ପ୍ଲେକ୍ସ ପାଇଁ ମଧୁର ଜଳ ଆଇନ ବିଭାଗକୁ ଦେଲେ । ନୂତନ କୋର୍ଟ କମ୍ପ୍ଲେକ୍ସ ନିମାଣକୁ ବିରୋଧ କରି ଓକିଲ ସଂଘ ଆଜକୁ ଶହେ ଦିନ ଧରି ସତ୍ୟାଗ୍ରହ ଜାରି ରଖିଛି । ଏହି କାର୍ଯ୍ୟକ୍ରମରେ ସଭାପତି ପ୍ରେମାନନ୍ଦ ମହାନ୍ତି, ସାଧାରଣ ସମ୍ପାଦକ ଶରତ କୁମାର ରାୟଗୁରୁ, ସାରଦା ପ୍ରସାଦ ସାମଲ, ବିଭୁଦତ୍ତ ପଟ୍ଟନାୟକ, ସମିର ଘୋଷ,କର୍ଣ୍ଣବୀର ମହାପାତ୍ର, ଅନିଲ ସାହୁ, ଭାଗବତ ପଟନାୟକ, ଜୟନ୍ତ ମହାପାତ୍ର, ତାପସ ବଳିୟାର ସିଂହ, ଜ୍ୟୋତି ପ୍ରକାଶ ପାଇକରାୟ , ଶୁଭେନ୍ଦୁ ଦାଶ, ବିମଳେନ୍ଦୁ ଦାସ, ବିଜୟ ମିଶ୍ର , ବିଶ୍ୱଜିତ୍ ପ୍ରଧାନ, ଜୟନ୍ତ ମହାପାତ୍ର, ବିଶ୍ କେଶନ୍ ହରିଚନ୍ଦନ ମହାପାତ୍ର, ଅଶୋକ କୁମାର ମଲ୍ଲିକ ଓ ଅଭିଜିତ ପଟ୍ଟନାୟକ ସମେତ ଅନେକ ଆଇନଜିବୀ ସାମିଲ ଥିଲେ ।

## ଆଡଭୋକେଟ କମିଟିର ମେଡିକାଲ୍ ପରିଦର୍ଶନ

କଟକ, (ସବ୍ୟୁ): ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସ୍ନାତକୋତ୍ତର ଶିଶୁ ଚିକିତ୍ସା ଅନୁଷ୍ଠାନ(ଶିଶୁଭବନ), ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସସିବି), ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନ ପରିଦର୍ଶନ କରି ଡ୍ରେନ ସଫେଇ କାର୍ଯ୍ୟର ସମୀକ୍ଷା କରିଛନ୍ତି ସିଏମସି କମିଶନର ଅନାମ ପାତ୍ର, ଆମିକସ କ୍ୟୁରୀ (କୋର୍ଟ ମିତ୍ର) ତଥା ଆଇନଜୀବୀ ବିଜୟ ଦାସ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ । ଶୁକ୍ରବାର ଏହି ଟିମ କଟକର ତିନୋଟି ମୁଖ୍ୟ ମେଡିକାଲରେ ପହଞ୍ଚି ସ୍ଥିତି ସମୀକ୍ଷା କରିଛି । ତିନୋଟି ମେଡିକାଲରେ ଡ୍ରେନେଜର ବହୁ ସମସ୍ୟା ଥିବା ଉକ୍ତ ଟିମ ପରିଖିଥିବାବେଳେ ବର୍ଷା ହେବା ମାତ୍ରେ ହିଁ ମେଡିକାଲ ପରିସରରେ ପାଣି ଜମୁଥିବା ସ୍ଥାନ ଗୁଡିକ ଯାଞ୍ଚ କରିଥିଲା । ମୁଖ୍ୟତଃ ଭାବେ ମେଡିକାଲ ମାନଙ୍କରେ ଏଭଳି ସ୍ଥିତି ଥିବାରୁ ଟିମ ଅସନ୍ତୋଷ ପ୍ରକାଶ କରିଥିଲା । ସମୀକ୍ଷା ପରେ ସମସ୍ତ ଡ୍ରେନ ଗୁଡ଼ିକୁ ତୁରନ୍ତ ସଫା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏନେଇ ସିଏମସି କମିଶନର ଅନାମ ପାତ୍ର କହିଛନ୍ତି ଯେ, ଶିଶୁଭବନ ପରିସରରେ ଥିବା ଡ୍ରେନକୁ ସଫା କରାଯିବ ସହ ଚାନ୍ଦିନୀଚୌକ ଅଞ୍ଚଳରେ ଜବରଦଖଲ ଉଚ୍ଛେଦ କରାଯିବ ଏବଂ ମୁଖ୍ୟ ଡ୍ରେନକୁ ସଫା କରାଯିବ । ସେହିପରି ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରର ସମସ୍ତ ସ୍ଥାନ ପରିଦର୍ଶନ କରିବା ସହ ଡ୍ରେନ ସଫେଇ କାର୍ଯ୍ୟର ତଦାରଖ କରାଯାଇଛି ।

### ହାଇୱା ଧକ୍କାରେ ଦୁଇ ପୁଲିସ୍ କର୍ମଚାରୀଙ୍କ ଜୀବନ ଯିବା ଘଟଣା

## ମାସେ ପରେ ମଧ ପୋଲିସ ଦାଖଲ କରିପାରୁନି ଆଇରାଡ

କଟକ, (ସବ୍ୟୁ): ଗତିରାଉତପାଟଣାରେ ହାଇୱା ଧକ୍କାରେ ଦୁଇଜଣ ପୁଲିସ୍ କର୍ମଚାରୀଙ୍କ ଜୀବନ ଚାଲିଗଲା । ଏହି ଘଟଣା ଘଟିବାକୁ ଇତିମଧ୍ୟରେ ଗୋଟେ ମାସ ପୂରିଗଲାଣି । କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି ମାସେ ବିତିଯାଇଥିଲେ ମଧ ପୁଲିସ୍ ଆଜି ପର୍ଯ୍ୟନ୍ତ ଏହାର ଏକ ପ୍ରାଥମିକ ରିପୋର୍ଟ ଆଇ-ରାଡ଼ ( ଇଣ୍ଟିଗ୍ରେଟେଡ୍ ରୋଡ୍ ଆକ୍ସିଡେଣ୍ଟ ଡାଟାବେସ୍)କୁ ପ୍ରଦାନ କରିପାରୁନାହିଁ । ଫଳରେ ଦୁର୍ଘଟଣାର କାରଣକୁ ନେଇ ତିନୋଟି ବିଭାଗ ସଡ଼କ କର୍ତ୍ତୃପକ୍ଷ( ରୋଡ୍ ଓନିଙ୍ଗ ଅଥରିଟି, ସଡ଼କ ସୁରକ୍ଷା କମିଟି ଏବଂ ସ୍ଥାନୀୟ ଥାନା ଅଧିକାରୀ)ଙ୍କ ପକ୍ଷରୁ ମିଳିତ ରିପୋର୍ଟ ପ୍ରସ୍ତୁତ କରାଯାଇ ପାରୁନାହିଁ । ପୁଲିସର ଅସମ୍ଭବ ନିରବତା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଖୋଦ୍ ନିଜ ବିଭାଗର ଦୁଇ ଅଧୁକାରୀଙ୍କୁ ପୁଲିସ୍ ନ୍ୟାୟ ଦେଇପାରୁ ନଥିଲାବେଳେ ସାଧାରଣ ଲୋକଙ୍କୁ ଏମାନେ କିପରି ନ୍ୟାୟ ଦେଉଥିବେ ତାହାକୁ ନେଇ ପ୍ରଶ୍ନ ଉଠିଛି । ପୁଲିସ୍ ବାଲି ମାଫିଆଙ୍କ ଚାପରେ ତଦନ୍ତରେ ଏଭଳି ଢ଼ିଲାପଣ ଦେଖାଉଛି ଅଭିଯୋଗ ହେଉଛି ।

## ପ୍ରଭୂଚରଣ ମହାନ୍ତିଙ୍କୁ ଚେଲିତୋଳ ଶିକ୍ଷାବିତ ସମ୍ମାନ



କଟକ,(ସବ୍ୟୁ): ଶିକ୍ଷା ଜଗତରେ ପରିବର୍ତ୍ତନ ଆଣିବା ସହ ରାଜ୍ୟରେ ମେଧାବୀ ତାଲିକା ବୃଦ୍ଧି ଦିଗରେ ବିଗତ ଦଶନ୍ଧି ଧରି କାର୍ଯ୍ୟ କରୁଥିବା ସେଣ୍ଟ ଜାଭିୟର୍ସ ଗ୍ରୁପ ଅଫ ସ୍କୁଲର ନିର୍ଦ୍ଦେଶକ ଡଃ ପ୍ରଭୂଚରଣ ମହାନ୍ତିଙ୍କୁ 'ଚେଲିତୋଳ ଶିକ୍ଷାବିତ ସମ୍ମାନ'ରେ ସମ୍ମାନିତ କରାଯାଇଛି । ସ୍ଥାନୀୟ ସାରଳା ଭବନରେ ଚେଲିତୋଳ ସାଂସ୍କୃତିକ ଏକାଡେମୀର ୩୪ତମ ବାର୍ଷିକ ଉତ୍ସବ ଆୟୋଜନ ହୋଇଥିଲା । ଏହି ଅବସରରେ ପଦ୍ମଶ୍ରୀ ବଳିଆ ବାବାଙ୍କ ଦ୍ୱାରା ଡଃ ମହାନ୍ତି ସମ୍ମାନିତ ହୋଇଥିଲେ । ଡଃ ମହାନ୍ତିଙ୍କ ଦୂରଦୃଷ୍ଟି ସମ୍ପନ୍ନ ପଦକ୍ଷେପ ରାଜ୍ୟରେ ଶିକ୍ଷାଦାନ ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ଆଣିଛି । ଶୈକ୍ଷିକ ଭିତ୍ତିଭୂମିର ବିକାଶ ସହ ଆନୁସଙ୍ଗିକ ପଦକ୍ଷେପ ଦ୍ୱାରା ସେ ରାଜ୍ୟରେ ମେଧାବୀ ହାର ବୃଦ୍ଧି କରିଛନ୍ତି ବୋଲି ଏହି ଅବସରରେ ଅତିଥିମାନେ ମତବ୍ୟକ୍ତ କରିଥିଲେ ।

### ପୁରୀ ପୋଲିସକୁ ବଡ ସଫଳତା

# ୬ ଅପରାଧୀ ଗିରଫ: ୬ ପିସ୍ତଲ , ଗୁଳି ଜବତ

ପୁରୀ,(ସବ୍ୟୁ): ବେଆଇନ ଅସ୍ତ୍ର ଶସ୍ତ୍ର ପିସ୍ତଲ ଚୋରା ଚାଲାଣ କାରବାର ଧର ପଗଡ ଅଭିଯାନରେ ପୁରୀ ପୋଲିସକୁ ଏକ ବଡ ସଫଳତା ମିଳିଛି । ପୋଲିସ ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର ଅପରାଧି ଧର ପଗଡ ଅଭିଯାନ ଓ ମାରଣାସ୍ତ୍ର ଚୋରା ଚାଲାଣ କାରବାର ଧରିବା କାର୍ଯ୍ୟ କ୍ରମରେ ଶୁକ୍ରବାର ପୋଲିସ ୬ ଜଣ ହାର୍ଡକୋର ଅପରାଧିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନଙ୍କ ଠାରୁ ପୋଲିସ ୬ ଗୋଟି ପିଷ୍ଟଲ୍, ୨୦ ରାଉଣ୍ଡ ଜୀବନ୍ତ ଗୁଳି ଓ ମୋବାଇଲ ଫୋନ ଜବତ କରିଛି । ଗିରଫ ହୋଇ ଥିବା ଅପରାଧୀଙ୍କ ମଧରେ ଥିବା ମୁନା ନାମରେ ସହରର ବିଭିନ୍ନ ଥାନାରେ ୨୩ ରୁ ଉର୍ଦ୍ଧ୍ୱ ଅପରାଧିକ ମାମଲା ରହିଛି ବୋଲି ଶୁକ୍ରବାର ପୂର୍ବାହ୍ନରେ ଟାଉନ ଥାନା ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ପୁରୀ ଜିଲ୍ଲା ଏସପି ବିନୀତ କୁମାର ଅଗ୍ରୱାଲ । ଗିରଫ ହୋଇ ଥିବା




ଅପରାଧୀଙ୍କ ପରିଚୟ ହେଲା ପୁରୀ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ଫ୍ରେଣ୍ଡସ କ୍ଲବ୍ ଲେନର୍ ଡେଙ୍ଗା ମୁନା ଓରଫ ରମେଶ ପରିଡ଼ା (୨୯), ପୂରୀ ସମୁଦ୍ର କୂଳ ଥାନା ଅଧୀନ ପେଣ୍ଠକଟା ବ୍ରହ୍ମପୋଖରିର ବାବୁ ଓରଫ ଭୋଇ(୨୧), କୁମ୍ଭାରପଡ଼ା ଥାନା ଜଗନ୍ନାଥ କଲୋନୀର ଗୁଡୁ ପଣ୍ଡା, ତାଳବଣିଆ ଥାନା ଅଧୀନ ସିଦ୍ଧ ମହାବୀରର କାଂହା ଓରଫ ହରିଚନ୍ଦନ(୨୦), ବସେଲୀ ସାହି ଥାନା ଅଧୀନ ଗୋଖା ସାହିର ପତିତ ବେହେରା(୨୫) ଓ ବାସେଲି ସାହି ଓଡ଼ିଆମଠ ଛକର ଚିତ୍ତରଞ୍ଜନ ପୁରୋହିତ(୩୦) । ଏସପି ଶ୍ରୀ ଅଗ୍ରୱାଲ ସୂଚନା ଦେଇ କହିଛନ୍ତି ଆଗକୁ ଆସୁଛି ମହାପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା । ରଥ ଯାତ୍ରା କୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଆଣ୍ଟିକ୍ରାଇମ୍ ଅଭିଯାନ ଆରମ୍ଭ ହୋଇଛି । ବିଶେଷ ସୂତ୍ରରୁ ପୋଲିସ ଖବର ପାଇ ଥିଲା ଡେଙ୍ଗା ମୁନା ଓ ତାର ଗ୍ୟାଙ୍ଗ ଜିଲ୍ଲାରେ ବେଆଇନ ଭାବେ ମାରଣାସ୍ତ୍ର ପିସ୍ତଲ ଓ ଗୁଳି ଚୋରା ଚାଲାଣ କାରବାର କରୁଛି । ତାକୁ ଧରିବା ପାଇଁ ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ ଗଠନ ହୋଇଥିଲା । ପୋଲିସ ଆଜି ହାର୍ଡ କୋର ଅପରାଧି ମୁନା ଓ ତାର ଏହି ବେଆଇନ ଅସ୍ତ୍ର ଶସ୍ତ୍ର କାରବାର ରେ ସଂଶ୍ଳିଷ୍ଟ ଥିବା ଗ୍ୟାଙ୍ଗ କୁ ଗିରଫ କରିଛି । ମୁନା କେଉଁ ଠାରୁ ଏବଂ କାହା ଠାରୁ ପିସ୍ତଲ ଆଣୁଛି । କେଉଁ ଉଦ୍ଦେଶ୍ୟରେ ତାହା ବ୍ୟବହାର କରା ଯାଇ ଥାଆନ୍ତା ପୋଲିସ ତାର ସଂପୂର୍ଣ୍ଣ ତଦନ୍ତ କରୁଛି ।




# ଟ୍ରକ୍ ସହ ବୁଲେଟ୍ ମୁହାଁମୁହିଁ ଧକ୍କା

## ମାମୁଁଙ୍କ ସହ ଦୁଇ ଭାଣିଜି ମୃତ, ଜଣେ ଗୁରୁତର



ବ୍ରହ୍ମପୁର, (ସବ୍ୟୁ): ଦିଗପହଣ୍ଡି ମୁଖ୍ୟ ରାସ୍ତାରେ ଶୁକ୍ରବାର ଅପରାହ୍ଣରେ ଏକ ମାଲ ବୋଝେଇ ଟ୍ରକ ସହ ବୁଲେଟ ଧକ୍କା ଫଳରେ ଦୁଇ ଜଣ ଝିଅଙ୍କ ସହିତ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମାମୁଁ ଓ ଦୁଇ ଭାଣିଜି ମୃତ୍ୟୁ ବରଣ କରିଥିବା ବେଳେ ଅନ୍ୟଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି । ମୃତ ମାମୁଁ ହେଲେ ଦିଗପହଣ୍ଡି ଥାନା ଗୋକର୍ଣ୍ଣପୁର ଗ୍ରାମ ପଂଚାୟତ ଅନ୍ତର୍ଗତ ଦକ୍ଷୀଣପୁର ଗ୍ରାମର ତ୍ରିନାଥ ରେଙ୍ଗୀ (୩୬) ଓ ଦୁଇ ଭାଣିଜି ହେଲେ ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ଗୌତମୀ ଗ୍ରାମର ବର୍ଷା ରେଙ୍ଗୀ (୧୯) ଓ ଆସିକା ଥାନା ଅନ୍ତର୍ଗତ ପଥରା ଗ୍ରାମର ରୁଦ୍ରୀକା ରେଙ୍ଗୀ (୫) । ଅନ୍ୟ ଜଣ ଗୁରୁତର ହେଲେ ମୋହନା ଥାନା ଅନ୍ତର୍ଗତ ଡେଙ୍ଗମା ଗ୍ରାମର ଭାସ୍କର ବିଷୋୟୀ(୫୨) ବୋଲି ଜଣାପଡିଛି। ଟ୍ରକ୍ ସହ ବୁଲେଟ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଏଭଳି ଦୁର୍ଘଟଣା ଘଟିଛି । ଘଟଣା ସ୍ଥଳରେ ମାମୁଁ ତ୍ରିନାଥ ମୃତ୍ୟୁ ବରଣ କରିଥିବା ବେଳେ ଗୁରୁତର ତିନି ଜଣଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଦୁଇ ଭାଣିଜି ବର୍ଷା ଓ ରୁଦ୍ରୀକାଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ଗୁରୁତର ଭାସ୍କରଙ୍କୁ ପ୍ରାଥମିକ ଚିକିତ୍ସା କରିବା ପରେ ବ୍ରହ୍ମପୁର ବଡ ମେଡିକାଲ୍ ସ୍ଥାନାନ୍ତର କରିଥିବା ଜଣାପଡିଛି । ଖବର ପାଇ ଦିଗପହଣ୍ଡି ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଂଚି ତିନିଗୋଟି ମୃତ ଶରୀରକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ ମେଡିକାଲ୍ ପଠେଇଥିବା ବେଳେ ଘଟଣା ସ୍ଥଳରେ ପହଂଚି ଦୁର୍ଘଟଣା ଘଟେଇଥିବା ତିନୋଟିକୁ ଗାଡିକୁ ଜବତ କରି ଘଟଣାର ଅନୁସନ୍ଧାନ ଚଳେଇଥିବା ଥାନା ଭାରପ୍ରାପ୍ତ ଅଧିକାରୀ ତଥା ଡିଏସପି ପ୍ରଶାନ୍ତ କୁମାର ପାତ୍ର କହିଛନ୍ତି । ସୂଚନା ଅନୁସାରେ ମାମୁଁ ତ୍ରିନାଥ ରେଙ୍ଗୀ ଓ ଦୁଇ ଭାଣିଜି ମିଶି ବୁଲେଟ୍ ( ଓଡି-୦୭ଏଜେଡ-୫୭୦୯) ଯୋଗେ ଗୋକର୍ଣ୍ଣପୁର ଗ୍ରାମରୁ ଦିଗପହଣ୍ଡି ଅଭିମୁଖେ ଆସୁଥିଲେ। ଏହି ସମୟରେ ବିପରିତ ଦିଗରୁ ଏକ ତେଲ ବୋଝେଇ ଟ୍ରକ୍ (ଓଆର-୦୫ ଏଟି-୫୭୪୫) ବ୍ରହ୍ମପୁର-ଦିଗପହଣ୍ଡି ରାସ୍ତାର ଥାନା ନିକଟରେ ବୁଲେଟ୍ ସହ ଟ୍ରକ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଘଟଣା ସ୍ଥଳରେ ମାମୁଁ ତ୍ରିନାଥ ରେଙ୍ଗୀଙ୍କ ମୃତ୍ୟୁ ହୋଇଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୁଇ ଭାଣିଜି ମୃତ୍ୟୁ ବରଣ କରିଥିବା ଜଣାପଡିଛି । ଏହି ସମୟରେ ବୁଲେଟ୍ ପଛେ ପଛେ ସ୍ପ୍ଲେଣ୍ଡର ପ୍ଲସ୍( ଓଡି୦୭ଜାଡ୍-୮୧୫୬) ବାଇକ୍ ଯୋଗେ ଆସୁଥିବା ଭାସ୍କର ବିଷୋୟୀ ଭାରସାମ୍ୟ ହରାଇ ବୁଲେଟ୍ ସହ ଧକ୍କା ହେବା ଫଳରେ ଘଟଣା ସ୍ଥଳରେ ଗୁରୁତର ହୋଇଥିବା ଜଣାପଡିଛି ।

# ହିଞ୍ଜିଳିରେ କଂଗ୍ରେସର ସମ୍ବିଧାନ ବଞ୍ଚାଅ ସମାବେଶ



ହିଞ୍ଜିଳିକାଟୁ, (ସବ୍ୟୁ): ହିଞ୍ଜିଳିକାଟୁ ମିନି ଷ୍ଟାଡିୟମ ପରିସରରେ ଶୁକ୍ରବାର ଭାରତୀୟ ଜାତୀୟ କଂଗ୍ରେସ ଦଳ ପକ୍ଷରୁ ସମ୍ବିଧାନ ବଞ୍ଚାଅ ସମାବେଶ ଅନୁଷ୍ଠିତ ହୋଇଛି। ହିଞ୍ଜିଳି ଯୁବ କଂଗ୍ରେସ ପୂର୍ବତନ ବ୍ଲକ ସଭାପତି ଶିବରାମ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସାନଖେମୁଣ୍ଡି ବିଧାୟକ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଉପ ସଭାପତି ରମେଶ ଚନ୍ଦ୍ର ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଓ ସମ୍ମାନିତ ଅତିଥି ଭାବେ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲୁଲୁ, ବିଧାୟକ ତାରା ପ୍ରସାଦ ବାହିନୀପତି, ବିଧାୟକ ଦାଶରଥି ଗମାଙ୍ଗ, ବିଧାୟକ ନୀଳ ମାଧବ ହିକ୍କା, ଲଲାଟେନ୍ଦୁ ମହାପାତ୍ର, ସାଧାରଣ ସମ୍ପାଦକ ସୁବର୍ଣ୍ଣ ନାୟକ, ସମ୍ପାଦକ ସାକା ସୁଜିତ୍ ଜିଲ୍ଲା କଂଗ୍ରେସ କମିଟି (ପଶ୍ଚିମ)ସଭାପତି ରବିନ୍ଦ୍ର ନାଥ ଶର୍ମା, ଜିଲ୍ଲା କଂଗ୍ରେସ କମିଟି (ପୂର୍ବ)ସଭାପତି ଦୀପକ ପଟ୍ଟନାୟକ, ପର୍ଯ୍ୟବେକ୍ଷକ ବିଜୟ କୁମାର ପ୍ରଧାନ, କନ୍ଧମାଳ ଜିଲ୍ଲା ସାଂସଦ ପ୍ରାର୍ଥୀ ଅମିର ଚାନ୍ଦ, ଆସିକା ସାଂସଦ ପ୍ରାର୍ଥୀ ଦେବକାନ୍ତ ଶର୍ମ୍ମା ଓ ଗଞ୍ଜାମ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ବିକାଶ ନାୟକ, ବିଦ୍ୟାଧର ପ୍ରଧାନ, ଶମ୍ଭୁ ପାଣିଗ୍ରାହୀ, ରଜନୀ କାନ୍ତ ପାଢ଼ୀ ପ୍ରମୁଖଙ୍କ ସମେତ ଅନ୍ୟାନ୍ୟ କଂଗ୍ରେସ ବିଧାୟକ ପ୍ରାର୍ଥୀ ମଞ୍ଚାସିନ ଥିଲେ। ବଇଁଚ ବଣିଆ ଛକ ଡାକ ବଙ୍ଗଳା ଠାରେ ରାଜ୍ୟ କଂଗ୍ରେସ ନେତୃମଣ୍ଡଳୀଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିବା ପରେ ବାଇକ୍ ରାଲି ବାହାରି ବିଜୁ ପଟ୍ଟନାୟକ ଛକ ସ୍ଥିତ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କେନ୍ଦ୍ରରେ ବିଜେପି ନେତୃତ୍ୱାଧୀନ ସରକାର ଓ ରାଜ୍ୟର ବିଜେପି ସରକାରର ଜନମାରଣ ନୀତିକୁ ତୀବ୍ର ସମାଲୋଚନା କରି ବର୍ଷିବା ସହ ମୋଦୀ ସରକାରଙ୍କ ବିଭିନ୍ନ ପଦକ୍ଷେପ ସମ୍ବିଧାନର ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଣୁ କଂଗ୍ରେସ ଦଳର ଶୀର୍ଷ ନେତା ରାହୁଲ ଗାନ୍ଧୀଙ୍କ ସମ୍ବିଧାନ ବଞ୍ଚାଅ ଆହ୍ୱାନକୁ ତୃଣମୂଳ ସ୍ତରରେ ସଂଗଠିତ ହୋଇ ତୀବ୍ର କରିବା ସହ ଦଳକୁ ଅଧିକ ଶକ୍ତିଶାଳୀ କରିବାକୁ ନେତୃମଣ୍ଡଳୀ ମହା ସମାବେଶରେ ଯୁବ କଂଗ୍ରେସ କର୍ମୀ ମାନଙ୍କୁ ଉଦବୋଧନ ଦେଇଥିଲେ। କଂଗ୍ରେସର ମିଶ୍ରଣ ପର୍ବରେ ଭଞ୍ଜନଗର ନିର୍ବାଚନ ମଣ୍ଡଳୀର ବହୁ ବିଜେଡ଼ି ନେତା ଓ କର୍ମୀ ବିଜେଡ଼ି ଛାଡ଼ି କଂଗ୍ରେସ ଦଳରେ ଯୋଗ ଦେଇଥିଲେ। ଦଳ ପକ୍ଷରୁ ପିସିସି ସଭାପତି ଶ୍ରୀ ଦାସ ଓ ଉପ ସଭାପତି ତଥା ବିଧାୟକ ଶ୍ରୀ ଜେନା ସେମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ପାଛୋଟି ନେଇଥିଲେ। ସମାବେଶରେ ଜିଲ୍ଲାର କୋଣ ଅନୁକୋଣରୁ ହଜାର ହଜାର ସଂଖ୍ୟାରେ ଯୁବ, ଛାତ୍ର, ମହିଳା କର୍ମୀଙ୍କ ସମେତ ଓ ଗଜପତି ଜିଲ୍ଲାର କର୍ମୀ ଓ ସମର୍ଥକ ଯୋଗ ଦେଇଥିଲେ ।

## ବିଷ ପିଇ ମହିଳାଙ୍କ ଆତ୍ମହତ୍ୟା

ଭଞ୍ଜନଗର, (ସବ୍ୟୁ): ବିଷ ପିଇ ବିବାହିତ ମହିଳାଙ୍କ ଆତ୍ମହତ୍ୟା ଅଭିଯୋଗ ହୋଇଛି । ଭଞ୍ଜନଗର ଥାନା ଅନ୍ତର୍ଗତ ବାଲୁଡା ନିକଟସ୍ଥ ସାନକୁସାପଲ୍ଲୀ ଗାଁରେ ଘଟିଛି ଏଭଳି ଘଟଣା । ମୃତ ମହିଳା ଜଣକ ସଂଗୀତା ନାୟକ (୩୫) । ତେବେ ଆତ୍ମହତ୍ୟାର ପ୍ରକୃତ କାରଣ ଅସ୍ପଷ୍ଟ ରହିଥିବାବେଳେ, ପାରିବାରିକ ଅସନ୍ତୋଷ ଯୋଗୁଁ ମହିଳା ଜଣକ ଏଭଳି ନିଷ୍ପତ୍ତି ନେଇଥିବା ସନ୍ଦେହ କରାଯାଉଛି । ଏନେଇ ପରିବାର ପକ୍ଷରୁ ଭଞ୍ଜନଗର ଥାନାରେ ଅଭିଯୋଗ ପରେ, ଥାନା କେଶ୍ ନମ୍ବର ୧୮/୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତ ଦେହକୁ ଜବତ କରିଥିଲା ପୋଲିସ । ଭଞ୍ଜନଗର ମେଡିକାଲରେ ଶବ ବ୍ୟବଚ୍ଛେଦ ପରେ, ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

# ଘରୁ ଡ଼ାକି ନେଇ ୨ ନାବାଳିକାଙ୍କୁ ଗଣଦୁଷ୍କର୍ମ

ଗୋଳନ୍ଥରା, (ସବ୍ୟୁ): ଏହି ଥାନା ଅଞ୍ଚଳର ଏକ ଗ୍ରାମର ଦୁଇ ସମ୍ପର୍କୀୟ ନାବାଳିକା ଭଉଣୀଙ୍କୁ ଉଠାଇ ନେଇ ଦୁଇ ଦିନ ଧରି ବିଭିନ୍ନ ସ୍ଥାନରେ ରଖି ବାରମ୍ବାର ଗଣବଳାତ୍କାର କରିଥିବା ନେଇ ଗତ ବିଳମ୍ବିତ ରାତିରେ ଗୋଳନ୍ଥରା ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନାନୁଯାୟୀ ୪ ଜଣ ଯୁବକ ଉକ୍ତ ନାବାଳିକାଙ୍କୁ ଘରେ କେହି ନଥିବା ସୁଯୋଗରେ ପ୍ରଲୋଭନ ଦେଖାଇ ୨ ତାରିଖ ଦିନ ଆର୍ଜିପଲ୍ଲୀ ଇତ୍ୟାଦି ଅଞ୍ଚଳ ବୁଲାଇ ନେଇ ୨ଦିନ ସେମାନଙ୍କୁ ଗଣଦୁଷ୍କର୍ମ କରିଥିଲେ। ଯୁବକ ମାନେ ଘଟଣା ସମ୍ପର୍କରେ କାହାକୁ ନକହିବା ପାଇଁ ଦୁଇ ନାବାଳିକାଙ୍କୁ ଧମକ ଚମକ ଦେଇ ଗ୍ରାମରେ ଛାଡ଼ିଥିଲେ। ଗଣଦୁଷ୍କର୍ମ ପରେ ଉଭୟ ନାବାଳିକା ଅସୁସ୍ଥ ଅନୁଭବ କରି ଘରେ ପହଞ୍ଚି ଥିଲେ। ଅସୁସ୍ଥ ଅନୁଭବ କରି ଦୁଇ ନାବାଳିକା ଚାଲି ପାରି ନଥିଲେ। ପରିବାର ଲୋକେ ପଚାରିବାରୁ ଘଟଣା ସମ୍ପର୍କରେ ବଖାଣିଥିଲେ । ନାବାଳିକା ଦ୍ୱୟଙ୍କ ବୟସ୧୨, ଆଉ ୯ ବର୍ଷ ବୋଲି ଜଣାପଡ଼ିଛି। ଏ ନେଇ ପୀଡ଼ିତାଙ୍କ ପରିବାର ଲୋକ ଓ ଗ୍ରାମବାସୀ ଗୁରୁବାର ରାତିରେ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ଥାନା କେସ୍ ନଂ ୨୪୦/୨୫ ପ୍ରକାରେ ପୁଲିସ ବଳାତ୍କାର ମାମଲା ରୁଜୁ କରିଛି। ଗତ ରାତିରେ ପିଲାମାନଙ୍କ ପରିବାର ଲୋକଙ୍କୁ ଥାନାରେ ଅଟକ ରଖି ପିଲାମାନଙ୍କ ଠିକ ଠିକଣା ସମ୍ପର୍କରେ ପଚରାଉଚରା କରୁଛି ପୁଲିସ୍। ଅଭିଯୁକ୍ତ ଧରିବା ପାଇ ବ୍ରହ୍ମପୁର ଏସ୍ପି ଡା. ସର୍ବଣା ବିବେକ ଏମ୍ ନିର୍ଦ୍ଦେଶ କ୍ରମେ ଗୋଳନ୍ଥରା ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ନେତୃତ୍ୱରେ ଦୁଇଟି ଟିମ୍ ଗଠନ କରି ବିଭିନ୍ନ ସ୍ଥାନ ଚଢ଼ାଉ ଜାରି ରଖିଛି। ତାହା ସହିତ ପିଲାମାନଙ୍କ କଲ୍ ରେକର୍ଡ଼ ଯାଞ୍ଚ୍ କରାଯାଉଛି । ପୁଲିସ ନାବାଳିକା ଦ୍ୱୟଙ୍କୁ ଡ଼ାକ୍ତରୀ ମାଇନା ପାଇଁ ବ୍ରହ୍ମପୁର ଏମକେସିଜି ପଠାଇଛି ।

# ବନ୍ଧୁକ ଭୟ ଦେଖାଇ ମହିଳାଙ୍କ ଠାରୁ ଗହଣା ଲୁଟ୍

ବ୍ରହ୍ମପୁର, (ସବ୍ୟୁ): ବନ୍ଧୁକ ମୁନରେ ଜଣେ ମହିଳାଙ୍କ ଠାରୁ ସୁନା ଚେନ ଓ ସୁନା ମଙ୍ଗଳସୂତ୍ର ଲୁଟ ହୋଇଛି । ଖୋଡାସିଂ ନିକଟ ଭରତ ବିହାର ଅଞ୍ଚଳରେ ଶୁକ୍ରବାର ସକାଳୁ ଏହି ଘଟଣା ଘଟିଛି । ୨ ଜଣ ମହିଳା ମନ୍ଦିରକୁ ଠାକୁର ଦର୍ଶନ ପାଇଁ ଯାଉଥିବା ଏକ ବାଇକରେ ଆସିଥିବା ୨ ଜଣ ଦୁର୍ବୃତ୍ତ ସୁନା ଅଳଙ୍କାର ଲୁଟ କରି ଘଟଣାସ୍ଥଳରୁ ଚମ୍ପଟ ମାରିଛନ୍ତି । ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଖୋଡାସିଂ ନିକଟ ଶିବାପଦ୍ମା ଡୁପ୍ଲେକ୍ସରେ ରହୁଥିବା ମହିଳା ଅମୂଲ୍ୟ ସାହୁ (୬୨) ଆଜି ସକାଳ ୬ଟା ବେଳେ ନିଜ ଭଉଣୀ ସହ ନିକଟରେ ଥିବା ଶିବ ମନ୍ଦିରକୁ ଦର୍ଶନ କରିବାକୁ ଯାଉଥିଲେ । ସେମାନେ ଭରତବିହାର ନିକଟରେ ହୋଇଥିବା ବେଳେ ୨ ଜଣ ଦୁର୍ବୃତ୍ତ ଏକ ବାଇକରେ ହଠାତ ତାଙ୍କ ନିକଟରେ ପହଞ୍ଚିଥିଲେ । ଦୁର୍ବୃତ୍ତମାନେ ନିଜ ସହ ଆଣିଥିବା ବନ୍ଧୁକ ଦେଖାଇବା ସହ ପାଖରେ ଥିବା ସୁନା ଅଳଙ୍କାର ଖୋଲି ଦେବାକୁ ଅମୂଲ୍ୟଙ୍କୁ କହିଥିଲେ । ଅମୂଲ୍ୟ ବନ୍ଧୁକ ଦେଖି ଭୟଭୀତ ହୋଇ ପଡିଥିଲେ । ନିଜ ବେକରେ ପିନ୍ଧିଥିବା ସୁନା ମଙ୍ଗଳସୂତ୍ର ଓ ଏକ ଚେନ ଖୋଲି ଦୁର୍ବୃତ୍ତଙ୍କୁ ଦେଇଥିଲେ । ପରେ ଦୁର୍ବୃତ୍ତମାନେ ସେହି ସୁନା ଅଳଙ୍କାରଗୁଡ଼ିକୁ ଧରି ବାଇକରେ ଖୋଡାସିଂ ଆଡେ ଫେରାର ହୋଇ ଯାଇଥିଲେ। ବୈଦ୍ୟନାଥପୁର ଥାନାକୁ ଯାଇ ଅଭିଯୋଗ କରିଥିଲେ । ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା । ସେହି ଅଞ୍ଚଳର ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜକୁ ପୁଲିସ ଯାଞ୍ଚ କରୁଥିବା ଜଣାପଡିଛି ।

## ପୋଖରୀରୁ ମୃତଦେହ ଜବତ

ବ୍ରହ୍ମପୁର, (ସବ୍ୟୁ): ବଡବଜାର ଥାନା ପୋଲିସ ଶୁକ୍ରବାର ସକାଳେ ଏକ ପୋଖରୀରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି । ମୃତକ ଜଣଙ୍କ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଗେଟ ବଜାର ନିକଟ ଗୋଲାପଲ୍ଲୀ ସାହିର ଦୀନବନ୍ଧୁ ପ୍ରଧାନ(୫୩)। ପୋଲିସ୍ ଏସଂକ୍ରାନ୍ତରେ ୨୩/୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତକଙ୍କ ଘର ଗୋଲାପଲ୍ଲୀ ସାହି ହୋଇଥିବା ବେଳେ ସେ ଉକ୍ତ ପୋଖରୀରେ ବୁଡି କିପରି ମଲେ ସେନେଇ ପୋଲିସ ତଦନ୍ତ କରୁଛି। ସହରର ବିଭିନ୍ନ ଛକରେ ଲାଗିଥିବା ସିସିଟିଭି ଫୁଟେଜ ସଂଗ୍ରହ କରି ତଦନ୍ତ କରାଯିବ ବୋଲି ଜଣାପଡିଛି। ସୂଚନା ଅନୁଯାଇ, ଦୀନବନ୍ଧୁ ପ୍ରଧାନ ଘରୁ ଦୁଇଦିନ ପୂର୍ବେ କେହୁଁଆଡେ ଚାଲିଯାଇଥିଲେ। ରାତତରେ ବାପା ଘରକୁ ନଫେରିବାରୁ ସମସ୍ତଙ୍କ ଚିନ୍ତା ବଢିଥିଲା। ବାପା ନିଖୋଜ ଥିବା ନେଇ ତାଙ୍କ ପୁଅ ଆଲୋକ ପ୍ରଧାନ ଗୁରୁବାର ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏସଂକ୍ରାନ୍ତରେ ଏମଏମଆର କରିଥିଲା। ଶୁକ୍ରବାର ସକାଳେ ଜଣେ ବ୍ୟକ୍ତିଙ୍କ ମୃତଦେହ ଉକ୍ତ ପୋଖରୀରେ ଭାସୁଥିବା ଦେଖିବାକୁ ମିଳିଥିଲା। ଖବର ପାଇ ପୋଲିସ ଓ ଅଗ୍ନିଶମ କର୍ମଚାରୀ ସେଠାରେ ପହଞ୍ଚିଥିଲେ। ପୋଖରୀ ଭିତରୁ ଅଗ୍ନିଶମ କର୍ମଚାରୀ ମାନେ ମୃତଦେହ ବାହାର କରି ପୋଲିସକୁ ଜିମା ଦେଇଥିଲେ। ବାପା ନିଖୋଜ ଥିବାବେଳେ ଏକ ପୋଖରୀରୁ ମୃତଦେହ ମିଳିଥିବା ଖବରପାଇ ଆଲୋକ ପ୍ରଧାନ ମଧ ସେଠାରେ ପହଞ୍ଚି ପୋଲିସ ଉପସ୍ଥିତିରେ ବାପାଙ୍କ ମୃତଦେହ ଚିହ୍ନଟ କରିଥିଲେ।

# ମାଗୁଣୀ ଚରଣ ସାହୁଙ୍କ ପରଲୋକ



କଟକ, (ସ୍ୱପ୍ର) : ଓଡିଶା ଷ୍ଟେଟ୍ ଫାଇନାନ୍ସିଆଲ କର୍ପୋରେସନ (ଓଏସଏଫସି)ର ପୂର୍ବତନ କର୍ମଚାରୀ ମାଗୁଣୀ ଚରଣ ସାହୁଙ୍କ ବୁଧବାର ବିଳମ୍ବିତ ରାତ୍ରୀରେ ବ୍ରେନ୍ ଷ୍ଟୋକରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା । ତାଙ୍କ ଶେଷ ସମୟରେ ପତ୍ନୀ ପ୍ରମିଳା ସାହୁ, ତିନି ପୁଅ ପ୍ରଦୀପ, ଦିଲ୍ଲୀପ, ଦୀପକ ଓ ତିନି ବୋହୂ ନାତି,ନାତୁଣୀମାନେ ଉପସ୍ଥିତ ଥିଲେ । ଏହି ଖବର ପ୍ରଘଟ ହେବା ପରେ ୩୯ନଂ ୱାର୍ଡ ଜୁନୁସପାଟଣା ସ୍ଥିତ ତାଙ୍କ ବାସଭବନରେ ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ, କର୍ପୋରେଟର ବଟକୃଷ୍ଣ ସାହୁ, ତାପସ ମହାନ୍ତି, ରାଜେନ୍ଦ୍ର ରଣାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ପହଁଞ୍ଚି ତାଙ୍କ ମରଶରୀରରେ ପୁଷ୍ପଗୁଚ୍ଛ ଅର୍ପଣ କରିବା ସହିତ ଶୋକ ସନ୍ତପ୍ତ ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ। ତାଙ୍କ ମରଶରୀରକୁ ଏକ ପଟୁଆରରେ ନିଆଯାଇ ଶିଖରପୁର ସ୍ଥିତ କାଳିଆବୋଦା ଶ୍ମସାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ବଡପୁଅ ପ୍ରଦୀପ ସାହୁ ମୁଖାଗ୍ନୀ ଦେଇଥିଲେ । ସୂଚନାଯୋଗ୍ୟଯେ, ସ୍ୱର୍ଗତଃ ମାଗୁଣୀ ଚରଣ ସାହୁ ହେଉଛନ୍ତି ଏସ୍‌ସିବି ମେଡିକାଲର ପୂର୍ବତନ ପରାମର୍ଶଦାତା ଦିଲ୍ଲୀପ କୁମାର ସାହୁଙ୍କ ପିତା ।

# ଡ୍ରିମ୍ସରେ ନୂତନ କୃଷି ସ୍ନାତକ ପାଠ୍ୟକ୍ରମ ଖୋଲିଲା

କଟକ, (ସ୍ୱପ୍ର) : ଚଳିତ ଶିକ୍ଷାବର୍ଷରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ଅଧିନରେ ଥିବା ସ୍କୁଲ ଅଫ ଏଗ୍ରିକଲ୍ଚରରେ ନୂତନ କୃଷି ସ୍ନାତକ ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ରାଜ୍ୟ ସରକାର ସ୍ୱୀକୃତି ପ୍ରଦାନ କରିଛନ୍ତି । ଟାଙ୍ଗୀ-ଚୌଦ୍ୱାର ବ୍ଲକର ଗ୍ରାମାଞ୍ଚଳ ପରିବେଶରେ ଅବସ୍ଥିତି ଯୋଗୁ ଏହି କୃଷି ଭିତ୍ତିକ ପାଠ୍ୟକ୍ରମର ପ୍ରତ୍ୟକ୍ଷ ଜ୍ଞାନ ଆହରଣ ସହିତ ଶିକ୍ଷାର ଗୁଣାତ୍ମକମାନ ବୃଦ୍ଧି ହୋଇପାଇବ ଏବଂ ଗ୍ରାମାଞ୍ଚଳର ମେଧାବୀ ଛାତ୍ରଛାତ୍ରୀ କୃଷି ଭିତ୍ତିକ ଉଚ୍ଚ ଶିକ୍ଷା ଓ ଡିଗ୍ରୀ ହାସଲ କରିବାର ସୁଯୋଗ ପାଇପାରିପାରିବେ । ଏହା ଦ୍ୱାରା କୃଷି ଗବେଷଣା କ୍ଷେତ୍ରରେ ମଧ ନୂତନ ସମ୍ଭାବନା ସୃଷ୍ଟିହେବ । ଭାରତୀୟ କୃଷି ଗବେଷଣା ପରିଷଦ (ଆଇସିଏଆର୍) ଦ୍ୱାରା ଅନୁମୋଦିତ ପାଠ୍ୟକ୍ରମ ଆଧାରରେ ଏଠାକାର ଶିକ୍ଷାଦାନ ବ୍ୟବସ୍ଥା ଛାତ୍ରଛାତ୍ରୀଙ୍କ ପାଇଁ ଆତ୍ମନିର୍ଭରଶୀଳ ହେବା ସହିତ ସରକାରୀ ଓ ବେସରକାରୀ ଉଦ୍ୟାଗରେ ନିଯୁକ୍ତିର ସୁଯୋଗ ରହିଛି । ଏଥି ସହିତ ଏଅଞ୍ଚଳର କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ବିକାଶ ଘଟିବା ସଙ୍ଗେସଙ୍ଗେ କୃଷକମାନଙ୍କର ଆୟ ବୃଦ୍ଧିରେ ମଧ ସହାୟକ ହେବ । ଏହି ନୂତନ ପାଠ୍ୟକ୍ରମ ଖୋଲିବାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, କୃଷି ବିଭାଗର ଶାସନସଚିବଙ୍କ ସମେତ ବିଭାଗୀୟ ପଦାଧିକାରୀଙ୍କର ସମୟୋଚିତ ପୂର୍ଣ୍ଣ ସଦିଚ୍ଛା ନିମନ୍ତେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ସମସ୍ତଙ୍କୁ କୃତଜ୍ଞତା ଜଣାଇବା ସହିତ ଆଗାମୀ ଦିନରେ ଏହି ଶିକ୍ଷାନୁଷ୍ଠାନ କୃଷି ଓ ବୈଷୟିକ ଶିକ୍ଷା କ୍ଷେତ୍ରରେ ରାଜ୍ୟର ଗୌରବ ବୃଦ୍ଧି କରିବ ବୋଲି ଆଶା ବ୍ୟକ୍ତ କରିଛନ୍ତି।

## ଆରପଟା ପଞ୍ଚାୟତରେ ବ୍ୟାପିଛି ଜଣ୍ଡିସ୍

## ୧୫ରୁ ଅଧିକ ଆକ୍ରାନ୍ତ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ଗୋପବନ୍ଧୁନଗର ବ୍ଲକ ଆରପଟା ପଞ୍ଚାୟତ ପରିଛିପୁର ଆଦିବାସୀ ସାହିରେ ବ୍ୟାପିଛି ଜଣ୍ଡିସ। ଯାହାକୁ ନେଇ ଭୟଭୀତ ଅବସ୍ଥାରେ ଗ୍ରାମବାସୀ । ୧୫ ରୁ ଅଧିକ ଗ୍ରାମବାସୀ ଏବେ ଜଣ୍ଡିସରେ ଆକ୍ରାନ୍ତ। ସୂଚନାଯୋଗ୍ୟ ଯେ, ଗ୍ରାମରେ ପାନୀୟ ଜଳର ସେପରି ସୁବିଧା ନଥିବାବେଳେ, ଗ୍ରାମର ଏକ କୂଅ ଉପରେ ସମସ୍ତେ ନିର୍ଭର କରନ୍ତି। ଦୁଇତିନି ଦିନ ପୂର୍ବରୁ ଗ୍ରାମର ଅନେକଙ୍କୁ ଜ୍ୱର ହେବା ସହିତ ଶରୀର ଅସୁସ୍ଥ ହୋଇଥିଲା। ତେବେ ଜ୍ୱର ଛାଡୁ ନଥିବାବେଳେ, ଆଖି ହଳଦିଆ ଦେଖା ଯିବାରୁ ରକ୍ତ ନମୁନା ପରୀକ୍ଷା କରିଥିଲେ ଗ୍ରାମବାସୀ। ଯେଉଁଥିରୁ ଗ୍ରାମର ୧୫ରୁ ଅଧିକ ଜଣ୍ଡିସରେ ଆକ୍ରାନ୍ତ ହୋଇଥିବା ଜଣାଯାଇଛି । ଖବରପାଇ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଅଧିକାରୀ ଗ୍ରାମରେ ପହଞ୍ଚି ପାଣିର ନମୁନା ପରୀକ୍ଷା ପାଇଁ ନେଇଥିବା ବେଳେ, ରିପୋର୍ଟ ଆସିବା ପରେ ଜଣ୍ଡିସର ପ୍ରକୃତ କାରଣ ଜଣାପଡିବ ବୋଲି କହିଛନ୍ତି ଅଧିକାରୀ। ଗ୍ରାମର ବୃଦ୍ଧ, ବୃଦ୍ଧା, ଯୁବକ ଏପରିକି ଛୋଟ ପିଲା ମଧ ଆକ୍ରାନ୍ତ ହୋଇଛନ୍ତି । ସେପଟେ ଆକ୍ରାନ୍ତଙ୍କ ବ୍ୟତୀତ ଅନ୍ୟମାନଙ୍କ ରକ୍ତ ନମୁନା ମେଡିକାଲ ଟିମ ସଂଗ୍ରହ କରିଛି, ଯାହାକି ଆକ୍ରାନ୍ତଙ୍କ ସଂଖ୍ୟା ଆହୁରି ବଢିବାର ସମ୍ଭାବନା ରହିଥିବା କୁହାଯାଇଛି।

# ଗଞ୍ଜେଇ ଚୋରା ଚାଲାଣ ବେଳେ ୩ ଗିରଫ



ଧରାକୋଟ, (ସବ୍ୟୁ): ଦକ୍ଷିଣାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ ପକ୍ଷରୁ ଚୋରା ଗଂଜେଇ ଚାଲାଣ ବେଳେ ତିନି ଜଣଙ୍କୁ ଗିରଫ କରାଯିବା ସହ ସେମାନଙ୍କ ନିକଟରୁ ୯୧ କେଜି ଗଂଜେଇ ଜବତ ହୋଇଥିବା ଅବକାରୀ ଅଧିକାରୀଙ୍କ ଠାରୁ ସୂଚନା ମିଳିଛି । ଶୁକ୍ରବାର ସକାଳ ସମୟରେ ବିଶେଷ ସୂତ୍ରରୁ ଖବର ପାଇଁ ଆସିକା-ଢଉଗାଁ ଛକ ରାସ୍ତାରୁ ଏକ ପାସେଞ୍ଜର ଅଟୋ ଓଡି-୦୭ ଏ ଆର ୯୪୨୫ ନମ୍ବର ଗାଡ଼ିରେ କନ୍ଧମାଳ ଜିଲ୍ଲାର ସୀମନ ବାଡ଼ି ଅଂଚଳରୁ ଆସିକା ଭଞ୍ଜନଗର ଦେଇ ଧରାକୋଟ ନିକଟସ୍ଥ ହରିପୁର ଗ୍ରାମରେ ରଖି ସେଠାରୁ ଅନ୍ୟତ୍ର ଚାଲାଣ ପାଇଁ ନେଉଥିବା ବେଳେ ଢଉଗାଁ ଛକ ଠାରେ ଅବକାରୀ ଟିମ ସଂପୃକ୍ତ ଅଟୋକୁ ଅଟକାଇ ତନଖି କରିଥିଲା । ସେତିକି ବେଳେ ଗାଡ଼ିର ଡ୍ରାଇଭର ତଥା ବଡ଼ଗଡ଼ ଥାନା ବରଡାବିଲି ପଞ୍ଚାୟତର ହରିପୁର ଗ୍ରାମର ଉପେନ୍ଦ୍ର ଗୌଡ଼ (୩୬) ଏବଂ ତାଙ୍କ ସହ ସେହିଗ୍ରାମର ଜିତୁ ବିଷୋୟୀ (୨୮) ଓ ଖରିଗୁମ୍ମାର ବିପିନ ଗୌଡ଼ (୩୮) ସମସ୍ତେ ଅବକାରୀ ଅଧିକାରୀଙ୍କ ହାତରେ ଗଞ୍ଜେଇ ସହ ଧରା ପଡ଼ିଥିଲେ। ବିଭାଗ ତରଫରୁ ଗାଡ଼ିରୁ ମୋଟ ୯୧ କେଜି ଓଜନର ଗଂଜେଇ ସହ ୦୩ ଗୋଟି ମୋବାଇଲ ସହ ଗାଡିକୁ ଜବତ କରାଯାଇଛି ଓ ଏହି ତିନି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏମାନଙ୍କ ଠାରୁ ଅଧିକ ତଥ୍ୟ ଜାଣିବା ପାଇଁ ୧୫ ଦିନ ରିମାଣ୍ଡରେ ଆଣିବାକୁ କୋର୍ଟକୁ ଅନୁରୋଧ କରାଯାଇଥିବା ଅବକାରୀ ଅଧିକାରୀ ସାମ୍ବାଦିକ ମାନଙ୍କୁ ସୂଚନା ଦେଇଛନ୍ତି। ଏହି ଚଢ଼ାଉ ଦକ୍ଷିଣାଞ୍ଚଳ ଅବକାରୀ ଉପ ଆୟୁକ୍ତ ଡମ୍ବରୁଧର ଖଣ୍ଡା ଏବଂ ଡେପୁଟି ଅରକ୍ଷୀ ଅଧିକ୍ଷକ ଶ୍ରୁତିକାନ୍ତ ରାଉତଙ୍କ ନିର୍ଦ୍ଦେଶରେ ଅବକାରୀ ଅଧିକାରୀ ନାରାୟଣ ଜେନାଙ୍କ ନେତୃତ୍ୱରେ କୁମୁଦ ପ୍ରଧାନ, କପିଳାସ ଭତ୍ରା, ସନ୍ତୋଷ ନାୟକ, ଲଡୁ ପାତ୍ର, ପ୍ରବୀର ସାମଲ ପ୍ରମୁଖ ସାମିଲ ଥିଲେ ।

# ରଷିକୁଲ୍ୟା ନଦୀ ସୁରକ୍ଷା ସମାବେଶରେ ଯୋଗ ଦେଲେ ମେଧା ପାଟେକର



ଛତ୍ରପୁର, (ସବ୍ୟୁ): ସ୍ଥାନୀୟ ବ୍ଲକ ଅନ୍ତର୍ଗତ ପୋଢଲାମପୁର ଠାରେ ରଷିକୁଲ୍ୟା ନଦୀ ସୁରକ୍ଷା ନିମନ୍ତେ ସଚେତନତା ରାଲି ଏବଂ ସମାବେଶ ରଷିକୂଲ୍ୟା ରୟତ ମହାସଭାର ସମ୍ପାଦକ ସିମାଞ୍ଚଳ ନାହାକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଦେଶର ଜନ ଆନ୍ଦୋଳନର ନେତ୍ରୀ ଏବଂ ଦେଶର ବିଶିଷ୍ଟ ପରିବେଶବିତ୍ ମେଧା ପାଟେକର ଯୋଗଦେଇ ପରିବେଶ ସୁରକ୍ଷା ଉପରେ ବିଭିନ୍ନ ମତ ପ୍ରକାଶ କରିଥିଲେ। ରଷିକୁଲ୍ୟା ନଦୀ ଆମର ଜୀବନରେଖା । କିଛି ବର୍ଷ ହେଲା ରଷିକୁଲ୍ୟା ନଦୀରୁ ଅତି ମାତ୍ରାରେ ବାଲି ଚୋରା ଚାଲାଣ ଯୋଗୁଁ ନଦୀର ଜଳଧାରଣ ଶକ୍ତି କମି ଗଲାଣି । ତେଣୁ ଭୂତଳ ମଧୁରଜଳ ଶୁଖୁଯାଇଛି । ଫଳରେ ସମୁଦ୍ରର ଲୁଣି ପାଣି ନଦୀ ଭିତରକୁ ଓ ଭୂତଳକୁ ପଶିବା ଫଳରେ ଆମର କୂଅ, ନଳକୂଅ ଏବଂ ପାଣି ଯୋଗାଣ ପ୍ରକଳ୍ପରେ ଲୁଣିଆ ପାଣି ଆସୁଛି ଯାହାକି ପିଇବା ଏବଂ ଚାଷ ପାଇଁ ସଙ୍କଟ ଦେଖାଦେଇଛି। ଯାହା ଦ୍ୱାରା ନଦୀ ମରିଯିବ । ନଦୀକୂଳ, ବନ୍ଧକୂଳ ଓ ଉଠାଜଳସେଚନ ପମ୍ପ ଅକାମୀ ହୋଇଯିବ । ଲୋକେ ପାଣି ପାଇଁ ହାହାକାର ହେବେ । ଚାଷ କାମ ପାଇଁ ପାଣି ମିଳିବା କଷ୍ଟକର ହେବ ଓ ମାଛ ଶୂନ୍ୟ ହୋଇଯିବ । ତେଣୁ ନଦୀର ସୁରକ୍ଷା ପାଇଁ ଡ୍ୟାମ୍ ନିର୍ମାଣ ଓ ବାଲି ଚୋରିକୁ ବନ୍ଦ କରିବାକୁ ସରକାରଙ୍କ ପାଖରେ ଦାବୀ କରି ରଷିକୁଲ୍ୟା ସୁରକ୍ଷା କାର୍ଯ୍ୟାନୁଷ୍ଠାନ କମିଟି ତରଫରୁ ୧୦ ଦିନ ଧରି ସୋରଡ଼ା ପିପଳପଙ୍କା ଠାରୁ ନଦୀମୁହାଣ ପର୍ଯ୍ୟନ୍ତ ପଦଯାତ୍ରାକୁ ଅଂଚଳବାସୀମାନେ ସ୍ୱାଗତ କରି ସାମିଲ ହୋଇଥିଲେ। ପ୍ରଥମେ ପଂଚାୟତ କାର୍ଯ୍ୟାଳୟ ଠାରୁ ସଭାସ୍ଥଳୀ ପର୍ଯ୍ୟନ୍ତ ଏକ ସଚେତନତା ରାଲି ହୋଇଥିଲା । ପରେ ଆୟୋଜିତ ସମାବେଶରେ ପରିବେଶ ସୁରକ୍ଷା ନେତା ପ୍ରଫୁଲ ସାମନ୍ତରାୟ, ରଷିକୁଲ୍ୟା ସୁରକ୍ଷା କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତା ସୁଧୁର ରାଉତ, ଭାଲଚନ୍ଦ୍ର ଷଡ଼ଙ୍ଗୀ, ରବି ରଥ, ବିଘ୍ନେଶ୍ୱର ସାହୁ ପ୍ରମୁଖଙ୍କ ସମେତ ବହୁ ମହିଳା ମାନେ ଉପସ୍ଥିତ ଥିଲେ।

## ସୁନାମ୍ଭ ସାହି ଜଗନ୍ନାଥ ମନ୍ଦିର ମୁଖଶାଳା ପ୍ରତିଷ୍ଠା

ଆସିକା, (ସବ୍ୟୁ): ସ୍ଥାନୀୟ ସୁନାମ୍ଭ ସାହିରେ ବିଜେ ଶ୍ରୀଶ୍ରୀ ଜଗନ୍ନାଥ ମନ୍ଦିରର ନବନିର୍ମିତ ମୁଖଶାଳା ସିଂହଦ୍ୱାରର ତିନିଦିନିଆ ପ୍ରତିଷ୍ଠା ତଥା ସଂସ୍କାର ଉତ୍ସବ ଗୁରୁବାର ଆରମ୍ଭ ହୋଇଛି। ଜୟ ଜଗନ୍ନାଥ ସେବା ସଂଘ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମର ଆଜି ଦ୍ୱିତୀୟ ଦିବସ ଶୁକ୍ରବାରରୁ ନାମ ଯଜ୍ଞ ଆରମ୍ଭ ହେବା ସହ ବ୍ରାହ୍ମଣ ବରଣ ଅଗ୍ନି ସ୍ଥାପନ, ସାଲା ସଂସ୍କାର, ସୂର୍ଯ୍ୟ ପୂଜା ଓ ଯଜ୍ଞ ଇତ୍ୟାଦି ଅନଷ୍ଠିତ ହୋଇଛି। ପଣ୍ଡିତ ରତ୍ନାକର ଦାସ, ସୀତାରାମ ଦାସଙ୍କ ସଂଯୋଜନାରେ ବ୍ରାହ୍ମଣ ମାନେ ଅଙ୍କୁରାରୋପଣ ପୂଜା କାର୍ଯ୍ୟ ଓ ହୋମ ଇତ୍ୟାଦି ଅନୁଷ୍ଠିତ ହୋଇଛି। ପୂଜାରେ କର୍ତ୍ତା ରୂପେ ଆଧାତ୍ମିକ ପ୍ରେମୀ କାହ୍ନୁ ଚରଣ ପଣ୍ଡା ସପତ୍ନିକ ସହଯୋଗ କରୁଛନ୍ତି । କାର୍ଯ୍ୟକ୍ରମ ପ୍ରଥମ ଦିବସରେ ଜଳ ଯାତ୍ରା ଓ ଅଙ୍କୁରା ରୋପଣ ଅନୁଷ୍ଠିତ ହୋଇଥିଲା। ଶତାଧିକ ମହିଳା ଶୋଭାଯାତ୍ରାରେ ଯାଇ ପବିତ୍ର ରଷିକୂଲ୍ୟା ନଦୀ ଗୋପୀନାଥ ମନ୍ଦିର ନଦୀ ଘାଟରେ ପହଞ୍ଚିଥିଲେ। ସେଠାରେ ସ୍ତ୍ରୋତ୍ରିୟ ପଣ୍ଡିତ ବ୍ରାହ୍ମଣ ବୃନ୍ଦ ଗଙ୍ଗା ଆବାହନ, ପୂଜା ଓ ହୋମ ସମାପନ ପରେ ଜଳ ସଂଗ୍ରହ କରାଯାଇଥିଲା। ଶନିବାର ପୂର୍ଣ୍ଣାହୁତି ଓ ଦାଧିଯାତ୍ରା ନଗର କୀର୍ତ୍ତନ ଅନୁଷ୍ଠିତ ହେବା କାର୍ଯ୍ୟକ୍ରମ ରହିଛି। ପ୍ରତ୍ୟେହ ସହସ୍ରାଧିକ ଭକ୍ତ ପୂଜା ଦେଖିବାକୁ ଭିଡ଼ ଜମାଇଥିବା ବେଳେ ଭକ୍ତଙ୍କ ନିମନ୍ତେ ସାମୁହିକ ପ୍ରସାଦ ସେବନର ମଧ ବନ୍ଦୋବସ୍ତ ହୋଇଛି। ଜୟ ଜଗନ୍ନାଥ ସେବା ସଂଘର ମୁଖ୍ୟ ତଥା ଆଧାତ୍ମିକପ୍ରେମୀ ପ୍ରଶାନ୍ତ କୁମାର ପାଣିଗ୍ରାହୀଙ୍କ ସଂଯୋଜନାରେ ଅଶୋକ ପାଣିଗ୍ରାହୀ, ସୁଦୀପ୍ତା ଦାସ, କାହ୍ନୁ ପାତ୍ର, ସୁରେନ୍ଦ୍ର ଦାସ, ସତ୍ୟ ପାତ୍ର, ଆସିକା ଶାଖାର କାର୍ଯ୍ୟକାରୀ ସଭାପତି ସିମାଞ୍ଚଳ ରଥ, ସି. ଏଚ. ତିରୁପତି ପାତ୍ର ଓ ଅନ୍ୟ ସଭ୍ୟଙ୍କ ସମେତ ସାହି ବାସିନ୍ଦା ଓ ଯୁବଗୋଷ୍ଠି ଏହାର ସଫଳତା ନିମନ୍ତେ ଲାଗି ପଡିଛନ୍ତି ।

# ବିଶ୍ୱ ପରିବେଶ ଦିବସରେ ବୃକ୍ଷରୋପଣ ଓ ସଚେତନତା କାର୍ଯ୍ୟକ୍ରମ



ବାରିପଦା, (ସବ୍ୟୁ) : ବିଶ୍ୱ ପରିବେଶ ଦିବସ ଅବସରରେ ବାରିପଦାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଯଥା ନାରାୟଣ ସେବା ଟ୍ରଷ୍ଟ, ସେଭ୍ ଆର୍ଥ ମିଶନ, ରେଡ ଗ୍ରୀନ ଫାଉଣ୍ଡେସନ ଓ ଗ୍ଲୋବାଲ ନିମ ପ୍ଲାଣ୍ଟେସନର ମିଳିତ ଉଦ୍ୟମରେ ବାରିପଦାର ବିଭିନ୍ନ ଅଞ୍ଚଳରେ ବୃକ୍ଷ ରୋପଣ ତଥା ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ମେଗା ବୃକ୍ଷ ରୋପଣ କାର୍ଯ୍ୟକ୍ରମ ସମାଜସେବୀ ଓ ପରିବେଶ ପ୍ରେମୀ ଡ଼ଃ ନିରୋଜ କୁମାର ପୋଥାଳଙ୍କ ନେତୃତ୍ୱରେ ହୋଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ମୁଖ୍ୟତଃ ତାପସ କୁମାର ବେହେରା, ଜୟ ପ୍ରକାଶ ମହାନ୍ତ, ବିମ୍ବାଧର ସାହୁ, ତୁଷାରକାନ୍ତ ବେହେରା, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ଦିଲ୍ଲୀପ କୁମାର ତୁଙ୍ଗ, ଇନ୍ଦ୍ରଜିତ ମହାନ୍ତଙ୍କ ସହିତ ଶାମାଖୁଣ୍ଟା ବ୍ଲକର ଅଧିକାରୀ ମାନେ ଉପସ୍ଥିତ ଥିଲେ। ତହସିଲ ଅଫିସର ସମସ୍ତ କର୍ମଚାରୀ ଓ ଅଧିକାରୀଙ୍କ ଗହଣରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ସମସ୍ତ ସମାଜସେବୀ ଓ ପରିବେଶ ପ୍ରେମୀମାନେ ବାରିପଦାର ତକତପୁର ଠାରେ ଏକତ୍ରିତ ହୋଇ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ପରେ ସହିଦ ସ୍ମୃତି ଭବନ ପାଖରେ, ଶାମାଖୁଣ୍ଟା ବ୍ଲକ ପରିସର, ଶାମାଖୁଣ୍ଟାର ତହସିଲ ଅଫିସର ପରିସର, ବାରିପଦାର ରଘୁନାଥପୁରର ରଘୁନାଥପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଏବଂ ପରିଶେଷରେ ଆସ୍ତିଆ ଠାରେ ବିଭିନ୍ନ ପ୍ରକାରର ମୂଲ୍ୟବାନ ଫଳଗଛ, ଔଷଧୀୟ ଗଛ ଲଗାଯାଇଥିଲା । ପରିଶେଷରେ ଡ଼ଃ ନିରୋଜ କୁମାର ପୋଥାଳ ଏହି ମେଗା ବୃକ୍ଷ ରୋପଣ କାର୍ଯ୍ୟକ୍ରମକୁ ସଫଳ କରିଥିବାରୁ ସମସ୍ତ ସ୍ୱେଚ୍ଛାସେବୀ ଓ ସମସ୍ତ ଅନୁଷ୍ଠାନ ମାନଙ୍କୁ ଧନ୍ୟବାଦ୍ ଜ୍ଞାପନ ପୂର୍ବକ ସମସ୍ତଙ୍କୁ ଆଗ ନିଜ ବାଡିରେ ସର୍ବନିମ୍ନ ୨ଗୋଟି ବୃକ୍ଷ ରୋପଣ କରିବାକୁ ବିନିତ ଅନୁରୋଧ କରିଥିଲେ ।

# ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ

ବାରିପଦା, (ସବ୍ୟୁ) : ସ୍ଥାନୀୟ ମୁର୍ଗାବାଡି ସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଧାୟକ ଭାଦବ ହାଁସଦା, ବିଧାୟକ ଜଲେନ ନାଏକ, ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦାଙ୍କ ସମେତ ଜିଲ୍ଲାପାଳ ତଥା ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ଅଧକ୍ଷ ହେମକାନ୍ତ ସୟ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଜିଲ୍ଲାପାଳ ଇଶ୍ୱର ଚନ୍ଦ୍ର ନାଏକ, ବାରିପଦା ଉପଜିଲ୍ଲାପାଳ ଡାଃ ଦୟାସିନ୍ଧୁ ପରିଡା, କରଞ୍ଜିଆ ଉପଜିଲ୍ଲାପାଳ ପ୍ରକାଶ କୁମାର ଦାସ, ଜିଲ୍ଲା ଜରୁରୀକାଳୀନ ପରିଚାଳନା ଅଧିକାରିଣୀ ଶ୍ରଦ୍ଧା ସୁମନ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ସ୍ତରୀୟ ପଦାଧିକାରୀ ଓ ଲାଇନ ବିଭାଗର ଅଧିକାରୀମାନେ ଯୋଗ ଦେଇ ବର୍ଷା ଋତୁରେ ସମ୍ଭାବ୍ୟ ବନ୍ୟା, ବାତ୍ୟା ଓ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯୟର ମୁକାବିଲା ପାଇଁ ପ୍ରାକ ପ୍ରସ୍ତୁତି, ସତର୍କତା ମୂଳକ ପଦକ୍ଷେପ ଗ୍ରହଣ ପୂର୍ବକ ଉଦ୍ଧାର ଓ ରିଲିଫ ପ୍ରଦାନ ଆଦି କାର୍ଯ୍ୟର ସୁପରିଚାଳନା କରାଯିବା ନେଇ ଜିଲ୍ଲା ଜରୁରୀ ବିଭାଗ ଦ୍ୱାରା ଉପସ୍ଥାପିତ କାର୍ଯ୍ୟସୂଚୀ ଆଧାରରେ ବିପର୍ଯ୍ୟୟ ପରିଚାଳନା ପାଇଁ କାର୍ଯ୍ୟ ଖସଡା ପ୍ରସ୍ତୁତି ସମ୍ପର୍କରେ ସବିଶେଷ ଆଲୋଚନାରେ ଅଂଶଗ୍ରହଣ କରି ମତାମତ ରଖିଥିଲେ । ପ୍ରାରମ୍ଭରେ ଜିଲ୍ଲା ଜରୁରୀକାଳୀନ ପରିଚାଳନା ଅଧିକାରିଣୀ ଶ୍ରଦ୍ଧା ସୁମନ ସମସ୍ତଙ୍କୁ ସ୍ୱାଗତ ଜଣାଇ ଚଳିତ ବର୍ଷ ବର୍ଷା ଋତୁରେ ସମ୍ଭାବ୍ୟ ବନ୍ୟା, ଝଡବାତ୍ୟା ଜନିତ ବିପର୍ଯ୍ୟୟର ମୁକାବିଲା ଓ ପରିଚାଳନା ସମ୍ପର୍କରେ ଆଲୋକପାତ କରିଥିଲେ । ବୈଠକରେ ଜିଲ୍ଲାପାଳ ଶ୍ରୀ ସୟ, ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଏସଆରସି ରିଲିଫ୍ କୋର୍ଡ ଆଧାରିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ନିର୍ଦ୍ଦେଶାବଳି ଅନୁସାରେ ବିପର୍ଯ୍ୟୟ ପରିଚାଳନା ପାଇଁ ପ୍ରାକ ପ୍ରସ୍ତୁତି ଉଦ୍ଧାର ଓ ଥଇଥାନ ଆଦି ଦିଗ ପ୍ରତି ଧ୍ୟାନ ଦେଇ କାର୍ଯ୍ୟ ଖସଡ଼ା ପ୍ରସ୍ତୁତି କାର୍ଯ୍ୟକ୍ରମ ତରାନ୍ୱିତ କରାଯିବା ଦିଗରେ ଜିଲ୍ଲାର ସମସ୍ତ ବିଡିଓ, ତହସିଲଦାର ଏବଂ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବର୍ଷା ଋତୁରେ ବଜ୍ରପାତ / ସର୍ପଦଂଶନ ଜନିତ ଜୀବନ ହାନି /ମୃତ ବ୍ୟକ୍ତିଙ୍କ ପରିବାର ସଦସ୍ୟଙ୍କ ପାଇଁ ଉଦିଷ୍ଟ ଅନୁକମ୍ପା ସହାୟତା ରାଶି ପାଇବା ଦିଗରେ ମିଳିତ ତଦନ୍ତ କରି ଯଥାଶୀଘ୍ର ମେଡିକାଲ ରିପୋର୍ଟ ଜିଲ୍ଲାପ୍ରଶାସନ ନିକଟକୁ ପଠାଇବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ଜିଲ୍ଲାର ପ୍ରତ୍ୟେକ ୩/୪ ଜି.ପି. କୁ ନେଇ ସ୍ୱତନ୍ତ୍ର ମେଡିକାଲ ଟିମ ସମ୍ପୃକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ୱାସ୍ଥ୍ୟ ଅଧିକାରୀଙ୍କ ତତ୍ତ୍ୱାବଧାନରେ ସ୍ୱାସ୍ଥ୍ୟ କର୍ମୀଙ୍କ ଦ୍ୱାରା ସ୍ୱାସ୍ଥ୍ୟ ସେବା ଯୋଗାଇବା ଉପରେ ଗୁରୁତ୍ୱାରୋପ କରାଯାଇଛି । ଜିଲ୍ଲା ସ୍ତରୀୟ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଇଶ୍ୱର ଚନ୍ଦ୍ର ନାଏକ ବୈଠକ ପରିଚାଳନା କରିବା ସହ ବୈଠକ ଶେଷରେ ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଡ଼ିଏଭିର ପରୀକ୍ଷା ଫଳ ପ୍ରକାଶ ପାଇଲା



ଟିଟିଲାଗଡ଼,(ସବ୍ୟୁ): ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ, ବଲାଙ୍ଗିର ସହ ଅନୁବନ୍ଧିତ ଟିଟିଲାଗଡ଼ ଡ଼ିଏଭି ସ୍ୱୟଂ ଶାସିତ ମହାବିଦ୍ୟାଳୟର ୨୦୨୪-୨୫ ଶିକ୍ଷା ବର୍ଷର ସ୍ନାତକ ଏବଂ ସ୍ନାତକୋତ୍ତର ପରୀକ୍ଷା ଫଳ କୁଳପତିଙ୍କ ଅନୁମୋଦନ କ୍ରମେ ପ୍ରକାଶ ପାଇଲା । ଏନେଇ କଲେଜ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡ଼. ପ୍ରଣବ ପ୍ରକାଶ ପୁରୋହିତ ପରୀକ୍ଷା ଫଳ ପୁସ୍ତିକା ଉନ୍ମୋଚନ କରିଥିଲେ । ପରୀକ୍ଷାରେ ସ୍ନାତକ କଳାରେ ୮୧.୫୬ ପ୍ରତିଶତ ତଥା ବିଜ୍ଞାନ ୭୩.୮୮ ଏବଂ ବାଣିଜ୍ୟରେ ୭୪ ପ୍ରତିଶତ ସଫଳତା ହାସଲ ସହ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହାସଲ ହୋଇଛନ୍ତି । ସ୍ନାତକ କଳା ଓଡ଼ିଆ ବିଭାଗର ସୁମନ୍ତ ବାଗ, ବିଜ୍ଞାନ ବିଭାଗ ପ୍ରାଣୀ ବିଜ୍ଞାନରେ ଅଭିଜିତ ସାହୁ, ବାଣିଜ୍ୟରେ ମନସା ମରୋଡିଆ ଶୀର୍ଷ ସ୍ଥାନ ହାସଲ କରିଛନ୍ତି । ସ୍ନାତକୋତ୍ତର ଓଡ଼ିଆ ବିଭାଗରେ ଇତିଶ୍ରୀ ସାହୁ, ରାଜନୀତିରେ ବସନ୍ତ ଜାଲ, ରସାୟନ ଅଙ୍କିତ ମିଶ୍ର ଶୀର୍ଷ ସ୍ଥାନ ଦଖଲ କରିଛନ୍ତି । ପରୀକ୍ଷା ଫଳ ପୁସ୍ତିକା ଉନ୍ମୋଚନ କାର୍ଯ୍ୟକ୍ରମରେ ପରୀକ୍ଷା ନିୟନ୍ତ୍ରିକା ଅଧ୍ୟାପିକା ଅଲକାନନ୍ଦ ମଲ୍ଲ, ବିଜ୍ଞାନ ବିଭାଗ ପ୍ରୋଗ୍ରାମର ସ୍ୱଦେଶ ବେହେରା ତଥା ପରୀକ୍ଷା ନିୟନ୍ତ୍ରକ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

# ଜିଲ୍ଲାରେ ବ୍ୟାପୁଛି ଜ୍ୱର : ଗୋଟିଏ ଗ୍ରାମରେ ୫୦ ଉର୍ଦ୍ଧ୍ୱ ଆକ୍ରାନ୍ତ

ରାୟଗଡା, (ସବ୍ୟୁ) : ରାୟଗଡ଼ା ଜିଲ୍ଲାରେ ବ୍ୟାପୁଛି ଜ୍ୱର । ରାୟଗଡା ଜିଲ୍ଲା କୋଲନରା ବ୍ଲକ ଗାଡିଶେଷଖାଲ ପଞ୍ଚାୟତ ବିନିଶପୁର ଗ୍ରାମରେ ୫୦ ରୁ ଉର୍ଦ୍ଧ ଜ୍ୱରରେ ଆକ୍ରାନ୍ତ ଥିବାବେଳେ ଅତି ଗୁରୁତର ରୋଗୀ ଆମ୍ବୁଲାନ୍ସ ମାଧ୍ୟମରେ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଛନ୍ତି । ଗତ କିଛି ଦିନ ହେଲା ଗାଁରେ ଜଣକ ପରେ ଜଣଙ୍କୁ ଜ୍ୱର ହେବାରେ ଲାଗିଛି। ଗାଁରେ ୬୫ ପରିବାର ବସବାସ କରୁଥିବା ବେଳେ ପ୍ରତ୍ୟେକ ଘରେ ଦୁଇରୁ ୩ଜଣ ଜ୍ୱରରେ ଛଟପଟ ହେଉଛନ୍ତି। ତନମଧ୍ୟରୁ ପ୍ରାୟ ୧୫ରୁ ୨୦ଜଣ ଶିଶୁ ଜ୍ୱରରେ ଆକ୍ରାନ୍ତ ହୋଇଛନ୍ତି। ଦୁଇ ଦିନ ମଧ୍ୟରେ ସନାଇ ପେଦେଣ୍ଟି, ବଶ୍ୱନାଥ ମୁସୁକା, ବର୍ଷା ମୁସୁକା ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଆଉ କିଛି ପରିବାର ବେଜୁଣୀ ଭରସାରେ ପୂଜାର୍ଚ୍ଚନା କରୁଥିବା ମଧ ଦେଖିବା ମିଳିଛି। ବର୍ତ୍ତମାନ ସୁଦ୍ଧା ମେଡିକାଲ ଟିମ ପହଞ୍ଚି ଚିକିତ୍ସା ଆରମ୍ଭ କରିନଥିବା ଗାଁର ଜଣେ ଭଦ୍ରବ୍ୟକ୍ତି ବିରୁଦେବ ମୁସୁକା କହିଛନ୍ତି। ସେ କହିଛନ୍ତି ମୁଁ ଏବଂ ମୋ ପରିବାର ଜ୍ୱରରେ ଆକ୍ରାନ୍ତ ହୋଇ ରକ୍ତ ପରୀକ୍ଷା ପରେ ମ୍ୟାଲେରିଆ ଏବଂ ଟାଇଫଏଡ ଜ୍ୱରରେ ପିଡୀତ ହୋଇଥିବା ଜାଣି ପାରିଛୁ। ଏଭଳି ଅନେକ ଲୋକ ଅର୍ଥ ଅଭାବରୁ ମେଡିକାଲ ଯିବା ପାଇଁ ଅମଙ୍ଗ ହେଉଛନ୍ତି। ଆଉ କିଛି ଦିସାରୀ ଭରସାରେ ରହୁଛନ୍ତି। ଗାଁରେ ଗୋଟିଏ ମେଡିକାଲ ଟିମ କିଛି ଦିନ ରହି ଚିକିତ୍ସା କଲେ ଭଲ ହୁଅନ୍ତା ବୋଲି ମଧ ଗ୍ରାମବାସୀ କହିଛନ୍ତି। ଏନେଇ ମୁଖ୍ୟ ଚିକିତ୍ସା ଅଧିକାରୀ ଦାୟିତ୍ୱରେ ଥିବା ଡ଼ାକ୍ତର ମମତା ସାହୁ କହିଛନ୍ତି ଯେ ମୋ ସହକର୍ମୀଙ୍କ ସହ ଆଲୋଚନା କରିବା ପରେ ଜାଣି ପାରିଲି କୋଲନରା ବ୍ଲକର କିଛି ବ୍ୟକ୍ତି ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ସେହି ଗାଁରେ ଆଶା ଦିଦି ରକ୍ତ ପରୀକ୍ଷା କରିଥିଲେ ସେଥିରେ ମ୍ୟାଲେରିଆ ନେଗେଟିଭ ଆସିଛି । ବର୍ତ୍ତମାନ ରାତିରେ ମେଡିକାଲ ଟିମ ସେହି ଗାଁକୁ ଯାଇ ଘର ଘର ବୁଲି ଚିକିତ୍ସାକରି ରିପୋର୍ଟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।



# ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ

ସମ୍ବଲପୁର, (ସବ୍ୟୁ) : ଟାଟା ପାଓ୍ୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି କମ୍ପାନୀର ବରିଷ୍ଠ ଅଧିକାରୀ, କର୍ମଚାରୀ ଏବଂ କିଛି ସ୍ୱେଚ୍ଛାସେବୀ ପରିବେଶଗତ ସୁରକ୍ଷା ଏବଂ ସ୍ଥାୟୀ ଜୀବନଯାପନକୁ ପ୍ରୋତ୍ସାହିତ କରିବା ପାଇଁ ଏକତ୍ରିତ ହୋଇଥିଲେ। ପରିବେଶ ଦିବସ ପ୍ରତିଜ୍ଞା ସହିତ ଆରମ୍ଭ ହୋଇଥିଲା । ଯାହା ଟିପିଡବ୍ଲୁଓଡିଏଲର ପରିବେଶଗତ ଦାୟିତ୍ୱ ପ୍ରତି ପ୍ରତିବଦ୍ଧତାକୁ ପୁନଃର୍ନିଦ୍ଦିଷ୍ଟ କରିଥିଲା । ଅଂଶଗ୍ରହଣକାରୀମାନେ ପରେ ସ୍ୱଚ୍ଛତା ଅଭିଯାନରେ ଅଂଶଗ୍ରହଣ କରିଥିଲେ । ବୁର୍ଲାଠାରେ ଥିବା କମ୍ପାନୀର ପ୍ରଯୁକ୍ତିବିଦ୍ୟା କେନ୍ଦ୍ରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଥିଲା । ଏଥିରେ ମୋଟ୍ ୮୦ଟି ବିଭିନ୍ନ ପ୍ରକାରର ବୃକ୍ଷ ରୋପଣ କରାଯାଇଥିଲା । ଯାହା ଜୈବ ବିବିଧତା ଏବଂ ଏକ ସବୁଜ, ସୁସ୍ଥ ଭବିଷ୍ୟତ ପାଇଁ ଅବଦାନ ରଖିଥିଲା । ପ୍ରମୁଖ ଆକର୍ଷଣ ଥିଲା ଜୈବିକ କୃଷକ ବଜାର, ଯେଉଁଠାରେ ସ୍ଥାନୀୟ ଚାଷୀମାନେ ତାଜା, ରାସାୟନିକ-ମୁକ୍ତ ଉତ୍ପାଦ ପ୍ରଦର୍ଶନ ଏବଂ ବିକ୍ରୟ କରିଥିଲେ । ଏହା କେବଳ ଜୈବିକ କୃଷିକୁ ସମର୍ଥନ କରିନଥିଲା ବରଂ ଉପସ୍ଥିତ ଲୋକଙ୍କ ମଧ୍ୟରେ ସୁସ୍ଥ, ସ୍ଥାୟୀ ଖାଦ୍ୟ ପସନ୍ଦକୁ ମଧ ଉତ୍ସାହିତ କରିଥିଲା ।

# ଧାନ ଫସଲ କ୍ଷୟକ୍ଷତିର ବୀମା ଯୋଗାଇ ଦେବାକୁ ଚାଷୀ ସଙ୍ଗଠନର ଦାବି

ସୋନପୁର/ଏସ. ରାମପୁର, (ସବ୍ୟୁ) : ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ରାମପୁର ଠାରେ ବିକ୍ଷୋଭ ଓ ରାସ୍ତା ରୋକ୍ କଲେ ଚାଷୀ। ଅଦିନିଆଁ ବର୍ଷାରେ ଧାନ ଫସଲ ନଷ୍ଟ ହୋଇ ଥିବାରୁ ଏହାର କ୍ଷତି ପୂରଣ ଓ ବୀମା କମ୍ପାନୀର ମନମାନି ବିରୁଦ୍ଧରେ ଶୁକ୍ରବାର ଚାଷୀ ସଂଗଠନ ସଭାପତି ଉମେଶ ପୁଝାରୀଙ୍କ ନେତୃତ୍ୱରେ ରାମପୁର ଠାରେ ଅଞ୍ଚଳର ଶତାଧିକ ଚାଷୀ ବଲାଙ୍ଗିର- ସମ୍ବଲପୁର ମୁଖ୍ୟ ରାସ୍ତା ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ପ୍ରାଥମିକ ସେବା ସମବାୟ ସମିତିର ବିଭିନ୍ନ ଚାଷୀ ସଂଗଠନର ଶତାଧିକ ଚାଷୀ ଆନ୍ଦୋଳନରେ ସାମିଲ ହୋଇ ତହସିଲଦାରଙ୍କ ଜରିଆରେ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଥିଲେ । ଧାନ ଫସଲ କ୍ଷୟ କ୍ଷତିର ଆକଳନ ସହ ଏହାର ଉଚିତ ପ୍ରାପ୍ୟ ପାଇଁ ସରକାରଙ୍କୁ ରିପୋର୍ଟ୍ ପ୍ରଦାନ, ବୀମା ଓ ଇନପୁଟ ସବସିଡି ପ୍ରଦାନ, ଓ ଟୋକନ ଅବଧିକୁ ୭ ଦିନ ବୃଦ୍ଧି କରିବା ଦାବୀ ନେଇ ଚାଷୀ ମାନେ ରାମପୁର ଠାରେ ରାସ୍ତା ରୋକ୍ ସହ ଆନ୍ଦୋଳନ ଓ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସୁବର୍ଣ୍ଣପୁର ସି ଡି ଏ ଓ, ଏ ଡି ଏ ଓ, ସ୍ଥାନୀୟ ତହସିଲଦାର ଘଟଣା ସ୍ଥଳ କଦିନ ଏ ବିଷୟରେ ଆଲୋଚନା କରି ସମସ୍ୟା ସମାଧାନ କରିବୁ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ କାରୀ ଧାରଣାରୁ ଉଠିଥିଲେ । ଅପରାହ୍ନରେ ରାସ୍ତାରେ ଯାନ ବାହନ ସ୍ୱାଭାବିକ ଭାବରେ ଚଳାଚଳ କରିଥିଲା ।

# ସୋନପୁର ପ୍ରିମିଅର ଲିଗ୍ କ୍ରିକେଟ



ସୋନପୁର,(ସବ୍ୟୁ) : ସୋନପୁର ପ୍ରିମିୟର୍ ଲିଗ୍ ୩ୟ ସଂସ୍କରଣର ଷଷ୍ଠ ଦିବସର ପ୍ରଥମ ମ୍ୟାଚରେ ସ୍ଥାନୀୟ ଗାନ୍ଧି ଷ୍ଟାଡିୟମ୍‌ରେ ବିଜୟ ଫାଇଟର ଓ ସୁପର୍ ଜାଏଣ୍ଟସ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଅତିଥି ଭାବରେ ସରପଞ୍ଚ ଧବଳେଶ୍ୱର ସିଂହ, ରମେଶ ପ୍ରଧାନ ଡାଇରେକ୍ଟର ନାଇସେଟ କମ୍ପ୍ୟୁଟର ସୋନପୁର, ଓ କାଉନସିଲର ପି. ରାଜ କିଶୋର ରାଓ ଯୋଗଦେଇ ମ୍ୟାଚ୍‌କୁ ଉଦଘାଟନ କରିଥିଲେ । ଟସ୍ ଜିଣି ବିଜୟ ଫାଇଟର ଦଳ ପ୍ରଥମେ ଫିଲଡିଂ ନିଷ୍ପତ୍ତି ନେଇଥିଲା । ୨୦ ଓଭର ବିଶିଷ୍ଟ ମ୍ୟାଚ୍‌ରେ ସୁପର୍ ଜାଏଣ୍ଟସ ଦଳ ୧୮.୦୨ ଓଭର ୧୨୪ ରନ୍ କରି ଅଲ୍ ଆଉଟ୍ ହୋଇଥିଲା । ବିଜୟ ଫାଇଟର ଦଳ ୧୫ ଓଭରରେ ମାତ୍ର ୩ ୱିକେଟ ବିନିମୟରେ ୧୨୭ ରନ କରିଥିଲେ । ପ୍ରଥମ ମ୍ୟାଚ୍ ବିଜୟ ଫାଇଟର ଦଳ ୭ ୱିକେଟ ରେ ବିଜୟୀ ହୋଇଛି । ଫାଇଟର ଦଳର ଶୁଭମ୍ ବିଷ୍ଟଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଛି । ଖେଳର ପ୍ରତ୍ୟକ୍ଷ ଧାରା ବିବରଣୀ ବି.ଏସ ରାଓ ପ୍ରଦାନ କରିଥିବା ବେଳେ ଶ୍ରୀବନ୍ତ ନାୟକ ଓ ସୁରେଶ ବିଶି ମ୍ୟାଚ୍ ପରିଚାଳନା କରିଥିଲେ । ଦିନେଶ ଘିଭେଲା ଓ ବିଶ୍ୱନାଥ ନାୟକ ସ୍କୋରର ଦାୟିତ୍ୱ ତୁଲାଇ ଥିଲେ । ଜିଲ୍ଲା କ୍ରିକେଟ ସଂଘ କୋଷାଧ୍ୟକ୍ଷ ଶ୍ୟାମ ସୁନ୍ଦର ପାତ୍ର, ସଭ୍ୟ ପ୍ରଦୀପ୍ତ ସେଠୀ, ଏସ ପି ଏଲ୍ ଅଧ୍ୟକ୍ଷ ବି. ସତ୍ୟ ନାରାୟଣ ରାଓ, ସଂପାଦକ ନବ ପ୍ରକାଶ ମିଶ୍ର, କୋଷାଧ୍ୟକ୍ଷ ବି. ପୁରୁଷୋତ୍ତମ ପାତ୍ର ପ୍ରମୁଖ ସମସ୍ତ ସଦସ୍ୟ ସହଯୋଗ କରିଥିଲେ । ସେହିପରି ଦ୍ୱିତୀୟ ମ୍ୟାଚ୍ ମା ମାହେଶ୍ୱରୀ ସ୍ୱୋଟିଂ ଓ ଟିମ୍ ଡୋମିନେଶନ ତରଭା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ମା ମାହେଶ୍ୱରୀ ଦଳ ୨୦ ଓଭର ରେ ୧୬.୦୨ ବଲ ରେ ଅଲ୍ ଆଉଟ୍ ହୋଇ ୮୨ ରନ୍ ସଂଗ୍ରଜ କରିଥିଲା । ପ୍ରତି ଜବାବରେ ଟିମ୍ ଡୋମିନେଶନ ଦଳ ୧୫.୦୨ ବଲରେ ୫ ୱିକେଟ୍ ବିନିମୟରେ ୮୭ ରନ୍ କରିଥିଲେ । ଦ୍ୱିତୀୟ ମ୍ୟାଚ୍ ଟିମ୍ ଡୋମିନେଶନ ଦଳ ୫ ୱିକେଟରେ ବିଜୟୀ ହୋଇଛି । ଟିମ୍ ଡୋମିନେଶନ ଦଳ ର ମହମ୍ମଦ ବିଲାଲ୍ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ ହୋଇଥିଲେ । ଅତିଥି ଭାବରେ ମା ଜଗଦମ୍ବା ଏନ୍ ଏକ୍ସ ର ପ୍ରୋପାଇଟର ଠାକୁର ମେହେର ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଶ୍ରୀବାନ୍ତ ନାୟକ ଓ ସୁରେଶ୍ ବିଶି ଖେଳ ପରିଚାଳନା କରିଥିଲେ । ବି ଏସ ରାଓ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ ।

# ନୂଆପଡ଼ାରେ ବିଶ୍ୱ ପରିବେଶ ଦିବସ ପାଳିତ




ନୂଆପଡ଼ା, (ସବ୍ୟୁ) : ନୂଆପଡ଼ା ଜିଲ୍ଲାରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ଏକ ଜନ ସଚେତନତା ରାଲିକୁ ଜିଲ୍ଲାପାଳ ମଧୁସୂଦନ ଦାଶ ଶୁଭାରମ୍ଭ କରିଥିଲେ । ଶୋଭାଯାତ୍ରାରେ ଏସପି ଜି.ଆର. ରାଘବେନ୍ଦ୍ର, ବନଖଣ୍ଡ ଅଧିକାରୀ ଖଡ଼ିଆଳ ଅଜିଜ ଖାନ୍, ଜିଲ୍ଲା ଆଇନ ପ୍ରାଧୀକରଣ ସଚିବ ନବନୀତା ଦାସ, ସିଆରପିଏଫ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଧର ଧରୁଆ, ବଲାଙ୍ଗିର ଆଂଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ବବିତା ସିଂ, ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ଶିକ୍ଷକ ଶିକ୍ଷୟିତ୍ରୀ, ବନ ବିଭାଗ, ଆରକ୍ଷୀ ବିଭାଗ, ସ୍ୱେଚ୍ଛାସେବୀ ସଂଗଠନ , ମହିଳା ଏସଏଚଜି କର୍ମକର୍ତ୍ତା, ପାରା ଲିଗାଲ ସ୍ୱେଚ୍ଛାସେବୀ ପ୍ରମୂଖ ଯୋଗ ଦେଇଥିଲେ । ରାଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଆରମ୍ଭ ହୋଇ ପରିବେଶ ସୁରକ୍ଷା ଉପରେ ସ୍ଲୋଗାନ ଦେଇ ସର୍କିଟ ହାଉସ ପର୍ଯ୍ୟନ୍ତ ଚାଲିଥିଲା । ପରେ ସେଠାରେ ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ସମସ୍ତଙ୍କ ସହଯୋଗରେ ଜିଲ୍ଲାକୁ ପ୍ଲାଷ୍ଟିକ ମୁକ୍ତ ଜିଲ୍ଲା ଘୋଷଣା କରିବାକୁ ଯାଉଛୁ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଥିଲା । ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀ ମାନଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା । ଶେଷରେ ବଲାଙ୍ଗିର ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ବବିତା ସିଂ ଧନ୍ୟବାଦ ଅର୍ପଣ କରିଥିଲେ ।

## କୋରାପୁଟ ଜିଲ୍ଲା ସିଡ଼ିଏମଓ ହେଲେ ଡା. ରବିନ୍ଦ୍ରନାଥ ମିଶ୍ର

କୋରାପୁଟ,(ସବ୍ୟୁ): କୋରାପୁଟ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବରଦା କାନ୍ତ ମିଶ୍ରଙ୍କ ବଦଳି ହୋଇଛି। ତାଙ୍କୁ ରାଜ୍ୟ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶାଳୟ କାର୍ଯ୍ୟାଳୟକୁ ବଦଳି ହୋଇଥିବା ବେଳେ କୋରାପୁଟ ଜିଲ୍ଲା ସଦର ମହକୁମା ଡାକ୍ତରଖାନା, ଜୟପୁରର ଅଧିକ୍ଷକ ଡାକ୍ତର ରବିନ୍ଦ୍ରନାଥ ମିଶ୍ରଙ୍କୁ କୋରାପୁଟ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଭାବେ ରାଜ୍ୟ ସରକାର ବଦଳି କରିଛନ୍ତି।

## ସୌନ୍ଦର୍ଯ୍ୟକରଣ ଆଳରେ ହଟିଲା ଲକ୍ଷ୍ମୀ ଟକିଜ ଟ୍ରାଫିକ ପୋଷ୍ଟ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ସହରର ଲକ୍ଷ୍ମୀଟକିଜ ଏକ ପ୍ରମୁଖ ଛକ ଅଟେ । ଲକ୍ଷ୍ମୀ ଟକିଜ୍ ନାମକ ସିନେମା ହଲ ନାମରେ ଏହି ଛକର ନାମିତ ହୋଇଛି । କେବଳ ସେତିକି ନୁହେଁ ଏହା ସହରର ପ୍ରମୁଖ ଛକ ଭାବେ ପରିଚିତ । ଏହି ଛକ ଦେଇ ସହରର ବିଭିନ୍ନ ସ୍ଥାନକୁ ଯାତାୟତର ସୁବିଧା ରହିଛି । ଏଥିସହ ବିଭିନ୍ନ ଅଞ୍ଚଳକୁ ଏହି ଛକ ସଂଯୋଗ କରୁଛି । ତେଣୁ ଏହି ଛକର ବେଶ ଗୁରୁତ୍ୱ ରହିଛି । ଜନଗହଳିପୂର୍ଣ୍ଣ ଛକ ଯୋଗୁଁ ଯାତାୟତ ସୁବିଧା ପାଇଁ ପ୍ରତ୍ୟହ ପୋଲିସ ପକ୍ଷରୁ ଟ୍ରାଫିକ ବ୍ୟବସ୍ଥା କରାଯାଇଛି । ଏଥିପାଇଁ ଛକରେ ଏକ ଟ୍ରାଫିକ ପୋଷ୍ଟ ରହିଥିଲା । ତେବେ ସହରର ସୌନ୍ଦର୍ଯ୍ୟକରଣ ନାମରେ ଏହାକୁ ହଟାଇ ଦିଆଯାଇଛି । ସେହି ସ୍ଥାନରେ ଏକ ସୁଉଚ୍ଚ ସ୍ଥାପତ୍ୟ ମଡେଲ ସ୍ଥାପନ କରାଯାଇଛି । ଟ୍ରାଫିକ ପୋଷ୍ଟରେ ଏହା ସ୍ଥାପନ ପରେ ଯାନବାହାନ ନିୟନ୍ତ୍ରଣରେ ଅନେକ ଅସୁବିଧା ଦେଖାଯାଉଛି । ଟ୍ରାଫିକ ସମସ୍ୟା ଦେଖାଯାଉଥିବା ବେଳେ ଛୋଟବଡ ଦୁର୍ଘଟଣା ମଧ୍ୟ ଘଟୁଛି । ପୂର୍ବରୁ ଏହି ଛକରେ ସିଗିନାଲ ଟ୍ରାଫିକ ବ୍ୟବସ୍ଥା ରହିଥିଲା । ମାତ୍ର ପରବର୍ତ୍ତୀ ସମୟରେ ତାହା ଅଚଳ ହୋଇ ପଡିଥିଲା । ତେଣୁ ଟ୍ରାଫିକ ନିୟନ୍ତ୍ରଣ ପାଇଁ ପୋଲିସ ପକ୍ଷରୁ ଡ୍ୟୁଟି ବଣ୍ଟନ କରାଯାଇଥାଏ । ଏହି ପୋଷ୍ଟ ଉଠିଯିବା ପରେ ଅନେକ ସମସ୍ୟା ଉପୁଜିଛି । ଏହାକୁ ଦୃଷ୍ଟିରେ ରଖି ବିକଳ୍ପ ବ୍ୟବସ୍ଥା ସହ ଟ୍ରାଫିକ ସମସ୍ୟାରେ ସୁଧାର ଆଣିବାକୁ ସାଧାରଣରେ ଦାବି ହେଉଛି । ସୂଚନାଯୋଗ୍ୟ, ଭାରତର ସ୍ୱାଧୀନତା ଦିବସ ସହ ଆଉ ଏକ ସ୍ୱତନ୍ତ୍ର ପ୍ରସଙ୍ଗ ସମ୍ବଲପୁର ପାଇଁ ଯୋଡ଼ି ହୋଇ ରହିଛି । ୧୯୪୭ ଅଗଷ୍ଟ ୧୫ ତାରିଖ ଦେଶର ସ୍ୱାଧୀନତା ସମୟରେ ସମ୍ବଲପୁରରେ ଏକ ସିନେମା ହଲ ବା ଟକିଜ ଆରମ୍ଭ ହୋଇଥିଲା । ଏହାର ନାମ ରଖାଯାଇଥିଲା ଲକ୍ଷ୍ମୀ ଟକିଜ । ସେତେବେଳେ ଟକିଜକୁ ଯିବା ପାଇଁ କୌତୁହଳ ସହିତ ଉତ୍ସାହ ଦେଖିବାକୁ ମିଳିଥିଲା । ଏଠାରେ ପ୍ରଦର୍ଶିତ ସଚଳ ଚଳଚ୍ଚିତ୍ରଗୁଡ଼ିକ ରେକର୍ଡ଼ କରୁଥିଲା । ଯାହା ଆଜିବି ଲୋକଙ୍କ ମନରେ ରହିଛି । ତେବେ ଏହା ବନ୍ଦ ହେବା ପରେ କେବଳ ଛକର ନାମ ଲକ୍ଷ୍ମୀଟକିଜ ଭାବେ ରହିଛି ।

## ଶ୍ରମିକଙ୍କୁ ପଶୁଙ୍କ ଭଳି ବସରେ ନେଉଛନ୍ତି ଦଲାଲ୍

ବଲାଙ୍ଗିର,(ସବ୍ୟୁ): ଅମାନବୀୟ ଢ଼ଙ୍ଗରେ ଶ୍ରମିକ ପରିବହନ ହେଉଛି । ସ୍ଲିପର୍ ବସରେ ୧୨୦ ଯାତ୍ରୀ ପରିବହନ । ବିପଦ ସଙ୍କୁଳ ଅବସ୍ଥାରେ ଗର୍ଭବତୀ । ବସ୍ ନମ୍ବର ପିୱାଇ ୦୧ ସିଏଲ୍ ୭୫୭୫ । ପୁଡୁଚେରି ରେଜିଷ୍ଟ୍ରେସନ୍ ହୋଇଥିବା ଶ୍ରୀ ବାଲିଜୀ କମ୍ପାନିର ଏସି ଲକ୍ଜରି ବସ୍ । ୩୫ ଯାତ୍ରୀ କ୍ଷମତା ବିଶିଷ୍ଟ ଏହି ନାଇଟ୍ ଏକ୍ସପ୍ରେସ୍ ସ୍ଲିପର୍ ବସରେ ଗାଈ ଗୋରୁ ପରି ଲଦାଲଦି ହୋଇ ଯାତ୍ରା କରୁଛନ୍ତି ୧୨୦ ଶ୍ରମିକ । ସେମାନଙ୍କ ମଧ୍ୟରେ ଅଛନ୍ତି ଗର୍ଭବତୀ ମହିଳାଙ୍କ ସମେତ ଛୋଟ ଛୋଟ ପିଲା । ଗୋଟିଏ ୨ ଟିକିଆ ବର୍ଥରେ ୧୨ରୁ ୧୩ ଯାତ୍ରୀ ଯାଉଥିବାବେଳେ ମଧ ଚଟାଣରେ ମଧ ସୋରିଷ ପକାଇବାକୁ ଜାଗା ନାହିଁ। ବସଟି ହାଇଦ୍ରାବାଦରୁ ୧୨୦ ଇଟାଭାଟି ଶ୍ରମିକଙ୍କୁ ନେଇ ବଲାଙ୍ଗିର ଓ କଳାହାଣ୍ଡି ଅଭିମୁଖେ ଯାତ୍ରା କରୁଥିବାବେଳେ ଧରିବା ସହ ଦଣ୍ଡ ଆଦାୟ କରିଛନ୍ତି ଟ୍ରାଫିକ୍ ଇନସ୍ପେକ୍ଟର ।

ରାଜ୍ୟରେ ଶେଷ ସୀମା ମାଲକାନଗିରି ମୋଟୁ ଦେଇ କଳାହାଣ୍ଡି, ବଲାଙ୍ଗିର, ନବରଙ୍ଗପୁର ଠାରୁ ଏମିତି ବୃହ ବସ୍ ଦୈନିକ ଯାତାୟାତ କରୁଛି । ଆଉ ଏହି ଲାଭଖୋର ମାଲିକଙ୍କ ଟାର୍ଗେଟରେ ଥାନ୍ତି ନିରୀହ ଶ୍ରମିକ । ତେବେ ଦୈନିକ କେତେ ଶ୍ରମିକ ବାହାର ରାଜ୍ୟକୁ ଚାଲାଣ ହେଉଛନ୍ତି, ତାହାର ହିସାବ କିତାବ ରାଜ୍ୟ ଶ୍ରମ ବିଭାଗ ପାଖରେ ନାହିଁ । ବସରେ କ୍ଷମତାଠାରୁ କେତେ ଯାତ୍ରୀ ପରିବହନ ହେଉଛନ୍ତି, ତାହାକୁ ନିୟମିତ ତଦାରଖ କରିବା ଦିଗରେ ପରିବହନ ବିଭାଗ ଅସହାୟ ।

## ଦୁଇ ବାଇକ୍ ଆରୋହୀଙ୍କୁ ଚାପିଦେଲା ଯାତ୍ରୀବାହୀ ବସ୍

ଝାରସୁଗୁଡ଼ା,(ସବ୍ୟୁ): ଝାରସୁଗୁଡ଼ା ଜିଲ୍ଲା କୋଲାବିରା ଥାନା ଅଧୀନ ସିରିଆପାଲି ଛକରେ ଶୁକ୍ରବାର ସନ୍ଧ୍ୟାରେ ଏକ ଘରୋଇ ଯାତ୍ରୀବାହୀ ବସ୍ ଦୁଇ ଜଣ ବାଇକ୍ ଆରୋହୀଙ୍କୁ ଶକ୍ତ ଧକ୍କା ଦେଇଥିଲା । ଦୁର୍ଘଟଣାର ସାମ୍ନା କରିଥିବା ଦୁଇ ବାଇକ୍ ଆରୋହୀଙ୍କର ମୃତ୍ୟୁ ଘଟିଛି। ମୃତକମାନେ ହେଲେ ମନୋଜ ମେହେର ଓ ସୁଶାନ୍ତ ମେହେର। ଏହି ଦୁର୍ଘଟଣା ପରେ ଘଟଣାସ୍ଥଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା । ସମ୍ବଲପୁର ଜିଲ୍ଲା ବୁର୍ଲା ଥାନା ଅଧୀନ ଚିପିଲିମା ନିକଟ କରଡୋଲା ଗାଁର ମନୋଜ ମେହେର ଓ ସୁଶାନ୍ତ ମେହେର କୌଣସି କାମରେ ବାଇକରେ ବାହାରିଥିଲେ। ସେମାନଙ୍କୁ ସନ୍ଧ୍ୟାରେ କୁଚିଣ୍ଡା ଅଭିମୁଖେ ଯାଉଥିବା ଏକ ଘରୋଇ ବସ୍ ଧକ୍କା ଦେଇଥିଲା। ଫଳରେ ଉଭୟଙ୍କର ମୃତ୍ୟୁ ଘଟିଛି।

ଦୁର୍ଘଟଣାର ସୂଚନା ପାଇ କୋଲାବିରା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଥିଲା । ଜଣଙ୍କର ମୃତଦେହ ଜବତ କରିଥିବା ବେଳେ ଅନ୍ୟ ଗୁରୁତର ବ୍ୟକ୍ତିଙ୍କୁ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ଏହି ଦୁର୍ଘଟଣା ପରେ ଘଟଣାସ୍ଥଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥଇଲା । ସ୍ଥାନୀୟ ଲୋକେ ବସ୍ ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ କ୍ଷତିପୂରଣ ଦାବି କରିଛନ୍ତି। ଶନିବାର ଦୁଇ ଶବ ପୋଷ୍ଟମର୍ଟମ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି।

## ଗଞ୍ଜେଇ ସହ ବାଇକ୍ ଜବତ

କନ୍ଧମାଳ,(ସବ୍ୟୁ): ବୌଦ୍ଧ ଜିଲ୍ଲା ଘଣ୍ଟାପଡା ଥାନା ପୁଲିସ ଦ୍ୱାରା ଏକ ବାଇକ ସହ ଗଞ୍ଜେଇ ଜବତ ହୋଇଥିବା ବେଳେ ଗଞ୍ଜେଇ ମାଫିଆ ମାରିଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି। ସୂଚନାନୁସାରେ ଘଣ୍ଟାପଡା ଥାନା ଆଭ୍ୟନ୍ତରିଣ କୁନାଶିଲା ରାସ୍ତାରେ ଆସୁଥିବା ଏକ ବାଇକକୁ ସନ୍ଦେହରେ ଅଟକାଇ ଯାଞ୍ଚ କରିଥିଲେ । ଯାଞ୍ଚ ସମୟରେ ଗାଡ଼ିରୁ ଗଞ୍ଜେଇ ମିଳିଥିଲା । ଜବତ ଗଞ୍ଜେଇକୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଓଜନ କରିବାରୁ ଏହାର ଓଜନ ୪୭କିଲୋ ଥିବା ଜଣାପଡିଥିଲା। ପୁଲିସକୁ ଦୂରରୁ ଦେଖି କୁନାଶିଲା ରାସ୍ତାରେ ବାଇକ ରଖି ଗଞ୍ଜେଇ ମାଫିଆ ଚମ୍ପଟ ମାରିଥିବା ଜଣାଯାଇଥିଲା । ଏନେଇ ଘଣ୍ଟାପଡା ଥାନା ଏନଡିପିଏସ କେସ ନଂ ୮୫/୨୫-୨୬ ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ନେଇ ଘଣ୍ଟାପଡା ଥାନାଧିକାରୀ ମାଧବ ଚନ୍ଦ୍ର ଟାକ୍ରି ସୂଚନା ଦେଇଛନ୍ତି।

## ପୂର୍ବତନ ବିଧାୟକ ମହମ୍ମଦ ରଫିକ୍‌ଙ୍କ ପରଲୋକ

ବରଗଡ଼,(ସବ୍ୟୁ): ବରଗଡ଼ ଜିଲ୍ଲା ମେଲଛାମୁଣ୍ଡା ନିର୍ବାଚନ ମଣ୍ଡଳୀର ପୂର୍ବତନ ଭାଜପା ବିଧାୟକ ମହମ୍ମଦ ରଫିକ୍‌ଙ୍କ ଶୁକ୍ରବାର ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କର ୭୧ ବର୍ଷ ହୋଇଥିଲା। ଭାଜପା ସଂଖ୍ୟାଲଘୁ ମୋର୍ଚ୍ଚାର ରାଜ୍ୟ ସଭାପତି ଭାବେ ମଧ ସେ କାମ କରିଥିଲେ। ସେ କିଛିଦିନ ହେଲା ରକ୍ତ ଶର୍କରାଜନିତ ରୋଗ ପାଇଁ ବରଗଡ଼ର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ସକାଳ ପ୍ରାୟ ୬ଟା ୩୦ମି ସମୟରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ୨୦୦୪ ରୁ ୨୦୦୯ପର୍ଯ୍ୟନ୍ତ ସେ ତତ୍କାଳୀନ ମେଲଛାମୁଣ୍ଡା ବିଧାନସଭା କ୍ଷେତ୍ରର ବିଧାୟକ ଥିଲେ। ଏହା ସହିତ ସେ ସୋହେଲା ଦୁର୍ଗାପୂଜା କମିଟିର ଉପସଭାପତି ଥିଲେ। ନିଜର ଅମାୟିକ ବ୍ୟବହାର, ସରଳ ସ୍ୱଭାବ ପାଇଁ ସାଧାରଣ ଲୋକଙ୍କ ମଧ୍ୟରେ ଅତି ପ୍ରିୟ ଥିଲେ। ତାଙ୍କ ବିୟୋଗରେ ସୋହେଲା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## କୋକସରା ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା

କୋକସରା,(ସବ୍ୟୁ): ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ ପକ୍ଷରୁ ଏସଏଚଜି ମହିଳାଙ୍କୁ ସ୍ୱାବଲମ୍ବୀ ଓ ରୋଜଗାରକ୍ଷମ କରିବା ପାଇଁ ଅନେକ ଯୋଜନା ରୂପାନ୍ତରିତ କରାଯାଇଛି। ଏହି କ୍ରମରେ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ହାତକୁ ନିଆଯାଇଛି। କୋକସରା ବ୍ଲକ ମିଶନ ଶକ୍ତି କାର୍ଯ୍ୟାଳୟ ସଭାଗୃହରେ ଗୁରୁବାର ଏନେଇ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ମୁଖ୍ୟ ବକ୍ତା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର କର୍ମଚାରୀ ସୋନିଆ ହେମ୍ରମ, ସମ୍ମାନିତ ଅତିଥି କୋକସରା ବିଡ଼ିଓ ଡ଼. ହିମାଞ୍ଚଳ ମାଝୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା ଉପସ୍ଥିତ ରହି ମିଶନ ଶକ୍ତି ଗ୍ରାମାଞ୍ଚଳର ମହିଳାଙ୍କୁ ସ୍ୱାବଲମ୍ବୀ କରିବା ସହ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପାରିଦର୍ଶିତାରେ ନିଜକୁ ସହଭାଗୀ କରି ବ୍ଲକ ପାଇଁ ସୁନାମ ଆଣିଥିବା କହିଥିଲେ। ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାରେ ବ୍ଲକର ୫୦ ଗୋଟି ଏସଏଚଜି ମହିଳା ମାନେ ଅଂଶଗ୍ରହଣ କରି ମାଣ୍ଡିଆ ଓ ଅନ୍ୟ ଖାଦ୍ୟଶସ୍ୟରେ ପ୍ରସ୍ତୁତ ବିଭିନ୍ନ ପ୍ରକାରର ଖାଦ୍ୟର ସୁସ୍ୱାଦୁ ବ୍ୟଞ୍ଜନ ପ୍ରଦର୍ଶିତ କରିଥିଲେ। ଏହି ପ୍ରତିଯୋଗିତାରେ ଶ୍ରୀ ଜଗନ୍ନାଥ ଏସଏଚଜି ପ୍ରଥମ, ମା ଲକ୍ଷ୍ମୀ ନାରାୟଣୀ ଗୋଷ୍ଠି ଦ୍ୱିତୀୟ ଓ କାଳୀକୃଷ୍ଣ ଏସଏଚଜି ତୃତୀୟ ସ୍ଥାନ ଅଧିକାର କରିଥିଲେ।ପରବର୍ତ୍ତୀ ସମୟରେ ଜିଲ୍ଲାସ୍ତରୀୟ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। କାର୍ଯ୍ୟକ୍ରମକୁ ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ମାନସ ରଞ୍ଜନ ବାରିକ, କର୍ମଚାରୀ ମନୋରଞ୍ଜନ ମହାନ୍ତି, ସୌମ୍ୟ ରଞ୍ଜନ ପଣ୍ଡା ପରିଚାଳନା କରିଥିବା ବେଳେ ମିଶନ ଶକ୍ତି ଅଧିନସ୍ଥ ମହିଳା କର୍ମଚାରୀ ମାନେ ସହଯୋଗ କରିଥିଲେ।

## ଧନୁପାଲି ରଥଯାତ୍ରା ପରିଚାଳନା ପାଇଁ ନୂତନ କମିଟି ଗଠିତ



ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଧନୁପାଲିସ୍ଥିତ ଶ୍ରୀଶ୍ରୀ ଗୋପାଳଜୀ ମହାପ୍ରଭୁଙ୍କ ମନ୍ଦିର ପ୍ରାଙ୍ଗଣରେ ରଥଯାତ୍ରା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଶରତଚନ୍ଦ୍ର ପାଢୀ ସଭାପତିତ୍ୱ କରିଥିଲେ । ସଭାପତି ବିଦେଶୀ ସାନବଡ ଗତବର୍ଷର ଆୟବ୍ୟୟ ଉପସ୍ଥାପନ କରିଥିଲେ । ଏହି ଅବସରରେ ଧନୁପାଲି ରଥଯାତ୍ରା ଉତ୍ସବ-୨୦୨୫ସୁପରିଚାଳନା ପାଇଁ ଏକ ନୂତନ କମିଟି ଗଠନ କରାଯାଇଥିଲା । ବିଦେଶୀ ସାନବଡ ସଭାପତି, ଦେବାଶିଷ ପୁରୋହିତ କାର୍ଯ୍ୟକାରୀ ସଭାପତି, ସୌରଭ ରଞ୍ଜନ ମହାପାତ୍ର ଉପସଭାପତି, ଦିଲ୍ଲୀପ କୁମାର ମହାପାତ୍ର ସମ୍ପାଦକ, ଆଲୋକ କୁମାର ଗୁରୁ ସହ ସମ୍ପାଦକ, ଚୈତନ୍ୟ ନାୟକ କୋଷାଧ୍ୟକ୍ଷ ଭାବେ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା । ସେହିପରି ଉପଦେଷ୍ଟା ମଣ୍ଡଳୀରେ ୧୭ଜଣଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ଚଳିତବର୍ଷ ଯାତ୍ରା ପାଳନ ପାଇଁ ମୋଟ ୩ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

# ପରିବହନ ଓ ଶ୍ରମ ବିଭାଗର ଚଢ଼ାଉ, ୧୧୬ ଶ୍ରମିକ ଉଦ୍ଧାର

ମାଲକାନଗିରି,(ସବ୍ୟୁ):ମାଲକାନଗିରି ଜିଲ୍ଲା ପରିବହନ ଓ ଶ୍ରମ ବିଭାଗର କର୍ମଚାରୀମାନେ ଅଚାନକ ଏକ ଘୋରେଇ ବସରେ ୧୧୬ ଜଣ ଶ୍ରମିକମାନଙ୍କୁ ନେଇ ବିପଦ ସଙ୍କୁଳ ଅବସ୍ଥାରେ ଯାତ୍ରା କରୁଥିବା ବେଳେ ବସରୁ ୧୧୬ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି । ଅତ୍ୟଧିକ ଯାତ୍ରୀ ନେବା ଅଭିଯୋଗରେ ପରିବହନ ବିଭାଗ ବସ୍ ମାଲିକଙ୍କୁ ୨୪,୨୦୦ ଟଙ୍କା ଜରିମାନା ପକାଇଥିବା ସୂଚନା ମିଳିଛି।

ପ୍ରାପ୍ତ ବିବରଣୀରୁ ପ୍ରକାଶ ଯେ ଶ୍ରୀବାଲାଜୀ ନାମକ ଏକ ଘରୋଇ ବସ୍ ହାଇଦ୍ରାବାଦରୁ କଣ୍ଟାବାଞ୍ଜି ଅଭିମୁଖେ ଯାତ୍ରା କରୁଥିବା ବେଳେ ଏଥିରେ ବସିବା କ୍ଷମତା ଠାରୁ ଚାରିଗୁଣା ଅଧିକା ଶ୍ରମିକ ନେଇ ଯାତ୍ରା କରୁଥିଲା । ଅଭିଯୋଗ ପାଇ ମାଲକାନଗିରି ଜିଲ୍ଲା ଅଞ୍ଚଳିକ ପରିବହନ ବିଭାଗ ଅତର୍କିତ ଚଢ଼ାଉ କରିଥିଲା । ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ଭାଗିରଥି ନାୟକଙ୍କ ନିର୍ଦ୍ଦେଶ କ୍ରମେ ଟ୍ରାଫିକ୍ ଇନସ୍ପେକ୍ଟର ଦୀପକ କୁମାର ସାହୁ, ଭାରାପ୍ରାପ୍ତ ଜିଲ୍ଲା ଶ୍ରମ ଅଧିକାରୀ ପୂର୍ଣ୍ଣିମା ଡୁରୁକା, ସହକାରୀ ଶ୍ରମ ଅଧିକାରୀ ପ୍ରିୟଙ୍କା ନାୟକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ବସକୁ ଅଟକାଇ ଥିଲେ । ଯାଞ୍ଚ ବେଳେ ବସରେ କ୍ଷମତା ଠାରୁ ଅଧିକ ଦାଦନ ଶ୍ରମିକ ଯାତ୍ରା କରୁଥିଲେ । ଏଥିରେ ୪ ଜଣ ଅନ୍ୟ ଯାତ୍ରୀଙ୍କୁ ମିଶାଇ ମୋଟ ୧୧୬ ଜଣ ଯାତ୍ରା କରୁଥିଲେ । ଏହି ସମସ୍ତ ଶ୍ରମିକ ହାଇଦ୍ରାବାଦର ମାଙ୍ଗିପାଲ୍ଲୀ ଅଞ୍ଚଳରେ ଏକ ଇଟାଭାଟି କମ୍ପାନୀରେ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ । ସେମାନେ ଏକ ବସ୍ ଯୋଗେ ନିଜ ଘର ବଲାଙ୍ଗିର ଓ ନବରଙ୍ଗପୁରକୁ ଫେରୁଥିଲେ । ବସ ଟି କଣ୍ଟାବାଞ୍ଜି ଯାଉଥିବା ବେଳେ ମାଲକାନଗିରି ଆଞ୍ଚଳିକ ପରିବହନ ବିଭାଗ ବସ୍କୁ ଅଟକାଇ ଯାଞ୍ଚ କରିଥିଲେ । ତେବେ ଉକ୍ତ ବସକୁ ୧୧୬ଜଣ ଶ୍ରମିକ ଉଦ୍ଧାର ହୋଇଥିଲା। ଶ୍ରମ ବିଭାଗ ସେମାନଙ୍କୁ ଜଳଖିଆ ଖୁଆଇ ଅନ୍ୟ ଏକ ବସରେ ଘରକୁ ପଠାଇବାର ବ୍ୟବସ୍ଥା କରାଯାଇଥିଲା । ସମସ୍ତ ଦାଦନ ଶ୍ରମିକଙ୍କ ପରିଚୟ ଓ ଠିକଣା ସଂଗ୍ରହ କରାଯାଇ ଥିବା ବେଳେ ବଲାଙ୍ଗୀରର ଦାଦନ ଚାଲାଣ ଦଲାଲଙ୍କୁ ଶ୍ରମ ବିଭାଗ ପକ୍ଷରୁ ନୋଟିସ ଜାରି କରାଯାଇଥିବା ଜଣା ପଡିଛି । ଉଲ୍ଲେଖ ଯୋଗ୍ୟ ଯେ, ଗତ ସୋମବାର ଦିନ ବାଲାଜୀ ଟ୍ରାଭେଲ୍ସର ଆଉ ଏକ ଘରୋଇ ବସ୍ ଅତ୍ୟଧିକ ଯାତ୍ରୀଙ୍କୁ ନେଇ କଣ୍ଟାବାଞ୍ଜି ଫେରୁଥିବା ବେଳେ ମାଲକାନଗିରିଜିଲ୍ଲା ବିଜା ଘାଟିରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏଥିରେ ୩୫ଜଣ ଶ୍ରମିକ ଆହତ ହୋଇଥିଲେ।




# ଡେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟରେ ୭୮୮ଟି ଗୟଳ ଚିହ୍ନଟ



ସମ୍ବଲପୁର,(ସବ୍ୟୁ): ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ଅନ୍ତର୍ଗତ ଡେବ୍ରିଗଡ଼ ଅଭୟାରଣ୍ୟରେ ଗୟଳ ଗଣନା ଶେଷ ହୋଇଯାଇଛି। ଗତ ମେ ମାସ ହୋଇଥିବା ଗଣନା ଅନୁଯାୟୀ ଡେବ୍ରିଗଡ଼ ଅଭୟାରଣ୍ୟରେ ୭୮୮ଟି ଗୟଳ ଅଛନ୍ତି। ସେଥିମଧ୍ୟରୁ ୨ବର୍ଷରୁ କମ୍ ବୟସର ୩୧୫ଟି ଓ ୧୨୮ଟି ନବଜାତ ଗୟଳ ଅଛନ୍ତି। ଗତ ବର୍ଷ ପ୍ରଥମ କରି କରାଯାଇଥିବା ଗୟଳ ଗଣନାରେ ୬୫୯ଟି ଗୟଳ ଥିଲେ। ତେବେ ୬ ମାସ ମଧ୍ୟରେ ୧୨୯ ଗୟଳ ବୃଦ୍ଧି ପାଇଥିବା ଡିଏଫ୍ଓ ଅଂଶୁପ୍ରଜ୍ଞା ଦାସ ସୂଚନା ଦେଇଛନ୍ତି। ଗତ ଥର ୫୨ଟି ଗୟଳ ଗୋଷ୍ଠୀ ଠାବ କରାଯାଇଥିବା ବେଳେ ଏଥର ତାହା ୬୦କୁ ବୃଦ୍ଧି ପାଇଛି। ଏହି ଗୋଷ୍ଠୀ ଗୁଡିକରେ ବୟସ୍କା ମାଈ ଗୟଳମାନେ ଶାବକ ଓ ଛୋଟ ଗୟଳମାନଙ୍କ ନେତୃତ୍ୱ ନେଇଥାନ୍ତି। ଏ ବର୍ଷ ମୌସୁମୀ ଓ ଶୀତ ସମୟରେ ନବଜାତ ଓ ଶାବକ ଗୟଳମାନଙ୍କ ଗଣନା କରାଯିବ। ଏହା ସିଡ୍ୟୁଲ୍ଡ-୧ ପ୍ରଜାତି ଘୋଷିତ ଏହି ଗୟଳମାନଙ୍କ ସଂରକ୍ଷଣ ଏବଂ ଅନ୍ୟ ବନାଞ୍ଚଳ ତୁଳନାରେ ଏମାନଙ୍କ ଘନତା ପରିସଂଖ୍ୟାନ ସଂଗ୍ରହ କରାଯିବ। ହୀରାକୁଦ ଆର୍ଦ୍ରଭୂମି କୂଳରେ ଥିବା ପରିବେଶ ସମ୍ବେଦନଶୀଳ ଜୋନ୍ ଓ ପର୍ଯ୍ୟଟନ ଜୋନ୍‌ରେ ବହୁ ସଂଖ୍ୟକ ଗୟଳ ଦୃଷ୍ଟିଗୋଚର ହୋଇଥାନ୍ତି। ସେଥିପାଇଁ ଡେବ୍ରିଗଡ଼ ଅଭୟାରଣ୍ୟକୁ ଲ୍ୟାଣ୍ଡ ଅଫ୍ ଇଣ୍ଡିଏନ୍ ବାଇସନ୍ କୁହାଯାଉଛି। ଏହି ପ୍ରଜାତିର ଗୟଳମାନେ ଦୂର ସ୍ଥାନକୁ ଯା'ଆସ କରିପାରନ୍ତି। ମାତ୍ର ବିସ୍ତୀର୍ଣ୍ଣ ଡେବ୍ରିଗଡ଼ ଅଭୟାରଣ୍ୟରେ ଏମାନେ ୫ ରୁ ୧୫ କିଲୋମିଟର ପର୍ଯ୍ୟନ୍ତ ଚଳପ୍ରଚଳ କରୁଛନ୍ତି। ଅନ୍ୟ ପକ୍ଷରେ ଡେବ୍ରିଗଡ଼ ଅଭୟାରଣ୍ୟର ସଫାରୀ ଜୋନ୍‌ରେ ୧୪୫ ଗୟଳ ୬ଟି ଗୋଷ୍ଠୀରେ ରହୁଛନ୍ତି। ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ୧୯୭୨ ଅନୁଯାୟୀ ଏମାନେ ଲୁପ୍ତପ୍ରାୟ ଥିବାରୁ ସିଡ୍ୟୁଲ-୧ ଘୋଷଣା କରାଯାଇଛି। ଅଭୟାରଣ୍ୟରେ ସମ୍ବର, ହରିଣ, ବାର୍‌ହା, ବାଘ, ଭାଲୁ, ହାତୀ, କୋକିଶିଆଳୀ ପ୍ରଭୃତି ବନ୍ୟପ୍ରାଣୀ ଅଛନ୍ତି। ଗତ ଶୀତରେ ଏଠାକୁ ୧୨୦ ପ୍ରଜାତିର ୩ ଲକ୍ଷ ୭୦ ହଜାର ବିଦେଶୀ ପକ୍ଷୀ ଆସିଥିଲେ। ୨୦୨୨ରେ ହୀରାକୁଦ ନଦୀବନ୍ଧକୁ ରାମ୍‌ସର ଆର୍ଦ୍ରଭୂମି ମାନ୍ୟତା ପ୍ରଦାନ କରାଯାଇଥିଲା। ଅଭୟାରଣ୍ୟ ମଧ୍ୟରେ ଥିବା ଜନବସତି ଗୁଡିକୁ ଅଭୟାରଣ୍ୟ ବାହାରେ ଥଇଥାନ ଓ ବନ୍ଦୋବସ୍ତ କରାଯାଇଛି। ଏବେ ଏହାକୁ ଜାତୀୟ ଉଦ୍ୟାନ ଓ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କରିବାର ପ୍ରସ୍ତାବ ରହିଛି। ଅନ୍ୟ ପକ୍ଷରେ ଅଭୟାରଣ୍ୟକୁ ପ୍ଲାଷ୍ଟିକ୍, ପ୍ରତିରୋଧ, ବିଦ୍ୟୁତ୍ ଆଘାତ ଶୂନ୍ୟ ଘୋଷଣା କରାଯାଇଛି। ପର୍ଯ୍ୟଟକମାନଙ୍କ ପାଇଁ ଏଠାରେ ରାତ୍ରିରହଣୀ ପାଇଁ କଟେଜ୍, ୧୮ଟି ସଫାରୀ ଯାନ ଓ ବିଭିନ୍ନ ଧରଣର ଡଙ୍ଗାର ବ୍ୟବସ୍ଥା ରହିଛି। ଫଳରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢିବାରେ ଲାଗିଛି ।

# ବୌଦ୍ଧ ଜିଲ୍ଲାରେ ଦୁଇ ବର୍ଷରେ ୬ ବାଘ ଛାଲ ଜବତ

ବୌଦ୍ଧ,(ସବ୍ୟୁ): ବୌଦ୍ଧ ଜିଲ୍ଲାରେ ଅବାଧରେ ଚାଲିଛି ବନ୍ୟଜନ୍ତୁ ଶିକାର । ଜିଲ୍ଲାରେ କେତେବେଳେ ଦାନ୍ତ ପାଇଁ ଦନ୍ତା ହାତୀକୁ ଶୀକାର କରାଯାଉଛି ତ ଆଉ କେତେବେଳେ ମାଂସ ପାଇଁ ବାରହା, କୁଟୁରା,ହରିଣ ଆଦି ବନ୍ୟଜନ୍ତୁକୁ ଶିକାର କରାଯାଉଥିବାର ଅଭିଯୋଗ ହେଉଛି । ହେଲେ ବନ ବିଭାଗ ଏହାର ଟେର ପାଉନାହିଁ । ଫଳରେ ଜିଲ୍ଲାରେ ଅବାଧରେ ବନ୍ୟଜନ୍ତୁଙ୍କୁ ଶିକାର କରାଯାଉଛି । ଏପରିକି ଜିଲ୍ଲାରେ ବିଭିନ୍ନ ସମୟରେ କଲରାପତରିଆ ବାଘ ଛାଲ କାରବାର ହେଉଥିବା ବେଳେ ଏସଟିଏଫ ପକ୍ଷରୁ ଚଢଉ କରାଯାଇ ବାଘଛାଲ ଜବତ କରୁଥିବାରୁ ଜିଲ୍ଲାରେ ବାଘ ଶିକାରୀ ସକ୍ରିୟ ଥିବା ସନ୍ଦେହ କରାଯାଉଛି । ସୂଚନା ମତେ,ଜିଲ୍ଲାରେ ଦୁଇ ବର୍ଷରେ ୬ଟି ବାଘ ଛାଲ ଜବତ ହୋଇଥିବା ବେଳେ ୫ ଜଣଙ୍କୁ ଗିରଫ କରିଛି ଏସଟିଏଫ । ୨୦୨୩ ମସିହାରେ ୩ଟି ବାଘ ଛାଲ ଜବତ ହୋଇଥିବା ବେଳେ ୨୦୨୪ ମସିହାରେ ୨ଟି ବାଘ ଛାଲ ଜବତ ହୋଇଛି । ଏବଂ ୨୦୨୫ରେ ଗୋଟିଏ ବାଘ ଛାଲ ଜବତ ହୋଇଛି । ସୂଚନା ମତେ, ୨୦୨୩ ମସିହାରେ ବୌଦ୍ଧ-ସୋନପୁର ମର୍ଜାତିପୁର ନିକଟରେ ବାଘଛାଲ ଡିଲ ହେଉଥିବା ବେଳେ ଏସଟିଏଫ ପକ୍ଷରୁ ଚଢଉ କରାଯାଇ ଦୁଇଟି ବାଘ ଛାଲ ଜବତ କରିଥିଲା । ସେଥିମଧ୍ୟରୁ ଗୋଟିଏ ମହାବଳ ବାଘ ହୋଇଥିବା ବେଳେ ଅନ୍ୟଟି କଲରାପତରିଆ ବାଘ ଛାଲକୁ ଜବତ କରିଥିବା ବେଳେ ଜଣଙ୍କୁ ଗିରଫ କରାଯାଇଥିଲା । ସେହିଭଳି ଉକ୍ତ ବର୍ଷ ମାର୍ଚ୍ଚ ମାସରେ ହରଭଙ୍ଗା-ଚଦ୍ରଙ୍ଗ ରାସ୍ତାରେ ଡିଲ ବେଳେ ଏସଟିଏଫ ଗୋଟିଏ କଲରାପତରିଆ ବାଘ ଛାଲ ସହିତ ୨ଟି ହରିଣ ଛାଲ ଜବତ କରିବା ସହିତ ଏହି ମାମଲାରେ ଜଣଙ୍କୁ ଗିରଫ କରାଯାଇଥିଲା । ସେହିପରି ୨୦୨୪ରେ ଦୁଇଟି ବାଘ ଛାଲ ଜବତ କରାଯାଇଥିବା ବେଳେ ଏହି ମାମଲାରେ ୨ ଜଣଙ୍କୁ ଗିରଫ କରିଥିଲା । ବୌଦ୍ଧ-ଫୁଲବାଣୀ ରାସ୍ତାର ରାଣୀପଥର ଗ୍ରାମ ନିକଟରେ ଏକ କଲରାପତରିଆ ବାଘ ଛାଲ ବିକ୍ରି ପାଇଁ ଡିଲ ହେଉଥିବା ବେଳେ ଏସଟିଏଫ ଚଢଉ କରି ବାଘ ଛାଲକୁ ଜବତ କରିବା ସହିତ କନ୍ଧମାଳ ଜିଲ୍ଲାର ଜଣଙ୍କୁ ଗିରଫ କରିଥିଲା । ସେହିପରି ଡିସେମ୍ବର ମାସରେ ମନମୁଣ୍ଡା-ଶଗଡା ମେହେରୁଣୀ ନାଳ ନିକଟରେ କଲରାପତରିଆ ବାଘ ଛାଲ ଡିଲବେଳେ ଏସଟିଏଫ ଟିମ ଚଢଉ କରି ବାଘ ଛାଲକୁ ଜବତ କରିଥିବା ବେଳେ ଜଣଙ୍କୁ ଗିରଫ କରିଥିଲା । ସେହିପରି ମାଧପୁର ରେଞ୍ଜ ପୋଢହଲ ଜଙ୍ଗଲରେ ବୌଦ୍ଧ ବନ ବିଭାଗ ଏକ କଲରାପତରିଆ ବାଘର ଗଳିତ ମୃତଦେହକୁ ଜବତ । ଏହା ସ୍ୱାଭାବିକ ମୃତ୍ୟୁ ହୋଇଥିବା ବନ ବିଭାଗ ସୂଚନା ଦେଇଥିଲା । ଚଳିତ ବର୍ଷ ଜାନୁଆରି ମାସରେ ମନମୁଣ୍ଡା-କଣ୍ଟାମାଳ ରାସ୍ତାରେ ବାଘଛାଲ ବିକ୍ରି ପାଇଁ ଡିଲ ହେବା ପୂର୍ବରୁ ଏସଟିଏଫ ଟିମ ଚଢଉ କରି ଗୋଟିଏ କଲରାପତରିଆ ବାଘ ଛାଲ ଜବତ ହୋଇଥିବା ବେଳେ ଜଣଙ୍କୁ ଗିରଫ କରିଥିଲା ଏସଟିଏଫ । ହେଲେ ଏହି ବାଘଛାଲ ଗୁଡିକୁ ଜିଲ୍ଲାରେ ଥିବା ଜଙ୍ଗଲରୁ ଶୀକାର କରାଯାଇଛି ନା ବାହାର ଜିଲ୍ଲାରେ ଶୀକାର କରାଯାଇ ତାହାର ଚମଡାକୁ ଏଠାକୁ ଆଣି ବିକ୍ରି କରାଯାଉଛି ତାହା ଜଣାପଡିନାହିଁ । ରାଜ୍ୟରେ ଦିନକୁ ଦିନ ବାଘ ବଂଶ ଲୋପ ପାଇ ଆସୁଥିବାରୁ ସରକାର ବାଘ ବଂଶ ବୃଦ୍ଧି ପାଇଁ ବାଘ୍ର ସଂରକ୍ଷଣ କରୁଥିବା ବେଳେ ଯେଉଁ ଭଳି ଭାବରେ ବାଘ ଶିକାର କରାଯାଉଛି । ଯଦି ଏଥିପ୍ରତି ସରକାର କଡା ଅଭିମୁଖ୍ୟ ଗ୍ରହଣ ନ କରନ୍ତି ତାହାହେଲେ ବାଘ ବଂଶ ଭବିଶ୍ୟତରେ ସଂପୂର୍ଣ୍ଣ ଲୋପ ପାଇଯିବାର ସମ୍ଭାବନାର ରହିଛି ବୋଲି ବୁଦ୍ଧିଜିବୀ ମହଲରେ ମତ ପ୍ରକାଶ ପାଉଛି ।

# ପରୀକ୍ଷା ଫଳ ପ୍ରକାଶ ନେଇ ରାଷ୍ଟ୍ରପତିଙ୍କୁ ଛାତ୍ରଛାତ୍ରୀଙ୍କ ନିବେଦନ

ପଦ୍ମପୁର,(ସବ୍ୟୁ): ରାଷ୍ଟ୍ରପତିଙ୍କୁ ଛାତ୍ରଛାତ୍ରୀଙ୍କ ନିବେଦନ। ଆମ ପରୀକ୍ଷା ଫଳ ପ୍ରକାଶ କରିବା ପାଇଁ ଶିକ୍ଷା ବିଭାଗକୁ ଅନୁମତି ଦିଅନ୍ତୁ । ଆମେ ପରିଶ୍ରମ କରି ପାଠ ପଢିଛୁ ଓ ପରୀକ୍ଷା ମଧ ଦେଇଛୁ । ହେଲେ ଆମର ଭୁଲ କଣ ଆମକୁ ଏଭଲି ଦଣ୍ଡ କାହିଁକି ଏଭଲି ପତ୍ର ଲେଖି ରାଷ୍ଟ୍ରପତିଙ୍କୁ ଗୁହାରୀ କରିଛନ୍ତି ପଦ୍ମପୁର ଉପଖଣ୍ଡର ୮୮୫ ଜଣ ଛାତ୍ରଛାତ୍ରୀ । ସିବିଏସ୍ଇ ଦ୍ୱାରା ପରିଚାଳିତ ପଦ୍ମପୁର ଉପଖଣ୍ଡର ୬ ଗୋଟି ସ୍କୁଲର ଦଶମ ଓ ଦ୍ୱାଦଶ ଶ୍ରେଣୀର ୧୧୮୫ ଜଣ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଫଳ ପ୍ରକାଶିତ ହେଲା ନାହିଁ । ପରୀକ୍ଷା ଫଳ ପ୍ରକାଶ କରିବା ଦାବିରେ ଛାତ୍ରଛାତ୍ରୀ ମାନେ ଧାରଣା ଦେବା ପରେ ୩୦୦ ଜଣ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଫଳ ପ୍ରକାଶ ପାଇଥିଲା । ହେଲେ ବାକିତକ ୮୮୫ ଛାତ୍ରଛାତ୍ରୀଙ୍କ ଫଳ ପ୍ରକାଶ ପାଇଲା ନାହିଁ । ଯାହାକୁ ନେଇ ଛାତ୍ରଛାତ୍ରୀ ମାନେ ସ୍ଥାନୀୟ ବିଧାୟକ , ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଗୁହାରୀ କରିଥିଲେ । ହେଲେ କୌଣସି ସୁଫଳ ପାଇନଥିଲେ । ତେଣୁ ଶୁକ୍ରବାର ଉକ୍ତ ଛାତ୍ରଛାତ୍ରୀ ମାନେ ନ୍ୟାୟ ପାଇବା ତଥା ତାଙ୍କ ପରୀକ୍ଷା ଫଳ ପ୍ରକାଶ କରିବା ପାଇଁ ରାଷ୍ଟ୍ରପତିଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି । ପରୀକ୍ଷା ଫଳ ପ୍ରକାଶ ନ ହେବା କାରଣରୁ ସେମାନେ ଉଚ୍ଚ ଶିକ୍ଷାରୁ ବଞ୍ଚିତ । ଶିକ୍ଷା ପ୍ରତ୍ୟେକ ବ୍ୟକ୍ତିର ମୌଳିକ ଅଧିକାର ତେଣୁ ତାଙ୍କୁ ସେ ଅଧିକାରରୁ ବଂଚିତ କରାନଯାଉ ବୋଲି ଦାବି କରିଛନ୍ତି ।

# ବିଧାୟକ ପ୍ରସନ୍ନ ଆଚାର୍ଯ୍ୟଙ୍କ ପତ୍ନୀ ବିୟୋଗ

ବରଗଡ଼,(ସବ୍ୟୁ): ବରିଷ୍ଠ ରାଜନେତା, ପୂର୍ବତନ ମନ୍ତ୍ରୀ ତଥା ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟଙ୍କ ଧର୍ମପତ୍ନୀ ଚାରୁଶୀଳା ଆଚାର୍ଯ୍ୟ(୬୮)ଙ୍କ ଗୁରୁବାର ତାଙ୍କ ବରଗଡ଼ସ୍ଥିତ ବାସଭବନରେ ହୃଦଘାତରେ ପରଲୋକ ହୋଇଯାଇଛି। ତାଙ୍କ ପରଲୋକ ଖବର ପାଇ ଆତ୍ମୀୟ ସ୍ୱଜନଙ୍କ ସମେତ ବରଗଡ଼ର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଶେଷ ଦର୍ଶନ ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତା ଆଚାର୍ଯ୍ୟ ମିଷ୍ଟଭାଷୀ, ଧର୍ମପ୍ରାଣ, ପରୋପକାରୀ ମହିଳା ଥିଲେ । ତାଙ୍କର ଅନ୍ତିମ ଦର୍ଶନ ପାଇଁ ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପୂଜାରୀ,ଟୁକୁନି ସାହୁ, ସ୍ନେହାଙ୍ଗିନୀ ଛୁରିଆ, ବିଧାୟକ ନିହାର ରଞ୍ଜନ ମହାନନ୍ଦ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚିଥିଲେ ଏବଂ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ସମବେଦନା ଜଣାଇଥିଲେ । ତାଙ୍କର ମୃତ୍ୟୁ ପରେ ତାଙ୍କର ଚକ୍ଷୁ ଦାନ ମଧ କରାଯାଇଛି । ଡାକ୍ତରୀ ଦଳ ପହଞ୍ଚି ତାଙ୍କ ପାର୍ଥିବ ଶରୀରରୁ ଚକ୍ଷୁ ସଂଗ୍ରହ କରିଥିଲେ। ଅପରାହ୍ନ ୪ ଟାରେ ସ୍ଥାନୀୟ ଜୀରାନଦୀ କୂଳ ସ୍ୱର୍ଗଦ୍ୱାରରେ ତାଙ୍କ ଅନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ ହୋଇଥିଲା । ଏହି ସମୟରେ ତାଙ୍କ ଦୁଇ ଝିଅ, ପୂର୍ବତନ ବରଗଡ଼ ବିଧାୟକଙ୍କ ସହ ତାଙ୍କ ଚାରି ପୁତୁରା ଉପସ୍ଥିତ ଥିଲେ । ବଡ ପୁତୁରା ସଞ୍ଜୟ କୁମାର ମୁଖାଗ୍ନି ଦେଇଥିଲେ ।

# ରେଡକ୍ରସ ସୋସାଇଟିର ୬ଜଣ ହେଲେ ଆଜୀବନ ସଦସ୍ୟ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା । ରେଡକ୍ରସ ସୋସାଇଟିରେ ୬ଜଣ ନୂତନ ଭାବେ ଆଜୀବନ ସଦସ୍ୟ ହୋଇଛନ୍ତି । ଅତିରିକ୍ତ ଜିଲ୍ଲାପାଳ ଅଶୋକ କୁମାର ଭୋଇ ସେମାନଙ୍କୁ ସଦସ୍ୟତା କାର୍ଡ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା । ରେଡକ୍ରସ ସମ୍ପାଦିକ ରୋଜାଲିନ ତିର୍କି, ପୃଷ୍ଠପୋଷକ ନିହାଲ ସିଂ, ମହମ୍ମଦ ୟୁସୁବ, ମୋମିନା ଖାତୁନ ପ୍ରମୁଖ ଉପସ୍ଥିତ ଥିଲେ ।

# କୁଳିହାରୀ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ପରିବେଶ ଦିବସ ପାଳିତ

ଜୁନାଗଡ଼, (ସବ୍ୟୁ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ କୁଳିହାରୀ ଉଚ୍ଚ ବିଦ୍ୟାଳୟ ଠାରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍କୁଲ ପ୍ରଧାନ ଶିକ୍ଷକ ବିଜୟ କୁମାର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କର୍ତ୍ତବ୍ୟ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶୋକ ପଟ୍ଟନାୟକ, ମୁଖ୍ୟ ବକ୍ତା କଳାହାଣ୍ଡି ଜିଲ୍ଲା ସାମ୍ବାଦିକ ୟୁନିଅନର ସାଧାରଣ ସମ୍ପାଦକ ସନ୍ତୋଷ କୁମାର ସିଂଦେଓ,ସମ୍ମାନିତ ଅତିଥି ବିଇଓ ତପନ ମାଝୀ ସ୍ଥାନୀୟ ସରପଞ୍ଚ ମଳୟ କୁମାର ଆଚାର୍ଯ୍ୟ, ବନପାଳ ଶ୍ରୀକାନ୍ତ ପଟ୍ଟନାୟକ, ବନପାଳ ବଳରାମ ଭୋଇ ପ୍ରମୁଖ ଯୋଗଦାନ କରିଥିଲେ। ପରିବେଶକୁ କିପରି ଭାବେ ସୁରକ୍ଷା କରାଯାଇ ପାରିବ ସେ ଦିଗରେ ଛାତ୍ର ଛାତ୍ରୀଙ୍କୁ ବୁଝାଇଥିଲେ। ପ୍ରଥମେ ଅତିଥି ମାନଙ୍କ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହା ସହିତ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ସାଧାରଣ ଜ୍ଞାନ, ଚିତ୍ରାଙ୍କନ, ପ୍ରବନ୍ଧ ପ୍ରତିଯୋଗିତା ମଧ ଅନୁଷ୍ଠିତ ହୋଇଥିଲା । ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ପ୍ରଥମ ହୋଇଥିଲେ ପିଙ୍କି ନାୟକ , ଚିତ୍ରାଙ୍କନରେ ପ୍ରଥମ ଭାବିସ ନାୟକ , ପ୍ରବନ୍ଧରେ ପ୍ରଥମ ପିଙ୍କି ନାୟକ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ । ସେହିଭଳି ଜିଲ୍ଲା ସ୍ତରରେ ପ୍ରକୃତି ବନ୍ଧୁ ପୁରସ୍କାରରେ ପୁରସ୍କୃତ ଶିକ୍ଷକ ପ୍ରମୋଦ ବିଶିଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା ।

# ଟ୍ରେନ୍‌ରୁ ଖସି ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ

ଭବାନୀପାଟଣା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ନର୍ଲା ରୋଡ୍ ରେଳ ଷ୍ଟେସନ୍ ପୂର୍ବରୁ ତୁଲା ଗାଁ ରେଳ ଫାଟକ ନିକଟରେ ଆଲେପିରୁ ଧାନବାଦ୍ ଯାଉଥିବା ଏକ୍ସପ୍ରେସ୍ ଟ୍ରେନ୍‌ରୁ ଜଣେ ଅଜଣା ବ୍ୟକ୍ତି ଖସି ତଳେ ପଡ଼ିଯାଇ ଥିଲେ। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସକୁ ଫୋନ୍ କରି ସୂଚନା ଦେବା ପରେ ତୁରନ୍ତ ଆମ୍ବୁଲାନ୍ସ ଘଟଣା ସ୍ଥଳରେ ପହଞ୍ଚି ପଡ଼ିଯାଇଥିବା ବ୍ୟକ୍ତିଙ୍କୁ ନର୍ଲା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ଡାକ୍ତର ପରୀକ୍ଷା ନିରୀକ୍ଷା ପରେ ତାକୁ ମୃତ ଘୋଷଣା କରିଥିଲେ। ମୃତ ବ୍ୟକ୍ତିଙ୍କ ପରିଚୟ ମିଳି ନ ଥିବା ବେଳେ ଘଟଣା ସ୍ଥଳରେ ରେଳବାଇ ପୋଲିସ୍ ଅଧିକ ତଦନ୍ତ କରୁଛି । ଟ୍ରେନ୍ ଯାତ୍ରା ସମୟରେ ଯାତ୍ରୀଙ୍କ ଅସାବଧାନତା ଯୋଗୁଁ ଏଭଳି ଘଟଣା ଘଟୁଥିବା ବେଳେ ଉକ୍ତ ଘଟଣା କିପରି ଘଟିଲା ତାହା ତଦନ୍ତ ପରେ ଜଣାପଡ଼ିବ।

# ଜୁଆ ଆଡ୍ଡା ଉପରେ ଚଢ଼ାଉ ଛେଳି ସହ ୭ବାଇକ୍ ଜବତ


ମାଲକାନଗିରିଛତା,(ସବ୍ୟୁ): ଗୁରୁବାର ରାତିରେ ମାଲକାନଗିରି ଥାନା ପୁଲିସ ଦଳ ଗୌଡ଼ଗୁଡା ଗ୍ରାମରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ଅତର୍କିତ ଚଢାଉ କରି ବାଜିରେ ଲାଗିଥିବା ଛେଳିକୁ ଆଣି ଥାନାରେ ବାନ୍ଧି ରଖିବା ସହିତ ୭ ବାଇକ୍‌କୁ ମଧ ଜବତ କରିଛି। ଗୌଡ଼ଗୁଡ଼ା ଗ୍ରାମରେ କୁକୁଡ଼ା ଗାଲି ଚଲାଉଥିବା ବେଳେ ଜୁଆ ଖେଳ ମଧ ଜୋରଦାର ଚାଲୁଥିଲାଛ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ମାଲକାନଗିରି ଆଦର୍ଶ ଥାନା ପୁଲିସ ଗୁରୁବାର ରାତିରେ ଏସଡିପିଓ ଦିବ୍ୟ ଦଳେଇଙ୍କ ନେତୃତ୍ୱରେ କୁକୁଡ଼ା ଖାଲି ଓ ଜୁଆ ଆଡ୍ଡା ଉପରେ ଚଢ଼ାଉ କରିଥିଲା। ପୁଲିସ ଦଳକୁ ଦେଖୁ ଦେଖୁ ଜୁଆଡିମାନେ ପ୍ରାଣ ମୂର୍ଚ୍ଛା ଦୌଡ଼ି ପଳାଇ ଜଙ୍ଗଲରେ ଲୁଚି ଯାଇଥିଲେ। ଅନ୍ଧାର ରାତ୍ର ହେତୁ ପୁଲିସ କାହାରିକୁ ଗିରଫ କରିବାରେ ସଫଳ ହୋଇ ନଥିଲା। ଜୁଆଡ଼ିମାନେ ଫେରାର ହୋଇଯାଇଥିବା ବେଳେ ସେଠାରେ ଶ୍ରେଷ୍ଠ ବିଜେତା ପାଇଁ ରଖାଯାଇଥିବା ଏକ ଛେଳି ଓ ୭ଟି ମୋଟର ସାଇକେଲକୁ ପୁଲିସ ଜବତ କରି ଭ୍ୟାନରେ ଆଣି ଥାନା ପରିସରରେ ବାନ୍ଧି ରଖିଛି। ରାତି ଠାରୁ ନିରିହ ଛେଳିଟି ପୁଲିସ ଥାନା ପରିସରରେ ଚିତ୍କାର କରୁଥିଲା । ଏ ସମ୍ପର୍କରେ ମାଲକାନଗିରି ଥାନା ଅଧିକାରୀ ରିଗାନ କିଣ୍ଡୋ ପ୍ରକାଶ କରିଛନ୍ତି ଯେ , ଛେଳିଟିର ଦାବିଦାର ଆସିଲେ ତାଙ୍କୁ ଛେଳିକୁ ହସ୍ତାନ୍ତର କରାଯିବ। ନଚେତ ବିକଳ୍ପ ବ୍ୟବସ୍ଥା କରାଯିବ। ଜୁଆଡିମାନଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି।

# ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ

ନୂଆପଡ଼ା,(ସବ୍ୟୁ): ନୂଆପଡ଼ାରେ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳନ ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ମନୋଜ କୁମାର ସାହୁଙ୍କ ଅଧକ୍ଷତାରେ ଏକ ମୁଖ ଗହ୍ୱର ସ୍ୱାସ୍ଥ୍ୟ ପରୀକ୍ଷଣ ଓ ସଚେତନତା ଶିବିର ଆୟୋଜିତ ହୋଇଥିଲା । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ଏହି ଶିବିରକୁ ଜିଲ୍ଲାପାଳ ମଧୁସୂଦନ ଦାଶ ଉଦ୍ଘାଟନ କରିଥିଲେ । ତମାଖୁର ବିକ୍ରୀ ଓ ସେଗୁଡ଼ିକର ବିଜ୍ଞାପନ ପାଇଁ ପ୍ରଣିତ ନୂତନ କୌଶଳର ପର୍ଦ୍ଦାଫାସ କରିବା, ତମାଖୁ ବର୍ଜନ ପାଇଁ ସଚେତନତା ସୃଷ୍ଟି କରିବା ସହିତ ପୀଡିତ ମାନଙ୍କୁ ଚିକିତ୍ସା ସେବା ଯୋଗାଇ ଦେବା ଶିବିରର ଉଦ୍ଦେଶ୍ୟ ଥିଲା । ତମାଖୁର ଅଭ୍ୟାସରେ ପଡି ଯାଇଥିବା ଜନ ସାଧାରଣଙ୍କୁ ପରାମର୍ଶ ସହିତ ଔଷଧ ପ୍ରଦାନ କରି ପୁଣି ସୁସ୍ଥ ଜୀବନ ଧାରାକୁ ଫେରାଇ ଆଣିବା ପାଇଁ ଜିଲ୍ଲାପାଳ ଡାକ୍ତର ଓ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ମାନଙ୍କୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ସେ ତମାଖୁ ଆମ ସ୍ୱାସ୍ଥ୍ୟ ପ୍ରତି ବିପଦଜନକ ସଚେତନତା ପ୍ରଚାର ପତ୍ର ଉନ୍ମୋଚନ କରିଥିଲେ । ଶିବିରରେ ସି ଡି ଏମ୍ ଓ ଙ୍କ ସହିତ ଡି ପି ଏମ୍ - ସତ୍ୟ ନାରାୟଣ ତ୍ରିପାଠୀ, ଏଡିପିଏଚଓ - କିଶୋର ଚନ୍ଦ୍ର ପଟେଲ ଉପସ୍ଥିତ ଥିଲେ । ବିଭାଗୀୟ କର୍ମଚାରୀ ମମତା ମାଝୀ, କନକ ବର୍ଦ୍ଧନ ସାହୁ, ଶରତ କୁମାର ବେଜୋ, ସୁପ୍ରିତ ପାତ୍ର, ଶରତ କୁମାର ନାୟକ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

## ସରକାରୀ ପ୍ରୋତ୍ସାହନର ଅଭାବ

# ...ୌଳିକ ବୃତ୍ତିରୁ ଦୂରେଇ ଗଲେଣି କୁଷ୍ଟା ଜାତି ସମ୍ପ୍ରଦାୟ



...ବ,(ସବ୍ୟୁ) : ସାରା ...ରେ ଯେବେ ଠାରୁ ଜାତି ...ଥା ଆରମ୍ଭ ହୋଇଛି ...ୁ ଯେ କୌଣସି ଜାତି ସମାଜ ନିଜର ଗୁଜାରଣ ମେଣ୍ଟାଇବା ପାଇଁ କୌଣସି ଏକ କର୍ମ ବା ଧନ୍ଦାକୁ ନିଜର କୌଳିକ ବୃତ୍ତି ଭାବରେ ଆପଣେଇ ନେଇଛନ୍ତି । ସମୟାନୁକ୍ରମେ ସେଥିମଧ୍ୟରୁ ଅନେକ ଜାତି ସମାଜ ନିଜର ନିଜର କୌଳିକ ବୃତ୍ତିକୁ ଛାଡି ଅନ୍ୟ କର୍ମ ବା ଧନ୍ଦାକୁ ଅପଣେଇ ନେଇଥିବା ବେଳେ ଏନେକ ଜାତି ସମାଜ ଏବେବି ନିଜର କୌଳିକ ବୃତିକୁ ଜାବୁଡି ଧରି ବଂଶ କ୍ରମେ ବଂଶ କରିଆସୁଛନ୍ତି । ଏଭଳି ଏକ ଜାତି ସମାଜ ହେଉଛି କୁଷ୍ଟା ଜାତି ସମ୍ପ୍ରଦାୟ । ଏହି ଜାତି ସମ୍ପ୍ରଦାୟର ଲୋକମାନେ ପ୍ରଥମେ ପାଟ ବୁଣା କାର୍ଯ୍ୟକୁ ନିଜର କୌଳିକ ବୃତ୍ତି ଭାବରେ ଅପଣେଇ ନେଇଥିଲେ । ହେଲେ ପରବର୍ତ୍ତି ସମୟରେ ପାଟ ବୁଣାରୁ ଦୂରେଇ ଯାଇ ଏବେ ତାରିଣୀ, ବ୍ରତ, ରାକ୍ଷୀ ଆଦିକୁ ତିଆରି କରି ଆସୁଛନ୍ତି । ଏବଂ ଏବେ ଏହାକୁ ନିଜର କୌଳିକ ବୃତି ଭାବରେ ଆପଣେଇ ନେଇଛନ୍ତି । ହେଲେ ଏଥିରେ ଯାହା ରୋଜଗାର ହେଉଅଛି ସେଥିରେ ପରିବାର ଚଳାଇବା କଷ୍ଟକର ହୋଇ ପଡିଛି । ଯାହାଫଳରେ ଅନେକ ଏହି କୌଳିକ ବୃତିକୁ ଛାଡି ଅନ୍ୟ କର୍ମ କରୁଛନ୍ତି । ଅନେକ ଛାଡିବାକୁ ବସିଲେଣି ହେଲେ କଣ କରିବେ ତାହାକୁ ନେଇ ଦ୍ୱନ୍ଦ୍ୱରେ ରହିଥିବାରୁ ବାଧହୋଇ କରୁଛନ୍ତି । ଏମାନଙ୍କୁ ଯଦି ସରକାରୀ ପ୍ରୋତ୍ସହନ ନ ମିଳେ ତାହାହେଲେ ଭବିଶ୍ୟତରେ ଏହି ବୃତିକୁ ସେମାନେ ଛାଡିବାକୁ ବାଧ ହେବେ ବୋଲି ସେମାନେ କ୍ଷୋଭର ସହିତ କହିଛନ୍ତି । ଏହି ଜାତି ସମାଜର ଦେବାଙ୍ଗନ ମେହେରଙ୍କ କହିବା ଅନୁଯାଇ ସେମାନଙ୍କ ପ୍ରକୃତ ଜାଗା ହେଉଛି ଛତିଶଗଡ ରାଜ୍ୟ । ଆଜକୁ ପ୍ରାୟ ଦୁଇଶହ ବର୍ଷରୁ ଉର୍ଦ୍ଧ୍ୱ ହେବ ବୌଦ୍ଧରାଜ୍ୟର ତତ୍କାଳିନ ରାଜ ପାଟ ବୁଣିବା ପାଇଁ ଦୁଇ ତିନି ଜଣ ପରିବାରକୁ ବୌଦ୍ଧ ରାଜ୍ୟକୁ ଆଣିଥିଲେ । ବୌଦ୍ଧ ରାଜବାଟୀ ନିକଟ ବାହାରିପଡା ବର୍ତ୍ତମାନର ଭୈରବୀ ଛକ ଠାରେ ରହିବା ପାଇଁ ଜାଗା ଦେଇଥିଲେ । ବର୍ତ୍ତମାନ ମଧ ସେମାନେ ଏଠାରେ ରହି ଆସୁଛନ୍ତି । ସେଠାରେ ସେମାନେ ରହି ନିଜର କୌଳିକ ବୃତି ପାଟ ବୁଣା କାର୍ଯ୍ୟ କରୁଥିଲେ । ପରବର୍ତ୍ତି ସମୟରେ ସେମାନଙ୍କର ଉତ୍ତରାଧିକାରୀମାନେ ମଧ ଏହି ପାଟ ବୁଣା କାର୍ଯ୍ୟରେ ଲାଗି ରହିଲେ । ହେଲେ ପରବର୍ତ୍ତି ସମୟରେ ବିଭିନ୍ନ କାରଣରୁ ସେମାନେ ଏହି ପାଟ ବୁଣା କାର୍ଯ୍ୟରୁ ଦୂରେଇ ଯାଇ ଏହାକୁ କୌଳିକ ବୃତ୍ତି ଭାବରେ ଆପଣେଇ ନେଇଥିଲେ । ହିନ୍ଦୁରିତି ନିତି ଅନୁସାରେ ୧୨ ମାସକୁ ୧୩ ପର୍ବ ବୋଲି କୁହାଯାଉଥିବା ବେଳେ ଏହି ପର୍ବ ପର୍ବାଣୀ ମଧ୍ୟରୁ ଏନେକ ପର୍ବରେ ବ୍ରତ ଆବଶ୍ୟକତା ପଡିଥାଏ । ଏହି ସବୁ ବ୍ରତ ଏମାନେ ତିଆରି କରିଥାନ୍ତି । ସେହିଭଳି ସୁଦଶା ବ୍ରତ, ତାରେଣୀ,ରାକ୍ଷୀ, ଭାଇ ଜୁଡିଁଆ, ପୁଅ ଜୁଡିଁଆ, ସାବିତ୍ରୀ ବ୍ରତ,ଅନନ୍ତ ବ୍ରତ,ଦଶହରା ବ୍ରତ ଆଦି ବିଭିନ୍ନ ବ୍ରତ ତିଆରି କରି ବିକ୍ରି କରି ପରିବାର ପ୍ରତିପୋଷଣ କରିଥାନ୍ତି । ହେଲେ ଏବେ ସମୟ ବଦଳିଛି ବର୍ତ୍ତମନ ବିଭିନ୍ନ ଡିଜାଇନର ରାକ୍ଷୀ ବଜାରକୁ ଆସିବା ପରେ ଏମାନଙ୍କର ରାକ୍ଷୀର ଚାହିଦା କମିଛି । ଜଣେ ବ୍ୟକ୍ତି ଦିନକୁ ୭୦ଟି ତାରେଣୀ, ବ୍ରତ ତିଆରି କରିବାର ସମର୍ଥ ରହିଛି । ସେହିପରି ଗୋଟିଏ ବ୍ରତ କିମ୍ବା ତାରେଣୀ ବନାଇବା ପାଇଁ ତିନି ଟଙ୍କାର ଅଧିକ ଖର୍ଚ୍ଚ ହେଉଥିବା ବେଳେ ତାହାକୁ ବଜାରରେ ମାତ୍ର ୫ ଟଙ୍କାରେ ବିକ୍ରି କରାଯାଉଛି । ବିଭିନ୍ନ ସମୟରେ ବେପାରୀମାନେ ଆସି ଗୋଟିଏ ପିଛା ୪ ଟାଙ୍କାରୁ ସାଢେ ଚାରି ଟଙ୍କାରେ କିଣି ନେଇ ଯାଇଥାନ୍ତି । ସେଠାରେ ଲାଭ ମଧ ଅଧିକ ମିଳି ନ ଥାଏ । ଦିନକୁ ଦିନ କଂଚା ମାଳର ଅଭାବ ସାଙ୍ଗକୁ ଦରଦାମ ବୃଦ୍ଧି ଯୋଗୁଁ ବ୍ୟବସାୟ କରିବା କଷ୍ଟ କର ହୋଇ ପଡିଛି । ସରକାର ସେମାନଙ୍କୁ କିପରି ଅଧିକରୁ ଅଧିକ ସୁଲଭ ମୂଲ୍ୟରେ ଓ ସୁବିଧାରେ କଂଚାମାଲ ପାଇ ପାରିବେ ସେଥିପ୍ରତି ଦୃଷ୍ଟି ଦେବାର ଆବଶ୍ୟକତା ରହିଛି । ପର୍ବପର୍ବାଣୀ ଆସିଲେ ପରିବାରର ସମସ୍ତେ ଏହି ବ୍ରତ, ତାରେଣୀ ବନାଇବାରେ ଲାଗିପଡିଥାନ୍ତି । ଏହି ସଂପ୍ରଦାୟର ଇଷ୍ଟଦେବୀ ହେଉଛନ୍ତି ମାଁ ଶୀତଳା ଦେବୀ । ବର୍ତ୍ତମାନ ସେମାନେ ୨୫ରୁ ଉର୍ଦ୍ଧ୍ୱ ପରିବାର ଏଠାରେ ବସବାସ କରୁଛନ୍ତି । କୁଷ୍ଟା ଜାତି ସମାଜ ଏହି କୌଳିକ ବୃତିରେ ନିୟୋଜିତ ବ୍ୟକ୍ତି ବିଶେଷଙ୍କୁ ସରକାରୀସ୍ତରରେ ପ୍ରୋତ୍ସାହନ ଯୋଗାଇ ଦେବାର ଆବଶ୍ୟକତା ରହିଛି ନଚେତ ଆଗକୁ ସେମାନେ ନିଜର ଏହି କୌଳିକ ବୃତ୍ତି ଛାଡିବାକୁ ବାଧ ହେବେ ବୋଲି ବୁଦ୍ଧିଜିବୀ ମହଲରେ ମତ ପ୍ରକାଶ ପାଉଛି ।

**Office of the Principal**
**JAGANNATH JEW HIGHER SECONDARY SCHOOL**
AT-CHADEIDHARA, PO. - GARHAMADHUPUR,
DIST-JAJPUR, ODISHA, PIN-755023
Ref. No. 70/2025 Date : 05.06.2025
**WALK-IN-INTERVIEW**

Applications are invited from eligible candidates for selection and employment of following non-teaching posts with consolidated management payment. The candidates are required to attend a Walk-in interview on dt. 20/06/2025 from 11am to 1 pm in the college premises with all original certificates along with two passport size photos.

1. One Office Clerk cum DEO
   Minimum Qualification BA/B.Sc/B.Com (With Computer Knowledge)
2. One Watchman
3. One Sweeper.

Sd/- Principal
Jagannath Jew H.S. School
Chadeidhara, Jajpur

**ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର**
Housing & Urban Development Department, Govt. of Odisha
ପାରାଦ୍ୱୀପ ପୌର ପରିଷଦ, ପାରାଦ୍ୱୀପ
**OFFICE OF THE PARADEEP MUNICIPALITY, PARADEEP**
ସ୍ଥାନ- ପାରାଦ୍ୱୀପ, ଜିଲ୍ଲା-ଜଗତସିଂହପୁର, ୭୫୪୧୪୨
At/Po-Paradeep, Dist- Jagstsinghpur (Odisha), Pin-754142
**Quotation Call Notice No. 2378 / Dt. 04.06.2025**

C-444 : The Executive Officer, Paradeep Municipality on behalf of Paradeep Municipality, Dsit-Jagatsinghpur invites sealed quotations from the interested Firm/Agency/suppliers at ABC and MCC Rangiagarh Office rooom". DTCN along with specification, terms and conditions can be obtained in office of the paradeep Municipality on payment of paper cost Rs. 2,000.00 (Rupees Two Thousand) only non refundable from 06.06.2025 to 13.06.2025 during office hours. Quoation without payment of paer cost and EMD shall not be accepted in any case and will be rejected summarily. The quotation will be reached the undersigned on or before dt. 17.06.2025 up to 11.00 A.M. The same will be opened on the same day at 12.30 A.M.

Sd/- Executive Officer
Paradeep Municipality
OIPR : 13120/11/0046/2526

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
CAD-645
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org.

ପତ୍ର ସଂଖ୍ୟା ୮୬ **ବିଜ୍ଞାପନ** ତା : ୨୧.୫.୨୦୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

| ମୃତ ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|
| ସ୍ୱର୍ଗତ ରମେଶ ଚନ୍ଦ୍ର ଶର୍ମା<br>ପିତା- ସ୍ୱର୍ଗତ ମୁରଲୀଲାଲ ଶର୍ମା<br>ସା-ବାହାଦୂର ବଗିଚାପଡା<br>ପୋ- ବାହାଦୂର ବଗିଚାପଡ଼ା<br>ଥାନା- ଭବାନୀପାଟଣା<br>ଜିଲ୍ଲା- କଳାହାଣ୍ଡି | ଏଲ୍ଆଇଜି-୨-୬୬ ଓ ୬୭<br>(LIG0II-66 & 67<br>ପରମାନନ୍ଦପୁର<br>ଭବାନୀପାଟଣା<br>କଳାହାଣ୍ଡି | ୧. ସନ୍ତୋଷୀ ଶର୍ମା (ସ୍ତ୍ରୀ)<br>୨. ମଧୁସ୍ମିତା ଶର୍ମା (ବି.କନ୍ୟା)<br>୩. ରେଖା ଶର୍ମା (ବି.କନ୍ୟା)<br>୪. ରାଖି ଶର୍ମା (ଅ.ବି କନ୍ୟା)<br>୫. ଦୀପିକା ଶର୍ମା (ବି.କନ୍ୟା)<br>୬. କିରଣ ଶର୍ମା (ବି. କନ୍ୟା)<br>୭. ଆଶା ଶର୍ମା (ବି.କନ୍ୟା) |

ସ୍ୱା/- ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR : 13030/11/0651/2526

**CUTTACK MUNICIPAL CORPORATION**
**TENDER CALL NOTICE**
No. 1824/HO, 27.05.2025

C-424 : Cuttack Municipal Corporation invites sealed tenders from reputed bidders for "DELTAMETHRIN 1.25%" LJLV [Ultra Low Volume] for the year 2025-26 utilization on thermal Fogging Machine of Cuttack Municipal Corporation.

Details of the requirement can be downloaded from the official website, cmccuttack.odisha.aQv.in. The last date of submission of Tender documents is up to 4.00 p.m. dt.17.06.2025.

Sd/- Health Officer
Cuttack Municipal Corporation
OIPR : 13031/11/0184/2526

**OFFICE OF THE TRANSPORT COMMISSIONER -CUM-CHAIRMAN STATE TRANSPORT AUTHORITY, ODISHA, CUTTACK**
JJ-19
**CORRIGENDUM-I**
SHORT TENDER CALL NOTICE No.7903, Date 31.05.2025

1. In reference to the above tender call notice the website address mentioned in the notice may be read as www.odishatransport.gov.in instead of http// orissatransport.nic.in.
2. Some changes has been made in the above short tender call notice. The details may be seen at our website www.odishatransport.gov.in

Sd/- Joint Commissioner Transport
(Road Safety)
STA, Odisha, Cuttack
OIPR : 38003/11/0070/2526

**WORKS DEPARTMENT**
**OFFICE OF THE SUPERINTENDING ENGINEER, ROURKELA (R&B) DIVISION, UDITNAGAR,ROURKELA**
B-173
E-Mail Id - ccpwdrkl@gmail.com
Government of Orissa "e" Procurement Notice
Bid Identification No.: 06/2025-26 Dated:30.05.2025

1. Number of works:! (One) number of Works
2. Estimated cost: Rs. 50.38 Lakhs.
3. Period of completion: 4(Four) calendar months
4. Date & Time of availability of bid document in the portal: Dt. 09.06.2025 at 11.00 A.M.
5. Last date/ Time for receipt of bids in the portal: Dt 23.06.2025 up to 05.00 P.M.
6. Date of opening of Bid: Dt 24.06.2025 at 11.00A.M.
7. Name and Address of the Officer Inviting Bid: Superintending Engineer, (R & B) Division, Rourkela, UditNagar.

Further details can be seen from the e-procurement portal http// tendersorissa.gov.in"

Sd/- Superintending Engineer
Rourkela (R&B) Division
OIPR : 34068/11/0015/2526

(ଶ୍ରୀମଦ୍ଭଗବଦ୍ ଗୀତା ୧୬/୧୦)
–ଦୈବାସୁରସମ୍ପଦ୍‌ବିଭାଗ–
(ଶ୍ରୀଭଗବାନୁବାଚ )

**କାମମାଶ୍ରିତ୍ୟ ଦୁଷ୍ପୂରଂ ଦମ୍ଭମାନମଦାନ୍ୱିତାଃ ।**
**ମୋହାଦ୍ ଗୃହୀତ୍ୱାସଦ୍‌ଗ୍ରାହାନ୍‌ପ୍ରବର୍ତ୍ତନ୍ତେଽଶୁଚିବ୍ରତାଃ ।।୧୦।।**

ସେମାନେ ଅପୂରଣୀୟ କାମନା ଅବଲମ୍ବନପୂର୍ବକ ଦମ୍ଭ, ମାନ ଓ ଅହଂକାରଯୁକ୍ତ ହୋଇ ମୋହବଶତଃ ''ଅମୁକ ମନ୍ତ୍ରଦ୍ୱାରା ଅମୁକ ଦେବତାର ଆରଧନା କରି ମହାନିଧିପ୍ରାପ୍ତ ହେବି'' ଏହିପରି ଦୁରାଗ୍ରହଦ୍ୱାରା ଅଶୁଚିବ୍ରତ–ପରାୟଣ ହୋଇ ଅବୈଦିକ କ୍ଷୁଦ୍ର ଦେବତାର ଉପାସନାଦିରେ ପ୍ରବୃତ୍ତ ହୁଅନ୍ତି ।।୧୦।।

# ରାଜ୍ୟରେ କୁଳପତି ନିଯୁକ୍ତି ପ୍ରକ୍ରିୟା

**ସମ୍ପାଦକୀୟ**

ରାଜ୍ୟରେ କୁଳପତିମାନଙ୍କ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି । ଏହା ଏକ ଶୁଭ ସୂଚନା । ଗତ ଜୁନ୍ ୪ (୨୦୨୫)ରେ ରାଜ୍ୟରେ ଥିବା ତେରଗୋଟି ବିଶ୍ୱବିଦ୍ୟାଳୟରେ ଏହି ପ୍ରକ୍ରିୟା ହେଉଥିବାର ସୂଚନା ମିଳିଛି । ସେହି ସବୁ ବିଶ୍ୱବିଦ୍ୟାଳୟ ହେଉଛି ଭୁବନେଶ୍ୱରର ଉତ୍କଳ ବିଶ୍ୱବିଦ୍ୟାଳୟ ଓ ରମାଦେବୀ ବିଶ୍ୱବିଦ୍ୟାଳୟ, କଟକର ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ, ବାରିପଦାର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ସମ୍ବଲପୁରର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ବାଲେଶ୍ୱରର ଫକୀରମୋହନ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁରର ଖଲିକୋଟ ୟୁନିଟାରୀ ବିଶ୍ୱବିଦ୍ୟାଳୟ, ପୁରୀର ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ବଲାଙ୍ଗୀରର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, କେନ୍ଦୁଝରର ଧରଣୀଧର ବିଶ୍ୱବିଦ୍ୟାଳୟ, ଜୟପୁରର ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଓ କଳାହାଣ୍ଡିର ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ।

ଦୁଃଖର କଥା, ଏହି ସବୁ ବିଶ୍ୱବିଦ୍ୟାଳୟମାନଙ୍କରେ ପାଠପଢ଼ା ବ୍ୟାହାତ ହୋଇ ଆସୁଥିଲା । ଶିକ୍ଷକମାନଙ୍କୁ ନିଯୁକ୍ତି ମଧ ଦିଆଯାଇ ପାରୁ ନଥିଲା । ଓଡ଼ିଶା ବିଶ୍ୱବିଦ୍ୟାଳୟ ଆଇନ, ୧୯୮୯ର ସଂଶୋଧନ ୨୦୨୦ରେ କରାଯିବାରୁ ୟୁନିଭରସିଟି ଗ୍ରାଣ୍ଟସ୍ କମିଶନ ଓ ଶିକ୍ଷାବିତ୍‌ମାନେ ଏହାକୁ ବିରୋଧ କରିଥିଲେ । କାରଣ ଏଥିରେ କୁଳପତି ତଥା ଶିକ୍ଷକ ନିଯୁକ୍ତି କ୍ଷେତ୍ରରେ ନିୟମ ଓ ନିୟନ୍ତ୍ରଣ ପ୍ରଭୃତିର ଉଲଂଘନ ହୋଇଥିଲା ବୋଲି ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ, ୨୦୨୦କୁ ସରକାର ପରିବର୍ତ୍ତନ କରିବାକୁ ଚାହିଁଥିଲେ । ଗତ ଏପ୍ରିଲ ୩ (୨୦୨୫)ରେ ଓଡ଼ିଶା ବିଧାନସଭାରେ ଦୀର୍ଘ ବାର ଘଣ୍ଟା ଧରି ଏହା ଉପରେ ଆଲୋଚନା ମଧ ହୋଇଥିଲା ।

ବିଶ୍ୱବିଦ୍ୟାଳୟରେ କୁଳପତିମାନଙ୍କ ନିଯୁକ୍ତି ପ୍ରକ୍ରିୟାକୁ ହାଇକୋର୍ଟଙ୍କ ଏକ ଆଦେଶ ବଳରେ ଗତ ୨୦୨୨ ମେ' ୨୦ ତାରିଖରେ ସ୍ଥଗିତ ରଖାଯାଇଥିଲା । ଗତ ମେ ୭ ( ୨୦୨୫)ରେ ସର୍ବୋଚ୍ଚ ଅଦାଲତଙ୍କ ଆଦେଶ ବଳରେ କୁଳପତି ଓ ଅନ୍ୟାନ୍ୟ ଶିକ୍ଷକମାନଙ୍କ ନିଯୁକ୍ତି ଉପରେ ଥିବା କଟକଣା ଆଦେଶ ପ୍ରତ୍ୟାହୃତ ହୋଇଥିଲା । ଫଳରେ ଗତ ଜୁନ୍ ୪ ତାରିଖ (୨୦୨୫)ରେ ତେରଗୋଟି ବିଶ୍ୱବିଦ୍ୟାଳୟର କୁଳପତିଙ୍କ ନିଯୁକ୍ତି ସକାଶେ ବିଜ୍ଞପ୍ତି ପ୍ରକାଶ ପାଇଛି । ଆସନ୍ତା ଜୁଲାଇ ୫ (୨୦୨୫) ମଧ୍ୟରେ କୁଳପତି ଆଶାୟୀ ପ୍ରାର୍ଥୀଭାବେ ଆବେଦନ କରିପାରିବେ ଏବଂ ରାଜ୍ୟର ଉଚ୍ଚଶିକ୍ଷା ବିଭାଗ ଏଥିପାଇଁ ଆବେଦନ ପତ୍ର ଦେବାକୁ ଅନୁରୋଧ କରିଛି । ବିଶ୍ୱବିଦ୍ୟାଳୟମାନଙ୍କରେ ଖାଲି ପଡ଼ିଥିବା ଶିକ୍ଷକଙ୍କ ଓ ଗବେଷକଙ୍କ ନିଯୁକ୍ତି କ୍ଷେତ୍ରରେ କୁଳପତିମାନଙ୍କ ପଦବୀ ପୂରଣର ଆବଶ୍ୟକତା ରହିଛି । ମାତ୍ର କୁଳପତି ହେବାକୁ ଚାହୁଁଥିବା ପ୍ରାର୍ଥୀଙ୍କ ସର୍ବୋଚ୍ଚ ବୟସ ସୀମା ୬୬ ବର୍ଷ ରଖାଯାଇଛି । ଏଥିପାଇଁ ଅସନ୍ତୋଷ ପ୍ରକାଶ ପାଇଛି । ଅର୍ଥାତ୍ ୨୦୨୫ ଡିସେମ୍ବର ପହିଲା ସୁଦ୍ଧା କୁଳପତି ପ୍ରାର୍ଥୀଙ୍କ ବୟସ ୬୬ ବର୍ଷରୁ କମ୍ ହୋଇଥିବା ଆବଶ୍ୟକ ବୋଲି ଏହି ବିଜ୍ଞପ୍ତିରେ ସୂଚନା ଦିଆଯାଇଛି । ପୁଣି ଯେଉଁ ପ୍ରାର୍ଥୀମାନେ ଏକାଧିକ ବିଶ୍ୱବିଦ୍ୟାଳୟର କୁଳପତି ହେବାକୁ ଚାହିଁବେ, ସେମାନେ କେଉଁ ବିଶ୍ୱବିଦ୍ୟାଳୟର କୁଳପତି ହେବାକୁ ଅଗ୍ରାଧିକାର ଦେବେ, ସେ ବିଷୟରେ ସେହି ଏକମାତ୍ର ଆବେଦନ ପତ୍ରରେ ଉଲ୍ଲେଖ କରିବେ । ଆବେଦନପତ୍ରଗୁଡ଼ିକ ଯାଞ୍ଚ ପରେ ବଛା ବଛି ହେଲେ ପ୍ରାର୍ଥୀମାନଙ୍କୁ ଏକ ତିନିଜଣିଆ ମନୋନୟକ କମିଟିର ସମ୍ମୁଖୀନ ହେବାକୁ ପଡ଼ିବ । ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତି ହେବା ଲାଗି ଆଗ୍ରହୀ ପ୍ରାର୍ଥୀମାନେ ଭିନ୍ନ ଭିନ୍ନ ସମୟରେ ନିର୍ଦ୍ଧାରିତ ସ୍ଥାନରେ ହେବାକୁ ଥିବା ସାକ୍ଷାତକାର କାର୍ଯ୍ୟକ୍ରମମାନଙ୍କରେ ଯୋଗ ଦେବେ । ୨୦୨୪ର ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ ଅନୁଯାୟୀ ବିଶ୍ୱବିଦ୍ୟାଳୟ ଶିକ୍ଷକମାନଙ୍କୁ କମିଟି ୟୁ.ଜି.ସି. ନିର୍ଦ୍ଦେଶାବଳି ଅନୁସାରେ ମନୋନୟନ କରିବେ, ଯେଉଁଥିରେ କୁଳପତି ବା ତାଙ୍କ ମନୋନୀତ ବ୍ୟକ୍ତି ଅଧକ୍ଷତା କରିବେ ।

ବିଶ୍ୱବିଦ୍ୟାଳୟର କୁଳପତି ଓ ଶିକ୍ଷକମାନଙ୍କ ନିଯୁକ୍ତି ପାଇଁ ଇତିମଧ୍ୟରେ ରାଜ୍ୟ ସରକାର ବହୁ ପରୀକ୍ଷା ନୀରିକ୍ଷା କରଆସିଛନ୍ତି । ରାଜ୍ୟରେ ଥିବା ବୁଦ୍ଧିଜୀବୀ, ଜ୍ଞାନୀ, ଗବେଷକ, ବୈଜ୍ଞାନିକ ଓ ଲେଖକମାନଙ୍କୁ ମଧ ବିଶ୍ୱବିଦ୍ୟାଳୟରେ ପାଠ ପଢ଼ାଇବାକୁ ସୁଯୋଗ ଦିଆଯାଉ କିମ୍ବା ବିଭିନ୍ନ କ୍ଷେତ୍ରରେ ଥିବା ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନଜନକ ଡକ୍ଟର ଉପାଧିରେ ଭୂଷିତ କରାଯାଉ । ଏହା ହିଁ ବିଶ୍ୱବିଦ୍ୟାଳୟର ମର୍ଯ୍ୟାଦା ବଢ଼ାଇ ପାରିବ ।

**ସଙ୍କଳ୍ପ**
**ନିଜ ସୁଖ ପାଇଁ, ଜାତ ନୁହେଁ ହିନ୍ଦୁ**
**ବିଶ୍ୱହିତେ ହିନ୍ଦୁ,ପ୍ରତି ରକ୍ତବିନ୍ଦୁ ।**
**ଗୋପବନ୍ଧୁ ଦାସ**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ପ୍ରତିଷ୍ଠାନର ପ୍ରଥମ ସମ୍ମିଳନୀ



**ଦିଲ୍ଲୀପ କୁମାର ପଟ୍ଟନାୟକ**



ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ହେଉଛନ୍ତି ବିଶ୍ୱର ପ୍ରଥମ ସାକାର ବିଗ୍ରହ । ପୃଥିବୀର ଅତ୍ୟନ୍ତ ଦୁର୍ଲ୍ଲଭ ସ୍ଥାନ ଦିବ୍ୟ ନୀଳାଚଳ କ୍ଷେତ୍ରର ମର୍ତ୍ତ୍ୟ ବୈକୁଣ୍ଠରେ ଶ୍ରୀବତ୍ସ ଖଣ୍ଡଶାଳ ମନ୍ଦିର ସ୍ଥିତ ରତ୍ନ ସିଂହାସନରେ ଅନାଦିକାଳରୁ ଦାରୁବ୍ରହ୍ମରୂପୀ ଚତୁର୍ଦ୍ଧା ବିଗ୍ରହ ମନୁଷ୍ୟୋଚିତ ଲୀଳା ଆଚରଣ ପୂର୍ବକ ଅବସ୍ଥାନ କରୁଅଛନ୍ତି । ସଂପ୍ରତି ରହସ୍ୟମୟ ଏହି ଦାରୁ ବିଗ୍ରହ ବିଶ୍ୱ ଦେବତା ଭାବେ ଅଗଣିତ ଭକ୍ତଜନଙ୍କ ଦ୍ୱାରା ସ୍ୱୀକୃତ ହୋଇଛନ୍ତି । ପରମପାବନ ଶ୍ରୀକ୍ଷେତ୍ର ଧାମରେ ୨୦୨୩ ମସିହା ଅକ୍ଟୋବର ୧୨ ତାରିଖ ଦିନ ମାତ୍ର ୭ ଜଣ ବିଶିଷ୍ଟ ଜଗନ୍ନାଥ ପ୍ରେମୀ ବ୍ୟକ୍ତିଙ୍କୁ ନେଇ ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ପ୍ରତିଷ୍ଠାନ (ଆଇ.ଏସ୍. ଜେ. ଆଇ) ର ଶୁଭାରମ୍ଭ ତଥା ରେଜେଷ୍ଟ୍ରିଭୁକ୍ତ ହୋଇଥିଲା । ସମଗ୍ର ବିଶ୍ୱରେ ଶ୍ରୀଜଗନ୍ନାଥ ଚେତନାର ବ୍ୟାପକ ପ୍ରଚାର ପ୍ରସାର ଘଟିବା ଫଳରେ ଓଡିଶା ସମେତ ଭାରତ ଓ ବିଦେଶର ବିଭିନ୍ନ ସ୍ଥାନରେ ସନାତନ ଧର୍ମାବଲମ୍ବୀ ଶ୍ରୀଜଗନ୍ନାଥପ୍ରେମୀ ଭକ୍ତ, ଓଡ଼ିଆ ସମାଜ, ସ୍ଥାନୀୟ ଜମିଦାର, ରାଜା, ସାଧାରଣ ବ୍ୟକ୍ତିବିଶେଷଙ୍କ ଉଦ୍ୟମରେ ବିଗତ ଶତାଧିକ ବର୍ଷ ମଧ୍ୟରେ ୩୦୦୦ ରୁ ଉର୍ଦ୍ଧ୍ୱ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠିତ ହୋଇପାରିଛି । ସେହିପରି ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ଦେଶ ବିଦେଶର ସୁପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଓ ଗବେଷଣା ସଂସ୍ଥା ପକ୍ଷରୁ ଏହି ମହାନ ଜଗନ୍ନାଥ ସଂସ୍କୃତି ଓ ଉପାସନାର ବିଭିନ୍ନ ଦିଗ ଉପରେ ଗବେଷଣା ଜାରି ରହିଥିବା ଅତ୍ୟନ୍ତ ଆନନ୍ଦର ବିଷୟ ଅଟେ । କେବଳ ଓଡ଼ିଶାର ପ୍ରସିଦ୍ଧ ବିଶ୍ୱବିଦ୍ୟାଳୟମାନଙ୍କରେ ଅଦ୍ୟାବଧି ଶ୍ରୀଜଗନ୍ନାଥ ସଂସ୍କୃତି ଓ ଶ୍ରୀମନ୍ଦିରର ବିଭିନ୍ନ ଉପାସନା ଧାରା ସଂପର୍କରେ ପ୍ରାୟ ୮୦ ରୁ ଉର୍ଦ୍ଧ୍ୱ ଗବେଷଣା ନିବନ୍ଧ ପ୍ରସ୍ତୁତ ପୂର୍ବକ ଛାତ୍ରଛାତ୍ରୀମାନେ ପି. ଏଚ୍. ଡି ଉପାଧି ପ୍ରାପ୍ତ ହୋଇପାରିଛନ୍ତି । ଏତଦ୍‌ବ୍ୟତୀତ ପୃଥିବୀର ବିଭିନ୍ନ ଭାଷାରେ ମଧ ଶ୍ରୀଜଗନ୍ନାଥ ଚେତନାର ବିବିଧ ଦିଗ ଉପରେ ଗବେଷଣା କାର୍ଯ୍ୟ ଆଗେଇ ଚାଲିଛି ।

ପ୍ରାଚୀନ ସମୟରୁ ଶ୍ରୀକ୍ଷେତ୍ର ଧାମରେ ସୁପ୍ରତିଷ୍ଠିତ ଶ୍ରୀମନ୍ଦିର ଓ ଦାରୁବ୍ରହ୍ମରୂପୀ ଚତୁର୍ଦ୍ଧା ବିଗ୍ରହଙ୍କ ମାହାତ୍ମ୍ୟ ସମ୍ପର୍କରେ ଅଷ୍ଟାଦଶ ପୁରାଣ, ଉପ ପୁରାଣ ଓ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଥିବା ଜଣାଯାଏ । ବିଗତ ୫୦ ବର୍ଷ ମଧ୍ୟରେ ଓଡ଼ିଶାରେ ଶ୍ରୀଜଗନ୍ନାଥ ସଂସ୍କୃତିଭିତ୍ତିକ ପ୍ରାୟ ୧୫ରୁ ଉର୍ଦ୍ଧ୍ୱ ଅନୁଷ୍ଠାନ ଗଠିତ ହୋଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରଚାର ପ୍ରସାର କାର୍ଯ୍ୟରେ ନିୟୋଜିତ ହୋଇ ଆସୁଛନ୍ତି । ଯଦିଓ ଏହି ଆଧ୍ୟାତ୍ମିକ ପ୍ରତିଷ୍ଠାନର ଆଭିମୁଖ୍ୟ ସ୍ୱତନ୍ତ୍ର ଅଟେ । ୨୦୨୩ ଅକ୍ଟୋବର ମାସରେ ଗଠିତ ଏହି ଅନୁଷ୍ଠାନରେ ଆମେରିକା, ନାଇଜେରିଆ, ୟୁକେ ସମେତ ଭାରତର ବିଭିନ୍ନ ରାଜ୍ୟର ଶ୍ରୀଜଗନ୍ନାଥ ପ୍ରେମୀ ଭକ୍ତ, ସମାଜସେବୀ, ଶିକ୍ଷାବିତ୍, ଗବେଷକ, ଐତିହାସିକ, ପୂଜ୍ୟ ମଠାଧୀଶ, ସାଧୁସନ୍ଥ, ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ବରିଷ୍ଠ ସେବକ ତଥା ଅନ୍ୟାନ୍ୟ ଜଗନ୍ନାଥ ମନ୍ଦିରର ଟ୍ରଷ୍ଟି, ସଭାପତି, କମିଟି ସଭ୍ୟ ପ୍ରମୁଖ ଶତାଧିକ ବ୍ୟକ୍ତି ସଦସ୍ୟତା ଗ୍ରହଣ କରିଛନ୍ତି ।

ପ୍ରଥମ ଥର ନିମନ୍ତେ ସମଗ୍ର ବିଶ୍ୱରେ ଏଭଳି ଆନ୍ତର୍ଜାତିକସ୍ତରୀୟ ଜଗନ୍ନାଥ ଚେତନାଭିତ୍ତିକ ଅନୁଷ୍ଠାନ ପ୍ରତିଷ୍ଠାର ମୂଳ ଲକ୍ଷ୍ୟ ଓ ଆଭିମୁଖ୍ୟ ହେଉଛି–

(୧) ଶ୍ରୀଜଗନ୍ନାଥ ଚେତନାଭିତ୍ତିକ କେନ୍ଦ୍ରୀୟ ପାଠାଗାରର ପ୍ରତିଷ୍ଠା ସଂପ୍ରତି ଏହି କେନ୍ଦ୍ରୀୟ ପାଠାଗାରରେ ଶ୍ରୀଜଗନ୍ନାଥ ଚେତନା ସମ୍ବନ୍ଧିତ ୫ଟି ଭାଷାରେ ରଚିତ ଏକ ହଜାରରୁ ଉର୍ଦ୍ଧ୍ୱ ଗ୍ରନ୍ଥ, ଶ୍ରୀମନ୍ଦିର ସଂକ୍ରାନ୍ତୀୟ ରିପୋର୍ଟ, ଶ୍ରୀମନ୍ଦିର ସତ୍ତ୍ୱଲିପି, ଶ୍ରୀମନ୍ଦିର ଆଇନ୍, ମାଦଳା ପାଞ୍ଜି ଇତ୍ୟାଦି ସଂରକ୍ଷିତ କରାଯାଇଛି । ଭବିଷ୍ୟତରେ ସମଗ୍ର ବିଶ୍ୱରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ବନ୍ଧରେ ରଚିତ ଦୁର୍ଲ୍ଲଭ ଗ୍ରନ୍ଥମାନ ସଂଗ୍ରହ କରାଯାଇ କେନ୍ଦ୍ରୀୟ ପାଠାଗାରରେ ସଂରକ୍ଷିତ କରାଯିବାର ଯୋଜନା ରହିଛି । ଏହା ଦ୍ୱାରା ଶ୍ରୀଜଗନ୍ନାଥ ସଂସ୍କୃତି, ସାହିତ୍ୟ ଓ ଉପାସନା ଉପରେ ଗବେଷଣା କରୁଥିବା ଛାତ୍ରଛାତ୍ରୀମାନେ ଉପକୃତ ହୋଇପାରିବେ । ସେହିପରି ଶ୍ରୀଜଗନ୍ନାଥ ଉପାସନା ସମ୍ବନ୍ଧୀୟ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଦୁର୍ଲ୍ଲଭ ପଦାର୍ଥମାନ ସଂଗ୍ରହ କରାଯାଇଛି, ଯାହାକି ଜୁନ୍ ୭ ତାରିଖ (୨୦୨୫) ଶନିବାର ଦିନ ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ମନ୍ଦିର ସମୂହ ସମ୍ମେଳନ ଅବସରରେ ପ୍ରଦର୍ଶିତ ହେବ । **ଏହି ସମ୍ମିଳନୀରେ ଓଡ଼ିଶାର ବାଚସ୍ପତି ଶ୍ରୀମତୀ ସୁରମା ପାଢୀ, ଛତିଶଗଡ ରାଜ୍ୟର ମୁଖ୍ୟମନ୍ତ୍ରୀ ଶ୍ରୀ ବିଷ୍ଣୁଦେଓ ସାଇ, ଛତିଶଗଡ ବିଧାନସଭାର ବିଧାୟକ ଶ୍ରୀ ପୁରନ୍ଦର ମିଶ୍ର, ଓଡ଼ିଶା ବିଧାନସଭାର ବିଧାୟକ ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ ଓ ଶ୍ରୀ ମନୋରଂଜନ ଦ୍ୟାନ ସାମନ୍ତରା ପ୍ରମୁଖ ବିଶିଷ୍ଟ ଅତିଥି ରୂପେ ଯୋଗଦାନ କରିବେ ।**

କେନ୍ଦ୍ରୀୟ ପାଠାଗାର ଓ ମ୍ୟୁଜିୟମ୍ ସଂସ୍ଥାପନ ନିମନ୍ତେ ନିକଟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡ଼ିଶାଙ୍କୁ ଭୁବନେଶ୍ୱର ଠାରେ ଏକ ସରକାରୀ ଆବାସ ଉପଲବ୍ଧ କରାଇବା ପାଇଁ ପ୍ରତିଷ୍ଠାନ ପକ୍ଷରୁ ଅନୁରୋଧ କରାଯାଇଛି । ଏହା ଦ୍ୱାରା ଓଡ଼ିଶାର ରାଜଧାନୀ ଠାରେ ସ୍ଥାୟୀ ଭାବେ ବିଶ୍ୱର ପ୍ରଥମ ଶ୍ରୀଜଗନ୍ନାଥ ଚେତନାଭିତ୍ତିକ କେନ୍ଦ୍ରୀୟ ପାଠାଗାର ଓ ମ୍ୟୁଜିୟମ୍ ପ୍ରତିଷ୍ଠା ହୋଇପାରିବ ।

(୨) ଓଡ଼ିଶା ରାଜ୍ୟ ବାହାରେ ବିଭିନ୍ନ ସ୍ଥାନରେ ସୁପ୍ରତିଷ୍ଠିତ ଥିବା ଶ୍ରୀଜଗନ୍ନାଥ ମନ୍ଦିରର ସେବାପୂଜା ନିମିତ୍ତ ହିନ୍ଦୀ ଭାଷାରେ ଏକ ପୁସ୍ତକ ପ୍ରସ୍ତୁତ କରାଯାଇ ସମ୍ମେଳନ ଅବସରରେ ଏହା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯିବ ।

(୩) ପ୍ରଥମ ଥର ନିମନ୍ତେ ଏହି ଆଧ୍ୟାତ୍ମିକ ସଂଗଠନ ପକ୍ଷରୁ ଭାରତ ଓ ବିଦେଶର ବିଭିନ୍ନ ଜଗନ୍ନାଥ ମନ୍ଦିରର ଟ୍ରଷ୍ଟି, ପୂଜକ ଓ କମିଟି ସଦସ୍ୟମାନଙ୍କୁ ଭୁବନେଶ୍ୱର ଠାରେ ଅନୁଷ୍ଠିତ ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ମନ୍ଦିର ସମୂହ ସମ୍ମେଳନ– ୨୦୨୫ କୁ ନିମନ୍ତ୍ରଣ ପୂର୍ବକ ଭାବର ଆଦାନ ପ୍ରଦାନ ନିମନ୍ତେ ସୁଯୋଗ ସୃଷ୍ଟି କରାଯାଉଛି ।

(୪) ମୂଳ ପୀଠ ଶ୍ରୀମନ୍ଦିର ସମେତ ବିଭିନ୍ନ ଜଗନ୍ନାଥ ମନ୍ଦିରର ଉତ୍ତମ ପରିଚାଳନା କରୁଥିବା ଟ୍ରଷ୍ଟି, କମିଟି ସଭାପତି, ସମ୍ପାଦକ ସମେତ ପାରମ୍ପରିକ ବିଧି ବିଧାନରେ ନିଷ୍ଠାର ସହ ମହାପ୍ରଭୁଙ୍କ ସେବା ପୂଜା କରୁଥିବା ଅର୍ଚ୍ଚକ, ପୂଜକମାନଙ୍କୁ ପ୍ରତିଷ୍ଠାନ ତରଫରୁ ଉତ୍ସାହିତ କରିବା ପୂର୍ବକ ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ସେବା ରତ୍ନ ଉପାଧି ପ୍ରଦାନ କରାଯିବ ।

(୫) ଭାରତ ଓ ବିଦେଶରେ ଶ୍ରୀଜଗନ୍ନାଥ ମନ୍ଦିର ସମୂହ ସମ୍ମେଳନ (Shree Jagannath Temples' Summit) ଆୟୋଜନ କରାଯିବ ।

(୬) ସମଗ୍ର ଭାରତ ବର୍ଷରେ ଓ ବିଦେଶରେ ଥିବା ଶ୍ରୀଜଗନ୍ନାଥ ମନ୍ଦିରମାନଙ୍କର ପ୍ରତିଷ୍ଠା, ଇତିହାସ, ସେବାପୂଜା ଓ ରଥଯାତ୍ରା ସମ୍ବନ୍ଧୀୟ ତଥ୍ୟ ସଂଗୃହୀତ ହୋଇ ଏକ ଡିରେକ୍ଟରୀ ପ୍ରକାଶ କରାଯିବା ସମେତ ପ୍ରତିଷ୍ଠାନର ନିଜସ୍ୱ ୱେବସାଇଟ୍‌ରେ ଏହି ତଥ୍ୟମାନ ଉପଲବ୍ଧ କରାଇ ବିଶ୍ୱର ସମସ୍ତ ଜଗନ୍ନାଥପ୍ରେମୀ ଭକ୍ତମାନଙ୍କ ସୁବିଧା କରାଯିବ ।

ପବିତ୍ର ଆଧ୍ୟାତ୍ମିକ ସମ୍ମେଳନ ଅବସରରେ 'ଅତିଥି ଦେବୋ ଭବ' ନ୍ୟାୟରେ ବିଶ୍ୱର ପ୍ରତ୍ୟେକ ଶ୍ରୀଜଗନ୍ନାଥ ମନ୍ଦିରମାନଙ୍କ ସହ ସୁସମ୍ପର୍କ ସ୍ଥାପନ ପୂର୍ବକ ଓଡ଼ିଆ ଅସ୍ମିତାର ଗର୍ବ ଗୌରବ ମହାନ୍ ଶ୍ରୀଜଗନ୍ନାଥ ସଂସ୍କୃତିର ବ୍ୟାପକ ପ୍ରଚାର ଓ ପ୍ରସାର ନିମନ୍ତେ ପ୍ରତିଷ୍ଠାନ ପକ୍ଷରୁ ଅଭିନବ କେନ୍ଦ୍ରୀୟ ପାଠାଗାର ଓ ମ୍ୟୁଜିୟମ୍ ସଂସ୍ଥାପନର ପରିକଳ୍ପନା କରାଯାଇଅଛି ।

**ସଭାପତି,ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ପ୍ରତିଷ୍ଠାନ, ଭାରତ,ଶ୍ରୀଜଗନ୍ନାଥ ଧାମ ପୁରୀ, ଓଡ଼ିଶା**

# ଆତଙ୍କବାଦ ସଂପର୍କରେ

**ଡ ସୀତାକାନ୍ତ ତ୍ରିପାଠୀ**

ଜମ୍ମୁ କାଶ୍ମୀରର ପହେଲଗାମରେ ପାଞ୍ଚଜଣ ଆତଙ୍କବାଦୀଙ୍କର ଆଖିବୁଜା ଗୁଳିଚାଳନା ଯୋଗୁଁ ୨୬ ଜଣଙ୍କର ପ୍ରାଣହାନୀ ଘଟିବାକୁ କେନ୍ଦ୍ରକରି ଭାରତ–ପାକିସ୍ତାନ ମଧ୍ୟରେ ଯୁଦ୍ଧ ପରିସ୍ଥିତି ହୋଇଥିଲା । ଯେଉଁ ଅଞ୍ଚଳ କେବଳ ଭାରତ କାହିଁକି ସମଗ୍ର ପୃଥିବୀର ପର୍ଯ୍ୟଟନ ମାନଚିତ୍ରରେ ଏକ ଗୁରୁତ୍ୱପୂର୍ଣ ଅଞ୍ଚଳ ଭାବେ ପରିଗଣିତ ହେଉଥିଲା, ତାହା ଆଜି ଖାଁ ଖାଁ । ବର୍ତ୍ତମାନ ପରିପ୍ରେକ୍ଷୀରେ ଏହି ଅଞ୍ଚଳର ଅର୍ଥନୀତି ଭୂଲୁଣ୍ଠିତ । ଯେଉଁଠି ସ୍ନେହ, ପ୍ରେମ, ଆନନ୍ଦର ଧାରା ପ୍ରବାହିତ ହେଉଥିଲା, ତାହା ଆଜି ଭୟ ଓ ଆଶଙ୍କାର କଳାବାଦଲରେ ଆଚ୍ଛାଦିତ ।

ଧର୍ମକୁ ଆଧାର କରି ହୋଇଥିବା ଉକ୍ତ ଆକ୍ରମଣ ଜାତୀୟ ସଂହତି, ଏକତା, ଅଖଣ୍ଡତା ତଥା ଆମ ଧର୍ମ ନିରପେକ୍ଷତା ପ୍ରତି କୁଠାରଘାତ ବୋଲି ବିଚାର କରାଯାଏ । ତେବେ ଆତଙ୍କବାଦୀ ବା ଉଗ୍ରବାଦୀମାନଙ୍କର କୌଣସି ଜାତି କିମ୍ବା ଧର୍ମ ନଥାଏ, କାରଣ ସେମାନେ ସମଗ୍ର ମାନବଜାତି ପାଇଁ ଶତ୍ରୁ । ପୁରାଣ କାଳରୁ ଏପର୍ଯ୍ୟନ୍ତ ଲୋକମାନଙ୍କ ମଧ୍ୟରେ ଭୟ ଓ ଆତଙ୍କର ପରିବେଶ ଓ ପରିସ୍ଥିତି ସୃଷ୍ଟି କରି ସେମାନେ ନିଜ ନିଜର ସ୍ୱାର୍ଥ ହାସଲ କରିବା ସହିତ ଉଭୟ ସମାଜ ଏବଂ ଦେଶରେ ବିପର୍ଯ୍ୟୟ ସୃଷ୍ଟି କରିବା ପାଇଁ ଚେଷ୍ଟା କରନ୍ତି । ଆତଙ୍କବାଦୀମାନଙ୍କ କାର୍ଯ୍ୟକଳାପକୁ ସଂସ୍କୃତ ଶ୍ଳୋକରେ ବିଭିନ୍ନ ଭାବରେ ବିଭକ୍ତ କରାଯାଇଛି ।

'ଅଗ୍ନିଦ ଗରଦ ଶ୍ଚୈବ, ଶସ୍ତ୍ର ପାଣି ଧନାପହ,
ଦାରାକ୍ଷେତ୍ର ପହାରିଚ ଷଡ଼େତ ଆତତାୟୀନଃ'

ଅର୍ଥାତ୍ ଯେଉଁମାନେ ଲୋକମାନଙ୍କ ଘରେ ନିଆଁ ଲଗାଇ ଦିଅନ୍ତି, ଖାଦ୍ୟରେ ବିଷ ମିଶାଇ ଦିଅନ୍ତି, ଅସ୍ତ୍ର ଶସ୍ତ୍ର ଦ୍ୱାରା ଆକ୍ରମଣ କରନ୍ତି, ଧନ ଏବଂ ପରନାରୀ ଅପହରଣ କରନ୍ତି ସେମାନଙ୍କୁ ଆମେ ଆତତାୟୀର ଆଖ୍ୟା ଦେଇଥାଉ । ଦ୍ୱାପର ଯୁଗରେ ପୁତନା ରାକ୍ଷସୀ ନିଜର କ୍ଷୀରରେ ବିଷ ଦେଇ ଶିଶୁମାନଙ୍କୁ ମାରିବା, ଦୁର୍ଯ୍ୟୋଧନ ଜଉ ଘରେ ପଞ୍ଚୁପାଣ୍ଡବଙ୍କୁ ରଖାଇ ନିଆଁ ଲଗାଇ ଦେବା, ସୀତାଙ୍କୁ ରାବଣ ଅପହରଣ କରି ନେବା ଏବଂ ବିଭିନ୍ନ ସମୟରେ ଆକ୍ରମଣକାରୀମାନେ ଲୋକମାନଙ୍କର ଧନ, ସମ୍ପଦ ଲୁଣ୍ଠନ କରିବା ସହିତ ହତ୍ୟା ଓ ରକ୍ତପାତ ସୃଷ୍ଟି କରିବା ହେଉଛି ଆତତାୟୀମାନଙ୍କର ଗୋଟିଏ ଗୋଟିଏ ଉଦାହରଣ । ତେବେ ଆତତାୟୀମାନେ ନିଜର ବେଶ ବଦଳାଇ ସାଧାରଣ ଭାବେ ବିଭିନ୍ନ ପ୍ରକାର ଜଘନ୍ୟ କାଣ୍ଡ ଭିଆଇ ଥାଆନ୍ତି ।

କେତେବେଳେ ଲୋକମାନଙ୍କର ମନରେ ଭାବରେ ବିଶ୍ୱାସ ଜନ୍ମାଇ କ୍ଷତି ସାଧନ କରୁଥିବାବେଳେ ଆଉ କେତେବେଳେ ଭୟଭୀତ କରାଇ ସେମାନଙ୍କର ସ୍ୱାର୍ଥ ସାଧନ କରିଥାଆନ୍ତି । ଅଧିକାଂଶ ସମୟରେ ଏହା ଢ଼ିଲା ଶାସନ ବ୍ୟବସ୍ଥାକୁ ବିଦ୍ରୂପ କରୁଥିବା ବେଳେ ବେଳେବେଳେ ବିଦେଶୀ ରାଷ୍ଟ୍ରମାନେ ସେମାନଙ୍କର ବଡ଼ଭାଇ ପଣିଆଁ ଜାହିର କରିବା ପାଇଁ ଏ ପ୍ରକାର ହୀନ ଚକ୍ରାନ୍ତ କରିଥାଆନ୍ତି ।

ପହେଲଗାମରେ ଉଗ୍ରବାଦୀମାନେ ସେନା ପୋଷାକରେ ଆସି ଲୋକମାନଙ୍କୁ ସେମାନଙ୍କର ଧର୍ମ ପଚାରି ଜଣ ଜଣ କରି ହତ୍ୟା କରିବା ଏହାର ଜ୍ୱଳନ୍ତ ପ୍ରମାଣ । ପୁତନା ରାକ୍ଷସୀ ଗୋପପୁରରେ ଜଣେ ମା'ର ରୂପ ନେଇ ଲୋକମାନଙ୍କ ମଧ୍ୟରେ ବିଶ୍ୱାସ ଜନ୍ମାଇ ସେମାନଙ୍କ ପିଲାଙ୍କୁ କ୍ଷୀର ଦେବା ଆଳରେ ହତ୍ୟା କରିବା, ମାୟାବୀ ରାବଣ, ଭିକ୍ଷୁକର ରୂପ ଧରିବା ଏବଂ ଦୁର୍ଯ୍ୟୋଧନ ପଞ୍ଚୁ ପାଣ୍ଡବଙ୍କ ପାଇଁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରିବା ଆଦି ବିଭିନ୍ନ ଘଟଣାରେ 'ମୁଖ ମଧୁର କିନ୍ତୁ ବିଷ ଅନ୍ତର' କୁ ପରିପ୍ରକାଶ କରିଥାଏ ।

ପୁରାଣ ବର୍ଣ୍ଣିତ ଅସୁର ଅସୁରୁଣୀମାନେ ଦେବତାମାନଙ୍କୁ ସନ୍ତୁଷ୍ଟ କରି ସେମାନଙ୍କ ଠାରୁ ବର ପ୍ରାପ୍ତ ହୋଇ ନିଜ ନିଜକୁ ବଳୀୟାନ ମନେ କରି ଥାଆନ୍ତି ଏବଂ ଲୋକମାନଙ୍କୁ ବିଭିନ୍ନ ଅତ୍ୟାଚାର କରିଥାଆନ୍ତି ଶେଷରେ ବରଦାନ କରିଥିବା ଦେବତାମାନଙ୍କୁ ହଇରାଣ ହରକତ କରିବା ସହିତ ସେମାନଙ୍କୁ ମାରି ଗୋଡ଼ାଇ ଥାଆନ୍ତି । ବର୍ତ୍ତମାନ ପରିପ୍ରେକ୍ଷୀରେ ମଧ ତଦ୍‌ରୂପ ଅବସ୍ଥା ଯେଉଁ ରାଷ୍ଟ୍ରମାନେ ଦିନେ ଆତଙ୍କବାଦୀମାନଙ୍କୁ ପାଳି ପୋଷି ସେମାନଙ୍କର ଯତ୍ନନେଇ ଅନ୍ୟ ଦେଶମାନଙ୍କ ଉପରେ ସେମାନଙ୍କୁ ବ୍ୟବହାର କରି କ୍ଷତି ସାଧନ କରି ଆସୁଥିଲେ, ପରିବର୍ତ୍ତିତ ପରିସ୍ଥିତିରେ ଉକ୍ତ ଆତଙ୍କବାଦୀମାନେ ଭସ୍ମାସୁର ଭଳି ସେମାନଙ୍କୁ ସୁବିଧା, ସୁଯୋଗ, ତାଲିମ ଦେଉଥିବା ରାଷ୍ଟ୍ର ପ୍ରତି ଆକ୍ରମଣ କରିବାକୁ ଭୁଲୁ ନାହାନ୍ତି ।

ତେଣୁ ବୁମେରାଂ ସାଜିବା ପୂର୍ବରୁ ଆତଙ୍କବାଦୀଙ୍କୁ ରାସ୍ତାରୁ ହଟାଇ ଦିଆଯିବା ପାଇଁ ପ୍ରୟାସ କରାଯାଇଥାଏ । ତେବେ ସବୁବେଳେ ଏହା ସମ୍ଭବପର ହୁଏ ନାହିଁ । ଏଠାରେ ଓସମା ବିନ୍ ଲାଡ଼େନ ଏବଂ ଆମେରିକାର ସମ୍ପର୍କ ବେଶ୍ ପ୍ରଣିଧାନଯୋଗ୍ୟ ।

ତେବେ ଧୀରେ ଧୀରେ ଆତଙ୍କବାଦୀମାନେ ଧର୍ମକୁ ଆଧାର କରି ନର ସଂହାର କରିବା ଫଳରେ ସମାଜରେ ଅଯଥା ଭେଦଭାବ ସୃଷ୍ଟି ହେବା ସହିତ ଲୋକମାନଙ୍କ ମନରେ ନିର୍ଦ୍ଦିଷ୍ଟ ଧାର୍ମିକ ଗୋଷ୍ଠୀ ସବୁ ଆତଙ୍କବାଦୀଙ୍କର ମୂଳ ମଞ୍ଜି ବୋଲି ବିଚାର କରିବାକୁ ବାଧ ହେଉଛନ୍ତି ଏବଂ ଏହା ଧର୍ମାନ୍ଧତାକୁ ପ୍ରଶୟ ଦେଇଥାଏ । ମୌଳବାଦୀମାନଙ୍କ ଆଗରେ ଉଦାରବାଦୀମାନଙ୍କ ଚିନ୍ତା ଚେତନା ଫିକା ପଡ଼ିଯାଉଛି । ଆତଙ୍କବାଦୀମାନେ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ଅପେକ୍ଷା ବିଚ୍ଛିନ୍ନ ହୋଇ ନିଜର ସ୍ୱାତନ୍ତ୍ର୍ୟ ବଜାୟ ରଖିବା ପାଇଁ ଲୋକମାନଙ୍କ ମଧ୍ୟରେ ଭିନ୍ନ ବିଚାରଧାରା ଜାଗ୍ରତ କରିଥାଆନ୍ତି ଯାହା ସେମାନଙ୍କୁ ସିନା ସୁହାଇଥାଏ କିନ୍ତୁ ସାଧାରଣ ଲୋକେ ହଇରାଣ ହରକତ ହୋଇ ଥାଆନ୍ତି ।

ଏଥିରୁ ସୁସ୍ପଷ୍ଟ ଯେ ଆତଙ୍କବାଦୀମାନେ କୌଣସି ଜାତି, ଧର୍ମ, ବର୍ଣ୍ଣ, ରାଷ୍ଟ୍ର ମଧ୍ୟରେ ସୀମିତ ନୁହନ୍ତି । କିନ୍ତୁ ଏସବୁକୁ ଢାଲକରି ସେମାନେ ଲୋକମାନଙ୍କ ମଧ୍ୟରେ ଘୃଣା ଏବଂ ବିଦ୍ୱେଷ ସୃଷ୍ଟି କରିଥାଆନ୍ତି । ଏହା ସମ୍ପୂର୍ଣ୍ଣ ଭାବେ ବିଯୁକ୍ତାତ୍ମକ ଚିନ୍ତାଧାରା ଉପରେ ପର୍ଯ୍ୟବେଶିତ । ଏମାନଙ୍କୁ ନିପାତ କରିବା କେବଳ ସରକାରଙ୍କର କାମ ନୁହେଁ । ଏଥିପାଇଁ ସର୍ବ ସାଧାରଣ ଜାଗ୍ରତ ହେବା ଦରକାର । ଯଦି ଉଗ୍ରବାଦୀ କିମ୍ବା ଆତଙ୍କବାଦୀ କାର୍ଯ୍ୟକଳାପ କିଞ୍ଚିତ୍ ସୁରାକ୍ ପାଆନ୍ତି, ତା'ହେଲେ ଡରି ନଯାଇ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଉକ୍ତ ଖବର ପହଞ୍ଚାଇବା ଦରକାର । ନହେଲେ ନିଜେ ମରିବା ସହିତ ଅନ୍ୟମାନଙ୍କ ପାଇଁ ମୃତ୍ୟୁର ଯନ୍ତା ତିଆରି କରିବାରେ ଆମେ ସାହାଯ୍ୟ କରିବା ସାର ହେବ ।

**ଭଦ୍ରକ,**
**ମୋ– ୯୭୭୮୭୬୪୩୯୪**

# 'ସତ୍ୟ ପଥେ ଧର୍ମପଥେ, ଘେନିଯାଅ ମୋତେ'

**ଦେବଦତ୍ତ ବିଶ୍ୱାଳ**

ଧର୍ମ ଶବ୍ଦକୁ ବିଭିନ୍ନ ବ୍ୟକ୍ତି ବିଭିନ୍ନ ଅର୍ଥ ଅର୍ଥାନ୍ତର କରି ବ୍ୟବହାର କରିଥାନ୍ତି । ବୁଝାମଣା ଅଭାବରେ ମତାନ୍ତର ସୃଷ୍ଟି ହୁଏ । ଧର୍ମ ନାମରେ ନାନା ଅଘଟଣ ମଧ ଘଟିଥାଏ । 'ଧୃ' ଧାତୁରୁ ଧର୍ମ ଶବ୍ଦ ସୃଷ୍ଟ ହୋଇଛି । ଯାହା ଧରି ରଖିଛି ତାହା ହିଁ ଧର୍ମ । ମହାନାରାୟଣୋପନିଷଦ୍‌ରେ କୁହାଯାଇଛି, 'ଧର୍ମୋ ବିଶ୍ୱସ୍ୟ ଜଗତଃ ପ୍ରତିଷ୍ଠା' ଅର୍ଥାତ୍ ଧର୍ମ ହିଁ ସମସ୍ତ ସଂସାର ପ୍ରତିଷ୍ଠାର ମୂଳ କାରଣ । ଭଗବାନ ଶ୍ରୀକୃଷ୍ଣ ମଧ ଗୀତାରେ କହିଛନ୍ତି ଯେ ପ୍ରାଣ ଉପରେ ସଂକଟ ଆସିଲେ ମଧ ଧର୍ମ ପଥରୁ ବିଚ୍ୟୁତ ହେବା ଉଚିତ ନୁହେଁ ।

ମହାଭାରତ ଯୁଦ୍ଧ ସମୟରେ ଦୁର୍ଯ୍ୟୋଧନ ମାତା ଗାନ୍ଧାରୀଙ୍କ ପାଖକୁ ଯାଇ ବିଜୟୀ ହେବାର ଆଶୀର୍ବାଦ ମାଗିଲେ । ଗାନ୍ଧାରୀ ଧର୍ମକୁ ବୁଝିବା ଭଳି ଜ୍ଞାନୀ ମହିଳା ଥିଲେ । ଦୁର୍ଯ୍ୟୋଧନ ବିଜୟ ପ୍ରାପ୍ତି ପାଇଁ ଆଶୀର୍ବାଦ ମାଗନ୍ତେ, ଗାନ୍ଧାରୀ କହିଲେ, 'ଯତୋ ଧର୍ମସ୍ତତୋ ଜୟଃ' । ଅର୍ଥାତ୍ ଯେଉଁଠି ଧର୍ମ, ସେଇଠି ହିଁ ବିଜୟ । ଯୁଦ୍ଧରେ ଗାନ୍ଧାରୀଙ୍କ ସବୁ ପୁତ୍ର ପ୍ରାଣ ହରାଇଲେ । ଧର୍ମଜ୍ଞ ହୋଇଥିଲେ ସୁଦ୍ଧା ସେ ଜଣେ ମା' ଥିଲେ । ପୁତ୍ର ଶୋକରେ ତାଙ୍କ ହୃଦୟ ସନ୍ତପ୍ତ ହୋଇଉଠିଲା । କୌରବଙ୍କ ବିନାଶ ପରେ ଯୁଧିଷ୍ଠିର ଅନ୍ୟ ପାଣ୍ଡବଙ୍କ ସମେତ ମାତା ଗାନ୍ଧାରୀଙ୍କୁ ସମବେଦନା ଜଣାଇବାକୁ ଆସିଲେ । ସେଠାରେ ମହର୍ଷି ବ୍ୟାସ ମଧ ଉପସ୍ଥିତ ଥିଲେ । ଗାନ୍ଧାରୀ ପାଣ୍ଡବଙ୍କୁ ଦେଖିବା କ୍ଷଣି ନିଜ ପୁତ୍ରଙ୍କ କଥା ମନେ ପକାଇବା ସହ ଧୈର୍ଯ୍ୟ ହରାଇ କ୍ରୋଧିତ ହୋଇଉଠିଲେ ।

***ମହର୍ଷି ବ୍ୟାସ ଜାଣିପାରିଲେ ଯେ ଗାନ୍ଧାରୀ ପାଣ୍ଡବମାନଙ୍କୁ ଅଭିଶାପ ଦେବାକୁ ତତ୍ପର ହୋଉଠିଛନ୍ତି । ସେ କହିଲେ, ଗାନ୍ଧାରୀ, ଶାନ୍ତ ହୋଇଯାଅ । ତୁମେ ଧୈର୍ଯ୍ୟହରା ହୋଇ ପାଣ୍ଡବଙ୍କ ଉପରେ କ୍ରୋଧିତ ହୁଅନାହିଁ ।***

ମହର୍ଷି ବ୍ୟାସ ଜାଣିପାରିଲେ ଯେ ଗାନ୍ଧାରୀ ପାଣ୍ଡବମାନଙ୍କୁ ଅଭିଶାପ ଦେବାକୁ ତତ୍ପର ହୋଉଠିଛନ୍ତି । ସେ କହିଲେ, ଗାନ୍ଧାରୀ, ଶାନ୍ତ ହୋଇଯାଅ । ତୁମେ ଧୈର୍ଯ୍ୟହରା ହୋଇ ପାଣ୍ଡବଙ୍କ ଉପରେ କ୍ରୋଧିତ ହୁଅନାହିଁ । ଆଶୀର୍ବାଦ ମାଗିବ ସମୟରେ ତୁମେ ଦୁର୍ଯ୍ୟୋଧନକୁ, 'ଧର୍ମର ହିଁ ଜୟ ହେବ' ବୋଲି କହିଥିଲ । କ'ଣ ପାଣ୍ଡବଙ୍କ ବିଜୟ ପରେ ଧର୍ମର ବିଜୟ ନେଇ ତୁମ ମନରେ କୌଣସି ସନ୍ଦେହ ରହିଛି ? ଏହା ଶୁଣି ଗାନ୍ଧାରୀ ଶାନ୍ତ ହୋଇଗଲେ । ତେଣୁ ପ୍ରକୃତ ଧର୍ମ ଶିକ୍ଷା ଦିଏ ଉତ୍ତମ ଆଚରଣ କରିବା ପାଇଁ, ଦୟାଶୀଳ ହେବା ପାଇଁ, ସହନଶୀଳ ହେବା ପାଇଁ । ଧର୍ମର ବିସ୍ତୀର୍ଣ୍ଣ ପ୍ରାଙ୍ଗଣରେ ମନ୍ଦିର, ମସଜିଦ, ଗୀର୍ଜା, ଗୁରୁଦ୍ୱାର ଗୋଟିଏ ଗୋଟିଏ ଶାନ୍ତିପ୍ରଦ ସୁନ୍ଦର ଆଶ୍ରୟସ୍ଥଳ । ମଣିଷକୁ ସଦ୍‌ଭାବନା, ସତ୍‌ଶିକ୍ଷା ଦେବାର ଉତ୍କୃଷ୍ଟ କେନ୍ଦ୍ର । ସେ ପବିତ୍ର ପୀଠରେ ବସି ରହି ଆମକୁ ପ୍ରାର୍ଥନା କରିବାକୁ ହେବ–

*'ସତ୍ୟ ପଥେ ଧର୍ମପଥେ, ଘେନିଯାଅ*
*ମୋତେ, ଭସାଅ ପରାଣ ମୋର, ତବ*
*ପ୍ରେମ ସ୍ରୋତେ । ପ୍ରଭୋ ! ପରମ ଶରଣ*
*ଏ ଜୀବନ ଶ୍ରୀଚରଣେ କଲି ସମର୍ପଣ ।'*

**ରାମନିଗମେଶ୍ୱର ମନ୍ଦିର, ଚହଟା, କଟକ,**
**ମୋ–୯୮୬୧୯୪୪୫୯୪**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଅପରେସନ୍...

ଆକ୍ରମଣ ଥିଲା । ଯାହାର ଉଦ୍ଦେଶ୍ୟ ଦଙ୍ଗା ସୃଷ୍ଟି କରିବା । ପାକିସ୍ତାନ ମାନବିକତା, ପର୍ଯ୍ୟଟନ ଓ କାଶ୍ମୀରବାସୀଙ୍କ ରୋଜଗାରକୁ ବିରୋଧ କରି ପହଲଗାମ ପର୍ଯ୍ୟଟକଙ୍କ ଉପରେ ଆକ୍ରମଣ କଲା । ମା' ବୈଷ୍ଣୋଦେବୀଙ୍କ ଆଶୀର୍ବାଦରୁ କାଶ୍ମୀର ଭାରତର ରେଳ ନେଟ୍ୱାର୍କ ସହ ଯୋଡ଼ି ହୋଇଛି । ଏହି ବ୍ରିଜ୍ ଏଫିଲ ଟାୱାରଠୁ ମଧ୍ୟ ଉଚ୍ଚ । ଏହା ଏକ ଆକର୍ଷଣୀୟ ପର୍ଯ୍ୟଟନ କେନ୍ଦ୍ର ହେବ । ରାସ୍ତାରେ ଆସୁଥିବା ସବୁ ଆହ୍ୱାନ, ପାଣିପାଗ ଜନିତ ସମସ୍ୟା, ପାହାଡ଼ରୁ ପଡୁଥିବା ପଥର ଏହି ପ୍ରୋଜେକ୍ଟ ଶେଷ କରିବାକୁ ଆହ୍ୱାନପୂର୍ଣ୍ଣ ଥିଲା । ସରକାର ଏହି ଚ୍ୟାଲେଞ୍ଜକୁ ଚ୍ୟାଲେଞ୍ଜ ଦେବାର ରାସ୍ତା ବାଛିଥିଲେ । ପାକିସ୍ତାନ ଗୁଳିମାଡ଼ରେ କ୍ଷତିଗ୍ରସ୍ତ ଘର ମାଲିକଙ୍କୁ ୨ଲକ୍ଷ ଓ ଆଂଶିକ କ୍ଷତିଗ୍ରସ୍ତ ମାଲିକଙ୍କୁ ୧ଲକ୍ଷ ଟଙ୍କା ଅତିରିକ୍ତ ସହାୟତା ରାଶି ପ୍ରଦାନ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । ଜାମ୍ମୁ-କାଶ୍ମୀରରେ ଯେଉଁ ବିକାଶର ବାତାବରଣ ସୃଷ୍ଟି ହୋଇଛି ତାହାକୁ ପହଲଗାମ ଆକ୍ରମଣ ରୋକିପାରିବ ନାହିଁ । କାଶ୍ମୀର ହେଉଛି ଭାରତର ଅବିଚ୍ଛେଦ୍ୟ ଅଙ୍ଗ ବୋଲି ପ୍ରଧାନମନ୍ତ୍ରୀ ପୁଣି କହିଛନ୍ତି । ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଜମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା, ଏଲ୍‌ଜି ମନୋଜ ସିହ୍ନା ପ୍ରମୁଖ ଉପସ୍ଥିତ ଥିଲେ ।

## ଜୈବପ୍ରଯୁକ୍ତି...

ଅନୁମୋଦନ ହୋଇଛି । ଏ କ୍ଷେତ୍ରରେ ଅପାର ସମ୍ଭାବନାକୁ ହୃଦୟଙ୍ଗମ କରି ସରକାର ନିଜର ଔଦ୍ୟୋଗିକ ନୀତି ସଂକଳ୍ପ ୨୦୨୨ରେ ଜୈବପ୍ରଯୁକ୍ତିକୁ ବଳିଷ୍ଠ କ୍ଷେତ୍ର ଭାବେ ଚିହ୍ନଟ କରିଛନ୍ତି । ୨୦୨୪ରୁ ଓଡ଼ିଶା ଜୈବପ୍ରଯୁକ୍ତି ବିଜ୍ଞାନ ନୀତି ଲାଗୁ ହୋଇଛି । ଏହି ଯୋଜନାରେ ୧୭ ଉପଯୋଜନା ଓ କାର୍ଯ୍ୟକ୍ରମ ରହିଛି । ଏହା ମୁଖ୍ୟତଃ ୫ଟି ବିନ୍ଦୁ ଉପରେ ଆଧାରିତ । ଉଦ୍ୟୋଗ ଏବଂ ଉଦ୍ୟୋଗର ନିର୍ମାଣ ପାଇଁ ନବସୃଜନ, ଇନକ୍ୟୁଏସନ୍, ନିବେଶ, ଆୟ ଓ ପ୍ରଭାବ ପାଇଁ ସହାୟକ ଏକ ଜୀବନ୍ତ ଇକୋସିଷ୍ଟମ ବିକଶିତକୁ ସୁଦୃଢ଼ କରିବା ଲକ୍ଷ ରହିଛି । ରାଜ୍ୟର ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ଜୈବପ୍ରଯୁକ୍ତି ଉଦ୍ଭାବନ ଓ ଜ୍ଞାନର ଉପଯୋଗ କରାଯିବ । ୨୦୨୫-୨୬ ଆର୍ଥିକ ବର୍ଷରୁ ୨୦୨୯-୩୦ ଆର୍ଥିକ ବର୍ଷଯାଏ ୧୧୧୩.୫୦ କୋଟି ଟଙ୍କା ବ୍ୟୟ ଅଟକଳରେ ଜୈବପ୍ରଯୁକ୍ତି ବିକାଶ ଯୋଜନା ୫ ବର୍ଷ ପାଇଁ କାର୍ଯ୍ୟକାରୀ କରାଯିବ । ସେହିଭଳି କ୍ୟାବିନେଟ୍‌ରେ ସହରାଞ୍ଚଳଗୁଡ଼ିକର ସମନ୍ୱିତ ବିକାଶ ନିମନ୍ତେ ନୂଆ ଯୋଜନା- ମୁଖ୍ୟମନ୍ତ୍ରୀ ସହର ବିକାଶ ଯୋଜନାକୁ ଅନୁମୋଦନ ମିଳିଛି । ଏହି ଯୋଜନାରେ ସହରୀ ଭିତ୍ତିଭୂମି, ଶ୍ରମ ସମୃଦ୍ଧି, ଜଳ ସମୃଦ୍ଧି, ପ୍ରାଣୀ ସମୃଦ୍ଧିର ବିକାଶ କରାଯିବ । ୫ ବର୍ଷ ପାଇଁ ଅର୍ଥାତ୍ ୨୦୨୫-୨୬ରୁ ୨୦୨୯-୩୦ ଆର୍ଥିକ ବର୍ଷ ମଧ୍ୟରେ ୬ ହଜାର କୋଟି ଟଙ୍କା ବ୍ୟୟ କରିବାର ଲକ୍ଷ ଧାର୍ଯ୍ୟ ହୋଇଛି । ଚଳିତ ଆର୍ଥିକ ବର୍ଷରେ ୧୧୦୦ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି । ୫ ବର୍ଷର ଅବଧି ମଧ୍ୟରେ ଏହି ଯୋଜନା ମାଧ୍ୟମରେ ୫୦ ହଜାରରୁ ଅଧିକ ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପ ସୃଷ୍ଟି କରାଯାଇ ସହରାଞ୍ଚଳର ଉନ୍ନତି କରାଯିବ । ୫ ଲକ୍ଷରୁ ଅଧିକ କୁଶଳୀ ଓ ଅଣକୁଶଳୀ ଶ୍ରମିକଙ୍କୁ ମଜୁରୀ ପ୍ରଦାନ କରାଯିବା ସହ ପରବେଶ ସୁରକ୍ଷା ଏବଂ ଜଳବାୟୁ ପରିବର୍ତ୍ତନର ମୁକାବିଲା ଲାଗି ୫ ହଜାରରୁ ଅଧିକ ବନୀକରଣ ପ୍ରକଳ୍ପ ସୃଷ୍ଟି କରାଯିବ । ସେହିଭଳି ଛେଲିଗଡ ଜଳସେଚନ ପ୍ରକଳ୍ପର କଂକ୍ରିଟ୍ ଡ୍ୟାମ୍ ଏବଂ ସ୍ପିଲୱେ ନିର୍ମାଣ କାର୍ଯ୍ୟର ଆର୍ଥିକ ବିଡ୍‌କୁ ଅନୁମୋଦନ କରାଯାଇଛି । ଏହି ପ୍ରକଳ୍ପରେ ୧୫୧ କୋଟି ୭୮ ଲକ୍ଷ ୨୦ ହଜାର ଟଙ୍କା ଖର୍ଚ୍ଚ ହେବ । ୧୮ ମାସ ମଧ୍ୟରେ ପ୍ରକଳ୍ପ ସରିବ । ଏହି ପ୍ରକଳ୍ପ ଦ୍ୱାରା ଗଜପତି ଜିଲ୍ଲାର ୫୦୦ ହେକ୍ଟର ଓ ଗଞ୍ଜାମ ଜିଲ୍ଲାର ୫୭୬୦ ହେକ୍ଟର ଚାଷ ଜମିକୁ ଜଳସେଚନ ସୁବିଧା ମିଳିବ । ବ୍ରହ୍ମପୁର ସହରରେ ଲୋକଙ୍କୁ ପାନୀୟ ଜଳ ଓ ଘରୋଇ ବ୍ୟବହାର ନିମନ୍ତେ ୩୧.୫୪ ନିୟୁତ ଘନମିଟର ଜଳ ଉପଲବ୍ଧ କରାଯିବ । ପ୍ରକଳ୍ପରେ ୩୬ ମେଗାୱାଟ୍ ଜଳ ବିଦ୍ୟୁତ୍ ଉତ୍ପାଦନ ଲକ୍ଷ ରହିଛି ।

ଚନ୍ଦ୍ରଶେଖରପୁର ଠାରେ ନ୍ୟାରୋକେଟିକ୍ସ କଣ୍ଟ୍ରୋଲ ବ୍ୟୁରୋର ଅଫିସ ଘର ନିର୍ମାଣ ଲାଗି ସରକାର ଅତିରିକ୍ତ ପ୍ରିମିୟମ୍ ୨ କୋଟି ୬୦ ଲକ୍ଷ ୮୨ ହଜାର ଟଙ୍କା ଛାଡ କରିବାକୁ ନିଷ୍ପତ୍ତି ନେଇଛନ୍ତି ।

## କୋଟିଆ...

ପହଞ୍ଚିବ ତାହା ଉପରେ ଗୁରୁତ୍ୱ ଦିଆଯାଇଛି । କୋଟିଆ ସମସ୍ୟା ନେଇ ଯେଉଁ ମାମଲା ସୁପ୍ରିମକୋର୍ଟରେ ଚାଲିଥିଲା, ପୂର୍ବ ସରକାର ଠିକ୍ ଭାବେ ତଥ୍ୟ ରଖିପାରି ନଥିଲେ । ସୁପ୍ରିମକୋର୍ଟରେ ଏକ କେସ ହାରିବା ପରେ ତାକୁ ପୁନର୍ଜୀବିତ କରିବା ପାଇଁ ଉଦ୍ୟମ କରାଯାଉଛି । ଓକିଲମାନଙ୍କ ସହ ପରାମର୍ଶ କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି ।

## ଶ୍ରବଣ-ନିକିତାଙ୍କୁ...

କିପରି ଏତେ ପରିମାଣର ବିସ୍ଫୋରକ କାହାକୁ ଦେବା ପାଇଁ ରଖିଥିଲେ ତାକୁ ନେଇ ଅଧିକ ଖୋଳତାଡ଼ କରାଯାଉଛି ।

ଅନ୍ୟ ପକ୍ଷରେ ବିସ୍ଫୋରକ ଲୁଟ୍ ଘଟଣାରେ ବାଙ୍କୋ ପଥର ଖଣି ମାଲିକଙ୍କୁ ଖଣିବିଭାଗ ପକ୍ଷରୁ ଜାରି ହେଲା ନୋଟିସ । ପୂର୍ଣ୍ଣେଶ୍ୱରୀ ପ୍ରୋଜେକଫ ପ୍ରାଇଭେଟ୍ ଲିମିଟେଡର ନୀରଜ ପାଣ୍ଡେଙ୍କୁ ଖଣିଭାଗ ପକ୍ଷରୁ ନୋଟିସ ଜାରି କରାଯାଇଛି । ବିସ୍ଫୋରଣ ସାମଗ୍ରୀ ବ୍ୟବହାର କରିବା ନିମନ୍ତେ କାହାଠାରୁ ଲାଇସେନ୍ସ ପାଇଛନ୍ତି, କାହାଠାରୁ ବିସ୍ଫୋରକ କିଣିଛନ୍ତି, କାହିଁକି ବିସ୍ଫୋରକ ମଗାଇଥିଲେ, ବିସ୍ଫୋରଣ କରିବା ପାଇଁ ନିୟୋଜିତ କରିଥିବା ସଂସ୍ଥାର ନାମ ଓ ଠିକଣା ବି ମାଗିଛନ୍ତି । ତିନି ଦିନ ମଧ୍ୟରେ ଉତ୍ତର ଦେବା ପାଇଁ ଖଣି ବିଭାଗ ପକ୍ଷରୁ ନୋଟିସ ଜାରି କରାଯାଇଛି । ଏହି ଘଟଣାରେ ଗୋଦାମ ମାଲିକଙ୍କୁ ଚାଲିଛି ଜେରା । ଗୋଦାମ ମାଲିକ ଏବେ ଦୁଇ ଦିନିଆ ରିମାଣ୍ଡ ଅଛନ୍ତି । ଗୋଦାମ ମାଲିକ ଶ୍ରବଣ କୁମାର ଅଗ୍ରଓ୍ୱାଲଙ୍କୁ ରଘୁନାଥପାଲ୍ଲି ଥାନାରେ ପୋଲିସ ପକ୍ଷରୁ ପଚରାଉଚରା ଜାରି ରହିଛି । ରିମାଣ୍ଡର ଶେଷ ଦିନରେ ପଚରାଉଚରା ଜାରି ରହିଛି । ରଘୁନାଥପାଲ୍ଲି ଥାନା ପୋଲିସ ସହ ଅତିରିକ୍ତ ଏସପିଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଏସଆଇଟି ଟିମ ପଚରାଉଚରା ଜାରି ରଖିଛନ୍ତି । ଶ୍ରବଣ କୁମାର ଅଗ୍ରଓ୍ୱାଲଙ୍କ ପନୀ ନିକିତା ଅଗ୍ରଓ୍ୱାଲଙ୍କୁ ପୋଲିସ ପକ୍ଷରୁ ମଧ୍ୟ ପଚରା ଉଚରା କରାଯାଉଛି । ପନୀ ଓ ପତିଙ୍କ ବିସ୍ଫୋରକ ବ୍ୟସାୟରେ କଣ ଭୂମିକା ରହିଛି । ବିସ୍ଫୋରକ ସାମଗ୍ରୀ କେଉଁଠୁ କିଣୁଥିଲେ, କେଉଁ କେଉଁ ଅଞ୍ଚଳକୁ ବିସ୍ଫୋରକ ସାମଗ୍ରୀ ଯୋଗାଣ କରୁଥିଲେ ଓ ଗକ୍ସP କାହିଁକି ପାଳନ କରାଯାଉନଥିଲା ସେ ନେଇ ପଚରାଉଚରା କରାଯାଉଛିଛ ପୋଲିସ ପକ୍ଷରୁ ଅନେକ ତଥ୍ୟ ହାସଲ କରାଯାଇଥିବା ସୂଚନା ମିଳିଛି ।

## କୋଭିଡ...

ସେମାନେ ମାକ୍ସ ପିନ୍ଧିବା ସହ ହାତ ଧୋଇବା, ସ୍ୱଚ୍ଛ ପିଇବା ପାଣି ପିଇବାକୁ ଗୁରୁତ୍ୱ ଦିଆଯାଇଛି । କୋଭିଡ ବେଳେ ପୁରୀରେ ଯେଉଁ ଆଇସିୟୁ ଥିଲା, ତାକୁ କାର୍ଯ୍ୟକାରୀ କରାଯାଇଛି । ପୁରୀ ହସ୍ପିଟାଲରେ ଶଯ୍ୟା ବୃଦ୍ଧି ସହ ଡାକ୍ତର ସଂଖ୍ୟା ବଢ଼ାଯାଇଛି । ସମସ୍ତ ଯନ୍ତ୍ରପାତି, ଆଇସିୟୁ ଠିକ୍ ରଖିବା ସହ ଆମ୍ବୁଲାନ୍ସ ପ୍ରସ୍ତୁତ ରଖିବାକୁ କୁହାଯାଇଛି । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଚିହ୍ନଟ ହେଉଥିବା ଭୂତାଣୁ ଓମିକ୍ରନର ଏକ ଉପପ୍ରଜାତି । ଏହା ସେତେଟା ଘାତକ ନୁହେଁ । ଏଥିରେ ମଧ୍ୟମଧରଣର ଜ୍ୱର, କାଶ ଓ ଥଣ୍ଡା ହୋଇଥାଏ । ତେବେ ବୟସ୍କ ଓ ଏକାଧିକ ଜଟିଳ ରୋଗ ଥିବା ବ୍ୟକ୍ତିମାନଙ୍କ ପାଇଁ ଏହା ଘାତକ ହୋଇପାରେ । ତେଣୁ ଏହି ବର୍ଗର ଲୋକମାନେ କୋଭିଡ୍ ନିର୍ଦ୍ଦେଶାବଳୀ ପାଳନ କରିବାର ଆବଶ୍ୟକତା ରହିଛି ।

# ଦୁର୍ଗା ବଜାରରେ ଫୁଟିଲା ବୋମା: ୪ ଆହତ

ଦଶପଲ୍ଲା,(ସବ୍ୟୁ) : ନୟାଗଡ଼ ଜିଲା ଦଶପଲ୍ଲା ଥାନା ଦୁର୍ଗା ବଜାର ନିକଟରେ ଶୁକ୍ରବାର ଦିନ ଦ୍ୱିପ୍ରହରରେ ଏକ ବୋମା ମାଡ଼ ହୋଇଛି । ବୋମାମାଡ଼ରେ ୪ଜଣ ଆହତ ହୋଇଥିବା ସୂଚନା ମିଳିଛି । ସେମାନଙ୍କୁ ଉଦ୍ଧାର କରି ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।ଦଶପଲ୍ଲା ଥାନା ଦୁର୍ଗା ବଜାର ରେ ଦେଖିବାକୁ ମିଳିଛି ଜଣେ ନିଶାସକ୍ତ ଯୁବକଙ୍କ ଉନ୍ମତକାଣ୍ଡ । ପ୍ରଥମେ ଏହି ଯୁବକ ଶ୍ରମିକ ଭାବେ କାମ କରୁଥିବା ଜଣେ ମହିଳାଙ୍କ ସହ ପାଟିତୁଣ୍ଡ କରି ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲା । ଉପସ୍ଥିତିଲୋକ ମାନେ ଏହାକୁ ବାରଣ କରିବା ପରେ ସେଠାରୁ ଯାଇ ରାସ୍ତା କଡରେ ଠିଆ ହୋଇଥିବା ଏକ ଗାଡିର ସମ୍ମୁଖ କାଚ ଭାଙ୍ଗି ଦେଇ ସେଠାରୁ ଚାଲି ଯାଇଥିଲା । ପରେ ଖୋଜା ଖୋଜି କରି ଲୋକ ମାନେ ତାକୁ ଧରି ପଚରା ଉଚରା କରୁଥିବା ବେଳେ ସେ ପକେଟରେ ଧରିଥିବା ଏକ ହାତ ତିଆରି ବୋମା ଫୁଟାଇ ସେଠାରୁ ଚମ୍ପଟ ମାରିଥିଲା । ବୋମା ବାଣ ଫୁଟିବା ଦ୍ୱାରା ସେଠାରେ ଉପସ୍ଥିତ ଥିବା ସୁମନ୍ତ ରଥ,ପ୍ରସନ୍ନ ପ୍ରଧାନ, ଏବଂ ଟୁଟୁ ନାୟକ ସାମାନ୍ୟ ଆହତ ହୋଇଥିଲେ । ଚମ୍ପଟ ମାରିଥିବା ଯୁବକଙ୍କ ନାମ ଜଣା ପଡି ନଥିବା ବେଳେ ତାଙ୍କ ଘର ଗଂଜାମ ଜିଲ୍ଲା ଅଂଚଳର ବୋଲି ପ୍ରାଥମିକ ଭାବେ ଜଣା ପଡ଼ିଛି । ଏହି ଘଟଣା ରେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି ।


**'e' PROCUREMENT NOTICE NO.01/2025-26**

O-230

1. Name of work : Building Work
2. Total No. of Work : 08 (Eight) works.
3. Estimated Cost : Rs. 4.22 to rs. 37.89 lakhs.
4. Period of Completion : 02 (Two) & 06 (Six) Calendar Months.
5. Class of Contractors : 'B', 'C' & 'D' Class only.

Other details as follows :
a) Peocurement Officer : Superintending Engineer, Rural Works Division, Cuttack.
b) Availability of tender online for bidding : From dt. 10.06.2025 at 11.00 A.M. to dt. 20.06.2025 upto 5.00 P.M.
c) Last date & time of seeking of tender c Clarification. : dt. 19.06.2025 upto 5.00 P.M.
d) Date & Time of Opening of Bid : dt. 21.06.2025 at 11.00 A.M.

Further details can be seen from the Govt. website www.tendersorissa.gov.in

Sd/- Superintending Engineer
Rural Works Division,
Cuttack

OIPR : 25053/11/0030/2526

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲ୍ଡିଂ
ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ର ସଂଖ୍ୟା : ୧୦୦୫୨/ଭୁ.ଉ.କ., ଭୁବନେଶ୍ୱର ତା.୨୮.୦୫.୨୫ ରିଖ
LB-N-105/78

CAD- 627

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ନୟାପଲ୍ଲୀ ହାଉସିଂ ସ୍କିମ୍, ମୌଜା-ନୟାପଲ୍ଲୀ, ଭୁବନେଶ୍ୱର ଅନ୍ତର୍ଗତ ଗୃହ ନଂ-LB-24କୁ ଶରତ ଚନ୍ଦ୍ର କାନୁନ୍‌ଗୋ, ପିତା- ସ୍ୱର୍ଗତ ଶଶିଧର କାନୁନ୍‌ଗୋ, ଗ୍ରାମ-ପୁରୀ ଟାଉନ୍ (ସଦରଥାନା), ପୋଷ୍ଟ-ପୁରୀ-୧, ଥାନା-ପୁରୀ ଟାଉନ୍, ଜିଲ୍ଲା-ପୁରୀ, ଓଡ଼ିଶାଙ୍କ ନାମରେ ଆବଣ୍ଟନ କରାଯାଇଥିଲା । ଆବଣ୍ଟନଗ୍ରାହୀ ଶରତ ଚନ୍ଦ୍ର କାନୁନ୍‌ଗୋ ଗତ ତା. ୦୮.୦୩.୧୯୯୮ ରିଖରେ ମୃତ୍ୟୁ ବରଣ କରିଅଛନ୍ତି । (Death Certificate Issue No. 2068 date. 18.03.1998).

Legal heir certificate No. E-LBC/2022/146707 Dated. 03.03.2022 ଅନୁଯାୟୀ ଶରତ ଚନ୍ଦ୍ର କାନୁନ୍‌ଗୋଙ୍କର ଉତ୍ତରାଧିକାରୀ (୧) ରାଧାଚରଣ କାନୁନ୍‌ଗୋ (ପୁତ୍ର), (୨) ନିବେଦିତା ଦାସ (ବିବାହିତା କନ୍ୟା), (୩) ଶଙ୍ଘମିତ୍ରା ମହାନ୍ତି (ବିବାହିତା କନ୍ୟା), (୪) ସୌରଭ ମହାନ୍ତି (ବିବାହିତା ନାତି) ଓ (୫) ଶତାବ୍ଦୀ ମହାନ୍ତି (ବିବାହିତା ନାତୁଣୀ) ଅଟନ୍ତି ।

ନିବେଦିତା ଦାସ, ଶଙ୍ଘମିତ୍ରା ମହାନ୍ତି, ସୌରଭ ମହାନ୍ତି ଓ ଶତାବ୍ଦୀ ମହାନ୍ତି ପଞ୍ଜିକୃତ ନାଦାବି ପତ୍ର (Registered deed of Relinquishment - Document No. 11082403986 dated. 24.04.2024) ମାଧ୍ୟମରେ ଉକ୍ତ ପ୍ଲଟରେ ଥିବା ନିଜର ଅଧିକାର/ଅଂଶକୁ ରାଧାଚରଣ କାନୁନ୍‌ଗୋଙ୍କୁ ହସ୍ତାନ୍ତର କରିଅଛନ୍ତି ଏବଂ ରାଧାଚରଣ କାନୁନ୍‌ଗୋ ମାଲିକାନା ସ୍ୱତ୍ୱ ତାଙ୍କ ନାମରେ ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଏଣୁ ଉକ୍ତ ଗୃହର ମାଲିକାନାସତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ସତ୍ୱ ରାଧାଚରଣ କାନୁନ୍‌ଗୋଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ୍ ଅନୁଯାୟୀ ସଂପାଦନ କରାଯିବ ।

ସ୍ୱା/- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

OIPR : 13033/11/0310/2526

**AFFIDAVIT**

By virtue of an affidavit sworn before Executive Magistrate Sadar, Cuttack, Dated. 21.05.25. I, Shrei Sanu Swain, Address - At/Po-searpur, Via-Kaipada, Block-Bariramachandrapur, Dist-Jajpur, Odisha, 755010 declare that I have changed my name from Mumarsanu Swain to Shri Sanu Swain. Henceforth I shall be known as Shri Sanu Swain for all purposes.

**ODISHA HYDRO POWER CORPORATION LTD.**
**OFFICE OF THE SENIOR GENERAL MANAGER (ELECTRICAL)**
**UPPER KOLAB HYDRO ELETRIC PROJECT**
AT/PO BARINIPUT, DIST. KORAPUT - 764006, ODISHA
PHONE: - (06854)242001, FAX: - (06854)242093, e-mail: sgmel.ukhep@gmail.com
CIN: U40101OR1995SGC003963

**TENDER CALL NOTICE NO UKHEP-10/2025-26. DATED. 02/06/2025**

CAD-676 : Sealed tenders are invited in TWO PARTs i.e. (i) Techno Commercial Bid & (ii) Price Bid in separate sealed envelopes from the Registered Manufacturers/Repairing Units having past experience s in executing the Repair, Overhauling, Renovation and Modification of 10T EOT Crane at Central Store of UKHEP, Bariniput rating of EOT crane in Govt/Semi Govt./Central /State PSU or any other renowned organization during last 05 years.

| Sl. No. | Description of work | Cost of tender paper in Rs. (Non-Refundable) | EMD in Rs. (Refundable) |
|---|---|---|---|
| 1 | Repair, Overhauling, Renovation and modification of 01 No. of 10T EOT Crane at Central Store of UKHEP, Bariniput | 7080/- | Rs. 50,000/- |

The sale of Tender Paper will be from: From Dt.10/06/25 to 11:00 Hrs of Dt. 25/06/2025
The last date & time of receipt of Tender: Up to 12:00 Hrs of Dt.25/06/2025
The date and time of opening of Tender: At 12:30 Hrs ofDt.25/05/2025
For details of tender documents, Terms & conditions, Eligibility criteria and downloading, please refer our website www.ohpcltd.com.

C&P Head, Upper Kolab H.E.Project
Bariniput

OIPR : 04002/11/0088/2526

**ପୂର୍ବ ତଟ ରେଳପଥ**

ଟେଣ୍ଡର ନଂ.13-KUR-TRD-OT-2025-26

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ଖୋର୍ଦ୍ଧା ରୋଡ୍-ପଲାସା ସେକ୍ସନ ମଧ୍ୟରେ PSC ସ୍ଲାବ୍ ଦ୍ୱାରା 12.20 ମିଟର ସ୍ପାନ୍ ବିଶିଷ୍ଟ 18 ଗୋଟି ଷ୍ଟିଲ ଗର୍ଡର ପୋଲଗୁଡ଼ିକର ପ୍ରସ୍ତାବିତ ସ୍ଥାନାନ୍ତରଣ ସମ୍ବନ୍ଧୀୟ OHE ରୂପାନ୍ତରଣ ।

ବିଜ୍ଞାପିତ ମୂଲ୍ୟ (ଟଙ୍କାରେ): 42,12,787.96, EMD (ଟଙ୍କାରେ) : 84,300/-, ଶେଷ ହେବା ଅବଧି : 180 ଦିନ ।

ବିଡ୍ ଆରମ୍ଭ ହେବା ତାରିଖ : ତା.11.06.2025 ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.25.06.2025 ରିଖ 1300 ଘଣ୍ଟାରେ ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର କାଗଜପତ୍ର www.ireps.gov.in ରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍

PR-206/Q/25-26

**Government of Odisha : Office of the Chief Construction Engineer**
**Rural Works Circle, Angul**
E-Mail - sencrwangul@yahoo.co.in
Ph. 06764 - 236404
**TENDER CALL NOTICE FOR BRIDGE WORKS IN ODISHA**
**Bid Identification No. Bridge Online AGL-03/2025-26**
**No. 1649// Dt. 21.6.25**

O-238

Letter No. 2068 Date : 30.5.25

1. Name of the Work : Bridge work
2. Toal No. of Works : 01 No..
3. Estimated Cost : Rs. 370.03 to Rs. 596.60 Lakhs
4. Class of Contractor : 'A' Class
5. Period of Completion : As per Annexure
6. Other details.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of openign of tender | |
|---|---|---|---|---|---|---|
| | | From | To | | Technclal Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | Bridge Onine-AGL-03/2025-26 | 10.06.25 at 10.00 A.M. | 24.06.25 up to 5.00 P.M. | 23.06.25 up to 1.00 P.M. | 25.06.25 at 11.00 A.M. | Will be intimated separetely |

(1) For detailed Notice Inviting Tenders, Please visit to the website www.tendersorissa.gov.in

Sd/- Chief Construction Engineer,
Rural Works Circle, Angul

OIPR : 25180/11/0055/2526

**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BARIPADA**
By E_Mail/E-Despatch
E_Mail ID : serwcbaripada@gmail.com
Ph.No-06792-261343/261344
Gangaraj, Baripada
**"e" Procurement Notice for Road Work**
**Bid Identification No. Online Tender-Road N.C.B. No. 376 for 2024-25**
**Letter No. 2410 / Dated. 3.6.25**

O-238

1. Name of the Work : Construction of MMSY-Improvement to Existing RD Road in the District of Mayurbhanj for the year 2024-25
2. Toal No. of Work : 02 Nos. (Two)
3. Estimated Cost : Rs. 1067.01 Lakhs to Rs. 1121.84 Lakhs (approximately)
4. Eligible Class of Contractor : As per annexure.
5. Period oc Completion : As per annexure
6. Other details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of Opening of Tender in O/O C.C.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technclal Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Road On-line N.C.B. No. 376 | Dt.10.06.2025 at 11.00 A.M. | Dt.26.06.2025 up to 5.00 P.M. | Dt.25.06.2025 up to 5.00 P.M. | Dt.30.06.2025 at 11.00 A.M. | Will be intimated separetely |

- Further details can be seen from the website : www.tendersodisha.gov.in.
- Any Corrigendum / Addendum will be displayed in the above e_tender website only.

Sd/- Chief Construction Engineer,
R.W. Ciecle, Baripada

OIPR : 25130/11/0033/2526

**କାନରା ବ୍ୟାଙ୍କ Canara Bank**

କ୍ଷେତ୍ରୀୟ କାର୍ଯ୍ୟାଳୟ, ବ୍ରହ୍ମପୁର, ପ୍ଲଟ୍ ନଂ.: ୭୭୧, ଶୁଭମ ସାଇ ଆର୍କେଡ୍, ୨ୟ ମହଲା, ପୁରୁଣା ବସ୍ ଷ୍ଟାଣ୍ଡ ନିକଟ, ବ୍ରହ୍ମପୁର-୭୬୦୦୦୧

**ଲକର ଭାଙ୍ଗିବା ନିମନ୍ତେ ସାର୍ବଜନୀନ ନୋଟିସ୍**

ଏହି ସାର୍ବଜନୀନ ନୋଟିସ୍ ଦ୍ୱାରା ସମସ୍ତ ସମ୍ପୃକ୍ତ ବ୍ୟକ୍ତି ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଏହି ନୋଟିସ୍‌ରେ ଉଲ୍ଲେଖିତ ବ୍ୟକ୍ତିମାନେ କାନରା ବ୍ୟାଙ୍କର ନିମ୍ନଲିଖିତ ଶାଖା (ପୂର୍ବତନ ସିଣ୍ଡିକେଟ ବ୍ୟାଙ୍କର ଶାଖାଗୁଡ଼ିକ ସମେତ)ରେ ସେଫ୍ ଡିପୋଜିଟ୍ ଲକର ସୁବିଧା ନେଇଥିଲେ । ସମ୍ପୃକ୍ତ ଶାଖାଗୁଡ଼ିକ ପୂର୍ବରୁ ଲକର ଭଡାର ବକେୟା ଦେୟ ପ୍ରଦାନ କରିବା ପାଇଁ ଅନୁରୋଧ ସହିତ ଆମ ବ୍ୟାଙ୍କ ରେକର୍ଡ ଅନୁଯାୟୀ ନୂତନତମ ଉପଲବ୍ଧ ଠିକଣାରେ ଲକର ଭଡାଦାତା/ ଏଲ୍‌ଓଏ ମାନଙ୍କୁ ତାଙ୍କ ପଞ୍ଜିକୃତ ଡାକ ସହିତ ଏହି ଦ୍ୱାରା ବ୍ୟକ୍ତିଗତ ଚିଠି/ନୋଟିସ୍ ପଠାଇ ସାରିଛନ୍ତି । କିନ୍ତୁ, ଏହି ନୋଟିସ୍ ସତ୍ତ୍ୱେ ଲକରଧାରୀ/ ଏଲ୍‌ଓଏମାନେ ଶାଖା ସହିତ ଯୋଗାଯୋଗ କରୁନାହାଁନ୍ତି ଏବଂ ଲକର ଭଡା ଜମା କରୁନାହାଁନ୍ତି ।

ନିମ୍ନଲିଖିତ ଲକରଧାରୀ ଏବଂ ସେମାନଙ୍କର ଆଇନଗତ ଉତ୍ତରାଧିକାରୀମାନଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ଏହାକୁ ଶେଷ ନୋଟିସ୍ ଭାବରେ ବିଚାର କରନ୍ତୁ ଏବଂ ଆବଶ୍ୟକୀୟ କାଗଜପତ୍ର ସହ ସମ୍ପୃକ୍ତ ଶାଖା ସହିତ ଯୋଗାଯୋଗ କରନ୍ତୁ ଏବଂ ଏହି ନୋଟିସ୍ ପ୍ରକାଶନ ତାରିଖରୁ ୧୫ ଦିନ ମଧ୍ୟରେ ଲକର ଭଡା ବକେୟା ଦେୟ ପ୍ରଦାନ କରନ୍ତୁ, ନଚେତ୍ ବ୍ୟାଙ୍କ କୌଣସି ପରବର୍ତ୍ତୀ ନୋଟିସ୍ କିମ୍ବା ସୂଚନା ବିନା ଲକରଗୁଡ଼ିକୁ ଭାଙ୍ଗିଦେବ, ଯାହା ଲକରଧାରୀ କିମ୍ବା ସେମାନଙ୍କର ଆଇନଗତ ପ୍ରତିନିଧି/ଉତ୍ତରାଧିକାରୀମାନଙ୍କ ଖର୍ଚ୍ଚ ଏବଂ ଦାୟିତ୍ୱରେ ସମ୍ପର୍ଣ୍ଣ କରାଯିବ ।

| କ୍ର. ନଂ. | ଶାଖା ନାମ/ ଯୋଗାଯୋଗ ନଂ. | ଲକର ନଂ. | ବକେୟା ଲକର ଭଡା | ଲକରଧାରୀଙ୍କ ନାମ ଓ ଠିକଣା |
|---|---|---|---|---|
| ୧. | ଦିଗପହଣ୍ଡି ଶାଖା / ୭୮୭୩୫୯୦୭୦୩୭ | ୧୩୩୦୦୫-୪୬୫୮୯୪ | ଟ.୧୦,୦୦୦/- | ଶ୍ରି. ରାଜେଶ୍ୱର ରାଜୁ, ପିତା: ବୈଶାରାଜୁ ରାମମୂର୍ତ୍ତୀ ରାଜୁ, ସା: ସୁନାରୀ ଷ୍ଟ୍ରିଟ୍, ଜିଲ୍ଲା: ଗଞ୍ଜାମ, ପିନ-୭୬୧୦୧୨ |

ସ୍ଥାନ: ବ୍ରହ୍ମପୁର, ତାରିଖ: ୦୬.୦୬.୨୦୨୫ — କ୍ଷେତ୍ରୀୟ ପ୍ରବନ୍ଧକ, କାନରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, ବ୍ରହ୍ମପୁର

**AFFIDAVIT**

By virtue of an affidavit sworn before Executive Magistrate, ANGUL, dated 21st May 2025. I, BABU GOCHHAYAT Address:- AT/PO-KUKUDANGA ,PS/DIST-ANGUL, PIN- 759123, Odisha declare that I have changed my name from "ANANTA NAIK" to "BABU GOCHHAYAT". Henceforth, I shall be known as "BABU GOCHHAYAT" for all purposes.

Sd-(BABU GOCHHAYAT)

**AFFIDAVIT**

By virtue of an affidavit sworn before the Executive Magistrate KABISURYANAGAR, GANJAM on Dated 30th May 2025, I, Mrs. SHANTI DEVI, Address VILLAGE/PO- HINDALA, PS-KABISURYANAGAR,DIST-GANJAM, PIN- 761104, Odisha, have changed my name from "SHANTIDEVI NAHAK" to "SHANTI DEVI". Henceforth, I shall be known as "SHANTI DEVI" for all purposes.

Sd-(SHANTI DEVI)

**AFFIDAVIT**

I, Sahadev Swain, S/o- Aparti Swain, Resident of Rathijema, Charimania, Po- Balakati, Ps- Balianta, Dist- Khurda, Pin- 752100, Odisha. Declare by this affidavit No. 53, dated.13.05.2025. I have changed my name from **SADANANDA SWAIN** to **SAHADEV SWAIN**. Henceforth, I shall be known as **"SAHADEV SWAIN"** for all purposes.

Sd/- Sahadev Swain

**THE STATE POLICE HOUSING & WELFARE CORPORATION LTD.**
(A Government of Odisha Undertaking)
JANAPATH, BHOINAGAR, BHUBANESWAR - 22.
Ph: 0674-2541545, 2542921,
E-mail: ophwc.od@nic.in, Website: www.ophwc.com/www.ophwc.nic.in
e-procurement notice No.- 05/OPHWC/2025-26

**INVITATION FOR BIDS (IFB)**

CAD-680 : The Chief Engineer (OSPH&WC), Odisha, Bhubaneswar invites Percentage rate bid in Double Cover system in ONLINE MODE only, for the works as detailed below:

| | | |
|---|---|---|
| 1 | Nature of work | Building works |
| 2 | No. of Works | 33 Nos. |
| 3 | Value of Tender | Rs.54.30 Lakh to Rs.2480.94 Lakh |
| 4 | Class of Contractor | 'B' Class to 'Super' Class |
| 5 | Cost of Bid document (To be paid online) | Rs. 11,800.00 |
| 6 | Availability of Bid Documents in the website | Dt.09/06/2025 to Dt.26/06/2025 up to 5.00 P.M |
| 7 | Last date /time of Receipt of Bids in the Portal | Dt.26/06/2025 up to 5.00 P.M |
| 8 | Date of Opening Bid | Dt.30/06/2025 at 10.30 A.M |
| 9 | Date of Technical Presentation (among qualified bidders only) | Date & Time will be notified after opening of the Technical Bid. |
| 10 | * The Bidders have to participate in ONLINE bidding only. Further details can also be seen from the website: https://tendersodisha.gov.in. Any addendum/corrigendum/cancellation of tender shall not be published in Newspaper and can only be seen in the said website. * The Authority reserves the right to reject any or all bids and terminate the tender process without assigning any reason thereof. | |

N.B. - The quoted rate should be all inclusive but excluding G.S.T.as applicable Under works contract.

Chief Engineer
(OSPH&WC)

OIPR : 12025/11/0035/2526

**ODISHA CONSTRUCTION CORPORATION LTD.**
(A Government of Odisha undertaking)
OFFICE OF SENIOR MANAGER (MECH)
REGIONAL WORKSHOP,JEYPORE,
KORAPUT– 764002, ODISHA
E-Mail:smregionalworkshop@gmail.com
GSTIN-21AAACO2571K2ZM

**Tender Call Notice No.: OCCL/RWS/TCN/03/2025-26 Dated.04.06.2025**

Name of work:- Fabrication of skin plate (15000 mm X 12500mm) of Gate No.- 4 & 5 of Indravati dam and Gate No.- 4 of Muran dam alongwith prepartion of fabrication bed (1 set) at Regional Workshop, Jeypore.
Total No.of work :- 01 (One)
Period of completion:-60 (sixty) Days.

| Tendering Officer | Bid Identification No. | Cost of bid document (including GST) (in Rs) | Availability of tender | submission of Bid | License |
|---|---|---|---|---|---|
| Senior Manager (Mech.), Regional Workshop, Jeypore, Koraput. | OCCL/RWS/ TCN/03/2025-26 Dated. 04.06.2025 | 7,080/- (Non-refundable) | From 05.06.2025, 10.00 A.M. to 16.06.2025, 5.30 P.M. | Upto 17.06. 2025, 3.30 P.M. | M-IV and above grade Job-worker enlisted in OCCL |

Date of opening of the Technical Bid : 17.06.2025 at 4.00 PM
Further details can be seen from the OCCL website www.odishaconstruction.com & www.odisha.gov.in

Sd/- Senior Manager (Mech.)
Regional workshop, Jeypore

OIPR : 34168/11/0021/2526

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**JAGATSINGHPUR IRRIGATION DIVISION**
Ph.No. 06724-220038, E-mail-eejspurirr@gmail.com
**"e" Procurement Notice No. JID-04 of 2025-26**

O-253

1. Total No. of Works : 43 (Forty three) Nos.
2. Tender Amount (Approx.) : Rs. 2.23 Lakh to rs. 9.78 Lakh
3. Tender Paper Cost : Rs. 2,000/- & 4,000/- (On-line payment) (Non-refundable)
4. Class of Contractor : "D" & "C" Class Contractor
5. Other details are as follows.

| Procurement Officer | Bid Identification No. | Availability of Tender | | Last date & time for seeking tender clarification in e-Procurement portal. | Place of opening of Tender & Lottery O/o the Superintending Engineer, Jagatsinghpur Irrigation Division, Jagatsinghpur | |
|---|---|---|---|---|---|---|
| | | From | To | | Date & Time of Opening of the Bid | Date and Time of lottery if required |
| Superintending Engineer, Jagatsinghpur Irr. Division, Jagatsinghpur | JID-04 / 2025-26 | 09.06.2025 at 10.00 Hours | 20.06.2025 at 17.30 Hours | 19.06.2025 upto 1.00 PM during office hours | 21.06.2025 at 11.00 Hours | 25.06.2025 at 11.00 Hours |

Further details can be seen from the Govt. website "https://tendersodisha.gov.in".
All corrigendum / cancellation of tender if any, wil only be uploaded in the above website.

Sd/- Superintending Engineer,
Jagatsinghpur Irrigation, Divsiion, Jagatsinghpur

OIPR : 32050/11/0005/2526

**ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ତଥା**
**ତଥା ଜିଲ୍ଲା ମିଶନ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ**
**ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ବରଗଡ**

**INVITATION OBJECTION**

Issue No- 1379/096/NHM/2024-2 5Dtd.03/06/2025

**ATTENTION OF APPLICANTS PURSUANT TO ADVT. NO. 936/DPMU/NHM, Bargarh DT. 19.04.2025.**

E-143 : In response to the Advertisement No.936/DPMU/NHM, Bargarh dated 19/04/2025 of NHM, Bargarh, a detailed database of Provisionally Eligible and Ineligible candidates (with reasons for provisional ineligibility thereof) for the in-house candidates has been published in the official website of Bargarh i.e., www.bargarh.nic.in. The list is purely provisional in nature and is subject to change after further scrutiny / verification, wherever applicable. Candidates are informed to send their objection, if any, only in the format as attached below to the "Office of the Chief District Medical and Public Health Officer, DPMU, (NHM), Bargarh, At- CHC Bargarh, 768028" so as to reach this office on or before 13/06/2025 (by 1.30 P.M.) through Regd. Post / Speed Post / Courier only and the envelope containing the application should be superscribed clearly with name of the applied post for which objection is submitted. Candidates can also send their objection in the format as attached below through E-mail (bargarhnhmhr@gmail.com) on or before 13/06/2025 by 1.30 P.M. New/fresh document/s shall not be taken into consideration. Applicants whose applications have been rejected on the ground of non-submission/ part submission/postal delay of relevant documents shall not be entertained at any stage. The objection received on or before the due date will be disposed of and the findings thereof will be made available in the above official website. The authorities reserve all the right of accepting/rejecting any application and modification/cancel the advertisement without assigning any reason thereof.

Sd.- Chief District Medical & Public Health Officer
- cum- District Mission Director
Bargarh

OIPR : 10124/11/0012/2526

**Government of Odisha :**
**Office of the Chief Construction Engineer**
**Rural Works Circle, Sambalpur**
E-mail Id. serwcirclesbp@yahoo.com
**Bid Identification No. Road tender Online RWCSBP-06/2025-26**
**No : 1734 Dated : 04.06.2025**

O-254

The Cheif Construction Engineer, Rural Works Circle, Sambalpur on behalf of Governor of Odisha invites online percentage rate. Bid from experienced & eligible bidders for Transferred Road Improvement Programme (TRIP) for the year 2023-24.

1. Name of the Work : Transferred Road Improvement Programme (TRIP) for the year 2023-24
2. No of works : 01 No details as per DTCN
3. Estimated Cost : Approximately varies from Rs. 1635.93 lakhs
4. Class of Contractor : "A" and 'Special'
5. Cost of tender paper and mode of deposit : Rs. 10,000/- per set. (to be deposited On-line) in favour of concerned Executive Engineer
6. Mode of submission of Tender : Tender should be submitted only On line in website www.tendersorissa.gov.in (https//tendersodisha.gov.in)
7. EMD and mode of deposit : 1% of estimated cost of the work to be remitted online as mentioned in DTCN.
8. Summary of key dates are provided below :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technclal Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sambalpur | Road Tender Online RWCSBP-06/2025-26 | Dt.10.06.2025 at 11.00 A.M. | Dt.26.06.2025 up to 5.00 P.M. | Dt.25.06.2025 up to 5.00 P.M. | Dt.30.06.2025 at 11.00 A.M. | Will be intimated separetely |

- Further details can be seen from the e-procurement portal www.tendersorissa.gov.in (https://tendersodisha.gov.in)
- Subsequent modification / corrigendum/Addendum if required shall appear in website only.
- The amount put to bid is exclusive of GST.
- Bidder should inspect the road before bidding and quote his rate accordingly.

Sd/- Chief Construction Engineer,
Rural Works Ciecle, Sambalpur

OIPR : 25091/11/0062/2526

# କେଶବଧାମରେ ହେବ ପ୍ରାଦେଶିକ ସମ୍ପାଦକ ଓ ପ୍ରଧାନ ଆଚାର୍ଯ୍ୟ ସମ୍ମିଳନୀ



କଟକ, (ସ୍ୱପ୍ର): ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶତାବ୍ଦୀ ବର୍ଷ ପୂର୍ତ୍ତି ଏବଂ ରାଷ୍ଟ୍ରୀୟ ଶିକ୍ଷାନୀତି ୨୦୨୦ର ସଫଳ ପ୍ରୟୋଗ ନିମନ୍ତେ ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ତରଫରୁ ସରସ୍ୱତୀ ବିଦ୍ୟାମନ୍ଦିର କେଶବଧାମ, ଗତିରାଉତପାଟଣା, କଟକ ଠାରେ ଜୁନ୍ ୭ ଓ ୮ ପ୍ରାଦେଶିକ ସମ୍ପାଦକ ସମ୍ମିଳନୀ ଏବଂ ୧୦ ରୁ ୧୨ ପ୍ରାଦେଶିକ ପ୍ରଧାନ ଆଚାର୍ଯ୍ୟ ସମ୍ମିଳନୀ ଅନୁଷ୍ଠିତ ହେବ। ପ୍ରକାଶ ଥାଉକି ଏହି ବର୍ଷ ଗୌରବମୟ ଇତିହାସର ସ୍ମରଣ ଏବଂ ରାଣୀ ଅହିଲ୍ୟାବାଇ ହୋଲକରଙ୍କ ୩୦୦ ବର୍ଷ ପୂର୍ତ୍ତି ଅବସରରେ ସମଗ୍ର ରାଜ୍ୟରେ ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ଦ୍ୱାରା ପରିଚାଳିତ ୯୮୦ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ମାନଙ୍କରୁ ୯୮୦ ସମ୍ପାଦକ, ୧୧୬ ସଙ୍କୁଳ ପ୍ରମୁଖ ଓ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ମିଶି ୧୩୫୦ ସଂଖ୍ୟକ ସମ୍ପାଦକ ସମ୍ମିଳନୀରେ ଯୋଗ ଦେବାକୁ ଥିବାବେଳେ ୯୮୦ ପ୍ରଧାନ ଆଚାର୍ଯ୍ୟ ଓ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ମିଶି ୧୨୦୦ ସଂଖ୍ୟକ କାର୍ଯ୍ୟକର୍ତ୍ତା ପ୍ରଧାନ ଆଚାର୍ଯ୍ୟ ସମ୍ମିଳନୀରେ ଯୋଗ ଦେବାର ବ୍ୟବସ୍ଥା ରହିଛି। କାର୍ଯ୍ୟକ୍ରମ ବ୍ୟବସ୍ଥା ପରିଚାଳନା ପାଇଁ ୧୫୦ ଜଣ ଆଚାର୍ଯ୍ୟ/ଆଚାର୍ଯ୍ୟା ଓ ୫୬ ଜଣ ପୂର୍ଣ୍ଣକାଳୀନ କାର୍ଯ୍ୟକର୍ତ୍ତା ପୂର୍ଣ୍ଣ ସହଯୋଗ କରୁଛନ୍ତି । କାର୍ଯ୍ୟକ୍ରମରେ କେନ୍ଦ୍ରଶିକ୍ଷା, ଦକ୍ଷତା ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁରେଶ ପୂଜାରୀ, ବିଦ୍ୟାଭାରତୀ ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନର ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ର କୁମାର କାହ୍ନେରେ, ବିଦ୍ୟାଭାରତୀର ମହାମନ୍ତ୍ରୀ ଦେଶରାଜ ଶର୍ମା ଏବଂ ବିଦ୍ୟାଭାରତୀ ସଙ୍ଗଠନ ମନ୍ତ୍ରୀ ଗୋବିନ୍ଦ ଚନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ରହିବା ନିମନ୍ତେ ସ୍ୱୀକୃତି ପ୍ରଦାନ କରିଛନ୍ତି ବୋଲି ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ଅଧ୍ୟକ୍ଷ ଡ. କିଶୋର ଚନ୍ଦ୍ର ମହାନ୍ତି, ସମ୍ପାଦକ ତଥା କାର୍ଯ୍ୟକ୍ରମ ପ୍ରମୁଖ ଡ. ସରୋଜ କୁମାର ହାତୀ ଓ ସଙ୍ଗଠନ ମନ୍ତ୍ରୀ ତାରକ ଦାସ ସରକାର ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ। ତତ୍‌ସହିତ ସମ୍ମିଳନୀ ଆୟୋଜନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମଧ୍ୟ ଅବଗତ କରିଥିଲେ।

## 'ୱି କ୍ୟାନ୍ କୁକ୍' ଆଣ୍ଡ 'ୱି କ୍ୟାନ୍ ବେକ୍' ଉଦ୍‌ଯାପିତ

ଭୁବନେଶ୍ୱର,(ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍କୁଲ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ (ଏସ୍ଏଚଏମ୍) ପକ୍ଷରୁ ଆରମ୍ଭ ହୋଇଥିବା ୪ ଦିନିଆ ରନ୍ଧନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ 'ୱି କ୍ୟାନ୍ କୁକ୍' ଆଣ୍ଡ 'ୱି କ୍ୟାନ୍ ବେକ୍' ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ସମାଜସେବୀ ତଥା ମହିଳା ଆତ୍ମନିର୍ଭର ଅଭିଯାନର ଅଧ୍ୟକ୍ଷା ଡକ୍ଟର ରିନା ଚୌଧୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କଂଟ୍ରୋଲର ଅଫ୍ ଏଗଜାମିନେସନ୍ ଧରଣୀଧର ରଣା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ମା'ର ହାତ ରନ୍ଧାର ତୁଳନା ନାହିଁ । ଘରର ମହିଳାଟି ଯେଉଁ ଶ୍ରଦ୍ଧାରେ ଖାଦ୍ୟ ରାନ୍ଧିକି ଦିଏ ତାହାର ସ୍ୱାଦ ଖୁବ୍ ନିଆରା ଥାଏ କିନ୍ତୁ ଏହା କେବଳ ଖାଦ୍ୟ ସୁସ୍ୱାଦ ହେବା ଯେତିକି ଜରୁରୀ ନୁହେଁ ବରଂ ଶରୀର ପାଇଁ ମଧ୍ୟ ସେତିକି ସ୍ୱାସ୍ଥ୍ୟକର ହେବା ଜରୁରୀ ବୋଲି ସେ କହିଥିଲେ ।

# ଏକ ନମ୍ବର ହାଟରେ ଅରାଜକତା ଅଭିଯୋଗ

ଭୁବନେଶ୍ୱର,(ସବ୍ୟୁ): ଭୁବନେଶ୍ୱରର ସର୍ବପୁରାତନ ଏକ ନମ୍ବର ହାଟରେ ଅରାଜକତା ନେଇ ଅଭିଯୋଗ ହେଉଛି । ହାଟ ମଝିରେ ଥିବା ଏକ ଷଣ୍ଢର ପ୍ରତିମୂର୍ତ୍ତିକୁ ଭାଙ୍ଗି ଦିଆଯାଇଛି । ଷଣ୍ଢଟି ସେହି ସ୍ଥାନରେ ମୃତ୍ୟୁବରଣ କରିଥିବାରୁ ହାଟ ବ୍ୟବସାୟୀମାନେ ବିଧି ବ୍ୟବସ୍ଥା ଅନୁଯାୟୀ ପୂଜାର୍ଚ୍ଚନା କରି ତାର ପ୍ରତିମୂର୍ତ୍ତି ସ୍ଥାପନ କରିଥିଲେ । ୧୨ ବର୍ଷ ଧରି ମଧ୍ୟ ଯଜ୍ଞ କରାଯାଇ ପ୍ରତିଷ୍ଠା କରାଯାଇଥିଲା । ପୂର୍ବତନ ସାଂସଦ ପ୍ରସନ୍ନ ପାଟ୍ଟଶାଣୀ ଓ ଭୁବନେଶ୍ୱର ମହାନଗର ନିଗମର ପ୍ରଥମ ମେୟର ମିହିର ମହାନ୍ତି ଏହାକୁ ଉଦ୍‌ଘାଟନ କରିଥିଲେ । ଉଭୟଙ୍କ ନାମ ଫଳକ ମଧ୍ୟ ସେଠାରେ ଥିଲା । ହେଲେ ହାଟ ବ୍ୟବସାୟୀ ସଂଘ ସଭାପତି





କବିରାଜ ସ୍ୱାଇଁ ଯିଏକି ଏବେ ଏକ ନମ୍ବର ହାଟ ବ୍ୟବସାୟୀ ସଂଘର ସଭାପତି ବୋଲି କହୁଛନ୍ତି ତାଙ୍କ ସମର୍ଥକମାନେ ଗତ ସୋମବାର ଏହାକୁ ଭାଙ୍ଗି ଦେଇଥିବା ନେଇ ଅଭିଯୋଗ ହେଉଛି । ଯାହାକୁ ନେଇ ବ୍ୟବସାୟୀଙ୍କ ମନରେ ଅସନ୍ତୋଷ ଦେଖାଦେଇଛି । କାହା ପ୍ରରୋଚନାରେ ବିଜେଡି ନେତାଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା ପ୍ରତିମୂର୍ତ୍ତି କୁ ଭଙ୍ଗା ଗଲା ତାହା ଏବେ ଚର୍ଚ୍ଚା ପାଲଟିଛି । ଏକ ନମ୍ବର ହାଟରେ କେବଳ ଏହି ଘଟଣା ନୁହେଁ, ମନ ଇଚ୍ଛା ବେଆଇନ୍ ନିର୍ମାଣ ଚାଲୁଥିବା ନେଇ ଅଭିଯୋଗ ଆସୁଛି । ବିଏମ୍‌ସି କର୍ତ୍ତୃପକ୍ଷ ଏଥି ପ୍ରତି ଧ୍ୟାନ ଦେବାକୁ ଦାବି ହେଉଛି ।

# ଏସପି ମ୍ୟୁଚୁଆଲ ଫଣ୍ଡ ଆଇଟି ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପ୍ରଚଳନ କଲା ଇଣ୍ଡେକ୍ସ ଫଣ୍ଡ

ଭୁବନେଶ୍ୱର,(ସବ୍ୟୁ): ଡିଏସପି ମୁଚୁଆଲ ଫଣ୍ଡ ଦୁଇଟି ନୂଆ ଇଣ୍ଡେକ୍ସ ଫଣ୍ଡ ଯଥା: ଡିଏସପି ନିଫଟି ଆଇଟି ଇଣ୍ଡେକ୍ସ ଫଣ୍ଡ ଏବଂ ଡିଏସପି ହେଲଥକେୟାର ଫଣ୍ଡ ପ୍ରଚଳନ ସମ୍ପର୍କରେ ଘୋଷଣା କରିଛି । ଏହି ଫଣ୍ଡଗୁଡିକ ନିବେଶକଙ୍କୁ ଏକ ପ୍ରଶସ୍ତ ଇକ୍ୱିଟି ବଜାର ତୁଳନାରେ ଅଧିକ ମଜଭୁତ ଭାବରେ ପରିଚିତ କ୍ଷେତ୍ରଗୁଡିକରେ ଅଂଶଗ୍ରହଣ କରିବାକୁ ଏକ ରଣକୌଶଳାତ୍ମକ ପନ୍ଥା ଯୋଗାଇଦେବା ଲକ୍ଷ ରଖିଛି । ସୂଚନା ପ୍ରଯୁକ୍ତି (ଆଇଟି) ଓ ସ୍ୱାସ୍ଥସେବା ଭଳି ପ୍ରତିରକ୍ଷାତ୍ମକ କ୍ଷେତ୍ରଗୁଡିକ ଐତିହାସିକ ଦୃଷ୍ଟିକୋଣରୁ ବାପକ ଇକ୍ୱିଟି ମାର୍କେଟ ତୁଳନାରେ କମ ବିଟା ପ୍ରଦର୍ଶନ କରିଛି, ଏହା ଅର୍ଥ ସେଗୁଡିକ ବଜାରର ମାନ୍ଦା ଅବସ୍ଥା, ଅର୍ଥନୈତିକ ସଙ୍କଟ ଅଥବା ଭୂରାଜନୈତିକ ଘଟଣାଗୁଡିକ ଦ୍ୱାରା କମ ପ୍ରଭାବିତ ହୋଇଥାନ୍ତି। ଉଦାହରଣସ୍ୱରୂପ ବୈଶ୍ୱିକ ଆର୍ଥିକ ସଙ୍କଟ (ଜାନୁଆରୀ□ଅକ୍ଟୋବର ୨୦୦୮) ଏବଂ କୋଭିଡ□୧୯ ମହାମାରୀ (ଜାନୁଆରୀ□ମାର୍ଚ୍ଚ ୨୦୨୦) ସମୟରେ ନିଫଟି ହେଲଥକେୟାର ଏବଂ ନିଫଟି ଆଇଟି ଇଣ୍ଡିସେସଗୁଡିକ କମ ହ୍ରାସ ଏବଂ ଦ୍ରୁତ ପୂର୍ବାବସ୍ଥାକୁ ଫେରି ନିଫଟି ୫୦୦ ଇଣ୍ଡେକ୍ସରେ ଉଲ୍ଲେଖପ୍ରଦର୍ଶନ କରିଥିଲେ । ଏହି କ୍ଷେତ୍ରଗୁଡିକ ବିବିଧକୃତ ବୈଶ୍ୱିକ ରାଜସ୍ୱରୁ ଉପକୃତ ହୋଇଥାଏ, ଯାହା ସେଗୁଡିକର ଘରୋଇ ଅର୍ଥନୈତିକ ଚକ୍ର ଉପରେ ନିର୍ଭରଶୀଳତାକୁ ହ୍ରାସ କରିଥାଏ । ସଂଖ୍ୟା ଦୃଷ୍ଟିରୁ ଏହାକୁ ଉପସ୍ଥାପନ କରାଗଲେ ନିଫଟି ଆଇଟି ଇଣ୍ଡେକ୍ସରେ ଥିବା କମ୍ପାନୀଗୁଡିକର ମୋଟ ରାଜସ୍ୱ ମଧ୍ୟରୁ ଯ ୯୬% ଭାରତ ବତୀତ ଅନାନ ବିଶ୍ୱ ବଜାରରୁ ଆସିଥାଏ। ଅନୁରୂପ ଭାବରେ ନିଫଟି ହେଲଥକେୟାର ଇଣ୍ଡେକ୍ସରେ ଥିବା କମ୍ପାନୀଗୁଡିକର ମୋଟ ରାଜସ୍ୱରୁ ଯ ୫୨% ବିଶ୍ୱ ବଜାରରୁ ଆସିଥାଏ। ଅନପକ୍ଷରେ ନିଫଟି ୫୦ ଇଣ୍ଡେକ୍ସରେ ଥିବା କମ୍ପାନୀଗୁଡିକ କ୍ଷେତ୍ରରେ ସେମାନଙ୍କର ମୋଟ ରାଜସ୍ୱର ମାତ୍ର ଯ ୨୫% ବିଶ୍ୱ ବଜାରଗୁଡିକରୁ ଆସୁଥିବା ପରିଲକ୍ଷିତ ହେଉଛି । ଡିଏସପି ନିଫଟି ଆଇଟି ଇଣ୍ଡେକ୍ସ ଫଣ୍ଡ ନିଫଟି ଆଇଟି ଇଣ୍ଡେକସକୁ ଦୋହରାଇବା/ଟ୍ରାକ କରିବା ଏବଂ ଫ୍ରି ଫ୍ଲୋଟ ବଜାର ପୁଞ୍ଜିକରଣ ଦ୍ୱାରା ଶୀର୍ଷ ୧୦ ଆଇଟି କମ୍ପାନୀରେ ନିବେଶ କରିବା ଲକ୍ଷ ରଖିଛି ।

# ଟାଟା ମୋଟର୍ସ ପକ୍ଷରୁ ହେରିୟର.ଇଭି ବିକ୍ରୟର ଶୁଭାରମ୍ଭ



ଭୁବନେଶ୍ୱର,(ସବ୍ୟୁ): ଏସ୍‌ୟୁଭି ଉତ୍ପାଦନରେ ଦେଶର ଅଗ୍ରଣୀ, ଟାଟା ମୋଟର୍ସ ହେରିୟର ଡଟ୍ ଇଭିର ବିକ୍ରୟ ଶୁଭାରମ୍ଭ କରିଛି । ଭାରତରେ ଆଜି ପର୍ଯ୍ୟନ୍ତ ଉତ୍ପାଦିତ ହୋଇଥିବା ଏସ୍‌ୟୁଭି ଗୁଡିକ ମଧ୍ୟରେ ଏହା ସବୁଠାରୁ ଶକ୍ତିଶାଳୀ, ଦକ୍ଷତାପୂର୍ଣ୍ଣ ଏବଂ ବିଚକ୍ଷଣ ଅଟେ । ଆଗାମୀ ପୀଢ଼ୀର ଆବଶ୍ୟକତାକୁ ଆଖିଆଗରେ ରଖି ପ୍ରସ୍ତୁତ ହୋଇଥିବା ଏହି ହ୍ୟାରିୟର. ଇଭି ଏକ ନୂଆ ମାନସିକତା ଆଣେ, ଯେଉଁଠାରେ ଦକ୍ଷତା ଓ ଆଧୁନିକତାର ସନ୍ତୁଳନ ଦେଖାଯାଏ । ଅଣବିକଶିତ ଭୂଖଣ୍ଡ ମଧ୍ୟ ଦେଇ ସହଜରେ ଗତି କରିବା ଠାରୁ ଆରମ୍ଭ କରି ସହରାଞ୍ଚଳରେ ବଡ଼ ଟ୍ରାଫିକ୍ ମଧ୍ୟ ଦେଇ ଯିବା ପର୍ଯ୍ୟନ୍ତ ହ୍ୟାରିୟର. ଇଭି ପ୍ରତ୍ୟେକ ଯାତ୍ରାକୁ ବିଳାସପୂର୍ଣ୍ଣ କରିଥାଏ । ଏହି ଯାନ ଭାରତରେ ଏପର୍ଯ୍ୟନ୍ତ ଉତ୍ପାଦିତ ହୋଇଥିବା ସର୍ବୋତ୍ତମ ସ୍ୱଦେଶୀ ଏସ୍‌ୟୁଭି । ୪ଟି ଆକର୍ଷଣୀୟ ରଙ୍ଗରେ ଏହା ଉପଲବ୍ଧ ଓ ହ୍ୟାରିଅର. ଇଭିର ପ୍ରାରମ୍ଭିକ ମୂଲ୍ୟ ୨୧ ପଏଣ୍ଟ ୪୯ ଲକ୍ଷରୁ ଆରମ୍ଭ ହୋଇଛି । ଟାଟା ମୋଟର୍ସ ଦ୍ୱାରା ନିର୍ମିତ ସବୁଠାରୁ ଉନ୍ନତ ଏସ୍‌ୟୁଭି ହ୍ୟାଣ୍ଡସ୍□ ଫ୍ରିଅନ୍‌ଲକିଂ, ଇ□ଭାଲେଟ୍, ୫୪୦ ପାଇଁ ଅଲ୍ଟ୍ରାୱାଇଡ୍ ବ୍ୟାଙ୍କ ମଧ୍ୟରେ ଡିଜି ଆକ୍ସେସ୍‌ର ସୁବିଧା ଏଥିରେ ରହିଛି । ଏହାର ବ୍ୟାଟେରୀ ପ୍ୟାକ୍‌ରେ ଜୀବନବ୍ୟାପୀ ବ୍ୟାଟେରୀ ୱାରେଣ୍ଟିର ସୁବିଧା ଅଛି ।

## ବାର୍ଷିକ ପ୍ଲାଷ୍ଟିକ ବର୍ଜ୍ୟ ସଂଗ୍ରହ ଅଭିଯାନକୁ ବ୍ୟାପକ କରିଛି ଜିନ୍ଦଲ ଷ୍ଟେନଲେସ

# ସାମିଲ ହେଲେ ସ୍ଥାନୀୟ ସମ୍ପ୍ରଦାୟ: ମୋଟ ୧୩.୫ଟନ୍ ପ୍ଲାଷ୍ଟିକ ବର୍ଜ୍ୟ ସଂଗୃହୀତ



ଭୁବନେଶ୍ୱର,(ସବ୍ୟୁ): ଜିନ୍ଦଲ ଷ୍ଟେନଲେସ ଭାରତର ସର୍ବବଡ଼ ଷ୍ଟେଲେନ୍ସ ଷ୍ଟିଲ୍ ଉତ୍ପାଦକ, ସେହି ତାରିଖରେ ବିଶ୍ୱ ପରିବେଶ ଦିବସକୁ ଉତ୍ସବ କରି ସୁଇଚଟୁଷ୍ଟେନଲେସ କ୍ୟାମ୍ପେନ୍ ଆରମ୍ଭ କରି, ତାହାର କର୍ମଚାରୀମାନେ ମଧ୍ୟ ପରିବେଶ ସଚେତନତା ବୃଦ୍ଧି କରିବାକୁ ଉଦ୍ଦେଶ୍ୟରେ କରିଛି । କମ୍ପାନୀ ଏହି ବର୍ଷରେ ତାହାର ବାର୍ଷିକ ପ୍ଲାଷ୍ଟିକ ଓସରାଣୀ ସଂଗ୍ରହ କ୍ୟାମ୍ପେନରେ ସହତେ ତାଙ୍କର କର୍ପୋରେଟ୍ କାର୍ଯ୍ୟାଳୟ ଓ ଉତ୍ପାଦନ ସ୍ଥଳଗୁଡ଼ିକୁ ଜାଜପୁର, ଓଡିଶା ଓ ହିସାର, ହରିୟାଣାରେ ଶୁଭାରମ୍ଭ କରିଥିଲେ । କର୍ମଚାରୀ ଓ ସ୍ଥାନୀୟ ସମୁଦାୟ ଭାଗ ନେଇଥିଲେ । ଏହି କ୍ୟାମ୍ପେନକୁ ସହଯୋଗ କରିଥିଲେ ଗ୍ରିନ୍ ଡ୍ରିମ୍ ଫାଉଣ୍ଡେସନ୍, ଯେଉଁଠାରେ ସ୍ଥାନୀୟ କମ୍ୟୁନିଟିଗୁଡ଼ିକୁ ଏହି ସଂଗ୍ରହ ପଦ୍ଧତି ସେବାରେ ଯୋଗ ଦେଇଥିଲେ । ଉତ୍ସବରେ କଥା ଚାଲିଛନ୍ତି, ଜିନ୍ଦଲ ଷ୍ଟେନଲେସ ମ୍ୟାନେଜିଂ ଡାଇରେକ୍ଟର ଅଭ୍ୟୁଦୟ ଜିଣ୍ଡାଲ୍ କହିଛନ୍ତି, ଆମର ବାର୍ଷିକ ପ୍ଲାଷ୍ଟିକ ସଂଗ୍ରହ କ୍ୟାମ୍ପେନ୍ ଏକ ସୂକ୍ଷ୍ମ କିନ୍ତୁ ଅର୍ଥପୂର୍ଣ୍ଣ ପଦକ୍ଷେପ ଅତୁଟ ଭବିଷ୍ୟତ ପାଇଁ ଆଗକୁ ବଢିବାକୁ ସାହାଯ୍ୟ କରୁଛି । ଏହା ଏକ ଜାତୀୟ ପ୍ରୟାସର ପ୍ରସଙ୍ଗରେ ସଂକୀର୍ଣ୍ଣ ହୋଇଥିଲେ ମଧ, ଆମର ଅବଦାନ ପ୍ରତିବର୍ଷ ସ୍ଥିର ଭାବେ ବୃଦ୍ଧି ପାଇଛି । ୨୦୨୩ ମସିହାରେ ୨ ଟନ୍ନରୁ ଏହି ବର୍ଷରେ ୧୩.୫ ଟନ୍ନ ପର୍ଯ୍ୟନ୍ତ □ଯାହା ଆମର ଏହି କାର୍ଯ୍ୟ ପ୍ରତି ନିରନ୍ତର ଭାବରେ ଦୃଢତାକୁ ପ୍ରମାଣିତ କରେ । ସସ୍ଥିରତା ଆମର ମୂଳ୍ୟରେ ଗଭୀର ଭାବରେ ଅନୁସୂତ, ଏବଂ ଆମେ ସେହି ପ୍ରତିଷ୍ଠିତ କାର୍ଯ୍ୟକୁ ସ୍କେଲ୍ କରିବାରେ କେନ୍ଦ୍ରିତ ରହିଛୁ । ଏହି ବର୍ଷ ବିଶେଷ ଅବସ୍ଥାନୀୟ କମ୍ୟୁନିଟି ସହିତ ସଂଲଗ୍ନ ହେବାକୁ ଏହି ପ୍ରୟାସକୁ କମ୍ପାନୀ ପ୍ରାରମ୍ଭ କରିଛି □କାରଣ ପରିବର୍ତ୍ତନ ସତରେ ସେହି ସମୟରେ ଆରମ୍ଭ ହୁଏ ଯେତେବେଳେ ସମସ୍ତେ ସଂଲଗ୍ନ ହୁଅନ୍ତି । ଏହି ବର୍ଷରେ, ଏହି କ୍ୟାମ୍ପେନ୍ ହିସାରରୁ ୩,୭୯୫.୮ କିଲୋଗ୍ରାମ୍ ପ୍ଲାଷ୍ଟିକ, ଜାଜପୁରରୁ ୮,୯୨୬ କିଲୋଗ୍ରାମ୍, ଏବଂ ଦିଲ୍ଲୀଏନସିଆର୍ କର୍ପୋରେଟ୍ କାର୍ଯ୍ୟାଳୟରୁ ୭୬୯.୫୦ କିଲୋଗ୍ରାମ୍ ସଂଗ୍ରହ କରାଯାଇଛି । ସଂଗ୍ରହ କିଲେ ପ୍ଲାଷ୍ଟିକ ଓସରାଣୀକୁ ଦାୟିତ୍ୱପୂର୍ଣ୍ଣ ଭାବେ ପୁନର୍ବ୍ୟବହାର କରାଯିବା ସମ୍ମିଳିତ ବସ୍ତୁରେ ଯଥା ବେଞ୍ଚ, ଚେୟାର, ଏବଂ ଡସ୍ଟବିନ୍ ନିର୍ମିତ କରାଯିବ । ସେଗୁଡିକ କମ୍ପାନୀର ପ୍ରତିଷ୍ଠାନ ଓ ସାଧାରଣ ସ୍ଥାନରେ ସ୍ଥାପିତ ହେବାକୁ ସ୍ଥାନୀୟ ପ୍ରାଧିକୃତି ସହିତ ସମନ୍ୱୟ କରାଯିବ । ପ୍ରୟାସର ଅଂଶ ସ୍ୱରୂପ, କମ୍ପାନୀ କର୍ମଚାରୀଙ୍କୁ ସେମାନେ ତାଙ୍କର କାମ ଓ ଘରେ କରୁଥିବା ବ୍ୟକ୍ତିଗତ ସସ୍ଥିରତା ପ୍ରୟାସଗୁଡିକୁ ଆନ୍ତରିକ ମାଧ୍ୟମରେ ପ୍ରଦର୍ଶନ କରିବାକୁ ଉତ୍ସାହିତ କରିଛି, ଏହା ଏକ ସାମ୍ପ୍ରତିକ ଦାୟିତ୍ୱ ସଂସ୍କୃତିକୁ ପ୍ରସାରିତ କରିଥାଏ । ତାଲିକା ଭାଗରେ, ଜିନ୍ଦଲ ଷ୍ଟେନଲେସ ଦୀର୍ଘକାଳୀନ ପରିବେଶୀୟ, ସାମାଜିକ ଏବଂ ପ୍ରଶାସନିକ ଲକ୍ଷ୍ୟଗୁଡିକୁ ପ୍ରାପ୍ତ କରିବା ପାଇଁ ୨୦୫୦ ପର୍ଯ୍ୟନ୍ତ ନେଟ୍□ଜିରୋ ଇମିସନ୍ ଲକ୍ଷ୍ୟରେ କାମ କରୁଛି । ଆର୍ଥିକ ବର୍ଷ୨୫ରେ ଏହାର କର୍ପୋରେଟ୍ କାର୍ବନ୍ ଫୁଟପ୍ରଂଟକୁ ୧୫% କମାଇ ଦିଆଯାଇଛି, ଯାହା ଚାଲୁଥିବା ଡିକାର୍ବୋନାଇଜେସନ୍ ପ୍ରୟାସରେ ପ୍ରତିଷ୍ଠିତ ହୋଇଛି । ସାଧାରଣତଃ, କମ୍ପାନୀ ତାଙ୍କର ସବସିଡିଅରୀ ଜେଏସଏଲ ସୁପର୍ ସ୍ଟିଲ୍ ଦ୍ୱାରା ସଂସୋର ଏନର୍ଜି ସହିତ ୧୧ଏମଡବ୍ଲୁପି ସୋଲାର୍ ପାୱାର ପ୍ରାପ୍ତ କରିବା ପାଇଁ ପାୱାର ପର୍ଚେଜ୍ ଏଗ୍ରୀମେଣ୍ଟ ସାଇନ୍ କରିଛି ।


## କୋଟିଆ ସୀମା ବିବାଦ ସମାଧାନ ପାଇଁ

# ରାଜ୍ୟ ସରକାରଙ୍କ ଆନ୍ତରିକତା ନାହିଁ: ବିଜେଡି

ଭୁବନେଶ୍ୱର,(ସବ୍ୟୁ): କୋଟିଆ ସମ୍ବନ୍ଧରେ ରାଜ୍ୟ ସରକାରଙ୍କ ଉଚ୍ଚସ୍ତରୀୟ ବୈଠକ ପରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ବକ୍ତବ୍ୟ ଉପରେ ପ୍ରତିକ୍ରିୟା ଦେଇ ବିଜୁ ଜନତା ଦଳ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି । କ୍ଷମତାକୁ ଆସିବାର ପ୍ରାୟ ଏକ ବର୍ଷ ପୂରଣ ହେବାକୁ ଯାଉଥିବା ବେଳେ କୋଟିଆ ପ୍ରସଙ୍ଗରେ ରାଜ୍ୟ ସରକାର ଆଜି ପର୍ଯ୍ୟନ୍ତ ଚୁପ ରହିଥିବା ବେଳେ, ଆଜି ମନେ ପକେଇଛନ୍ତି । କୋଟିଆରେ ଭିତ୍ତିଭୂମି ବିକାଶ ହେବ ବୋଲି ମନ୍ତ୍ରୀ ବକ୍ତବ୍ୟ ଦେଇଛନ୍ତି, କିନ୍ତୁ ସୀମା ବିବାଦର ସମାଧାନ ଉପରେ ନିରବ ରହିଛନ୍ତି । ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ଦଳର ବରିଷ୍ଠ ସାଧାରଣ ସମ୍ପାଦକ ପ୍ରଦୀପ ମାଝୀ ଓ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ ଲେନିନ ମହାନ୍ତି କହିଥିଲେ, ରାଜ୍ୟ ବିଜେପି ସରକାରଙ୍କ ଗତ ଏକ ବର୍ଷ କେବଳ ମଧୁଚନ୍ଦ୍ରିକାରେ ବିତିଛି । କୋଟିଆ, ପୋଲାଭରମ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଗତ ଏକ ବର୍ଷ ମଧ୍ୟରେ ମୁହଁ ଖୋଲିନାହାନ୍ତି । ଏକ ବର୍ଷ ପୂର୍ତ୍ତିକୁ ନେଇ ବିଜେପି ପକ୍ଷରୁ ରାଜ୍ୟବ୍ୟାପୀ ଉତ୍ସବ ପାଳନ କରିବା ପାଇଁ ଆୟୋଜନ କରାଯାଉଥିବା ବେଳେ, କେବଳ ଉପରଠାଉରିଆ ଭାବେ ଆଜି କୋଟିଆ ଉପରେ ଏକ ଉଚ୍ଚସ୍ତରୀୟ ବୈଠକ ଆୟୋଜନ କରାଯାଇଛି । ପ୍ରଦୀପ ମାଝୀ କହିଥିଲେ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କୋଟିଆର ଭିତ୍ତିଭୂମି ବିକାଶ କରାଯିବ ବୋଲି ଦେଇଥିବା ମନ୍ତବ୍ୟ କେବଳ ଧର୍ମକୁ ଆଖିଠାର ସଦୃଶ୍ୟ । କୋଟିଆର ଭିତ୍ତିଭୂମି ବିକାଶ ପାଇଁ ନବୀନ ପଟ୍ଟନାୟକଙ୍କ ସରକାର ଏକକାଳୀନ ୧୬୪ କୋଟି ଟଙ୍କା ପ୍ରଦାନ କରିଥିଲେ । ସେଠାରେ ସମଗ୍ର ଗ୍ରାମାଞ୍ଚଳର ରାସ୍ତା, ସମସ୍ତ ଗ୍ରାମକୁ ପାନୀୟ ଜଳ, ବିଜୁଳି ସଂଯୋଗ ଓ ସାମାଜିକ ସୁରକ୍ଷା ଯୋଜନା ସଫଳତାର ସହିତ ଲାଗୁ କରାଯାଇଥିଲା । ଶ୍ରୀ ମାଝୀ କହିଥିଲେ, କୋଟିଆ ସୀମା ବିବାଦ ପ୍ରସଙ୍ଗରେ ସର୍ବୋଚ୍ଚ ନ୍ୟାୟାଳୟ ସଂସଦ ଓ କେନ୍ଦ୍ର ଗୃହ ମନ୍ତ୍ରାଳୟ ସହିତ ଆଲୋଚନା କରିବାକୁ ପରାମର୍ଶ ଦେଇଥିଲେ । ଆଜି ରାଜ୍ୟରେ ଓ କେନ୍ଦ୍ରରେ ବିଜେପି ସରକାର ଥିବାବେଳେ ଆନ୍ଧ୍ରପ୍ରଦେଶରେ ମଧ୍ୟ ବିଜେପିର ସହଯୋଗୀ ଦଳର ସରକାର ଅଛି । କିନ୍ତୁ, ରାଜ୍ୟ ସରକାର ଏହି ସମସ୍ୟା ସମାଧାନ ଉପରେ କୌଣସି ପଦକ୍ଷେପ ନେଇନାହାନ୍ତି ବୋଲି ବିଜେଡ଼ି ଅଭିଯୋଗ କରିଛି ।

# ଆକର୍ଷଣୀୟ ଅଫର, ବିସ୍ତୃତ କଲେକ୍ସନ

ଭୁବନେଶ୍ୱର,(ସବ୍ୟୁ): ଭାରତର ଘରୋଇ ଇକମର୍ସ ମାର୍କେଟପ୍ଲେସ ଫ୍ଲିପକାର୍ଟ ମେ' ୩୦ ତାରିଖ ୨୦୨୫ରୁ ଆରମ୍ଭ ହୋଇଥିବା ଏହାର ବହୁପ୍ରତିକ୍ଷୀତ ଫ୍ୟାଶନ ଏଣ୍ଡ ଅଫ ସିଜନ ସେଲ (ଇଓଏସଏସ)ର ସାମିଲ ରହିବେ ଯେଉଁମାନେ ଭାରତର ଲକ୍ଷ ଲକ୍ଷ ଗ୍ରାହକଙ୍କୁ ଫ୍ୟାଶନ, ବିୟୁଟି ଓ ଲାଇଫଷ୍ଟାଇଲ ପ୍ରଡକ୍ଟଗୁଡିକର ଏକ ବିସ୍ତୃତ ଶୃଙ୍ଖଳା ପ୍ରଦାନ କରିବେ ।



ଏହି ଇଓଏସଏସ ବିସ୍ତୃତ ଉତ୍ପାଦ ସଂଗ୍ରହ ଓ ଉତ୍ସାହଜନକ ଅଫରଗୁଡିକର ଏକ ଶୃଙ୍ଖଳା ପ୍ରଦାନ ଏହାକୁ ଭାରତର ଅନ୍ୟତମ ସର୍ବବୃହତ ଫ୍ୟାଶନ ଉତ୍ସବରେ ପରିଣତ କରୁଛି । ସମସ୍ତ ରେଟ୍ରୋ ରନର, ୟୁଟିଲିଟି ଫିଟ୍, ରିଲାକ୍ସଡ ସିଲହୌଟେ, ଥ୍ରେଡୱର୍କ ଓ ସଫ୍ଟ ବ୍ଲୁମ ପ୍ରିଂଟ ଭଳି ଲୋକପ୍ରିୟ ଷ୍ଟାଇଲଗୁଡିକ ସମେତ ୧୦୦୦ରୁ ଅଧିକ ଟ୍ରେଣ୍ଡରୁ ସ୍ୱତନ୍ତ୍ର କଲେକ୍ସନଗୁଡିକ ପାଇପାରିବେ ଗ୍ରହଣୀୟତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି ପରିଲକ୍ଷିତ କରିଛି ।

ବ୍ରାଣ୍ଡେଡ ଆକ୍‌ସେସରିରେ ଏକ ଉନ୍ନତ ବାର୍ଷିକ ବୃଦ୍ଧି ପ୍ରିମିୟମ୍ କ୍ଲୋଥିଙ୍ଗ ସେଗ୍‌ମେଣ୍ଟ ମଧ୍ୟ ଚଳିତ ବର୍ଷ ବୃଦ୍ଧି ହାସଲ କରିଛି । ଗତବର୍ଷର ୬୦% ବୃଦ୍ଧି ସହିତ ଡି୨ସି ବ୍ରାଣ୍ଡ କଲେକ୍ସନ ୩ ଗୁଣ ବିସ୍ତାରିତ ହୋଇଛି ।

# ନିଶୁଳ୍କ ସ୍ନାୟୁ ବା ନ୍ୟୁରୋ କ୍ଲିନିକ ଉଦ୍‌ଘାଟିତ




ଭୁବନେଶ୍ୱର,(ସବ୍ୟୁ): ଭୁବନେଶ୍ୱର ପୋଖରୀପୁଟ ସ୍ଥିତ ରାମକୃଷ୍ଣ ବିବେକାନନ୍ଦ ପ୍ରତିଷ୍ଠାନ ପରିସରରେ ଏକ ନିଶୁଳ୍କ ବା ମାଗଣା ନ୍ୟୁରୋ କେନ୍ଦ୍ର ଉଦଘାଟିତ ହୋଇଯାଇଛି । ଉକ୍ତ କେନ୍ଦ୍ରକୁ ଉଦଘାଟନ କରି ମାସର ପ୍ରଥମ ଓ ତୃତୀୟ ଶୁକ୍ରବାର ଉକ୍ତ କେନ୍ଦ୍ରରେ ସକାଳ ୯ ଘଟିକା ଠାରୁ ୧୧ ଘଟିକା ପର୍ଯ୍ୟନ୍ତ ବିନା ଦେୟରେ ନ୍ୟୁରୋ ସେବା ଯୋଗାଇ ଦେବେ ବୋଲି ସ୍ନାୟୁ ବିଶେଷଜ୍ଞ ଡ଼ ସୂର୍ଯ୍ୟ ପ୍ରକାଶ ଚୌଧୁରୀ ପ୍ରକାଶ କରିଛନ୍ତି ।

ପ୍ରତିଷ୍ଠାନର ସଭାପତି ବରିଷ୍ଠ ସାମ୍ବାଦିକ ମନୋଜ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ସଭାରେ ଅନ୍ୟମାନଙ୍କ ମଧ୍ୟରେ ପ୍ରତିଷ୍ଠାନର ବରିଷ୍ଠ ସଭ୍ୟ ସୂର୍ଯ୍ୟ ନାରାୟଣ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଶ୍ରୀମଦ୍ ସ୍ୱାମୀ ଦୁର୍ଗେଶ ନନ୍ଦନ ମହାରାଜ, ଅଭିଜ୍ଞ ଫିଜିଓଥେରାପିଷ୍ଟ ଡ. ଏଲିନା ପଟ୍ଟନାୟକ, ବରିଷ୍ଠ ଟ୍ରଷ୍ଟି ବିଶ୍ୱ ରଞ୍ଜନ ଶତପଥୀ, ପ୍ରତିଷ୍ଠାନର କୋଷାଧ୍ୟକ୍ଷ ରଞ୍ଜନ କୁମାର ରାଉତରାୟ, ବାଞ୍ଛାନିଧି ମଲ୍ଲିକ, ବବିତା ସାହୁ ପ୍ରମୁଖ ଯୋଗଦେଇଥିଲେ ।

ମାସର ପ୍ରତ୍ୟେକ ପ୍ରଥମ ଓ ତୃତୀୟ ରବିବାର ସକାଳ ୭ ଘଟିକା ଠାରୁ ୧୧ ଘଟିକା ପର୍ଯ୍ୟନ୍ତ ଅଭିଜ୍ଞ ଡ ଅକ୍ଷୟ ମିଶ୍ର ମଧ୍ୟ ନିଶୁଳ୍କ ହେମୋପାଥି ସେବା ରୋଗୀମାନଙ୍କୁ ଅନୁଷ୍ଠାନ ପରିସରରେ ଯୋଗାଇ ଦେଉଛନ୍ତି । ସେହିପରି ସପ୍ତାହର ପ୍ରତ୍ୟେକ ଶୁକ୍ରବାର, ଶନିବାର, ରବିବାର ସକାଳ ୮ ଘଟିକାରୁ ୧୧ ଘଟିକା ପର୍ଯ୍ୟନ୍ତ ନିଶୁଳ୍କ ଫିଜିଓ ଥେରାପି ସେବା ରୋଗୀମାନଙ୍କୁ ଅଭିଜ୍ଞ ଫିଜିଓଥେରାପିଷ୍ଟ ଡ ଏଲିନା ପଟ୍ଟନାୟକ ଦ୍ୱାରା ଯୋଗାଇ ଦିଆଯାଉଛି ବୋଲି ଅନୁଷ୍ଠାନର ବରିଷ୍ଠ ସକ୍ରିୟ ସଭ୍ୟ ସୂର୍ଯ୍ୟ ନାରାୟଣ ଦାସ ପ୍ରକାଶ କରିଛନ୍ତି । ପୋଖରୀପୁଟ ଏବଂ ଏହାର ଆଖ ପାଖ ଅଞ୍ଚଳର ଯେ କୌଣସି ବ୍ୟକ୍ତି ନ୍ୟୁରୋ ସହ ଉପରୁକ୍ତ ସମସ୍ତ ନିଶୁଳ୍କ ସେବାର ସୁଯୋଗ ନେଇପାରିବେ ବୋଲି ଅନୁଷ୍ଠାନର ସମ୍ପାଦକ ରମେଶ ଚନ୍ଦ୍ର ଭଦ୍ର ପ୍ରକାଶ କରିଛନ୍ତି ।

## ୨୦୨୬ ଏପ୍ରିଲରେ ବାଂଲାଦେଶ ନିର୍ବାଚନ



ଢାକା: ବାଂଲାଦେଶରେ ନିର୍ବାଚନ ପାଇଁ ତାରିଖ ଘୋଷଣା କରାଯାଇଛି । ୨୦୨୬ ଅପ୍ରେଲ ପ୍ରଥମ ସପ୍ତାହରେ ବାଂଲାଦେଶରେ ଜାତୀୟ ନିର୍ବାଚନ ଅନୁଷ୍ଠିତ ହେବ । ବର୍ତ୍ତମାନ ବାଂଲାଦେଶରେ ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ଏକ ଅନ୍ତରୀଣ ସରକାର କାର୍ଯ୍ୟ କରୁଛି । ବାଂଲାଦେଶର ବିଭିନ୍ନ ରାଜନୈତିକ ଦଳ ଡିସେମ୍ବର ସୁଦ୍ଧା ନିର୍ବାଚନ କରିବାକୁ ଦାବି କରିଥିଲେ । ଯାହା ଯୋଗୁଁ ୟୁନୁସଙ୍କ ଉପରେ ଚାପ ବୃଦ୍ଧି ପାଇଥିଲା । ଗତ ବର୍ଷ ଅଗଷ୍ଟ ମାସରୁ ବାଂଲାଦେଶରେ ରାଜନୈତିକ ଅସ୍ଥିରତା ଲାଗିରହିଛି । ଅଗଷ୍ଟ ମାସରେ ବାଂଲାଦେଶର ତତକାଳୀନ ଶେଖ ହସିନାଙ୍କୁ ପ୍ରବଳ ବିରୋଧ ଯୋଗୁଁ କ୍ଷମତା ଛାଡି ଭାରତ ପଳାଇବାକୁ ପଡିଥିଲା ।

ଏହା ପରେ ନୋବେଲ ପୁରସ୍କାର ବିଜେତା ମହମ୍ମଦ ୟୁନୁସଙ୍କୁ ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ଅନ୍ତରୀଣ ମୁଖ୍ୟ କରାଯାଇଥିଲା ଓ ତାଙ୍କ ତତ୍ତ୍ୱାବଧାନରେ ନିର୍ବାଚନ କରାଯିବ ବୋଲି ସ୍ଥିର ହୋଇଥିଲା । କିନ୍ତୁ ନିର୍ବାଚନ ବିଳମ୍ବ ହେଉଥିବାରୁ ୟୁନୁସ ଏବେ ଚାପରେ ଅଛନ୍ତି । ସେନା, ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି ଭଳି ବିରୋଧୀ ଦଳ ଏବଂ ତାଙ୍କ ନିଜ ସମର୍ଥକମାନେ ମଧ୍ୟ ତାଙ୍କ ଉପରେ ଅସନ୍ତୁଷ୍ଟ ଅଛନ୍ତି ।

## ୩୮ ଦିନ ହେବ ଅମରନାଥ ଯାତ୍ରା

ଲକ୍ଷ୍ନୌ: ଚଳିତ ବର୍ଷ ୩୮ ଦିନ ଧରି ଚାଲିବ ପବିତ୍ର ଅମରନାଥ ଯାତ୍ରା । ପ୍ରତି ବର୍ଷ ଏହି ଯାତ୍ରା ୫୨ ଦିନ ଧରି ଚାଲେ । କିନ୍ତୁ ସୁରକ୍ଷା ଦୃଷ୍ଟିରୁ ଏହାକୁ ୩୮ ଦିନକୁ କମାଇ ଦିଆଯାଇଛି । ପ୍ରଥମଥର ପାଇଁ ଅମରନାଥ ଯାତ୍ରାର ଅବଧି ହ୍ରାସ ପାଇଛି । ବାର୍ଷିକ ତୀର୍ଥ ଯାତ୍ରା ଜୁଲାଇ ୩ରୁ ଆରମ୍ଭ ହେବ । ଏହା ଅଗଷ୍ଟ ୯ ଯାଏ ଚାଲିବ । ଅମରନାଥ ଯାତ୍ରା ପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ । ଯାତ୍ରା ସମୟରେ ଜମ୍ମୁ-କଶ୍ମୀର ପୁଲିସ୍ ସହ ୫୮୧ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ୍ ବଳ ବା ସିଏପିଏଫ ମୁତୟନ ହେବେ । ତୀର୍ଥ ଯାତ୍ରୀଙ୍କ ସୁରକ୍ଷା ପାଇଁ ସବୁ ପ୍ରକାରର ବନ୍ଦୋବସ୍ତ କରାଯିବ । ପ୍ରଥମଥର ପାଇଁ କନଭୟକୁ ସମ୍ଭାବ୍ୟ ବିପଦରୁ ଦୂରେଇ ରଖିବା ପାଇଁ ଯାତ୍ରା ସମୟରେ ଜାମର ବ୍ୟବସ୍ଥା କରାଯିବ । କନଭୟ ଅତିକ୍ରମ କରିବା ବେଳେ ସମସ୍ତ ଜାତୀୟ ରାଜପଥକୁ ଅସ୍ଥାୟୀ ରୂପେ ବନ୍ଦ ରଖାଯିବ । ସୁରକ୍ଷାକର୍ମୀମାନେ କେବଳ ସ୍ୟାଟେଲାଇଟ ଫୋନର ବ୍ୟବହାର କରିବେ । ରେଡିଓ ଫ୍ରିକ୍ୱେନ୍ସି ଆଇଡେଣ୍ଟିଫିକ୍ୱନ(ଆରଏଫଆଇଡଇ) ଦ୍ୱାରା ଘୋଡା ବାଲା ଓ ଶ୍ରଦ୍ଧାଳୁଙ୍କୁ ଟ୍ରାକ କରାଯିବ । ପୁଲିସ୍ ଓ ସିଆରପିଏଫ ପକ୍ଷରୁ ତୀର୍ଥ ଯାତ୍ରୀଙ୍କ ସୁରକ୍ଷା ପାଇଁ ପିସିଆର ଭ୍ୟାନ ରଖାଯିବ ।

# ସିନ୍ଧୁ ଜଳ ଚୁକ୍ତି ପୁନଃସ୍ଥାପନ ପାଇଁ ପାକ୍ ଲେଖିଲା ୪ ଚିଠି



ନୂଆଦିଲ୍ଲୀ: ଗମ୍ଭୀର ଜଳ ସଙ୍କଟ ସହିତ ସଂଘର୍ଷ କରୁଥିବା ପାକିସ୍ତାନ ସିନ୍ଧୁ ଜଳ ଚୁକ୍ତିକୁ ବିରତ କରିବାର ନିଷ୍ପତ୍ତିକୁ ପୁନର୍ବିଚାର କରିବାକୁ ଭାରତକୁ ଅନୁରୋଧ କରିଛି । ପହଲଗାମ ଆତଙ୍କବାଦୀ ହମଲାର ପ୍ରାୟ ଦୁଇ ମାସ ପରେ ପାକିସ୍ତାନ ୪ଟି ଚିଠି ମାଧ୍ୟମରେ ଭାରତକୁ ଏଭଳି ଅପିଲ କରିଛି । ସିନ୍ଧୁ ଜଳ ଚୁକ୍ତିନାମା ସିନ୍ଧୁ ଅବବାହିକାର ଛଅଟି ନଦୀ ସିନ୍ଧୁ, ଝେଲମ, ଚେନାବ, ରବି, ବ୍ୟାସ ଏବଂ ସତଲେଜକୁ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଚୁକ୍ତି ରହିଛି । ପହଲଗାମ ଆତଙ୍କବାଦୀ ଭାରତ ସିନ୍ଧୁ ଚୁକ୍ତିନାମାକୁ ରଦ୍ଦ ମରିବାକୁ ବାଧ୍ୟ ହୋଇଛି । ସୂତ୍ର ଅନୁଯାୟୀ, ପାକିସ୍ତାନର ଅନୁରୋଧ ସତ୍ତ୍ୱେ ବିଶ୍ୱ ବ୍ୟାଙ୍କ ହସ୍ତକ୍ଷେପ କରିବାକୁ ମନା କରିଦେଇସାରିଛି ।

ପାକିସ୍ତାନର ଜଳ ସମ୍ପଦ ମନ୍ତ୍ରଣାଳୟ ଦ୍ୱାରା ଲେଖାଯାଇଥିବା ଚାରୋଟି ଚିଠିରେ, ସଚିବ ସୟଦ ଅଲି ମୁର୍ତାଜା ଭାରତକୁ ଅପରେସନ ସିନ୍ଦୁର ପୂର୍ବରୁ ମେ ମାସରେ ସିନ୍ଧୁ ଜଳ ଚୁକ୍ତିନାମାକୁ ବନ୍ଦ କରିବାର ନିଷ୍ପତ୍ତି ପୁନର୍ବିଚାର କରିବାକୁ ଅନୁରୋଧ କରିଥିଲେ । ପରେ ମନ୍ତ୍ରଣାଳୟ ନୂଆଦିଲ୍ଲୀକୁ ଆଉ ତିନୋଟି ଚିଠି ଲେଖି ଚୁକ୍ତିନାମାକୁ ପୁନଃସ୍ଥାପିତ କରିବାକୁ ଆବେଦନ କରିଥିଲା । ଜଳ ଶକ୍ତି ମନ୍ତ୍ରଣାଳୟ ପାକିସ୍ତାନରୁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ସମସ୍ତ ଚାରୋଟି ଚିଠି ପଠାଇଛି । ପାକିସ୍ତାନ ଏହି ମାମଲାରେ ହସ୍ତକ୍ଷେପ କରିବାକୁ ବିଶ୍ୱ ବ୍ୟାଙ୍କକୁ ମଧ୍ୟ ଅନୁରୋଧ କରିଥିଲା । କିନ୍ତୁ ବିଶ୍ୱ ବ୍ୟାଙ୍କ ଏହି ପ୍ରସଙ୍ଗରେ ପଦକ୍ଷେପ ନେବାକୁ ମନା କରିଦେଇଛି । ଗତ ମାସରେ ଦେଶକୁ ସମ୍ବୋଧିତ କରିବା ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସିନ୍ଧୁ ଜଳ ଚୁକ୍ତିନାମା ବନ୍ଦ ହେବା ଉପରେ ପ୍ରତିକ୍ରିୟା ଦେଇ ପାକିସ୍ତାନକୁ ସ୍ପଷ୍ଟ କରିଥିଲେ ଯେ ପାଣି ଏବଂ ରକ୍ତ ଏକାଠି ପ୍ରବାହିତ ହୋଇପାରିବ ନାହିଁ । ଭାରତ କହିଛି ଯେ ଯେପର୍ଯ୍ୟନ୍ତ ପାକିସ୍ତାନ ସୀମାପାର ଆତଙ୍କବାଦ ପାଇଁ ସମର୍ଥନକୁ ବିଶ୍ୱସନୀୟ ଏବଂ ଅପରିବର୍ତ୍ତନୀୟ ଭାବରେ ପରିତ୍ୟାଗ ନକରେ ସେପର୍ଯ୍ୟନ୍ତ ସେ ସିନ୍ଧୁ ଜଳ ଚୁକ୍ତିନାମାକୁ ସ୍ଥଗିତ ରଖିବ ।

ଭାରତ ଏକ ୧୩୦ କିଲୋମିଟର ଲମ୍ବ କେନାଲ ନିର୍ମାଣ କରିବାକୁ ଯୋଜନା କରୁଛି ଯାହା ବ୍ୟାସ ନଦୀକୁ ଗଙ୍ଗା କେନାଲ ସହିତ ସଂଯୋଗ କରିବ । ସିନ୍ଧୁ ନଦୀକୁ ଯମୁନା ସହିତ ସଂଯୋଗ କରିବା ପାଇଁ ଏକ କେନାଲ ନିର୍ମାଣ କରିବାର ପ୍ରସ୍ତାବ ମଧ୍ୟ ରହିଛି । ୨୦୦ କିଲୋମିଟର ଲମ୍ବା ପ୍ରକଳ୍ପର ଅଂଶ ଭାବରେ ୧୨ କିଲୋମିଟର ଲମ୍ବା ସୁଡ଼ଙ୍ଗ ନିର୍ମାଣ କରାଯିବାର ଯୋଜନା ରହିଛି । ରାଜସ୍ଥାନ, ହରିୟାଣା ଏବଂ ପଞ୍ଜାବ ଏବଂ ଦିଲ୍ଲୀ ଭଳି ରାଜ୍ୟ ଏହି ପ୍ରକଳ୍ପରୁ ଲାଭ ପାଇବାର ଆଶା କରାଯାଉଛି ।

## ଜି-୭ ସମ୍ମିଳନୀରେ ଭାଗ ନେବେ ମୋଦି

ନୂଆଦିଲ୍ଲୀ: କାନାଡାରେ ଅନୁଷ୍ଠିତ ହେଉଥିବା ଜି-୭ ସମ୍ମିଳନୀରେ ଯୋଗଦେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଏହା ସହିତ ବିଗତ କିଛିଦିନ ହେଲା ଚାଲିଥିବା ବିଭିନ୍ନ କଳ୍ପନାଜଳ୍ପନାର ଅନ୍ତ ଘଟିଛି । କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ନି ଜି-୭ ଶିଖର ସମ୍ମିଳନୀ ପାଇଁ ଭାରତକୁ ନିମନ୍ତ୍ରଣ ପଠାଇଛନ୍ତି । ସେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଫୋନ୍ କରି ଦ୍ୱିପାକ୍ଷିକ ସମ୍ପର୍କକୁ ମଜବୁତ କରିବା ସମେତ ଅନେକ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦି ଏକ୍ସରେ ପୋଷ୍ଟ କରି ଲେଖିଛନ୍ତି, କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ନିଙ୍କ ସହ ଫୋନରେ କଥା ହେବା ଏକ ଆନନ୍ଦର କଥା ।

ସାମ୍ପ୍ରତିକ ନିର୍ବାଚନରେ ତାଙ୍କ ବିଜୟ ପାଇଁ ତାଙ୍କୁ ଅଭିନନ୍ଦନ ଜଣାଇଲି ଏବଂ ଏହି ମାସ ଶେଷରେ କାନାନାସ୍କିସରେ ଅନୁଷ୍ଠିତ ହେବାକୁ ଥିବା ଜି-୭ ଶିଖର ସମ୍ମିଳନୀକୁ ମୋତେ ନିମନ୍ତ୍ରଣ କରିବା ପାଇଁ ତାଙ୍କୁ ଧନ୍ୟବାଦ ଜଣାଇଲି । ପ୍ରଧାନମନ୍ତ୍ରୀ ମୋଦି ଲେଖିଛନ୍ତି, ଗଭୀର ଲୋକ-ଜନ ସମ୍ପର୍କ ଦ୍ୱାରା ଆବଦ୍ଧ ଦୁଇ ଗତିଶୀଳ ଗଣତନ୍ତ୍ର ଭାବରେ ଭାରତ ଏବଂ କାନାଡା ପାରସ୍ପରିକ ସମ୍ମାନ ଏବଂ ସମାନ ସ୍ୱାର୍ଥର ମାର୍ଗଦର୍ଶନରେ ନୂତନ ଶକ୍ତି ସହିତ ଏକାଠି କାମ କରିବେ ।

# ଚେନାବ ସେତୁ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ



ଶ୍ରୀନଗର: ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜମ୍ମୁ ଏବଂ କାଶ୍ମୀରର ରିଆସି ଜିଲ୍ଲାରେ ଚେନାବ ସେତୁର ଉଦଘାଟନ କରିଛନ୍ତି । ଏହି ଅବସରରେ ମୋଦୀ ଜାତୀୟ ପତକା ଉଡ଼ାଇଥିବାର ସୁନ୍ଦର ଦୃଶ୍ୟ ଦେଖିବାକୁ ମିଳିଥିଲା । କାଶ୍ମୀରର ରିଆସି ଜିଲ୍ଲାରେ ଚେନାବ ସେତୁ ବିଶ୍ୱର ସର୍ବୋଚ୍ଚ ରେଳ ସେତୁ ଭାବରେ ବିବେଚନା କରାଯାଉଛି । ଏହି ସେତୁ ଉଧମପୁର-ଶ୍ରୀନଗର-ବାରାମୁଲ୍ଲା ରେଳ ସଂଯୋଗ ପ୍ରକଳ୍ପର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ଚେନାବ ସେତୁର ଉଚ୍ଚତା ୩୫୯ ମିଟର (ପ୍ରାୟ ୧,୧୭୮ ଫୁଟ)ରହିଛି । ଯାହାକି ଏଫିଲ ଟାୱାର ଠାରୁ ଅଧିକ ଥିବା କୁହାଯାଉଛି । ଷ୍ଟିଲ୍ ଏବଂ କଂକ୍ରିଟରେ ତିଆରି ଏହି ସେତୁ କେବଳ ଇଞ୍ଜିନିୟରିଂ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ନୁହେଁ, ବରଂ କାଶ୍ମୀର ଉପତ୍ୟକାକୁ ରେଳ ଦ୍ୱାରା ଭାରତର ଅନ୍ୟାନ୍ୟ ଅଂଶ ସହିତ ସଂଯୋଗ କରିବା ଦିଗରେ ଏକ ଐତିହାସିକ ପଦକ୍ଷେପ ।

ଏହି ସେତୁ ଚେନାବ ନଦୀ ଉପରେ ନିର୍ମିତ ଏବଂ ଏହାକୁ ବିଶ୍ୱର ସର୍ବୋଚ୍ଚ ରେଳ ସେତୁ ଭାବରେ ବିବେଚନା କରାଯାଉଛି ।ଏହି ସେତୁ ଉଧମପୁର-ଶ୍ରୀନଗର-ବାରାମୁଲ୍ଲା ରେଳ ସଂଯୋଗ ପ୍ରକଳ୍ପର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ।ଉଦଘାଟନ ଉତ୍ସବରେ ପ୍ରଧାନମନ୍ତ୍ରୀ ମୋଦୀ ଏହାକୁ ବିକାଶ ଏବଂ ବିଶ୍ୱାସର ପ୍ରତୀକ ବୋଲି କହିଥିଲେ ଏବଂ କହିଥିଲେ ଯେ ଏହି ସେତୁ ଦେଶର ଏକତା, ପ୍ରଗତି ଏବଂ ସଂକଳ୍ପର ପ୍ରତୀକ । ଜାମ୍ମୁ ଓ କାଶ୍ମୀରର ଚେନାବ ରେଳ ସେତୁ ଏବଂ ଗୁରୁତ୍ୱପୂର୍ଣ୍ଣ ରେଳ ପ୍ରକଳ୍ପର ଉଦଘାଟନ କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଆଜିର କାର୍ଯ୍ୟକ୍ରମ ଭାରତର ଏକତା ଏବଂ ଭାରତର ଇଚ୍ଛାଶକ୍ତିର ଏକ ବିରାଟ ଉତ୍ସବ । ମାତା ବୈଷ୍ଣୋ ଦେବୀଙ୍କ ଆଶୀର୍ବାଦ ବିଷୟରେ ଉଲ୍ଲେଖ କରି ସେ ଆହୁରି କହିଛନ୍ତି, ଆଜି କାଶ୍ମୀର ଉପତ୍ୟକା ଭାରତର ବିଶାଳ ରେଳ ନେଟୱାର୍କ ସହିତ ଯୋଡ଼ି ହୋଇଛି । ଏହା କେବଳ ସଂଯୋଗ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ନୁହେଁ, ବରଂ ଜାତୀୟ ଏକତା ଏବଂ ଆଞ୍ଚଳିକ ଅନ୍ତର୍ଭୁକ୍ତିର ପ୍ରତୀକ ମଧ୍ୟ । ସେ ମଧ୍ୟ ପହଲଗାମ ଆତଙ୍କବାଦୀ ଆକ୍ରମଣ ଓ ତାହାର ଜବାବରେ ଭାରତର ଅପରେସନ ସିନ୍ଦୂର ସଂପର୍କରେ କହିଥିଲେ । ସେ କହିଥିଲେ ଯେ ଯେତେବେଳେ ବି ପାକିସ୍ତାନ ଅପରେସନ ସିନ୍ଦୂରର ନାଁ ଶୁଣିବ, ଭାରତର ଶକ୍ତି କଥା ତାହାର ମନେ ପଡ଼ିବ ।

## ହ୍ରାସ ପାଇଲା ରେପୋ ରେଟ୍

ନୂଆଦିଲ୍ଲୀ: ଶୁକ୍ରବାର ଦିନ ଭାରତୀୟ ରିଜର୍ଭ ବ୍ୟାଙ୍କ ପ୍ରମୁଖ ଋଣ ହାର ବା ରେପୋ ହାର ୫୦ ବେସିସ୍ ପଏଣ୍ଟ ହ୍ରାସ କରିଛି । ପୂର୍ବରୁ ୬% ରହିଥିବା ବେଳେ ତାହା ହ୍ରାସ ପାଇ ଏବେ ୫.୫ ପ୍ରତିଶତରେ ପହଞ୍ଚିଛି ।




ଭାରତୀୟ ରିଜର୍ଭ ବ୍ୟାଙ୍କ୍ ବା ଆର୍ବିଆଇର ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରାଙ୍କ ନେତୃତ୍ୱରେ କେନ୍ଦ୍ରୀୟ ବ୍ୟାଙ୍କର ମୁଦ୍ରା ନୀତି କମିଟି (ଏମ୍ପିସି) ଜୁନ୍ ୪ରେ ଆରମ୍ଭ ହୋଇଥିବା ଏହାର ତିନି ଦିନିଆ ବୈଠକ ସମାପ୍ତ କରିବା ପରେ ଏହି ନିଷ୍ପତ୍ତି ଘୋଷଣା କରାଯାଇଛି । ବିକଶିତ ହେଉଥିବା ମାକ୍ରୋଇକୋନୋମିକ୍, ଆର୍ଥିକ ବିକାଶ ଏବଂ ଆଗାମୀ ଆର୍ଥିକ ଦୃଷ୍ଟିକୋଣର ବିସ୍ତୃତ ମୂଲ୍ୟାଙ୍କନ ପରେ ୫୦ ବେସିସ୍ ପଏଣ୍ଟ ହ୍ରାସ କରି ୫.୫%ରେ ପହଞ୍ଚିଛି ରେପୋ ହାର । ଗତ ଏପ୍ରିଲ ମାସରେ ୨୫ ବେସିସ୍ ପଏଣ୍ଟ ହ୍ରାସ ହୋଇଥିବା ବେଳେ ଲଗାତାର ତୃତୀୟ ଥର ପାଇଁ ହାର ହ୍ରାସ ପାଇଛି । ଫେବୃଆରୀ ୨୦୨୫ ଠାରୁ ପଲିସି ରେପୋ ହାରକୁ ଦ୍ରୁତ କ୍ରମରେ ୧୦୦ ବେସିସ୍ ପଏଣ୍ଟ ହ୍ରାସ କରିବା ପରେ, ମୁଦ୍ରା ନୀତି କମିଟି ଅନୁଭବ କରିଛି ଯେ ବର୍ତ୍ତମାନ ପରିସ୍ଥିତିରେ ମୁଦ୍ରା ନୀତିରେ ଅଭିବୃଦ୍ଧିକୁ ସମର୍ଥନ କରିବା ପାଇଁ ବହୁତ ସୀମିତ ସ୍ଥାନ ରହିଛି ।'

## ଅରୁଣ ଜେଟଲୀଙ୍କୁ ଜଣାଇ ଭାରତ ଛାଡ଼ିଥିଲି : ମାଲ୍ୟା



ନୂଆଦିଲ୍ଲୀ: ଦେଶରୁ ହଜାର ହଜାର କୋଟି ଟଙ୍କା ନେଇ ପଳାଇ ଯାଇଥିବା ବ୍ୟବସାୟୀ ବିଜୟ ମାଲ୍ୟା ଏକ ପୋଡକାଷ୍ଟକୁ ଦେଇଥିବା ବୟାନ ରାଜନୀତି ଉପରେ ଗଭୀର ପ୍ରଭାବ ପକାଇପାରେ । ଏହି ଆଲୋଚନା ସମୟରେ ସେ କିଙ୍ଗଫିସର ଏୟାରଲାଇନ୍ସର ପତନ ସହ ଅନେକ ପ୍ରସଙ୍ଗରେ ଖୋଲାଖୋଲି ବୟାନ ଦେଇଛନ୍ତି । ଏଥିରେ ସେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଣବ ମୁଖାର୍ଜୀଙ୍କ ସହ ବିଜେପିର ପୂର୍ବତନ ମନ୍ତ୍ରୀ ଅରୁଣ ଜେଟଲୀଙ୍କ ନାମ ମଧ୍ୟ ନେଇଛନ୍ତି । ପୋଡକାଷ୍ଟରେ ମାଲ୍ୟା କହିଛନ୍ତି କି, ମୋତେ ପଳାତକ କୁହ କିନ୍ତୁ ଚୋର କୁହନାହିଁ । ବିଜୟ ମାଲ୍ୟା ଦାବି କରିଛନ୍ତି କି, ସେ ଭାରତ ଛାଡିବା ପୂର୍ବରୁ ପୂର୍ବତନ ଅର୍ଥମନ୍ତ୍ରୀ ଅରୁଣ ଜେଟଲୀଙ୍କ ପରାମର୍ଶ ନେଇଥିଲେ ।ବିମାନବନ୍ଦର ଯିବା ପୂର୍ବରୁ ସେ ଅରୁଣ ଜେଟଲୀଙ୍କୁ ଭେଟିଥିଲେ । ଏହାପରେ ସେ ଦିଲ୍ଲୀରୁ ଲଣ୍ଡନ ଚାଲିଯାଇଥିଲେ । ସେଠାରୁ ସେ ୱାର୍ଲଡ୍ କାଉଁସିଲ ମିଟିଂ ପାଇଁ ଜେନେଭା ଯାଇଥିଲେ । ଯିବା ପୂର୍ବରୁ ସେ ଜେଟଲୀଙ୍କୁ କହିଥିଲେ କି ଆପଣ ବ୍ୟାଙ୍କମାନଙ୍କ ସହ ଆଲୋଚନା କରନ୍ତୁ ସେମାନେ ମୋ ସହ ବୈଠକ କରି ଋଣ ବାବଦରେ ସମାଧାନର ବାଟ ବାହାର କରିବେ ଛ ୨୦୦୮ ମସିହାରେ ଦେଶରେ ମାନ୍ଦା ଅର୍ଥନୀତି ବାବଦରେ ମାଲ୍ୟା କହିଛନ୍ତି କି, ଯେତେବେଳେ ଦେଶରେ ଆର୍ଥିକ ମାନ୍ଦାବସ୍ଥା ଥିଲା ସେତେବେଳେ ମୁଁ ପ୍ରଣବ ମୁଖାର୍ଜୀଙ୍କୁ ଭେଟିଥିଲି । ସେଠାରେ ମୁଁ କିଙ୍ଗଫିସରର ଆକାର କମ୍ କରିବା ସହ କର୍ମଚାରୀ କମାଇବା, ଓ ବିମାନ ସଂଖ୍ୟା କମାଇବା ନେଇ ତାଙ୍କ ସହ ଆଲୋଚନା କରିଥିଲି । ହେଲେ ପ୍ରଣବ ମୁଖାର୍ଜୀ ଏଭଳି କରିବାକୁ ମୋତେ ମନା କରିଦେଇଥିଲେ । ସେ କହିଥିଲେ କି ତୁମେ କାମ ଜାରି ରଖ, ବ୍ୟାଙ୍କ ତୁମକୁ ସହଯୋଗ କରିବ ।

ଭାରତ ଫେରିବା ନେଇ ମାଲ୍ୟା କହିଛନ୍ତି କି, ଯଦି ଭାରତରେ ମୋ ମାମଲାର ନିରପେକ୍ଷ ଶୁଣାଣି ହେବ, ମୋତେ ସମ୍ମାନର ସହ ବଞ୍ଚିବାର ସୁଯୋଗ ମିଳିବ ମୁଁ ଭାରତ ଫେରିବା କଥା ଚିନ୍ତା କରିବି । ହେଲେ ଭାରତରେ ଏଭଳି ହେବାର ସମ୍ଭାବନା କମ୍ ଥିବା କଥା ସେ କହିଛନ୍ତି । ସେ ଆହୁରି କହିଛନ୍ତି କି, ଭାରତରେ ବ୍ୟବସାୟ କରିବା ସହଜ କଥା ନୁହେଁ । ଭାରତରେ ସରକାର କ'ଣ କହୁଛନ୍ତି ତାହା ବଡ଼ କଥା ନୁହେଁ, ବ୍ୟବସାୟରେ ରାଜନୈତିକ ପ୍ରତିବନ୍ଧକ ଯୋଗୁଁ ଭାରତରେ ବ୍ୟବସାୟ କରିବା ସହଜ ନୁହେଁ ବୋଲି ସେ କହିଛନ୍ତି ।

## କେଏସସିଏ ବିରୋଧରେ କାର୍ଯ୍ୟାନୁଷ୍ଠାନ ମନା

ନୂଆଦିଲ୍ଲୀ: ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମ ବାହାରେ ଆରସିବିର ବିଜୟ ପରେଡ୍ ସମୟରେ ଦଳାଚକଡା ମାମଲାରେ ଶୁକ୍ରବାର କର୍ଣ୍ଣାଟକ ହାଇକୋର୍ଟ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି । ଏହି ନିଷ୍ପତ୍ତିରେ ରାଜ୍ୟ କ୍ରିକେଟ୍ ସଂଘର ଅଧିକାରୀଙ୍କ ବିରୋଧରେ ଦଣ୍ଡାତ୍ମକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାକୁ କୋର୍ଟ କହିଛନ୍ତି ।

ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମ ବାହାରେ ହୋଇଥିବା ଦଳାଚକଡ଼ା ଘଟଣାକୁ ନେଇ କର୍ଣ୍ଣାଟକର ଗୃହମନ୍ତ୍ରୀ ପରମେଶ୍ୱରା କହିଥିଲେ, ବିଜୟ ପରେଡ ଓ ଷ୍ଟାଡିୟରେ ଉତ୍ସବ ଆମ ପକ୍ଷରୁ ନଥିଲା ।

ଆମେ କର୍ଣ୍ଣାଟକ କ୍ରିକେଟ ରାଜ୍ୟ ସଂଘକୁ ବି ଆରସିବି ଚାମ୍ପିଅନ ହେବାପରେ ବିଜୟ ଉତ୍ସବ ପାଳନ କରିବା ପାଇଁ କୌଣସି ପ୍ରକାର କାର୍ଯ୍ୟକ୍ରମର ଆୟୋଜନ ପାଇଁ ଅନୁରୋଧ ବି କରି ନଥିଲୁ । ଏହି କାର୍ଯ୍ୟକ୍ରମକୁ କର୍ଣ୍ଣାଟକ କ୍ରିକେଟ ରାଜ୍ୟ ସଂଘ ହିଁ ଆୟୋଜନ କରିଥିଲା । ଆମକୁ ଲାଗିଲା ସରକାରଙ୍କୁ ଟିମର ସମର୍ଥନ କରିବା ଉଚିତ । କାରଣ ଏହା ବେଙ୍ଗାଲୁରୁ ଟିମ ଥିଲା । ସେଥିପାଇଁ ଆମେ ଏହି ବିଜୟ ଉତ୍ସବର ଅଂଶ ହୋଇଥିଲୁ । ବାସ କଥା ଏତିକି ।

# ଷ୍ଟାରଲିଙ୍କ୍‌କୁ ଭାରତରେ ଲଞ୍ଚ ପାଇଁ ମିଳିଲା ଅନୁମତି




ନୂଆଦିଲ୍ଲୀ: ବିଶ୍ୱର ୧ନଂ ଧନୀ ଏଲନ ମସ୍କଙ୍କ ଷ୍ଟାରଲିଙ୍କକୁ ଭାରତ ସରକାରଙ୍କ ପକ୍ଷରୁ ମିଳିଛି ବଡ଼ ଅନୁମତି । ଏହି ଅନୁମତି ଦ୍ୱାରା ଭାରତରେ ଷ୍ଟାରଲିଙ୍କର ବ୍ୟବସାୟିକ ଲଞ୍ଚ ପାଇଁ ବାଟ ଫିଟିଛି । ଦୀର୍ଘ ୨ ବର୍ଷ ହେଲାଣି ମସ୍କଙ୍କ କମ୍ପାନୀକୁ ଭାରତରେ ବ୍ୟବସାୟ ଆରମ୍ଭ କରିବାକୁ ଅପେକ୍ଷା କରିବାକୁ ପଡ଼ିଥିଲା । ଏବେ ଭାରତରେ ବ୍ୟବସାୟ କରିବାକୁ ମସ୍କଙ୍କ କମ୍ପାନୀ ଅନୁମତି ପାଇଥିବା ଜଣାପଡ଼ିଛି । ଟେଲିକମ୍ୟୁନିକେସନ ବିଭାଗ ପକ୍ଷରୁ ଷ୍ଟାରଲିଙ୍କ ତୃତୀୟ କମ୍ପାନୀ ଭାବେ ଲାଇସେନ୍ସ ପ୍ରାପ୍ତ କରାଯାଇଛି । ଏହାପୂର୍ବରୁ ଇଉଟେଲଷ୍ଟାର ୱାନୱେବ ଓ ରିଲାଏନ୍ସ ଜିଓର ସ୍ୟାଟେଲାଇଟ ଆର୍ମକୁ ଭାରତର ସରକାର ଲାଇସେନ୍ସ ଦେଇଥିଲେ ।

ଏବେ ଷ୍ଟାରଲିଙ୍କକୁ ଲାଇସେନ୍ସ ମିଳିବାର ଅର୍ଥ କମ୍ପାନୀ ଭାରତରେ ହାଇ ସ୍ପିଡ ଇଣ୍ଟରନେଟ ସେବା ଯୋଗାଇ ଦେବା ପାଇଁ ପ୍ରକ୍ରିୟା ଆରମ୍ଭ କରିବ । ସ୍ୟାଟେଲାଇଟ ନେଟୱର୍କ ଜରିଆରେ ଭାରତୀୟମାନେ ଉଚ୍ଚ କ୍ଷମତା ସମ୍ପନ୍ନ ଇଣ୍ଟରନେଟ ସେବା ପାଇପାରିବେ । ୨୦୨୨ରେ ଷ୍ଟାରଲିଙ୍କ ଭାରତରେ ବ୍ୟବସାୟକ କରିବା ପାଇଁ ପ୍ରଥମେ ଲାଇସେନ୍ସ ମାଗିଥିଲା । କିନ୍ତୁ ଜାତୀୟ ସୁରକ୍ଷା ସମେତ ବିଭିନ୍ନ କାରଣରୁ ଲାଇସେନ୍ସ ପ୍ରଦାନ ପ୍ରକ୍ରିୟା ବିଳମ୍ବ ହୋଇଥିଲା । ଷ୍ଟାରଲିଙ୍କକୁ ଅନୁମତି ମିଳିଥିଲେ ହେଁ ଆମାଜନର ସାଟେଲାଇଟ ପ୍ରୋଜେକ୍ଟ କୁଇପର ଏବେ ବି ଭାରତ ସରକାରଙ୍କ ଅନୁମୋଦନ ଅପେକ୍ଷାରେ ରହିଛି ।

ନିକଟରେ ଷ୍ଟାରଲିଙ୍କ ଓ ରିଲାଏନ୍ସ ଜିଓ ସ୍ପେକ୍ଟରମ ବଣ୍ଟନ ଭାରତ ସରକାର କେମିତି କରିବେ, ତା'କୁ ନେଇ ଭିନ୍ନଭିନ୍ନ ମତ ରଖିଥିଲେ । ମୋବାଇଲ ନେଟୱର୍କ ଭଳି ସ୍ୟାଟେଲାଇଟ ଯୋଗାଯୋଗର ସ୍ପେକ୍ଟରମ ପାଇଁ ମଧ୍ୟ ଅକ୍ସନ ହେବା ଦରକାର ବୋଲି ଜିଓ ମତ ରଖିଥିଲା । ହେଲେ ଷ୍ଟାରଲିଙ୍କ ବିଡିଂ ବଦଳରେ ସିଧାସଳଖ ସ୍ପେକ୍ଟରମ ବଣ୍ଟନ ହେବା ସପକ୍ଷରେ କହିଥିଲା । ଶେଷରେ ଭାରତ ସରକାର ଷ୍ଟାରଲିଙ୍କ କଥାରେ ରାଜି ହୋଇଥିଲେ ।

ଉପାନ୍ତ ଓ ଗ୍ରାମାଞ୍ଚଳରେ ଏବେ ବି ପାରମ୍ପରିକ ମୋବାଇଲ ନେଟୱର୍କ ଠିକ ଭାବେ ସେବା ଯୋଗାଇ ପାରୁ ନାହିଁ । ଏପରି କ୍ଷେତ୍ରରେ କେମିତି ଲୋକଙ୍କ ପାଖରେ କମ ଦାମରେ ଇଣ୍ଟରନେଟ ସେବା ପହଞ୍ଚିବ, ସେସମ୍ପର୍କରେ ଷ୍ଟାରଲିଙ୍କ କିମ୍ବା ଭାରତ ସରକାର କିଛି ବି କହି ନାହାନ୍ତି । ଯଦି ଷ୍ଟାରଲିଙ୍କ ଉପଯୁକ୍ତ ସେବା ପ୍ରଦାନ କରିବାରେ ସକ୍ଷମ ହେବ, ତା'ହେଲେ ଭାରତୀୟ ଇଣ୍ଟରନେଟ ସ୍ଥିତିରେ ନୂଆ ବିପ୍ଳବ ଆଣିବାରେ ସକ୍ଷମ ହେବ ।

## ମୁଁ ନଥିଲେ ହାରିଯାଇଥାନ୍ତେ ଟ୍ରମ୍ପ୍ : ଏଲନ୍ ମସ୍କ

ୱାଶିଂଟନ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବଂ ଏଲନ୍ ମସ୍କଙ୍କ ମଧ୍ୟରେ ବଢୁଛି ବିବାଦ । ଏପରିକି ଦୁହେଁ ଖୋଲାଖୋଲି ପରସ୍ପର ବିରୋଧରେ ବୟାନବାଜି କରିବା ଆରମ୍ଭ କରିଦେଇଛନ୍ତି । ସେ ନଥିଲେ ଟ୍ରମ୍ପ୍ ନିର୍ବାଚନ ହାରିଯାଇଥାନ୍ତେ ବୋଲି ଖୋଲାଖୋଲି ଭାବେ କହିଛନ୍ତି ଟେସ୍ଲା ମାଲିକ ଏଲନ୍ ମସ୍କ ।

ଇଭି ଗାଡି କ୍ଷେତ୍ରରେ ଆମେରିକା ସରକାର ଦେଉଥିବା ସବ୍ସିଡି ହ୍ରାସ କରିବାକୁ ନେଇ ଟ୍ରମ୍ପଙ୍କ ଘନିଷ୍ଠ ସହଯୋଗୀ ଏଲନ ମସ୍କ ମୁହାଁମୁହିଁ ହୋଇଛନ୍ତି । ଏହାରି ଭିତରେ ଟେସଲା ସେୟାରରେ ୧୭ ପ୍ରତିଶତ ହ୍ରାସ ଘଟିଛି । ଏଲନ ମସ୍କଙ୍କୁ ୧୦୦ ବିଲିୟଲ ଡଲାର ଅର୍ଥାତ୍ ପ୍ରାୟ ୮୬ ଲକ୍ଷ କୋଟି ଟଙ୍କା ହରାଇବାକୁ ପଡ଼ିଛି । ନିକଟରେ ମସ୍କ ଟ୍ରମ୍ପଙ୍କ ଟିକସ ଏବଂ ଖର୍ଚ୍ଚ ସମ୍ବନ୍ଧିତ ବିଲକୁ ସମାଲୋଚନା କରିଥିଲେ । ଯାହାକୁ ନେଇ ଟ୍ରମ୍ପ କହିଛନ୍ତି, 'ମସ୍କଙ୍କୁ ପୂର୍ବରୁ ଟିକସ ଏବଂ ଖର୍ଚ୍ଚ ବିଲ୍ ବାବଦରେ ସବୁକିଛି ଜଣାଥିଲା । କିନ୍ତୁ ସେତେବେଳେ ତାଙ୍କୁ କିଛି ଅସୁବିଧା ହୋଇନଥିଲା ଇଭି କ୍ରୟ ମାଣ୍ଡେଟ୍ ହ୍ରାସ କରିବାକୁ ପଡ଼ିବ ବୋଲି ଜାଣିବା ପରେ ଅଚାନକ ମସ୍କଙ୍କୁ ଏହି ବିଲକୁ ନେଇ ଅସୁବିଧା ହୋଇଥିଲା । ସବୁକିଛି ଜାଣି ଏବେ ବିଲକୁ ବିରୋଧ କରି ମସ୍କ ବେଶ୍ ନିରାଶ କରିଛନ୍ତି । ମୁଁ ମସ୍କଙ୍କୁ ବହୁତ ସାହାଯ୍ୟ କରିଛି । ମୁଁ ସବୁବେଳେ ମସ୍କଙ୍କୁ ପସନ୍ଦ କରୁଥିଲି । ସେ ପୂର୍ବରୁ ମୋ ବିଷୟରେ ବହୁତ ଭଲ କଥା କହିଛନ୍ତି । କିନ୍ତୁ ଏବେ ମସ୍କଙ୍କ ସହ ମୋର ସମ୍ପର୍କ ପୂର୍ବ ଭଳି ରହିବ କି ତାହା ଜଣାନାହିଁ । ମସ୍କ ଚାହୁଁଛନ୍ତି ସବ୍ସିଡି ମାଧ୍ୟମରେ ଆମେ କୋଟି କୋଟି ଡଲାର୍ ଦେଉ' ।

ଟ୍ରମ୍ପଙ୍କ ଏଭଳି ଅଭିଯୋଗ ଉପରେ କଡ଼ା ପ୍ରତିକ୍ରିୟା ରଖୁଛନ୍ତି ଏଲନ ମସ୍କ । ଏକ୍ସରେ ପୋଷ୍ଟ କରି ଲେଖିଛନ୍ତି, ସେ ନ ଥିଲେ ଟ୍ରମ୍ପ ନିର୍ବାଚନରେ ହାରିଥାନ୍ତେ । ଡେମୋକ୍ରାଟ୍ସ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭସକୁ କବ୍ଜା କରିନେଇଥାନ୍ତେ ଏବଂ ସିନେଟରେ ରିପବ୍ଲିକାନ୍ ୫୧-୪୯ ବ୍ୟବଧାନରେ ଜିତିଥାନ୍ତେ । ଏଥିପ୍ରତି ଟ୍ରମ୍ପ କୃତଜ୍ଞ ରହିବା କଥା । ସରକାର ଇଭି ଏବଂ ସୌରଶକ୍ତିରେ ସବ୍ସିଡି ତ କମ୍ କରିଦେଲେ କିନ୍ତୁ ତେଲ, ଗ୍ୟାସ୍ କମ୍ପାନିଗୁଡ଼ିକୁ ମିଳୁଥିବା ଛାଡ଼ ପୂର୍ବଭଳି ରଖିଲେ । ଏହା ଆଦୌ ଉଚିତ ନୁହେଁ । ବିଲରେ ବହୁତ ଅଯଥା ଖର୍ଚ୍ଚ ଯୋଡ଼ାଗଲା ଯାହାକୁ ହଟାଯିବା କଥା ।

# ପିୟୂଷ ଚାୱଲାଙ୍କ ଅବସର




ନୂଆଦିଲ୍ଲୀ, ୬।୬ (ଏଜେନ୍ସି): ଭାରତୀୟ ତାରକା ସ୍ପିନର ପିୟୂଷ ଚାୱଲା କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଗ୍ରହଣ କରିଛନ୍ତି । ୩୬ ବର୍ଷୀୟ ଏହି ସ୍ପିନର ସୋସିଆଲ ମିଡିଆ ମାଧ୍ୟମରେ ଅବସର ସମ୍ପର୍କରେ ସୂଚନା ଦେଇଛନ୍ତି । ୨୦୦୭ ଟି-୨୦ ବିଶ୍ୱକପ ଓ ୨୦୧୧ ଦିନିକିଆ ବିଶ୍ୱକପ ବିଜୟୀ ଭାରତୀୟ ଦଳର ସେ ସଦସ୍ୟ ଥିଲେ । ଆଇପିଏଲ୍‌ରେ ମଧ୍ୟ ତାଙ୍କ ପ୍ରଦର୍ଶନ ପ୍ରଶଂସନୀୟ ଥିଲା । ୨୦୧୨ ଓ ୨୦୧୪ ଟାଇଟଲ ଜିତିଥିବା କୋଲକାତା ନାଇଟ୍ ରାଇଡର୍ସ ଦଳର ସେ ଅଂଶବିଶେଷ ଥିଲେ । ଆଇପିଏଲ୍ ଇତିହାସରେ ସେ ୧୯୨ ୱିକେଟ ନେଇ ମୋଟ ଉପରେ ତୃତୀୟ ସ୍ଥାନରେ ରହିଥିଲେ । କ୍ରିକେଟରୁ ଅବସର ନେବା କଥା ମୁଁ କେବେ ଚିନ୍ତା କରି ନଥିଲି । ଅବସର ଘୋଷଣା କରିବା ମୋ ପାଇଁ କଷ୍ଟକର ଥିଲା । ମୁଁ ଖେଳପଡ଼ିଆରୁ ଦୂରେଇଗଲେ ବି କ୍ରିକେଟକୁ ଛାଡ଼ିପାରିବି ନାହିଁ ବୋଲି ପିୟୂଷ କହିଛନ୍ତି । ଭାରତ ପକ୍ଷରୁ ସେ ୩ଟି ଟେଷ୍ଟ ମ୍ୟାଚ୍ ଖେଳି ୭ ୱିକେଟ ଅକ୍ତିଆର କରିଛନ୍ତି । ସେହିପରି ସେ ୨୫ ଦିନିକିଆରେ ୩୨ ୱିକେଟ ଏବଂ ଟି-୨୦ରେ ୭ ମ୍ୟାଚ୍‌ରୁ ୪ ୱିକେଟ୍ ଅକ୍ତିଆର କରିଥିଲେ । କୋଚ୍ କେକେ ଗୌତମ, ପରିବାର ଓ ବାପା ପଙ୍କଜ ସାରସ୍ୱତଙ୍କ ବିନା ମୋ କ୍ରିକେଟ କ୍ୟାରିୟର ସମ୍ଭବ ନଥିଲା ବୋଲି ପିୟୂଷ କହିଛନ୍ତି ।

# ପଞ୍ଜାବ କିଙ୍ଗ୍ସର ସ୍ୱପ୍ନ ରହିଗଲା ଅଧୁରା




ମୁମ୍ବାଇ, ୬।୬ (ଏଜେନ୍ସି): ଆଇପିଏଲ୍ ଫାଇନାଲରେ ପଞ୍ଜାବ କିଙ୍ଗସ୍ ଦଳକୁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୬ ରନରେ ପରାଜିତ କରି ଟାଇଟଲ ଜିତିଥିଲା । ଏହି ପରାଜୟର ୩ ଦିନ ପରେ ଦଳର ମାଲିକ ତଥା ବଲିଉଡ୍ ଅଭିନେତ୍ରୀ ପ୍ରୀତି ଜିଣ୍ଟା ସୋସିଆଲ ମିଡିଆରେ ଏକ ଭାବପ୍ରବଣ ଲେଖା ସେୟାର କରିଛନ୍ତି । ସେ ନିଜ ଟିମ୍, ସର୍ପୋର୍ଟିଂ ଷ୍ଟାଫ୍ ଓ ପ୍ରଶଂସକଙ୍କୁ ହୃଦୟତାର ସହ ଧନ୍ୟବାଦ ଜଣାଇଛନ୍ତି । ପ୍ରତିଶ୍ରୁତି ଦେଇଛନ୍ତି ଯେ ଆଗାମୀ ଥର ତାଙ୍କ ଟିମ୍ ଟ୍ରଫି ଜିତିବା ପାଇଁ ନିଶ୍ଚୟ ଫେରିବ ।

ଇନ୍‌ଷ୍ଟାଗ୍ରାମରେ ଟିମ୍‌ର ଏକ ଫଟୋ ସେୟାର କରି ପ୍ରୀତି ଜିଣ୍ଟା ଲେଖିଛନ୍ତି ଯେ ଯେମିତି ଆମେ ଚାହୁଁଥିଲୁ, ସେମିତି ହେଲା ନାହିଁ । କିନ୍ତୁ ଯାତ୍ରା ଖୁବ୍ ଭଲ ରହିଥିଲା । ଏହା ଏକ ରୋମାଞ୍ଚକର, ପ୍ରେରଣାଦାୟୀ ଓ ମନୋରଞ୍ଜନ ପୂର୍ଣ୍ଣ ସିଜନ ଥିଲା । ମୁଁ ଆମର ୟଙ୍ଗ ଟିମ୍‌କୁ ନେଇ ଖୁବ୍ ଗର୍ବିତ । ଆମର ସିଂହମାନେ ପୁରା ଟୁର୍ଣ୍ଣାମେଣ୍ଟରେ ଯେଉଁ ସାହସ ଓ ବୀରତ୍ୱର ସହ ଖେଳ ଦେଖାଇଥିଲେ ତାହା ବାସ୍ତବିକ ପ୍ରଶଂସନୀୟ । ଟିମ୍‌ର ଅଧିନାୟକଙ୍କୁ ସରପଞ୍ଚ କହି ତାଙ୍କର ପରିଚାଳନାର ପ୍ରଶଂସା କରିଥିଲେ । ପ୍ରୀତି ଚଳିତ ସଜନ୍‌ର ଅବୁବିଧାଗୁଡ଼ିକୁ ମଧ୍ୟ ମନେ ପକାଇଥିଲେ । ଯେଉଁଥିରେ ଖେଳାଳିଙ୍କ ଆଘାତ ଲାଗିବା, ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ପରିସ୍ଥିତି ବାତିଲ ହେବା, ସ୍ଥଗିତ ରହିବା, ହୋମ୍ ଗ୍ରାଉଣ୍ଡରେ ପରିବର୍ତ୍ତନ ଓ ଷ୍ଟାଡିୟମକୁ ଖାଲି କରିବା ଆଦି ସମସ୍ୟା ଚ୍ୟାଲେଞ୍ଜ ପୂର୍ଣ୍ଣ ଥିଲା । ଆମେ ପ୍ରତି ଚ୍ୟାଲେଞ୍ଜର ସାମ୍ନା କଲୁ ଓ ଗୋଟିଏ ଦଶକ ପରେ ପଏଣ୍ଟ ଟେବୁଲର ଶୀର୍ଷକୁ ଗଲୁ । ଫାଇନାଲ ଯାଏଁ ପହଞ୍ଚିବା କୌଣସି ବିଜୟଠାରୁ କମ ନୁହେଁ । ଶେଷରେ ପ୍ରୀତି ପ୍ରଶଂସକଙ୍କୁ ସେର୍ ସ୍କ୍ୱାଡ୍ କହି ଧନ୍ୟବାଦ ଜଣାଇଥିଲେ । ଯାହା କିଛି ବି ଅଛି, ଯେଉଁଠି ବି ପହଞ୍ଚିଛୁ, ତାହା ସବୁ ଆପଣଙ୍କ ଭଲ ପାଇବା ଓ ସମର୍ଥନ କାରଣରୁ ଆଗାମୀ ଥର ଆମେ କାମ ପୂରା କରି ଫେରିବୁ । କାରଣ ଏହିଥର କାମ ଅଧୁରା ରହିଗଲା । ସେ ପର୍ଯ୍ୟନ୍ତ ସୁରକ୍ଷିତ ରୁହନ୍ତୁ ।

## ଦଳାଚକଟା ଘଟଣାରେ କାର୍ଯ୍ୟାନୁଷ୍ଠାନ

# ଆର୍‌ସିବିର ମାର୍କେଟିଂ ହେଡ୍‌ଙ୍କ ସହ ୩ ଗିରଫ



ନୂଆଦିଲ୍ଲୀ, ୬।୬ (ଏଜେନ୍ସି): ବେଙ୍ଗାଲୁରୁରେ ଆର୍‌ସିବିର ବିଜୟ ଉତ୍ସବକୁ ନେଇ ସବୁଠି ଚର୍ଚ୍ଚା । ଦଳାଚକଟା ଘଟଣାରେ କର୍ଣ୍ଣାଟକ ସରକାର ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । କର୍ଣ୍ଣାଟକ ପୋଲିସ ୪ ଜଣଙ୍କୁ ଗିରଫ କରିଛି । ସେମାନଙ୍କ ମଧ୍ୟରେ ଆର୍‌ସିବିର ମାର୍କେଟିଂ ମୁଖ୍ୟଙ୍କୁ ଗିରଫ କରାଯାଇଛି । ଆଉ ୩ ଜଣଙ୍କୁ ଅଟକ ରଖାଯାଇଛି । ଆର୍‌ସିବିର ମାର୍କେଟିଂ ମୁଖ୍ୟ ନିଖିଲ ସୋସଲେ ମୁମ୍ବାଇ ପଳାଇବାକୁ ଚେଷ୍ଟା କରିଥିବାବେଳେ ତାଙ୍କୁ କର୍ଣ୍ଣାଟକ ପୋଲିସ ଗିରଫ କରିଥିଲା । ବେଙ୍ଗାଲୁରୁ ବିମାନବନ୍ଦରରୁ ତାଙ୍କୁ ଧରାଯାଇଥିଲା । ନିଖିଲଙ୍କ ବ୍ୟତୀତ ଇଭେଣ୍ଟ ମ୍ୟାନେଜମେଣ୍ଟ କମ୍ପାନୀ ଡିଏନ୍‌ଏ ଏଣ୍ଟରଟେନ୍‌ମେଣ୍ଟ ପ୍ରା.ଲିଃର ସଦସ୍ୟ ସୁନୀଲ ମାଥ୍ୟୁ, କୀରଣ ଓ ସୁମନ୍ତଙ୍କୁ ମଧ୍ୟ ଅଟକ ରଖାଯାଇଛି । ସୁନୀଲ ଉପାଧ୍ୟକ୍ଷ ପଦବୀରେ ରହିଥିବାବେଳେ ଡିଏନ୍‌ଏ ପାଇଁ ଆଇପିଏଲ୍ କାର୍ଯ୍ୟକ୍ରମ ପରିଚାଳନା କରନ୍ତି ।

ବେଙ୍ଗାଲୁରୁ ପୋଲିସ କମିଶନର ବି.ଦୟାନନ୍ଦଙ୍କ ସମେତ ୱେଷ୍ଟ ଡିଭିଜନ ଏସ୍‌ପି, ସେଣ୍ଟ୍ରାଲ ଡିଭିଜନ ଡିସିପି, କ୍ୟୁବଲ୍ ପାର୍କ ଡିଭିଜନ ଏସ୍‌ପି, ପୋଲିଷ୍ଟ ଷ୍ଟେସନର ଇନ୍ସପେକ୍ଟରଙ୍କ ସହ ଷ୍ଟାଡିୟମ ଇନ୍‌ଚାର୍ଜଙ୍କୁ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧ ରମେୟା ନିଲମ୍ବିତ କରିଛନ୍ତି । ଆର୍‌ସିବି ପ୍ରଥମ ଥର ପାଇଁ ଆଇପିଏଲ୍ ଜିତିବା ପରେ ରୋଡ଼ଶୋ ସମୟରେ ବେଙ୍ଗାଲୁରୁ ଚିନାସ୍ୱାମୀ ଷ୍ଟାଡିୟମ ବାହାରେ ଦଳାଚକଟା ସ୍ଥିତି ଉତ୍ପନ୍ନ ହୋଇଥିଲା । ଏଥିରେ ୧୧ ଜଣଙ୍କ ମୃତ୍ୟୁ ହୋଇଛି । ଯାହାଙ୍କ ଶିଶୁ ଓ ମହିଳା ଅଛନ୍ତି । ଏହା ସହ ୬୦ରୁ ଅଧିକ ଲୋକ ଚିକିତ୍ସିତ ହେଉଛନ୍ତି । ଅଧିକାରୀମାନେ କହିଛନ୍ତି ଯେ ସମସ୍ତ ଆହତଙ୍କ ଅବସ୍ଥା ସ୍ୱାଭାବିକ ଅଛି । ପୀଡ଼ିତଙ୍କ ପରିବାର ଦଳାଚକଟା ପାଇଁ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି । ପୋଲିସ ଏଫ୍‌ଆଇଆର୍‌ରେ ଦର୍ଶାଯାଇଛି ଯେ ଅଧିକାରୀଙ୍କଠାରୁ ଅନୁମତି ନନେଇ ମଧ୍ୟ ଆର୍‌ସିବି ଫ୍ରାଞ୍ଚାଇଜ ସୋସିଆଲ ମିଡିଆରେ କାର୍ଯ୍ୟକ୍ରମ ଘୋଷଣା କରି ଲୋକଙ୍କୁ ନିମନ୍ତ୍ରଣ କରିଥିଲା । ଗୁରୁବାର ମୁଖ୍ୟମନ୍ତ୍ରୀ ସିଦ୍ଧ ରମୈୟା ଆର୍‌ସିବି, ଡିଏନ୍‌ଏ ଏଣ୍ଟରଟେନ୍‌ମେଣ୍ଟ ପ୍ରା.ଲିଃ ଏବଂ କର୍ଣ୍ଣାଟକ ରାଜ୍ୟ କ୍ରିକେଟ ସଂଘର ପ୍ରତିନିଧିଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଥିଲେ । କର୍ଣ୍ଣାଟକ ରାଜ୍ୟ କ୍ରିକେଟ ସଂଘର ଦୁଇ ଅଧିକାରୀ ସମ୍ପାଦକ ଶଙ୍କର ଏବଂ କୋଷାଧ୍ୟକ୍ଷ ଜୟରାମ ଫେରାର ଅଛନ୍ତି । ସେମାନଙ୍କୁ ଖୋଜା ଚାଲିଛି ।

## ବାରବାଟୀରେ କ୍ୟାରମ ପ୍ରତିଯୋଗିତା ଉଦ୍‌ଘାଟିତ



ଭୁବନେଶ୍ୱର, ୬।୬ (ସବ୍ୟୁ): ବାରବାଟୀ ହର୍ଷଗେଟ ପରିସରରେ ବାରବାଟୀ କ୍ୟାରମ ଏକାଡେମୀ ପକ୍ଷରୁ ଭୋଳାନାଥ ଓ ସତ୍ୟବ୍ରତ ସ୍ମାରକୀ କ୍ୟାରମ ପ୍ରତିଯୋଗିତା ଆରମ୍ଭ ହୋଇଛି । ଫୁଟବଲ ସଂଘ ଓଡ଼ିଶାର ସମ୍ପାଦକ ଆଶୀର୍ବାଦ ବେହେରା ମୁଖ୍ୟଅତିଥି, ଓଡ଼ିଶା ଅଲିମ୍ପିକ୍ ସଂଘ ସଂପାଦକ ଅଭିଜିତ୍ ପାଲ, ସମ୍ମାନୀୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ବିଭିନ୍ନ ଜିଲ୍ଲାରୁ ବହୁ ଖ୍ୟାତନାମା ଖେଳାଳିଙ୍କ ସହ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ଖେଳାଳି ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଛନ୍ତି । ଶରତ କୁମାର କାନୁନ୍‌ଗୋଙ୍କ ନେତୃତ୍ୱରେ ଶିଶିର ଲେଙ୍କା, ଦିଲୀପ କୁମାର ବେହେରା, ନିହାର ରଞ୍ଜନ ବେହେରା, ନରେଶ ଗୁଇଁ, ସାହାନୱାଜ ଖାନ୍ ପ୍ରମୁଖ ଖେଳ ପରିଚାଳନା କରିଥିଲେ ।

## ଅରବିନ୍ଦ ସ୍ମାରକୀ ପାରାମାଉଣ୍ଟ କପ୍: ଫାଇନାଲରେ ରାଇଜିଂ ଷ୍ଟୁଡେଣ୍ଟ




ଭୁବନେଶ୍ୱର,୬।୬ (ଏଜେନ୍ସି): ପାରାମାଉଣ୍ଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଅରବିନ୍ଦ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛି ରାଇଜିଂ ଷ୍ଟୁଡେଣ୍ଟ । ଶୁକ୍ରବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ରାଇଜିଂ ଷ୍ଟୁଡେଣ୍ଟ ୧୬୮ରନ୍ ବ୍ୟବଧାନରେ ୟୁନିୟନ ସ୍ପୋର୍ଟିଂକୁ ହରାଇ ଫାଇନାଲରେ ପ୍ରବେଶ କରିଛି ।

ପ୍ରଥମେ ବ୍ୟାଟିଂ କରି ରାଇଜିଂ ୪୦ ଓଭରରେ ୬ ୱିକେଟ ହରାଇ ୩୨୭ରନ୍ କରିଥିଲା। ଆଶୀର୍ବାଦ ସ୍ୱାଇଁ ୧୦୪ରନ୍‌ର ଶତକୀୟ ଇନିଂସ ଖେଳିଥିବା ବେଳେ ଆମିନ୍ ଖାନ୍ ୭୪ରନ୍, ବିକ୍ରମ କୁମାର ସାମଲ ୫୩ରନ୍‌ର ଜମାଣିଆ ଇନିଂସ ଖେଳିଥିଲେ । ଜବାବରେ ୟୁନିୟନ୍ ସ୍ପୋର୍ଟିଂ ୩୩.୧ ଓଭରରେ ୧୫୯ରନ୍ କରିବାକୁ ସମର୍ଥ ହୋଇଥିଲା। ବିଶ୍ୱଜିତ ପ୍ରଧାନ ସର୍ବାଧିକ ୩୩ରନ୍ କରିବାକୁ ସକ୍ଷମ ହୋଇଥିଲେ ।

୫୨ ବଲରୁ ୭୭ରନ୍ ସାଙ୍ଗକୁ ୩ ୱିକେଟ ଅକ୍ତିଆର କରିଥିବା ଆମିନ୍ ଖାନ୍‌ଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ ବିବେଚିତ କରାଯାଇଥିଲା । ଭୁବନେଶ୍ୱର ଆଥଲେଟିକ୍ ଆସୋସିଏସନ୍‌ର କ୍ରିକେଟ୍ ସମ୍ପାଦକ ଅଶୋକ ପାତ୍ର ଅତିଥି ଭାବେ ଯୋଗ ଦେଇ ଅମିନଙ୍କୁ ପୁରସ୍କୃତ କରିଥିଲେ।

## ଜିଲ୍ଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଉଦ୍‌ଯାପିତ

ଅନୁଗୁଳ,୬।୬(ସବ୍ୟୁ): ଅନୁଗୁଳ ସନ୍ତରଣାଗାର ଠାରେ ଜିଲ୍ଲା ସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ଅନୁଗୁଳ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର ଏହି ପ୍ରତିଯୋଗିତାକୁ ଉଦଘାଟନ କରି ଛାତ୍ରଛାତ୍ରୀ ମାନେ ସନ୍ତରଣ ଶିଖିବା ନିହାତି ଜରୁରୀ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡା ଅଧିକାରୀ ଅକ୍ଷୟ କୁମାର ସିଠ ଓ ସନ୍ତରଣ ବିଭାଗ ପରିଚାଳକ ପ୍ରମୁଖ ଯୋଗ ଦେଇଥିଲେ । ସର୍ବ କନିଷ୍ଠ, କନିଷ୍ଠ ଆଦି ବିଭିନ୍ନ ବର୍ଗରେ ଫ୍ରି ଷ୍ଟାଇଲ ଓ ବଟରଫ୍ଲାଏ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବିଜୟୀ ଛାତ୍ର ଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ । ପ୍ରାୟ ୬୦ ରୁ ଉର୍ଦ୍ଧ ପ୍ରତିଯୋଗୀ ଏଥିରେ ଅଂଶ ଗ୍ରହଣ କରିଥିଲେ ।



# କରାଟେ ଅଫିସିଆଲ କର୍ମଶାଳା ଆରମ୍ଭ




ଭୁବନେଶ୍ୱର,୬।୬(ସବ୍ୟୁ): ଓଡିଶା ରାଜ୍ୟ କରାଟେ ଡୋ ସଂଘ ଆନୁକୂଲ୍ୟରେ ରାଜ୍ୟ ସଂଘ ଟୁର୍ଣ୍ଣାମେଣ୍ଟ ଅଫିସିଆଲଙ୍କର ଏକ ଦୁଇ ଦିନିଆ କର୍ମଶାଳା, ଭୁବନେଶ୍ୱର ସ୍ଥିତ ଉତ୍କଳ କରାଟେ ସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଅଛି । ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୪୦ ଜଣ ଅଫିସିଆଲ ଏହି କର୍ମ ଶାଳାରେ ଯୋଗଦେଇଛନ୍ତି । ଚଳିତ ମାସ ୧୧ରୁ ୧୫ ତାରିଖ ମଧ୍ୟରେ ଡ଼େରାଡୁନରେ ହେବାକୁ ଥିବା ଜାତୀୟ ସବ ଜୁନିଅର, ଜୁନିଅର ଓ କ୍ୟାଡେଟ କରାଟେ ପ୍ରତିଯୋଗିତା ନିମନ୍ତେ ଗତ ୧୮ ତାରିଖରୁ ଆରମ୍ଭ ହୋଇଥିବା ପ୍ରଶିକ୍ଷଣ ଶିବିର ମଧ୍ୟରେ ଏହି ଅଫିସିଆଲ ଟ୍ରେନିଂ ଅନୁଷ୍ଠିତ ହୋଇଅଛି । ରାଜ୍ୟରେ ଉତ୍କୃଷ୍ଟ ଅଫିସିଆଲ ସୃଷ୍ଟି କରିବା ଦ୍ୱାରା ଉତ୍କୃଷ୍ଟ ପ୍ରତିଯୋଗୀ ଓ ଉନ୍ନତ ମାନର ଖେଳାଳି ସୃଷ୍ଟି ହୋଇପାରିବେ । ଏହି ଉଦ୍ୟଶ ନେଇ ଓଡିଶା ରାଜ୍ୟ କରାଟେ ଡୋ ସଂଘ ନିୟମିତ ଭାବେ ପ୍ରଶିକ୍ଷଣ ଶିବିର , ଅଫିସିଆଲ ଟ୍ରେନିଂ, ବେଲ୍ଟ ଗ୍ରେଡିଙ୍ଗ ଓ ପ୍ରତିଯୋଗିତା ଆୟୋଜନ କରିଆସୁଅଛି ।

ଏହି ଶିବିରରେ ଦୀପକ ସାମନ୍ତରା , ଖାରବେଳ ମଲିକ, ରମେଶ ଚନ୍ଦ୍ର ସାହୁ, ଆଶିଷ ରଞ୍ଜନ ମହନ୍ତ, ମନ୍ତୁ ଯୋଶୀ, ଭବାନୀ ଶଙ୍କର ପଣ୍ଡା, କ୍ରୀଷ୍ଣା ଶିକାରୀ, ଗୋପାଳ ଦୀପ, ଗୋପାଳ ଚନ୍ଦ୍ର ଦାସ, ଶୁଭାଶିଷ ମହାପାତ୍ର, ଅରବିନ୍ଦ ବାରିକ, ଅରବିନ୍ଦ ପଟ୍ଟନାୟକ, ଉମାକାନ୍ତ ବେହେରା, ଆଶୁତୋଷ ପଟନାୟକ, ସନକ ଦେଓ, ହୃଦୟ ଶବର, ଯୋଗେଶ ବେରିହା, ମହମ୍ମଦ ରେହେମତ, ରଶ୍ମୀ ରଞ୍ଜନ ଦାସ, ଶୁଭଶ୍ରୀ ଲେଙ୍କା, ପର୍ନତାପ ଆଚାର୍ଯ୍ୟ, ପଞ୍ଚାନନ ନାୟକ, ସୁମନ୍ତ କୁମାର ପଣ୍ଡା, ଅନୁପମା ସ୍ୱାଇଁ, ରାଜେଶ ମହାପାତ୍ର, ମହେଶ ଡୋରା, କୃଷ୍ଣ ଚନ୍ଦ୍ର ନାୟକ, ଅନୁରାଧା ପାତ୍ର, ମୋନାଲି ସାହୁ, ବ୍ରତତି ପତି, ସୁସ୍ମିନ ପାଲଟାସିଙ୍ଗ, ଚନ୍ଦ୍ର ଶେଖର ସେଠ, ବିଜନ ଦଳବେହେରା, ସନ୍ତୋଷ ମହାରଣା ଓ ଅବିନାଶ ପୁହିର ଅଂଶ ଗ୍ରହଣ କରିଛନ୍ତି ।

## ଫ୍ରେଣ୍ଡସିପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସିଜିନ-୨

# ଉଦଘାଟନୀ ମ୍ୟାଚରେ ଡଙ୍କାରିସାହି, କାଣିପୋଖରୀ ବିଜୟୀ



ଗଣିଆ, ୬।୬ (ସବ୍ୟୁ) : ଶୁକ୍ରବାର ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ ମୁଦୁଲିଗାଡିଆ, ବେଠିଆ ସାହି, ବଡମୂଳ, ମାଳିସାହି ଏହି ଚାରିଟି ଗ୍ରାମକୁ ନେଇ ଫ୍ରେଣ୍ଡସିପ କ୍ରିକେଟ କ୍ଲବ ତରଫରୁ ଫ୍ରେଣ୍ଡସିପ କ୍ରିକେଟ ଟର୍ଣ୍ଣାମେଣ୍ଟ ସିଜିନ-୨ ବେଠିଆସାହି ମହାନଦୀ ଖେଳପଡିଆଠାରେ ଉଦଘାଟିତ ହୋଇଯାଇଛି । ପ୍ରଥମ ମ୍ୟାଚ୍‌ରେ ଏମସିଏ ଗଣିଆ ବନାମ ଏମଡିସିସି ଡଙ୍କାରି ସାହି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଗଣିଆ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ସମସ୍ତ ୱିକେଟ ହରାଇ ୧୦ ଓଭରରେ ୧୦୬ କରିବାରେ ସକ୍ଷମ ହୋଇଥିଲା। ଜବାବରେ ଡଙ୍କାରୀ ସାହି ନିର୍ଦ୍ଧାରିତ ୧୦୭ ରନର ପିଛା କରି ୮ଓଭରରେ ୪ ୱିକେଟରେ ୧୦୯ ରନ କରି ବିଜୟ ହାସଲ କରିଥିଲା ।

ଟୁର୍ଣ୍ଣାମେଣ୍ଟରେ ମୁଖ୍ୟଅତିଥି ଭାବେ ଗଣିଆ ପଞ୍ଚାୟତ ସମିତି ଅଧକ୍ଷା ଝୁନା ଜେନା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସମାଜସେବୀ ପବିତ୍ରମୋହନ ସାମଲ, ବୀରେନ ରଣା, ଫ୍ରେଣ୍ଡସିପ କ୍ରିକେଟ କ୍ଲବ ସଭାପତି ପ୍ରଶାନ୍ତ ବେହେରା, ଟୁର୍ଣ୍ଣାମେଣ୍ଟ ପରିଚାଳକ କମଳଲୋଚନ ଦଳେଇ ଯୋଗ ଦେଇଥିଲେ । ପ୍ରଥମ ମ୍ୟାଚରେ ସର୍ବାଧିକ ୬୦ ରନ କରି ଗୁଡୁମ୍ୟାନ ଅଫ ଦି ମ୍ୟାଚ୍ ଭାବେ ବିବେଚିତ ହୋଇ ସମ୍ମାନିତ ଅତିଥି ପର୍ବିତ୍ରମୋହନ ସାମଲଙ୍କଠାରୁ ଟ୍ରଫି ଗ୍ରହଣ କରିଥିଲେ । ସମୀର କୁମାର ବେହେରା ଓ ସରୋଜ କୁମାର ରଣା ଆଜିର ପ୍ରଥମ ମ୍ୟାଚରେ ଖେଳ ପରିଚାଳନା କରିଥିଲେ । ସେହିପରି ଦ୍ୱିତୀୟ ମ୍ୟାଚରେ ମା ମଣିନାଗ କ୍ରିକେଟ କ୍ଲବ କାଣିପୋଖରୀ ଏବଂ ଫ୍ରେଣ୍ଡସିପ୍ କ୍ରିକେଟ କ୍ଲବ ବି ଟିମ୍ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା । ଫ୍ରେଣ୍ଡସିପ କ୍ରିକେଟ କ୍ଲବ-ବି ପ୍ରଥମ ଟସ୍ ଜିତି ବ୍ୟାଟିଂ କରି ୧୦ ଓଭରରେ ୮ ୱିକେଟ ହରାଇ ୭୭ ରନ କରିବାରେ ସକ୍ଷମ ହୋଇଥିଲା ।

ଜବାବରେ ମା ମଣିନାଗ କ୍ରିକେଟ କ୍ଲବ ୪ ୱିକେଟ ହରାଇ ୮ ଓଭରରେ ୮୧ ରନ କରି ବିଜୟ ହାସଲ କରିଥିଲା । ଦ୍ୱିତୀୟ ମ୍ୟାଚରେ ସାତକୋଶିଆ ସ୍ୟାଣ୍ଡସ ରିସୋର୍ଟର ସଭାପତି ସୁମନ୍ତ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ମ୍ୟାନ ଅଫ ଦି ମ୍ୟାଚ ସ୍ୱାଧୀନଙ୍କୁ ବିବେଚିତ କରାଯାଇଥିଲା । ଅଜୟ କୁମାର ମହାକୁଡ଼, ହାଡିବନ୍ଧୁ ବେହେରା ଖେଳ ପରିଚାଳନା କରିଥିଲେ ।

## ଲଡୁକିଶୋର ସ୍ମାରକୀ ଚେସ୍

# ଅବିନାଶ ବିଜେତା

ଭୁବନେଶ୍ୱର, ୬।୬ (ସବ୍ୟୁ): ପଞ୍ଚମ ଲଡୁକିଶୋର ନାୟକ ମେମୋରିଆଲ ଓପନ ଚେସ୍ ଚାମ୍ପିଅନସିପ୍‌ରେ ଜଟଣୀର ଅବିନାଶ ବଳିଆରସିଂ ଚାମ୍ପିଅନ ହୋଇଛନ୍ତି । କଟକର ରବୀନ୍ଦ୍ର କୁମାର ଓଝା ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାବେଳେ ପୁରୀର ମହେଶ ପ୍ରସାଦ ସେଠୀ ତୃତୀୟ, କନ୍ଧମାଳର ଲୋରେନ୍ସ ପ୍ରଧାନ ୪ର୍ଥ, ଜଟଣୀର ସ୍ଥିତପ୍ରଜ୍ଞା ସାହୁ ୫ମ, ଇହାନ ଚୌଧୁରୀ ଷଷ୍ଠ ଓ ଶ୍ୱସ୍ତିକ ତ୍ରିପାଠୀ ୭ମ ସ୍ଥାନ ଅଧିକାର କରିଛନ୍ତି । ସେହିଭଳି ବିଭିନ୍ନ ବୟସ ବର୍ଗରେ ପୁରସ୍କାର ପ୍ରଦାନ କରାଯାଇଥିଲା । ଶ୍ରେଷ୍ଠ ମହିଳା ଖେଳାଳି ଭାବେ ସୁପ୍ରିୟା ନାୟକ ଓ ଶ୍ରେଷ୍ଠ ଭେଟରାନ ଖେଳାଳି ଭାବେ ପ୍ରଦୀପ ପାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ଭୁବନେଶ୍ୱରର ରୟାଲ ପବ୍ଲିକ୍ ସ୍କୁଲ (କେଶୁରା) ପ୍ରାଙ୍ଗଣରେ ଅନୁଷ୍ଠିତ ଏହି ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବରେ ଆଇଆଇଏଫ୍‌ଏଲ୍ ଫାଇନାନ୍ସ ଲିଃ ଓଡ଼ିଶା ମୁଖ୍ୟ ନଳିନୀକାନ୍ତ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ଓଡ଼ିଶା ରାଜ୍ୟ ଚେସ୍ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀଙ୍କ ସହ ଡିଏସ୍‌ପି ପ୍ରିୟଦର୍ଶିନୀ ନାୟକ ଉପସ୍ଥିତ ଥିଲେ ।

ସୂଚନା

ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି